# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ଜୁନ୍ ୨୯/୨୦୨୦ (୧୬ ପୃଷ୍ଠା) | Bhubaneswar, Monday, June 29/2020 | ★★★★★★

୪୬ଶ ଭାଗ ୨୧୪ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୫/-




**ଉପହାର ପାଇଥିଲେ ପ୍ରଜ୍ଞାନ**

ଆଇପିଏଲରେ ସଚିନ ତେନ୍ଦୁଲକରଙ୍କ ଉଇକେଟ ହାସଲ ପାଇଁ ଡେକାନ ଚାର୍ଜର୍ସ ଫ୍ରାଞ୍ଚାଇଜ୍ ମାଲିକଙ୍କଠାରୁ ଘଣ୍ଟା ଉପହାର ପାଇଥିଲେ ଓଡ଼ିଆ କ୍ରିକେଟର ପ୍ରଜ୍ଞାନ ଓଝା।

୧୬

୧୦

**ଅର୍ଜୁନଙ୍କୁ ଅଂଶୁଲାଙ୍କ ଶୁଭେଚ୍ଛା**

ବଲିଉଡ୍ ଅଭିନେତା ଅର୍ଜୁନ କପୁରଙ୍କ ଜନ୍ମଦିନରେ ଭଉଣୀ ଅଂଶୁଲା ସୋସିଆଲ ମିଡିଆରେ ତାଙ୍କୁ ଶୁଭେଚ୍ଛା ଜଣାଇବା ସହ ଏକ ଫଟୋ ଶେୟାର କରିଛନ୍ତି।



## ଆମଠୁ ଛଡ଼ାଇ ନେଉଛନ୍ତି

**ତଥାଗତ ସତପଥୀ**

ରବିବାର ୨୮ ଜୁନ୍ ୨୦୨୦ରେ ପେଟ୍ରୋଲ ଓ ଡିଜେଲ ଦର ବୃଦ୍ଧି କରାଯାଇ ନାହିଁ। ଏହା ଫଳରେ ଅନେକଙ୍କ ମନରେ ଧାରଣା ସୃଷ୍ଟି ହେଉଥିବ ଯେ ଇନ୍ଧନ ଦର ହ୍ରାସ ପାଇଲା। ଆମେ ଭାରତୀୟ ଆଶ୍ଚର୍ଯ୍ୟ ଚରିତ୍ରର ନାଗରିକ। ଲାଗ୍ ଲାଗ୍ ୨୧ ଦିନ ଧରି ବୃଦ୍ଧି ପାଇଆସୁଥିବା ତୈଳଦରକୁ ଆମେ ମୋଟା ଚମଡ଼ା ହୋଇ ପ୍ରତିବାଦ କରିବା ପରିବର୍ତ୍ତେ ସମ୍ପୂର୍ଣ୍ଣ ଭାବେ ସ୍ୱୀକାର କରିଯାଉଛୁ। କାଁ ଭାଁ କେହି ପ୍ରତିବାଦ କଲେ ଉତ୍ତର ମିଳୁଛି ବିରୋଧୀ ଦଳ କାହାନ୍ତି ? ବାସ୍ତବରେ ଯେମିତି ବିରୋଧୀ ଦଳ ରହିଲେ ହିଁ ଏହି ଦେଶରେ ଅନ୍ୟାୟ, ଅବିଚାର ଏବଂ ଲୁଣ୍ଠନକୁ ରୋକାଯାଇ ପାରିବ। ଅନ୍ୟପଟେ ଆମେ ହେଉଛୁ ସେହିପରି ଭୋଟର ଯେଉଁମାନେ ଗଣତନ୍ତ୍ରରେ ସବୁବେଳେ 'ହାୱା' ଦେଖିବାକୁ ଅନାଇ ବସିଥାଉ। ସ୍ରୋତ କେଉଁଆଡ଼େ ଯାଉଛି ତାହାକୁ ଦେଖି ଭୋଟ୍ ଦେବା ହେଉଛି ଆମର ଚରିତ୍ର। ୫ ବର୍ଷରେ ଥରେ ସରପଞ୍ଚଙ୍କଠାରୁ ଆରମ୍ଭ କରି ସାଂସଦଙ୍କୁ ଭୋଟ ଦେବାର ସୁଯୋଗ ମିଳେ। ଗାଁମୁଣ୍ଡରେ ଛେଳି ବାନ୍ଧି ମଦ ଟିଣ ରଖୁଥିବା ପ୍ରାର୍ଥୀ ଯେମିତି ସରପଞ୍ଚ ଭାବେ ଜିଣେ, ସେହିଭଳି ଅର୍ଥ ଏବଂ ହାୱା ବଳରେ ବିଧାୟକ କିମ୍ବା ଏମ୍‌ପି ଜିତିଥାନ୍ତି। ଯିଏ ଦେଲା ସିଏ ନେଲା। ତିନି ଟଙ୍କା ଦେଇ ପାନ ଦୋକାନୀଠାରୁ ଗୁଣ୍ଡିପାନ କିଣି ତତ୍‌କ୍ଷଣାତ୍ କଳରେ ଜାକିଦେଉ। ଏହାପରେ ଯଦି ପାନ ଦୋକାନୀ ଅଧିକ ଅର୍ଥ ମାଗେ ତେବେ ଯୁକ୍ତିତର୍କ ଓ ଝଗଡ଼ା ଆରମ୍ଭ ହୋଇଯାଏ। ଅନୁରୂପ ଭାବେ ଯେଉଁ ପ୍ରାର୍ଥୀ ତତ୍‌କ୍ଷଣାତ୍ ଅର୍ଥ, ମଦ ବା ଅନ୍ୟ ଆକର୍ଷଣ ଯୋଗାଇ ଭୋଟ୍ ନେଇଯାଏ, ପରବର୍ତ୍ତୀ ସମୟରେ ତାହାଠାରୁ ସାମୂହିକ ବା ବ୍ୟକ୍ତିଗତ ସାହାଯ୍ୟ ମାଗିବା ସାଧାରଣରେ ସମ୍ଭବପର ହୋଇ ନ ଥାଏ।

ଏବକାର ପରିସ୍ଥିତିକୁ ଦେଖିଲେ ସମସ୍ତେ ତୈଳ ଦର ବୃଦ୍ଧି ଯୋଗୁ ହନ୍ତସନ୍ତ ହେଉଛନ୍ତି। ବିଶେଷକରି ଡିଜେଲ ଦର ବଢ଼ିଲେ ପନିପରିବାଠାରୁ ଆରମ୍ଭ କରି ସବୁ ଅତ୍ୟାବଶ୍ୟକ ସାମଗ୍ରୀର ଦର ଆହୁରି ବଢ଼ିବ। କରୋନାଜନିତ ଲକ୍‌ଡାଉନ୍ ବେଳେ ପ୍ରାୟ ସମସ୍ତଙ୍କ ରୋଜଗାରକୁ ଚୋଟ ବାଜିଛି। ଅବଶ୍ୟ ଦୁର୍ନୀତିଗ୍ରସ୍ତ କିମ୍ବା କଳାବେପାରୀଙ୍କୁ ଏହି ସାମାନ୍ୟ ଦରବୃଦ୍ଧି କୌଣସି ଭାବେ ପ୍ରଭାବିତ କରିବ ନାହିଁ। ସେମାନଙ୍କ ବିଷୟରେ ଏଠାରେ ଚିନ୍ତା କରିବା ଅଯଥା। ସାଧାରଣ ଭାରତୀୟ ଗ୍ୟାସ୍, ଡିଜେଲ୍ ଓ ପେଟ୍ରୋଲ ଉପରେ ପୃଥିବୀର ଅନ୍ୟ ଦେଶଗୁଡ଼ିକ ତୁଳନାରେ ସର୍ବାଧିକ ଟିକସ ଦେଇଆସୁଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଭାରତୀୟମାନେ ଇନ୍ଧନ ଉପରେ ପ୍ରାୟ ୭୦ ପ୍ରତିଶତ ଟିକସ ଦେଉଛନ୍ତି। ଇନ୍ଧନ ଚାହିଦା ପୃଥିବୀବ୍ୟାପୀ ହ୍ରାସ ଘଟୁଥିବାରୁ ତାହାର ବ୍ୟାରେଲ୍ ପିଛା ଦର କମିଛି। ୨୮ ଜୁନ୍‌ରେ ତାହା ୪୧.୦୨ ଡଲାର ଅଛି। ପୂର୍ବରୁ ଏହି ବ୍ୟାରେଲ୍ ଦର ୧୦୦ ଡଲାରରେ ପହଞ୍ଚିଥିବା ସତ୍ତ୍ୱେ ଭାରତରେ ଇନ୍ଧନ ଦର ଆଜିର ଆକାଶଛୁଆଁ ମୂଲ୍ୟରେ ପହଞ୍ଚି ନ ଥିଲା। ଜଣାନାହିଁ ପୁନର୍ବାର ଦର କେବେ ପୁଣି ବଢ଼ିବ। ଲୋକଙ୍କୁ ଭକୁଆ କରିବା ପାଇଁ ଲାଗ୍ ଲାଗ୍ ଥରେ, ଦୁଇଥର ୫ କିମ୍ବା ୧୦ ପଇସା ହ୍ରାସ କରିଦିଆଯାଇଥାଏ। ଏଥିରେ କୃତକୃତ୍ୟ ହୋଇ ସମର୍ଥକମାନେ କହିବୁଲିବେ ଯେ ଇନ୍ଧନ ଦର ଖସିଲା। ଆମେ ସମସ୍ତେ ଏତେ ବୋକା ଯେ ସେହି କଥାରେ ଲଗାତର ଦରବୃଦ୍ଧିକୁ ଭୁଲିଯିବା।


ଦୋକାନବଜାର ଏବଂ ସବୁ ବ୍ୟବସାୟ ବନ୍ଦ ହୋଇଯାଇ ଥିବାରୁ ସରକାରଙ୍କ ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି) ଆଦାୟ ହ୍ରାସ ପାଇଛି। ଆସନ୍ତା ଦିନଗୁଡ଼ିକରେ ଆହୁରି କମିବ। ରୋଜଗାର କମିବାରୁ ଆୟକର ଦେବାରେ ଅନେକ ନାଗରିକ ଅସମର୍ଥ ହେବେ। ରପ୍ତାନି କମିଥିବାରୁ ସୀମା ଶୁଳ୍କ ଓ ଉତ୍ପାଦ ଶୁଳ୍କ ଭଳି ଟିକସ ହ୍ରାସ ପାଉଛି। ଅର୍ଥାତ୍ ସବୁଆଡୁ ସରକାରଙ୍କ ଆୟ କମୁଥିବାରୁ ଏବେ ସାଧାରଣ ନାଗରିକର ଅତ୍ୟାବଶ୍ୟକ ସାମଗ୍ରୀ ଉପରୁ ଚାଞ୍ଛିନେବା ହେଉଛି ମୂଳ ଲକ୍ଷ୍ୟ। ଯେତେସବୁ ଲକ୍ଷ କୋଟି ଟଙ୍କାର ଯୋଜନା ପ୍ରବାସୀ ଶ୍ରମିକ ଏବଂ ସୂକ୍ଷ୍ମ, ଲଘୁ ଓ ମଧ୍ୟମ ଉଦ୍ୟୋଗ (ଏମ୍‌ଏସ୍‌ଏମ୍‌ଇ)କୁ ପୁନର୍ଜୀବିତ କରିବା ଭଳି ପ୍ରୋତ୍ସାହନମୂଳକ ଘୋଷଣା କରାଯାଉଛି ତାହାର ଅର୍ଥ ମୁଁ ଓ ଆପଣ, ହଁ ଆପଣ, ଦେବାକୁ ବାଧ୍ୟ ହେଉଛୁ। 'ଆମରିଠାରୁ ଛଡ଼ାଇନେଇ ଆମ ମୁହଁରେ ଫିଙ୍ଗିବେ' ହେଉଛି ଏକମାତ୍ର ଯୋଜନା।

ସରକାର ସବୁବେଳେ କହୁଛନ୍ତି ଜିଡିପି ବୃଦ୍ଧି ପାଇବ। ଏହା ସତ୍ୟ ବୋଲି ପ୍ରମାଣିତ ହେଉଛି। ଜିଡିପିର ପୂର୍ବ ଅର୍ଥ ଥିଲା ମୋଟ୍ ଘରୋଇ ଉତ୍ପାଦ। ଏବେ ତାହାର ଅର୍ଥ ବଦଳି ଗ୍ୟାସ୍, ଡିଜେଲ, ପେଟ୍ରୋଲ ହୋଇଯାଇଛି। ଏହି ଜିଡିପି ନିଶ୍ଚିତ ଭାବେ ବୃଦ୍ଧି ପାଉଛି।

# ପିଏମ୍-କେୟାର୍ସକୁ ଚାଇନା କମ୍ପାନୀର ଦାନ

## କଂଗ୍ରେସ ଆଣିଲା ସାଂଘାତିକ ଅଭିଯୋଗ

**ଲଦାଖର ଗଲୱାନ ଉପତ୍ୟକାରେ ଭାରତୀୟ ଯବାନ ଓ ଚାଇନା ସୈନ୍ୟଙ୍କ ମଧ୍ୟରେ ସଂଘର୍ଷ ହେବା ପରେ କେନ୍ଦ୍ରର ନରେନ୍ଦ୍ର ମୋଦି ସରକାରଙ୍କ ନୀତିକୁ ଚାରିଆଡୁ ସମାଲୋଚନା କରାଯାଉଛି। ବିଶେଷକରି କଂଗ୍ରେସ ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କ ଆଭିମୁଖ୍ୟକୁ ନେଇ ନାନା ପ୍ରଶ୍ନ ଉଠାଯାଉଛି। ଏହାର ଜବାବ ଦେବାକୁ ଯାଇ ଭାଜପା ନେତା ଓ କେନ୍ଦ୍ରମନ୍ତ୍ରୀମାନେ ଉପା ସରକାର ଅମଳର ଗୋହି ଖୋଲି କଂଗ୍ରେସକୁ ଚୁପ୍ କରାଇବାକୁ ଉଦ୍ୟମ କରୁଥିବାବେଳେ ନିଜେ ଖାଲରେ ପଡ଼ିଯାଇଛନ୍ତି। ପ୍ରଧାନମନ୍ତ୍ରୀଙ୍କ ନାଗରିକ ସହାୟତା ଓ ଜରୁରୀ ପରିସ୍ଥିତିରେ ସହାୟତା (ପିଏମ୍-କେୟାର୍ସ) ପାଣ୍ଠିକୁ ଚାଇନାର କମ୍ପାନୀଗୁଡ଼ିକ ବିପୁଳ ଅର୍ଥ ଦାନ କରିଥିବା କଂଗ୍ରେସ ଅଭିଯୋଗ ଆଣିବା ପରେ ଭାଜପାର 'ଚାଇନା ଅସ୍ତ୍ର' ଶେଷରେ ଦଳ ଓ ସରକାର ପାଇଁ ବୁମେରାଂ ପାଲଟିଛି।**



❝ ପ୍ରଧାନମନ୍ତ୍ରୀ ନିଜ ପଦବୀ ସହ ସାଲିସ୍ କରି ଚାଇନା କମ୍ପାନୀଠାରୁ ଶହ ଶହ କୋଟି ଟଙ୍କା ଦାନ ଆକାରରେ ସଂଗ୍ରହ କଲେ ପ୍ରତିପକ୍ଷକୁ ମୁକାବିଲା କରି ଦେଶକୁ କିପରି ସୁରକ୍ଷା ଦେବେ?

**-ଅଭିଷେକ ମନୁ ସିଂଘଭି, କଂଗ୍ରେସ ମୁଖପାତ୍ର**

ନୂଆଦିଲ୍ଲୀ,୨୮।୬(ଆଇଏଏନ୍‌ଏସ୍)

ଭାରତରେ କରୋନା ଭୂତାଣୁ ସଂକ୍ରମଣ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗତ ମାର୍ଚ୍ଚ ୨୮ରେ ପିଏମ୍-କେୟାର୍ସ ଫଣ୍ଡ୍ ଗଠନ କରିଥିଲେ। କରୋନା ଏବଂ ଭବିଷ୍ୟତରେ ଅନୁରୂପ ମହାମାରୀ ଭଳି ସ୍ଥିତିର ମୁକାବିଲା ଓ ସହାୟତା ପାଇଁ ଏହି ପାଣ୍ଠି ସୃଷ୍ଟି କରାଯାଇଥିଲା। ଏବେ ଭାରତ ଓ ଚାଇନା ମଧ୍ୟରେ ସୀମା ବିବାଦ ଜୋର୍‌ଦାର ହୋଇଥିବାବେଳେ ଚାଇନା କମ୍ପାନୀ ଚାନ୍ଦା ଦେବାକୁ ନେଇ ଶାସକ ଭାଜପା ଓ ବିରୋଧୀ ଦଳ କଂଗ୍ରେସ ପରସ୍ପରକୁ ଦୋଷ ଦେବାରେ ଲାଗିଛନ୍ତି। ପିଏମ୍-କେୟାର୍ସ ପାଣ୍ଠି ଚାଇନା କମ୍ପାନୀଗୁଡ଼ିକରୁ ଦାନ ସଂଗ୍ରହ କରିଥିବା କଂଗ୍ରେସ ଅଭିଯୋଗ କରିଛି। ଚାଇନା ସହ ଶତ୍ରୁତା ଲାଗି ରହିଥିବାବେଳେ ପ୍ରଧାନମନ୍ତ୍ରୀ ପିଏମ୍-କେୟାର୍ସ ଫଣ୍ଡ ପାଇଁ କାହିଁକି ଚାଇନା ଅର୍ଥ ଗ୍ରହଣ କଲେ ବୋଲି କଂଗ୍ରେସର ବରିଷ୍ଠ ମୁଖପାତ୍ର ଅଭିଷେକ ମନୁ ସିଂଘଭି ପ୍ରଶ୍ନ କରିଛନ୍ତି। ବିବାଦୀୟ କମ୍ପାନୀ ହ୍ୱାୱେଇରୁ ପ୍ରଧାନମନ୍ତ୍ରୀ ୭ କୋଟି ଟଙ୍କା ଗ୍ରହଣ କରିଛନ୍ତି କି? ଚାଇନାର ପିପୁଲ୍ସ ଲିବରେଶନ ଆର୍ମି (ପିଏଲ୍‌ଏ) ସହ ଏହି କମ୍ପାନୀର ସିଧାସଳଖ ସମ୍ପର୍କ ରହିଛି କି? ଚାଇନାର ଟିକ୍‌ଟକ୍ କମ୍ପାନୀ ପିଏମ୍-କେୟାର୍ସ ଫଣ୍ଡକୁ ୩୦ କୋଟି ଟଙ୍କା ଦାନ ଦେଇଛି କି ବୋଲି ସିଂଘଭି ପ୍ରଶ୍ନ କରିଛନ୍ତି। କେବଳ ସେତିକି ନୁହେଁ, ପିଏମ୍-କେୟାର୍ସକୁ ପେଟିଏମ୍ ୧୦୦ କୋଟି ଦେଇଥିବାବେଳେ ଓପୋ ୧ କୋଟି ଏବଂ ସାଓମି ୧୫ କୋଟି ଟଙ୍କା ଦେଇଥିବା କଂଗ୍ରେସ ନେତା ଅଭିଯୋଗ କରିଛନ୍ତି। ପେଟିଏମ୍‌ରେ ଚାଇନା କମ୍ପାନୀର ୩୮% ମାଲିକାନା ରହିଛି।

ପ୍ରଧାନମନ୍ତ୍ରୀ ଜାତୀୟ ରିଲିଫ୍ ଫଣ୍ଡ୍ (ପିଏମ୍‌ଏନ୍‌ଆର୍‌ଏଫ୍)ରେ ସଂଗୃହୀତ ଅର୍ଥକୁ ମୋଦି ବିବାଦୀୟ ପିଏମ୍-କେୟାର୍ସ ଫଣ୍ଡକୁ ସ୍ଥାନାନ୍ତର କରିଛନ୍ତି କି ? ଯଦି ହଁ, ତେବେ କେତେ ଶହ କୋଟି ଟଙ୍କା ସ୍ଥାନାନ୍ତର କରାଯାଇଛି ବୋଲି ଜାଣିବାକୁ ଚାହିଁଛନ୍ତି ସିଂଘଭି। ମିଳିଥିବା ରିପୋର୍ଟ ଅନୁଯାୟୀ ୨୦୨୦ ମେ ୨୦ ସୁଦ୍ଧା ଏହି ଫଣ୍ଡକୁ ୯,୬୭୮ କୋଟି ଟଙ୍କା ମିଳିଥିଲା। ଚାଇନା ସୈନ୍ୟ ଆମ ସୀମା ଭିତରେ ଅନୁପ୍ରବେଶ କରିଥିବାବେଳେ ପ୍ରଧାନମନ୍ତ୍ରୀ ସେ ଦେଶର କମ୍ପାନୀଠାରୁ ଅର୍ଥ ଗ୍ରହଣ ଦୁର୍ଭାଗ୍ୟଜନକ ବୋଲି କଂଗ୍ରେସ ମୁଖପାତ୍ର ସମାଲୋଚନା କରିଛନ୍ତି। ପିଏମ୍-କେୟାର୍ସ ପାଣ୍ଠିର ସାମ୍ବିଧାନିକ କିମ୍ବା ପରିଚାଳନା ଢାଞ୍ଚା ସମ୍ପର୍କରେ କେହି ଜାଣନ୍ତି ନାହିଁ। ଏହି ପାଣ୍ଠି କିପରି ନିୟନ୍ତ୍ରଣ ହେଉଛି ଓ ଅର୍ଥ କିପରି ବିନିଯୋଗ ହେଉଛି, ତାହା ମଧ୍ୟ କାହାରିକୁ ଜଣାଇ ଦିଆଯାଉନାହିଁ। ସିଏଜି ସମେତ କୌଣସି ସରକାରୀ କର୍ତ୍ତୃପକ୍ଷ ଉକ୍ତ ପାଣ୍ଠିର ଅଡିଟ୍ କରିପାରିବେ ନାହିଁ। ଏପରି କି ସୂଚନା ଅଧିକାର (ଆର୍‌ଟିଆଇ) ଆଇନ ବଳରେ ଏହି ପାଣ୍ଠିରୁ ତଥ୍ୟ ମଧ୍ୟ ମଗାଯାଇ ପାରିବ ନାହିଁ। ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ପରିଚାଳିତ ଏହି ପାଣ୍ଠିରେ ଆଦୌ ସ୍ୱଚ୍ଛତା ନାହିଁ ଏବଂ ଏଥିପାଇଁ କେହି ଉତ୍ତରଦାୟୀ ନୁହନ୍ତି ବୋଲି ସିଂଘଭି ଅଭିଯୋଗ କରିଛନ୍ତି।

ଯଦି ଦେଶର ପ୍ରଧାନମନ୍ତ୍ରୀ ନିଜ ପଦବୀ ସହ ସାଲିସ୍ କରି ☞ପୃଷ୍ଠା-୪






## କରୋନା ନେଲା ଆଉ ୩ ଜୀବନ

**ରାଜ୍ୟରେ ଭୟଙ୍କର ହେଉଛି ସ୍ଥିତି**

- କରୋନାଜନିତ ମୃତ୍ୟୁ ସଂଖ୍ୟା ୨୧କୁ ବୃଦ୍ଧି
- ପୁଣି ୨୬୪ ଆକ୍ରାନ୍ତ ଚିହ୍ନଟ, ୧୩୭ ସୁସ୍ଥ

ଭୁବନେଶ୍ୱର, ୨୮।୬(ବ୍ୟୁରୋ)

ରାଜ୍ୟରେ କରୋନାର ସ୍ଥିତି ଧୀରେ ଧୀରେ ଭୟଙ୍କର ହେବାରେ ଲାଗିଛି। ସଂକ୍ରମଣ ହୁହୁ ହୋଇ ମାଡ଼ି ଚାଲିଥିବାବେଳେ ଦିନକୁ ଦିନ ଆକ୍ରାନ୍ତ ଓ ମୃତ୍ୟୁ ସଂଖ୍ୟା ମଧ୍ୟ ରେକର୍ଡ ଭାଙ୍ଗୁଛି। ଏବେ କରୋନା ମହାମାରୀ ଆଉ ୩ଜଣଙ୍କ ଜୀବନ ନେଇଥିବା ରବିବାର ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସୂଚନା ଦେଇଛି। ମୃତକଙ୍କ ମଧ୍ୟରୁ ଗଞ୍ଜାମ, ☞ପୃଷ୍ଠା-୪

# ନାକଚଣା ଦ୍ୱାରରେ ତିନିରଥ

**ସରିଲା ଦକ୍ଷିଣ ମୋଡ଼**

ପୁରୀ ଅଫିସ,୨୮।୬

ପବିତ୍ର ହେରାପଞ୍ଚମୀରେ ଶ୍ରୀଦେବୀ (ଲକ୍ଷ୍ମୀ ଠାକୁରାଣୀ) ମହାପ୍ରଭୁଙ୍କୁ ଶ୍ରୀମନ୍ଦିରକୁ ଫେରାଇ ନେବାକୁ ଆସିଥିଲେ। ହେଲେ ମହାପ୍ରଭୁ ସାଥିରେ ନ ଯିବାରୁ ଲକ୍ଷ୍ମୀ ଠାକୁରାଣୀ ଅଭିମାନ କରି ଚାଲିଗଲେ। ପ୍ରାଣପ୍ରିୟାଙ୍କ ମନ କଥା ଜାଣିପାରି ମହାପ୍ରଭୁ ଏବେ ବଡ଼ଦେଉଳକୁ ଫେରିବା ଲାଗି ପ୍ରସ୍ତୁତି ଆରମ୍ଭ କରିଛନ୍ତି। ଆସନ୍ତା ଜୁଲାଇ ୧ ତାରିଖରେ ବାହୁଡ଼ା ଯାତ୍ରା। ଶ୍ରୀମନ୍ଦିର ଅଭିମୁଖେ ବାହୁଡ଼ିବେ ଚତୁର୍ଦ୍ଧା ବିଗ୍ରହ। ଏଥିଲାଗି ପରମ୍ପରା ଅନୁଯାୟୀ ରବିବାର ତିନିରଥର ଦକ୍ଷିଣ ମୋଡ଼ କରାଯାଇଛି। ପ୍ରଥମେ ଦେବୀ ସୁଭଦ୍ରାଙ୍କ ଦର୍ପଦଳନ, ପରେ ବଡଠାକୁର ବଳଭଦ୍ରଙ୍କ ତାଳଧ୍ୱଜ ରଥ ଓ ଶେଷରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥ ଦକ୍ଷିଣ ମୋଡ଼ ହୋଇ ଶ୍ରୀଗୁଣ୍ଡିଚା ମନ୍ଦିର ନାକଚଣା ଦ୍ୱାର ସମ୍ମୁଖରେ ଲାଗିଛି।

ନବଦିନାତ୍ମକ ଯାତ୍ରାରେ ଆସି ଚତୁର୍ଦ୍ଧାବିଗ୍ରହ ଏବେ ଶ୍ରୀଗୁଣ୍ଡିଚା ମନ୍ଦିର ଆଡ଼ପ ମଣ୍ଡପରେ ଅବସ୍ଥାନ କରିଛନ୍ତି। ତେବେ ମହାମାରୀ କରୋନା ପାଇଁ ମହାପ୍ରଭୁଙ୍କୁ ଦର୍ଶନ କରିପାରୁନାହାନ୍ତି ଭକ୍ତ। ମନ୍ଦିର ପ୍ରବେଶ ଉପରେ କଟକଣା ଲଗାଯାଇଛି। ସେପଟେ ବଡ଼ଦେଉଳ ଖାଁ ଖାଁ, ଏପଟେ ଗୁଣ୍ଡିଚା ମନ୍ଦିରରେ ବି ନାହିଁ ଗହଳିଚହଳି। ଏସବୁ ଭିତରେ କିନ୍ତୁ ଠାକୁରଙ୍କ ନୀତିକାନ୍ତି ସୁରୁଖୁରୁରେ ଚାଲିଛି। ରବିବାର ସକାଳ ୬ଟା ୫ରେ ଦ୍ୱାର ଫିଟାଯିବା ପରେ ଭିତର ଶୋଧ କରାଯାଇ ୬ଟା ୩୫ରେ ମଙ୍ଗଳ ଆଳତି ହୋଇଥିଲା। ସାଢେ ୭ଟାରେ ଅବକାଶ, ୮ଟା ୪୦ରେ ଗୋପାଳବଲ୍ଲଭ ନୀତି ସମ୍ପନ୍ନ ହୋଇଥିଲା। ୯ଟା ୩୫ରେ ସକାଳଧୂପ ଓ ପୂର୍ବାହ୍ନ ☞ପୃଷ୍ଠା-୪



ଗୁଣ୍ଡିଚା ମନ୍ଦିର ସମ୍ମୁଖରୁ ନନ୍ଦିଘୋଷ ରଥକୁ ନାକଚଣା ଦ୍ୱାରକୁ ଦକ୍ଷିଣମୋଡ଼ କରାଯାଉଛି।

# ଟାଟା ଷ୍ଟିଲ୍ କବ୍‌ଜାରେ ପ୍ରାକୃତିକ ଝରଣା

- ଝରଣା ପାଣିରେ ମିଶୁଛି ବିଷାକ୍ତ ଦ୍ରବ୍ୟ
- ପ୍ରତିକାର ପାଇଁ ଯୋଜନା ପ୍ରସ୍ତୁତ କର: ଏସ୍‌ପିସିବି

ଯାଜପୁର ଅଫିସ/ କଳିଙ୍ଗନଗର (ଡି.ଏନ.ଏ.),୨୮।୬

କଳିଙ୍ଗନଗର ଟାଟା ଷ୍ଟିଲ୍ କାରଖାନା ଭିତରେ ଏକ ଚିରସ୍ରୋତା ଝରଣା ବୋହୁଛି। ଏହି ଝରଣା ପାଣି ଓ କାରଖାନାର ବର୍ଜ୍ୟପାଣି ମିଶି ସାରଙ୍ଗପୁର ଛକ ନିକଟ ପୋଲ ଦେଇ ଗଣ୍ଡାନାଳରେ ମିଶିଛି। ଏଥିଯୋଗୁ କାରଖାନାରୁ ବାହାରୁଥିବା ବର୍ଜ୍ୟପାଣିର ପ୍ରଦୂଷଣ ମାପ ଅସ୍ପଷ୍ଟ ରହୁଥିବା ଅଭିଯୋଗ ହେଉଛି। ଏପରି କି ବେଳେବେଳେ ଟାଟା ଷ୍ଟିଲର ତୀବ୍ର ବିଷାକ୍ତ ଦ୍ରବ୍ୟ ସାୟନାଇଡ୍ ଓ ଫେନୋଲିକ କମ୍ପାଉଣ୍ଡ (କୋଇଲାକ୍ତ ପଦାର୍ଥ) ଯୋଗୁ କଳିଙ୍ଗନଗରବାସୀ ଅତିଷ୍ଠ ହୋଇ ପଡୁଛନ୍ତି। ଏଭଳିସ୍ଥଳେ ଝରଣା ପାଇଁ ପ୍ରତିକାର କରିବାକୁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଏସ୍‌ପିସିବି)ର ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ଏକ ଯୋଜନା ପ୍ରସ୍ତୁତ କରି ବିହିତ ପଦକ୍ଷେପ ନେବାକୁ ଟାଟା ଷ୍ଟିଲ୍‌କୁ ନିର୍ଦ୍ଦେଶ ଦିଆଯାଇଥିବା ସୂଚନା ମିଳିଛି।



ଟାଟା ଷ୍ଟିଲ୍ ବାର୍ଷିକ ଉତ୍ପାଦନ କ୍ଷମତା ୩ରୁ ୮ ନିୟୁତ ଟନକୁ ସମ୍ପ୍ରସାରଣ ହେଉଥିବାରୁ ପରବର୍ତ୍ତୀ ସମୟରେ ଜଳ ବ୍ୟବହାର ବୃଦ୍ଧି କରିବାକୁ ପ୍ରସ୍ତାବ ରଖିଛି। ଏହିକ୍ରମରେ ୧।୧୧।୨୦୧୭ରୁ ୩୧।୩।୨୦୨୦ ପର୍ଯ୍ୟନ୍ତ ୨୨ କ୍ୟୁସେକ୍, ୧।୪।୨୦୨୦ରୁ ୩୧।୩।୨୦୨୧ ପର୍ଯ୍ୟନ୍ତ ୩୭ କ୍ୟୁସେକ, ୧।୪।୨୦୨୧ରୁ ୩୧।୩।୨୦୨୫ ପର୍ଯ୍ୟନ୍ତ ୪୫ କ୍ୟୁସେକ୍, ୧।୪।୨୦୨୫ରୁ ୩୧।୩।୨୦୩୦ ପର୍ଯ୍ୟନ୍ତ ୬୦ କ୍ୟୁସେକ ଓ ୧।୪।୨୦୩୦ରୁ ପରବର୍ତ୍ତୀ ସମୟ ପର୍ଯ୍ୟନ୍ତ ୭୪.୩୨ କ୍ୟୁସେକ ବ୍ରାହ୍ମଣୀ ନଦୀଜଳ ବ୍ୟବହାର କରିବାକୁ ଜଳସେଚନ ବିଭାଗ ସହିତ ଟାଟା ଷ୍ଟିଲ ଚୁକ୍ତି କରିଛି। ତେଣୁ ବେଳହୁଁ କାରଖାନାର ବ୍ୟବହାର ପାଣିକୁ ସୁଚାରୁରୂପେ ପରିଚାଳନା ନ କଲେ ଆଗାମୀ ଦିନରେ ଜଳ ବିଷାକ୍ତ ଆହୁରି ତୀବ୍ରତର ହେବା ସହିତ ଜନଜୀବନ ପାଇଁ ବିପଦ ସୃଷ୍ଟି କରିବା ନିଶ୍ଚିତ ବୋଲି ସ୍ଥାନୀୟ ନାଗରିକଙ୍କ ପକ୍ଷରୁ ମତପ୍ରକାଶ ପାଉଛି।

ଉଲ୍ଲେଖଯୋଗ୍ୟ ଯେ, ଟାଟା ଷ୍ଟିଲ୍ ଯେତେବେଳେ ପରିବେଶ ଅନୁମତି ନେଇଥିଲା ସେତେବେଳେ ହଟ୍ ଷ୍ଟ୍ରିପ୍ ଅବା ରୋଲିଂ ମିଲ୍ ସମ୍ପର୍କରେ ସ୍ଥାନିତ ହୋଇ ନ ଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ଏହା କାର୍ଯ୍ୟକାରୀ ହୋଇଛି ବୋଲି ଅଭିଯୋଗ ହୋଇଛି। ଟାଟା ଷ୍ଟିଲ୍ କାରଖାନା ସ୍ଥାପନ ହେବା ପୂର୍ବରୁ ଏହାର ଦକ୍ଷିଣରେ ଥିବା ବଡଶୁଣୀ ପାହାଡରୁ ଛୋଟ ଛୋଟ କେତେକ ଝରଣା ବାହାରୁଥିଲା। ଏହି ଝରଣା ପାଣି ଉପରେ ଚମ୍ପାକୋଇଲି, କଳାମାଟିଆ, ହାଟିଂ, ନୂଆଗାଁ, ସାରଙ୍ଗପୁର ପ୍ରଭୃତି ଗ୍ରାମର ଲୋକେ ନିର୍ଭର କରୁଥିଲେ। ତେବେ ଏହି ବୃହତ୍ ଇସ୍ପାତ କାରଖାନା ପ୍ରତିଷ୍ଠା ହେବା ପରେ ୩ ନମ୍ବର ଗେଟ୍ ପଟକୁ ପାଚେରି ନିର୍ମାଣ ହୋଇଛି, ଯଦ୍ୱାରା ଝରଣା ପାଣି କାରଖାନା ପରିସର ହୋଇ ରାସ୍ତା ପୋଲ ଦେଇ ବିଆର୍‌ପିଏଲ୍ କାରଖାନା କଡ଼ରେ ବୋହି ଗଣ୍ଡାନାଳରେ ମିଶୁଛି। କାରଖାନାର ବିଷାକ୍ତ ବର୍ଜ୍ୟପାଣିକୁ ଲୁଚାଇବା ଉଦ୍ଦେଶ୍ୟରେ ତାହାକୁ ଏହି ଝରଣା ପାଣିରେ ମିଶାଇ ଦିଆଯାଉଛି। ବିଷାକ୍ତ ଦ୍ରବ୍ୟ ମିଶ୍ରିତ ପାଣିକୁ ଉପଯୁକ୍ତ ଭାବେ ପରିଚାଳନା(ଟ୍ରିଟ୍‌ମେଣ୍ଟ) ନ କରି ବାହାରକୁ ☞ପୃଷ୍ଠା-୪

# ଛତୁ ବିକୁଥିବା ଭଉଣୀଭାଇଙ୍କ ଉପରେ ମାଡ଼ିଗଲା ଗାଡ଼ି

- ଜଣେ ଘଟଣାସ୍ଥଳରେ, ଅନ୍ୟଜଣେ ମେଡିକାଲରେ ମୃତ
- ଶିଶୁଙ୍କ ସହ ଗାଡ଼ିରେ ଥିବା ୪ ଯୁବକ ଗୁରୁତର
- ଭୁବନେଶ୍ୱରରୁ ବରଯାତ୍ରୀଙ୍କୁ ନେଇ ଦେବଗଡ଼ ଯାଉଥିଲା ସ୍କର୍ପିଓ

ଛେଣ୍ଡିପଦା,୨୮।୬(ସ୍ୱ.ପ୍ର.)

ଅନୁଗୋଳ ଜିଲା ନିଶା ଶିଳ୍ପାଞ୍ଚଳ ଥାନା ଦେଇ ଯାଇଥିବା ଅନୁଗୋଳ-ଛେଣ୍ଡିପଦା ୬୩ନଂ. ରାଜ୍ୟ ରାଜପଥର କଙ୍କରେଇସ୍ଥିତ ବାଗଡିଆ ଖନ୍ଦାନାଳ ନିକଟରେ ରବିବାର ଏକ ବରଯାତ୍ରୀ ଗାଡ଼ି ମାଡ଼ିଯିବାରୁ ଛତୁ ବିକୁଥିବା ଭଉଣୀଭାଇଙ୍କ ମୃତ୍ୟୁ ହୋଇଛି। ଅନ୍ୟ ଜଣେ ଶିଶୁ ଓ ଗାଡ଼ିରେ ବସିଥିବା ୪ ବରଯାତ୍ରୀ ଗୁରୁତର ହୋଇଛନ୍ତି। ସେମାନଙ୍କୁ ନିଶା ଶିଳ୍ପାଞ୍ଚଳ ପୋଲିସ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛି। ଦୁର୍ଘଟଣା ପରେ ସ୍ଥାନୀୟ ଗ୍ରାମବାସୀ କ୍ଷତିପୂରଣ ଦାବିରେ ଦୀର୍ଘ ସମୟ ଧରି ରାଜପଥ ଅବରୋଧ କରିବାରୁ ଉତ୍ତେଜନା ଦେଖାଦେଇଥିଲା।

୬୩ନଂ. ରାଜପଥର କଙ୍କରେଇ ବାଗଡିଆ ଖନ୍ଦାନାଳ ନିକଟରେ ରାଇଝରଣ ପଞ୍ଚାୟତ ସିତିରାସାହିର ଲୋକମାନେ ଜଙ୍ଗଲୀ ଛତୁ ବିକ୍ରି କରନ୍ତି। ମଧ୍ୟାହ୍ନରେ ସିତିରାସାହିର ନିରାଜନ ବେହେରାଙ୍କ ପୁଅ ନୁନୁରୁ ବେହେରା (୧୨), ଭଉଣୀ ବୈଶାଖୀ ବେହେରା (୮) ଓ ବାବାଜୀ ବେହେରାଙ୍କ ପୁଅ ପମ୍ପୁ ବେହେରା (୮) ରାଜପଥ ପାର୍ଶ୍ୱରେ ବସି ଛତୁ ବିକ୍ରି କରୁଥିଲେ। ଏହି ସମୟରେ ଭୁବନେଶ୍ୱରରୁ ଦେବଗଡ ବରଯାତ୍ରୀ ନେଇ ଯାଉଥିବା ଏକ ସ୍କର୍ପିଓ (ନଂ. ଓଆର୦୨ବିୱାଇ-୮୭୬୮) ଭାରସାମ୍ୟ ହରାଇ ଛତୁ ବିକୁଥିବା ପିଲାମାନଙ୍କ ଉପରେ ମାଡ଼ିଯାଇ ଜଙ୍ଗଲ ମଧ୍ୟକୁ ପଶିଯାଇଥିଲା। ଫଳରେ ଘଟଣାସ୍ଥଳରେ ନୁନୁରୁଙ୍କ ମୃତ୍ୟୁ ହୋଇଥିବାବେଳେ ☞ପୃଷ୍ଠା-୪



ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂଙ୍କର ତତ୍କାଳୀନ ଗଣମାଧ୍ୟମ ଉପଦେଷ୍ଟା ସଞ୍ଜୟ ବାରୁ ସାଇବର ଠକେଇର ସମ୍ମୁଖୀନ ହୋଇଛନ୍ତି। ସେ ମଦ ହୋମ୍ ଡେଲିଭରି ପାଇଁ ଅର୍ଡର କରିଥିବାବେଳେ ୨୪ ହଜାର ଟଙ୍କା ଟ୍ରାନ୍ସଫର ପାଇଁ ଭେଣ୍ଡର କହିଥିଲେ। ଅନ୍‌ଲାଇନ୍ ଟ୍ରାଞ୍ଜାକ୍ସନ ବେଳେ ମଦ ଦୋକାନର ଫୋନ୍ ନମ୍ବର ସୁଇଚ୍‌ଅଫ୍ ହୋଇଯାଇଥିଲା। ଏ ନେଇ ବାରୁ ଦିଲ୍ଲୀ ହଉଜ୍‌ଖସ୍ ଥାନାରେ ଅଭିଯୋଗ କରିଛନ୍ତି।





ଆସାମର ବନ୍ୟା ପ୍ରଭାବିତ ମୋରିଗାଓଁ ଜିଲା ମାୟୋଙ୍ଗ ଗ୍ରାମରେ ପିଲାମାନେ ବାଉଁଶ ଡଙ୍ଗାରେ ଯାଉଛନ୍ତି।



ନୂଆଦିଲ୍ଲୀର ଏକ ଝରଣା ପାଣିରେ ପକ୍ଷୀଗୁଡ଼ିକ ଦେହକୁ ଥଣ୍ଡା କରୁଛନ୍ତି।



ପାଟନାରେ ପ୍ରବଳ ବର୍ଷା ଯୋଗୁ ରାସ୍ତା ଉପରେ ପାଣିର ଢେଉ।

# ଠିକଣା ଜବାବ ଦେଇଛି ଭାରତ

ନୂଆଦିଲ୍ଲୀ,୨୮।୬(ପି.ଟି.)

## ମନ୍ କୀ ବାତ୍‌ରେ ଚାଇନା କଥା

- ସ୍ଥାନୀୟ ସାମଗ୍ରୀ ବ୍ୟବହାର ଲାଗି ଆହ୍ୱାନ
- ଅନ୍‌ଲକ୍ ପର୍ଯ୍ୟାୟରେ ଅଧିକ ସତର୍କ ରହିବାକୁ ହେବ



ଲଦାଖ ଉପରେ ଯେଉଁମାନେ ଖରାପ ନଜର ପକାଇଛନ୍ତି ସେମାନଙ୍କୁ ଉପଯୁକ୍ତ ଜବାବ ଦିଆଯାଇଛି। ଭାରତ ବନ୍ଧୁତାକୁ ସମ୍ମାନ କରେ, ତେବେ କୌଣସି ପ୍ରକାର ଶତ୍ରୁତାର ଠିକଣା ଜବାବ ଦେବା ପାଇଁ ଏହା ସମର୍ଥ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କର ମାସିକ ରେଡିଓ କାର୍ଯ୍ୟକ୍ରମ 'ମନ୍ କୀ ବାତ୍'ରେ ଉଦ୍‌ବୋଧନ ଦେଇ କହିଛନ୍ତି। ଏହି ଅବସରରେ ସେ ଗଲ୍‌ୱାନ ଉପତ୍ୟକାରେ ଚାଇନା ସୈନ୍ୟଙ୍କ ଆକ୍ରମଣରେ ଶହୀଦ ହୋଇଥିବା ୨୦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଦେଇଥିଲେ। ଭାରତର ବୀର ଯୋଦ୍ଧାମାନେ ଦେଶର ଗର୍ବ ଉପରେ ଆଞ୍ଚ ଆସିବାକୁ ଦେବେନାହିଁ ବୋଲି ସେ କହିଥିଲେ।

ସ୍ଥାନୀୟ ଉତ୍ପାଦିତ ସାମଗ୍ରୀ ବ୍ୟବହାର କରିବା ଲାଗି ପ୍ରଧାନମନ୍ତ୍ରୀ ଦେଶବାସୀଙ୍କୁ ଅନୁରୋଧ କରିଛନ୍ତି। ଏହା ଦେଶକୁ ସୁଦୃଢ଼ କରିବାରେ ସହାୟକ ହୋଇପାରିବ। ଆତ୍ମନିର୍ଭରଶୀଳ ହେବା ଭାରତର ଲକ୍ଷ୍ୟ। ଆସ୍ଥା ଓ ବନ୍ଧୁତା ଏହାର ପରମ୍ପରା ହୋଇଥିବାବେଳେ ଭ୍ରାତୃଭାବ ଏହାର ଆତ୍ମା ବୋଲି ମୋଦି କହିଛନ୍ତି। ଆମ ସୀମାର ସୁରକ୍ଷା ପାଇଁ ଦେଶର ଶକ୍ତି ଓ ସାମର୍ଥ୍ୟ ବଢ଼ାଇବାକୁ ହେବ। ଏକ ଆତ୍ମନିର୍ଭର ଭାରତ ଏହାର ଶହୀଦମାନଙ୍କୁ ଉପଯୁକ୍ତ ଶ୍ରଦ୍ଧାଞ୍ଜଳି ଦେଇପାରିବ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ।

ଭାରତ ଲକ୍‌ଡାଉନରୁ ମୁକ୍ତ ହୋଇ ଅନ୍‌ଲକ୍ ପର୍ଯ୍ୟାୟରେ ପ୍ରବେଶ କରିଥିବାବେଳେ କରୋନା ମହାମାରୀକୁ ପରାସ୍ତ କରିବା ଓ ଅର୍ଥନୀତିକୁ ସୁଦୃଢ଼ କରିବା ଉପରେ ଗୁରୁତ୍ୱ ଦେବାକୁ ହେବ। ଭାରତ ସବୁବେଳେ ବିପତ୍ତିକୁ ସଫଳତାରେ ପରିଣତ କରିଆସିଛି। ଚଳିତ ବର୍ଷ ମଧ୍ୟ ସେଥିରେ ବ୍ୟତିକ୍ରମ ହେବନାହିଁ ବୋଲି ପ୍ରଧାନମନ୍ତ୍ରୀ ଆଶ୍ୱାସନା ଦେଇଥିଲେ। ଅନ୍‌ଲକ ସମୟରେ ଲକ୍‌ଡାଉନ ଅପେକ୍ଷା ଅଧିକ ସତର୍କ ରହିବାକୁ ପଡ଼ିବ। ଜଣେ ମାସ୍କ ନ ପିନ୍ଧିଲେ, ୨ ଗଜ ଦୂର ସାମାଜିକ ଦୂରତ୍ୱ ବଜାୟ ନ ରଖିଲେ ଓ ଅନ୍ୟ ସତର୍କତାମୂଳକ ପଦକ୍ଷେପ ପାଳନ ନ କଲେ ସେ କେବଳ ନିଜ ପାଇଁ ବିପଦ ଆଣିବେ ତାହା ନୁହେଁ, ବରଂ ଅନ୍ୟମାନଙ୍କ ପାଇଁ ବିପଦ ସୃଷ୍ଟି କରିଥାନ୍ତି ବୋଲି ମୋଦି ସତର୍କ କରାଇଦେଇଥିଲେ। ତାଙ୍କ ସରକାର ଖଣି, ମହାକାଶ, କୃଷି ଓ ଅନ୍ୟାନ୍ୟ ସେକ୍ଟରରେ ଅନେକ ସଂସ୍କାରମୂଳକ ପଦକ୍ଷେପ ନେଇଛନ୍ତି, ଯାହା ଭାରତକୁ ଆତ୍ମନିର୍ଭର କରିବା ସହ ଦେଶର ପ୍ରଯୁକ୍ତି କ୍ଷେତ୍ରରେ ବିକାଶକୁ ତ୍ୱରାନ୍ୱିତ କରାଇବ।

ଏହି ଅବସରରେ ପ୍ରଧାନମନ୍ତ୍ରୀ ପିଲାମାନଙ୍କୁ ପାରମ୍ପରିକ ଇନ୍‌ଡୋର ଗେମ୍‌କୁ ନୂଆ ଓ ଆକର୍ଷଣୀୟ ରୂପରେ ଖେଳିବା ପାଇଁ ପରାମର୍ଶ ଦେଇଥିଲେ। ଏହାଦ୍ୱାରା ଏହି ସେକ୍ଟରରେ ଷ୍ଟାର୍ଟଅପ୍‌ମାନଙ୍କୁ ବଡ଼ ସୁଯୋଗ ମିଳିପାରିବ। ପାରମ୍ପରିକ କ୍ରୀଡ଼ା ଅଭ୍ୟାସ କରିବା ଦ୍ୱାରା ପିଲାମାନେ ଅନ୍‌ଲାଇନ ଗେମ୍‌ଠାରୁ ଦୂରେଇ ରହି ଅନ୍‌ଲାଇନ ପାଠପଢ଼ାରେ ଅଧିକ ମନୋନିବେଶ କରିପାରିବେ ବୋଲି ସେ କହିଥିଲେ।

# ବାପପୁଅଙ୍କ ହାଜତ ମୃତ୍ୟୁର ସିବିଆଇ ତଦନ୍ତ ହେବ

ସଲେମ,୨୮।୬(ପି.ଟି.)



ଜେ. ବେନିକ୍ସ



ପି. ଜୟରାଜ

ତାମିଲନାଡୁର ଟୁଟିକୋରିନ ଜିଲାରେ ବାପପୁଅଙ୍କ ହାଜତ ମୃତ୍ୟୁ ମାମଲାର ତଦନ୍ତ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) କରିବ। ଏହି ମାମଲାକୁ ରାଜ୍ୟ ସରକାର ସିବିଆଇକୁ ସ୍ଥାନାନ୍ତର କରିଥିବା ରବିବାର ମୁଖ୍ୟମନ୍ତ୍ରୀ ଇ.କେ.

## ୨ ପୋଲିସ ନିଲମ୍ବିତ

ପାଲାନିସ୍ୱାମୀ ସୂଚନା ଦେଇଛନ୍ତି।

ଲକ୍‌ଡାଉନବେଳେ ଗତ ୧୯ ତାରିଖରେ ଟୁଟିକୋରିନର ସଥନକୁଲମ୍‌ରେ ପି. ଜୟରାଜ (୫୯) ଓ ତାଙ୍କ ପୁଅ ଜେ. ବେନିକ୍ସ ଏହାକୁ ନ ମାନି ମୋବାଇଲ୍ ଦୋକାନ ଖୋଲିଥିଲେ। ପୋଲିସ ଉଭୟଙ୍କୁ ଥାନାକୁ ନେଇ ପଚରାଉଚରା କରିଥିଲା। ଏହାସହ ହାଜତରେ ଦୁହିଁଙ୍କୁ ନିସ୍ଥୁକ ମାଡ଼ ମାରିଥିଲା। ବେନିକ୍ସଙ୍କୁ ୨୨ ତାରିଖରେ ରକ୍ତାକ୍ତ ଅବସ୍ଥାରେ କୋଭପଟ୍ଟି ହସ୍ପିଟାଲକୁ ନିଆଯାଇଥିବାବେଳେ ସେଠାରେ ତାଙ୍କର ଜୀବନ ଚାଲିଯାଇଥିଲା। ପରଦିନ ବାପା ଜୟରାଜଙ୍କ ମଧ୍ୟ ମୃତ୍ୟୁ ଘଟିଥିଲା। ମୃତ୍ୟୁ ପାଇଁ ଦାୟୀ ୨ ସବ୍ ଇନ୍ସପେକ୍ଟର ବାଲାକ୍ରିଷ୍ଣନ୍ ଏବଂ ପି. ରଘୁଗଣେଶଙ୍କୁ କାର୍ଯ୍ୟରୁ ନିଲମ୍ବନ କରାଯାଇଛି। ହାଜତ ମୃତ୍ୟୁ ପାଇଁ ଏମ୍‌ଏନ୍‌ଏମ୍ ଅଧ୍ୟକ୍ଷ କମଲ ହାସନ ମୁଖ୍ୟମନ୍ତ୍ରୀଙ୍କୁ ଦାୟୀ କରିଛନ୍ତି। ରାଜନୀତି ଜୋର ଧରିବା ପରେ ରାଜ୍ୟ ସରକାର ବାଧ୍ୟହୋଇ ସିବିଆଇ ତଦନ୍ତ ସୁପାରିସ କରିଛନ୍ତି। ମୁଖ୍ୟମନ୍ତ୍ରୀ ପାଲାନିସ୍ୱାମୀ କହିଛନ୍ତି, ସରକାରଙ୍କ ନିଷ୍ପତ୍ତି ସମ୍ପର୍କରେ ମାଡ୍ରାସ ହାଇକୋର୍ଟଙ୍କୁ ଅବଗତ କରାଯିବ। ହାଇକୋର୍ଟଙ୍କ ଅନୁମୋଦନ ପରେ ସିବିଆଇକୁ ମାମଲା ହସ୍ତାନ୍ତର କରାଯିବ।

# ସାଜିଦ୍ ମୀର୍ ଆଇଏସ୍‌ଆଇ ସୁରକ୍ଷାରେ

ନୂଆଦିଲ୍ଲୀ,୨୮।୬(ପି.ଟି.)

## ୨୬/୧୧ ଆକ୍ରମଣର ମୁଖ୍ୟ ଷଡ଼ଯନ୍ତ୍ରକାରୀ



ପୂର୍ବରୁ



ପ୍ଲାଷ୍ଟିକ୍ ସର୍ଜରି ପରେ

ମୁମ୍ବାଇ ଆତଙ୍କବାଦୀ ଆକ୍ରମଣ (୨୬/୧୧)ର ମୁଖ୍ୟ ଯୋଜନା ପ୍ରସ୍ତୁତକାରୀ ସାଜିଦ୍ ମୀର୍ ଓରଫ ମଜିଦ୍ ବିରୋଧରେ ପାକିସ୍ତାନ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପରିବର୍ତ୍ତେ ତାଙ୍କୁ ସୁରକ୍ଷା ଯୋଗାଇ ଦେଉଛି। ସେହିପରି ଗତବର୍ଷ ପୁଲ୍‌ୱାମା ଆକ୍ରମଣ ସହ ସମ୍ପୃକ୍ତ ଜୈଶ୍-ଇ-ମହମ୍ମଦ ମାଷ୍ଟରମାଇଣ୍ଡ ମାସୁଦ୍ ଆଝାରଙ୍କ ବିରୋଧରେ ମଧ୍ୟ ଇସ୍‌ଲାମାବାଦ କୌଣସି ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ ବୋଲି ଆମେରିକାର ବାର୍ଷିକ ଆତଙ୍କବାଦ ରିପୋର୍ଟରେ ଅଭିଯୋଗ କରାଯାଇଛି। ଉଭୟେ ପାକିସ୍ତାନରେ ନାହାନ୍ତି ବୋଲି ଇମ୍ରାନ୍ ଖାନ୍ ସରକାର କହିଆସୁଛନ୍ତି। ମୀର ଓ ଆଝାର ପାକ୍ ଗୋଇନ୍ଦା ସଂସ୍ଥା ଆଇଏସ୍‌ଆଇର ସର୍ବୋଚ୍ଚ ସ୍ତରୀୟ ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ପାକିସ୍ତାନରେ ରହୁଛନ୍ତି। ଡାଭିଡ୍ କୋଲେମାନ ହେଡଲିଙ୍କୁ ପରିଚାଳିତ କରୁଥିବା ମୀର୍ ରାୱଲପିଣ୍ଡିର ଆଡିଆଲା ଜେଲ୍ ରୋଡ ଅନ୍ତର୍ଗତ ଗାର୍ଡେନ ଭିଲ୍ଲା ହାଉସିଂ ସୋସାଇଟି କିମ୍ବା ଲାହୋରର ଗଣ୍ଡା ନାଲା ଅଞ୍ଚଳ ଅଥବା ଲାହୋର ଅଲ୍ ଫୈଜଲ ଟାଉନ୍‌ର ୨୭, ସି-ବ୍ଲକ୍‌ରେ ରହୁଥିବା କୁହାଯାଉଛି। ମୀର୍‌ଙ୍କ ମୁଣ୍ଡ ପାଇଁ ୫ ନିୟୁତ ଡଲାର ପୁରସ୍କାର ଘୋଷଣା ହୋଇଥିଲା। ସେ ବିଦେଶରେ ଲସ୍କର ସଂଗଠନ ପାଇଁ ଆତଙ୍କବାଦୀ ନିଯୁକ୍ତ କରିବା ସହ ପାକିସ୍ତାନ ଟ୍ରେନିଂ କ୍ୟାମ୍ପ୍‌ରେ ଆତଙ୍କବାଦୀମାନଙ୍କୁ ତାଲିମ ଦେଉଥିଲେ। ଏଥିସହିତ ସେ ଆଇଏସ୍‌ଆଇର ଇଣ୍ଡିଆନ୍ ମୁଜାହିଦ୍ଦିନ ଅପରେଶନର ଅଂଶବିଶେଷ ଥିଲେ। ୨୬/୧୧ ଆକ୍ରମଣ ପରେ ମୀର୍ ନିଜର ପ୍ଲାଷ୍ଟିକ୍ ସର୍ଜରି କରାଇଥିଲେ।

# ଅଗଷ୍ଟ ୧୮ରେ ଗିଲ୍‌ଗିଟ୍-ବଲ୍ଟିସ୍ତାନରେ ନିର୍ବାଚନ

ଇସଲାମାବାଦ, ୨୮।୬

ପାକିସ୍ତାନ ଭାରତକୁ ହଇରାଣ କରିବା ଲାଗି ଷଡ଼ଯନ୍ତ୍ର କରୁଛି। ପାକିସ୍ତାନ ପକ୍ଷରୁ ୧୮ ଅଗଷ୍ଟରେ ଗିଲ୍‌ଗିଟ୍-ବଲ୍ଟିସ୍ତାନରେ ନିର୍ବାଚନ କରିବା ଲାଗି ଘୋଷଣା କରାଯାଇଛି। ପାକିସ୍ତାନ ସୁପ୍ରିମ୍‌କୋର୍ଟରେ ଅନୁମତି ମିଳିବା ପରେ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାଁଙ୍କ ସରକାର ଏଭଳି ନିଷ୍ପତ୍ତି ଗ୍ରହଣ କରିଛନ୍ତି। ଏପ୍ରିଲ୍ ୩୦ରେ ସୁପ୍ରିମ୍‌କୋର୍ଟ ୨୦୧୮ ପ୍ରଶାସନିକ ସଂଶୋଧନ ଲାଗି ଅନୁମତି ଦେଇଥିଲେ। ପାକିସ୍ତାନ ରାଷ୍ଟ୍ରପତି ଆରିଫ୍ ଅଲଭି ଶନିବାର ଏନେଇ ମଞ୍ଜୁରୀ ମଧ୍ୟ ଦେଇଛନ୍ତି। ସୂଚନାଯୋଗ୍ୟ, ଗିଲ୍‌ଗିଟ୍-ବଲ୍ଟିସ୍ତାନକୁ ଭାରତର ଅଭିନ୍ନ ଅଙ୍ଗ ବୋଲି ପୂର୍ବରୁ ଭାରତ ସରକାରଙ୍କ ପକ୍ଷରୁ ପାକିସ୍ତାନ ଉଦ୍ଦେଶ୍ୟରେ କୁହାଯାଇଥିଲା। ତେବେ ପାକିସ୍ତାନ ଏହାକୁ ନ ମାନି ଏଭଳି କାର୍ଯ୍ୟ କରୁଥିବାରୁ ଭାରତ ପକ୍ଷରୁ ବିରୋଧ କରାଯାଉଛି।

# ଚାଇନା କମ୍ପାନୀ ଟେଣ୍ଡରକୁ ବାତିଲ କଲା ବିହାର

ନୂଆଦିଲ୍ଲୀ,୨୮।୬

ବିହାର ରାଜଧାନୀ ପାଟନାର ମହାତ୍ମା ଗାନ୍ଧୀ ସେତୁ ସହ ସମାନ୍ତରାଳରେ ଅନ୍ୟ ଏକ ମେଗା ବ୍ରିଜ୍ ନିର୍ମାଣ ଲାଗି ଚାଇନା କମ୍ପାନୀର ଟେଣ୍ଡରକୁ ରାଜ୍ୟ ସରକାର ବାତିଲ କରିଦେଇଛନ୍ତି। ଏହି ପ୍ରକଳ୍ପ ପାଇଁ ଚୟନ ହୋଇଥିବା ୪ ଠିକାଦାରଙ୍କ ମଧ୍ୟରୁ ଦୁଇଜଣଙ୍କର ଚାଇନା ଅଂଶୀଦାର ଥିଲେ ବୋଲି ସଡ଼କ ନିର୍ମାଣ ମନ୍ତ୍ରୀ ନନ୍ଦ କିଶୋର ଯାଦବ କହିଛନ୍ତି। ସେମାନଙ୍କ ଅଂଶୀଦାର ବଦଳାଇବାକୁ କୁହାଯାଇଥିଲା। ସେମାନେ ତାହା ନ କରିବାରୁ ଚାଇନା ହାର୍ବର ଇଞ୍ଜିନିୟରିଂ କମ୍ପାନୀ ଏବଂ ଶାନ୍‌କ୍ସି ରୋଡ୍ ବ୍ରିଜ୍ ଗ୍ରୁପ୍ କମ୍ପାନୀର ବିଡ୍‌କୁ ଖାରଜ କରିଦିଆଯାଇଛି। ଗତବର୍ଷ ଡିସେମ୍ବରରେ କେନ୍ଦ୍ର କ୍ୟାବିନେଟ କମିଟି ଉକ୍ତ ପ୍ରକଳ୍ପକୁ ଅନୁମୋଦନ କରିଥିଲା।



ସୀମାକୁ ନେଇ ଚାଇନା ସହ ଉତ୍ତେଜନା ଲାଗି ରହିଥିବାବେଳେ ଭାରତ ମହାସାଗରରେ ଭାରତୀୟ ନୌସେନା ଓ ଜାପାନ ନୌସେନା ମିଳିତ ସମରାଭ୍ୟାସରେ ସାମିଲ ହୋଇଛନ୍ତି। ଏଥିରେ ଉଭୟ ଦେଶର ୪ଟି ଯୁଦ୍ଧଜାହାଜ ଭାଗ ନେଇଛନ୍ତି।

# ଉଭୟ ଯୁଦ୍ଧ ଜିତିବୁ / ଦିନକରେ ପାଖାପାଖି ୨୦ ହଜାର ଆକ୍ରାନ୍ତ


ନୂଆଦିଲ୍ଲୀ,୨୮।୬



## କରୋନା, ଭାରତ-ଚାଇନା ମୁହାଁମୁହିଁକୁ ନେଇ ଶାହାଙ୍କ ଦୃଢ଼ୋକ୍ତି

ଚାଇନାର ଉହାନ ସହରରୁ ଆସିଥିବା କରୋନା ଭୂତାଣୁ ବିରୋଧରେ ଭାରତ ଲଢୁଥିବାବେଳେ ସେପଟେ ଲଦାଖ ସୀମାରେ ଉତ୍ତେଜନା ବଢୁଥିବାନେଇ ଦୁଇ ଦେଶର ସୈନ୍ୟ ମୁହାଁମୁହିଁ ଅବସ୍ଥାରେ ରହିଛନ୍ତି। ଭାରତ ଉଭୟ ଯୁଦ୍ଧରେ ଜିତିବ ବୋଲି ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ରବିବାର ଦୃଢ଼ୋକ୍ତି କରିଛନ୍ତି। ଗତ ୧୫ ତାରିଖରେ ପୂର୍ବ ଲଦାଖର ଗଲୱାନ ଉପତ୍ୟକାରେ ଚାଇନା ସୈନ୍ୟଙ୍କ ଆକ୍ରମଣରେ ଭାରତର ଜଣେ କମାଣ୍ଡିଂ ଅଫିସରଙ୍କ ସମେତ ୨୦ ଯବାନ ଶହୀଦ ହୋଇଥିଲେ। ଗତ ୫ ଦଶନ୍ଧି ମଧ୍ୟରେ ଦୁଇଦେଶର ସେନା ମଧ୍ୟରେ ଏଭଳି ମୁହାଁମୁହିଁ ଅବସ୍ଥା କେବେ ହୋଇ ନ ଥିଲା। ଏହି ଘଟଣା ପରେ ସୀମାରେ ଉତ୍ତେଜନା ବୃଦ୍ଧି ପାଇଛି। ଏକ ନ୍ୟୁଜ୍ ଏଜେନ୍ସିକୁ ସାକ୍ଷାତ୍‌କାର ଦେଇ ଶାହା କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଭାରତ ଉଭୟ ଯୁଦ୍ଧ ଜିତିବ, ଏହା ସେ ଦେଶବାସୀଙ୍କୁ ନିଶ୍ଚିତ କରିଦେବାକୁ ଚାହାନ୍ତି। ଏଥିସହିତ ସେ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କୁ କଡ଼ା ସମାଲୋଚନା କରିଛନ୍ତି। ରାହୁଲ ଚାଇନା ଓ ପାକିସ୍ତାନ ହାତରେ ଖେଳୁଛନ୍ତି ଓ ସଙ୍କଟ ସମୟରେ ଭାରତ ବିରୋଧୀ ପ୍ରଚାରରେ ଲିପ୍ତ ରହୁଥିବା ଶାହା ଅଭିଯୋଗ କରିଛନ୍ତି। ରାହୁଲଙ୍କ 'ସରେଣ୍ଡର ମୋଦି' ଆକ୍ଷେପ ସମ୍ପର୍କରେ ଶାହା କହିଥିଲେ, ଭାରତ ବିରୋଧୀ ପ୍ରଚାରକୁ ନିୟନ୍ତ୍ରଣ କରିବା ପାଇଁ ଆମେ ସମର୍ଥ। ଦେଶର ଏକ ବୃହତ ଦଳର ପୂର୍ବତନ ଅଧ୍ୟକ୍ଷ ସଙ୍କଟ ସମୟରେ ଦେଶବିରୋଧୀ ପ୍ରଚାର ଚଳାଇବା ଯନ୍ତ୍ରଣାଦାୟକ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ କହିଥିଲେ। ସେମାନଙ୍କର ହାସ୍‌ଟ୍ୟାଗ୍ ପାକିସ୍ତାନ ଓ ଚାଇନାକୁ ଉତ୍ସାହିତ କରିଛି। ଏ ନେଇ ରାହୁଲ ଓ ତାଙ୍କ ଦଳ ଆତ୍ମସମୀକ୍ଷା କରିବା ଉଚିତ ବୋଲି ଶାହା କହିଛନ୍ତି।

ନୂଆଦିଲ୍ଲୀ,୨୮।୬(ପି.ଟି.)



ଭାରତରେ ରବିବାର ଗୋଟିଏ ଦିନରେ ପାଖାପାଖି ୨୦ ହଜାର କରୋନା ସଂକ୍ରମିତ ହୋଇଛନ୍ତି। ଏହା ଗୋଟିଏ ଦିନରେ ସର୍ବାଧିକ ସଂକ୍ରମଣ। ଏହାକୁ ମିଶାଇ ଦେଶରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୫,୨୮,୮୫୯ରେ ପହଞ୍ଚିଥିବାବେଳେ ୧୬,୦୯୫ ଜଣ ପ୍ରାଣ ହରାଇଲେଣି। ଗତ ୨୪ ଘଣ୍ଟା ମଧ୍ୟରେ ୪୧୦ ଜଣଙ୍କର କରୋନା ମହାମାରୀରେ ଜୀବନ ଯାଇଛି। କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ତଥ୍ୟ ଅନୁଯାୟୀ କ୍ରମାଗତ ୫ ଦିନ ହେଲା ସଂକ୍ରମିତଙ୍କ ସଂଖ୍ୟା ୧୫ ହଜାରରୁ ଅଧିକ ସଂଖ୍ୟାରେ ବଢୁଛି। କେବଳ ଜୁନ୍ ମାସରେ ବର୍ତ୍ତମାନ ସୁଦ୍ଧା ୩,୩୮,୩୨୪ ଜଣ ସଂକ୍ରମିତ ହୋଇଛନ୍ତି। ସକ୍ରିୟ ମାମଲା ସଂଖ୍ୟା ୨,୦୩,୦୫୧ ରହିଥିବାବେଳେ ୩,୦୯,୭୧୨ଜଣ ସୁସ୍ଥ ହେଲେଣି। ଦେଶରେ ଆରୋଗ୍ୟ ହାର ୫୮.୫୬ ରହିଛି।

ଭାରତର ଭେଷଜ ଗବେଷଣା ପରିଷଦ (ଆଇସିଏମ୍‌ଆର) ତଥ୍ୟ ଅନୁଯାୟୀ ଦେଶରେ ୨୭ ତାରିଖ ସୁଦ୍ଧା ୮୨,୨୭,୮୦୨ ନମୁନା ପରୀକ୍ଷା କରାଯାଇଛି। ଶନିବାର ୨,୩୧,୦୯୫ ନମୁନା ପରୀକ୍ଷା ହୋଇଥିବା ଜଣାପଡିଛି। ଗତ ୨୪ ଘଣ୍ଟା ମଧ୍ୟରେ କରୋନାରେ ୪୧୦ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ସେଥିରୁ ମହାରାଷ୍ଟ୍ରରେ ସର୍ବାଧିକ ୧୬୭ ଜଣ ରହିଛନ୍ତି। ତାମିଲନାଡୁରେ ୬୮ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ଦିଲ୍ଲୀରେ ୬୬, ଉତ୍ତରପ୍ରଦେଶରେ ୧୯, ଗୁଜରାଟରେ ୧୮, ପଶ୍ଚିମବଙ୍ଗରେ ୧୩, ରାଜସ୍ଥାନ ଓ କର୍ଣ୍ଣାଟକରେ ୧୧ ଲେଖାଏ, ଆନ୍ଧ୍ରପ୍ରଦେଶରେ ୯, ହରିୟାଣାରେ ୭, ପଞ୍ଜାବ ଓ ତେଲଙ୍ଗାନାରେ ୬ ଲେଖାଏ, ମଧ୍ୟପ୍ରଦେଶରେ ୪ ଏବଂ ଜମ୍ମୁ କଶ୍ମୀରରେ ୨ ଜଣଙ୍କର ମୃତ୍ୟୁ ଘଟିଛି। ମୋଟ ୧୬,୦୯୫ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ସେଥିରୁ ମହାରାଷ୍ଟ୍ରରେ ସର୍ବାଧିକ ୭,୨୭୩ ଜଣ ରହିଛନ୍ତି। ଏହା ପଛକୁ ଦିଲ୍ଲୀରେ ୨,୫୫୮ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ଗୁଜରାଟରେ ୧,୭୮୯, ତାମିଲନାଡୁରେ ୧,୦୨୫, ଉତ୍ତରପ୍ରଦେଶରେ ୬୪୯, ପଶ୍ଚିମବଙ୍ଗରେ ୬୨୯, ମଧ୍ୟପ୍ରଦେଶରେ ୫୫୦, ରାଜସ୍ଥାନରେ ୩୯୧ ଏବଂ ତେଲଙ୍ଗାନାରେ ୨୪୩ ଜଣଙ୍କ ମୁଣ୍ଡ ନେଲାଣି କରୋନା। ଅନ୍ୟ ରାଜ୍ୟ ମଧ୍ୟରେ ହରିୟାଣାରେ ୨୧୮ ଜଣଙ୍କ ଜୀବନ ଯାଇଥିବାବେଳେ କର୍ଣ୍ଣାଟକରେ ୧୯୧, ଆନ୍ଧ୍ରପ୍ରଦେଶରେ ୧୫୭, ପଞ୍ଜାବରେ ୧୨୮, ଜମ୍ମୁ-କଶ୍ମୀରରେ ୯୩, ବିହାରରେ ୫୯, ଉତ୍ତରାଖଣ୍ଡରେ ୩୭ ଓ କେରଳରେ ୨୨ ଜଣଙ୍କ ମୃତ୍ୟୁ ଘଟିଛି।

# ୩୦ ପରେ ମହାରାଷ୍ଟ୍ରରେ ରହିବ ଲକ୍‌ଡାଉନ କଟକଣା

ମୁମ୍ବାଇ,୨୮।୬(ପି.ଟି.)



ଉଦ୍ଧବ ଠାକ୍‌ରେ

ମହାରାଷ୍ଟ୍ରରେ ଜୁନ୍ ୩୦ ପରେ ମଧ୍ୟ ଲକ୍‌ଡାଉନ କଟକଣା ଜାରି ରହିବ ବୋଲି ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେ ରବିବାର କହିଛନ୍ତି। ମହାରାଷ୍ଟ୍ର କରୋନା ମହାମାରୀ ଦ୍ୱାରା ସର୍ବାଧିକ ସଂକ୍ରମିତ ହୋଇଥିବାବେଳେ କଟକଣା କୋହଳ କରାଯିବାର ପ୍ରଶ୍ନ ଉଠୁନାହିଁ ବୋଲି ଉଦ୍ଧବ ଏକ ଟେଲିଭିଜନ ବାର୍ତ୍ତାରେ କହିଛନ୍ତି। ତେବେ ଅର୍ଥନୀତିକୁ ପୂର୍ବ ସ୍ଥିତିକୁ ଫେରାଇ ଆଣିବା ଲାଗି ଅନ୍‌ଲକ୍ ପ୍ରକ୍ରିୟା ଧୀରେ ଧୀରେ କାର୍ଯ୍ୟକାରୀ ହେବ। ଯାତ୍ରୀ ପରିବହନ ଉପରେ କଟକଣା ରହିବ। ସ୍ଥାନୀୟ ସେବାକୁ ଅନୁମତି ମିଳିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ମହାରାଷ୍ଟ୍ରରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୧,୬୪,୬୨୬ରେ ପହଞ୍ଚିଥିବାବେଳେ ୭,୪୨୯ ଜଣଙ୍କର ମୃତ୍ୟୁ ହେଲାଣି। ଗୋଟିଏ ଦିନରେ ସେଠାରେ ୫,୪୯୩ ଜଣ ସଂକ୍ରମିତ ହେବା ସହ ୧୫୬ ଜଣଙ୍କ ଜୀବନ ଯାଇଛି। ସେହିପରି ମଣିପୁର ସରକାର ମଧ୍ୟ ଲକ୍‌ଡାଉନ ଅବଧିକୁ ଜୁଲାଇ ୧୫ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି।

## ସଂକ୍ଷେପରେ

### ଦୋଳି ଖେଳୁଥିବା ବେଳେ ଶିଶୁ ମୃତ

**ବାଲେଶ୍ୱର ଅଫିସ, ୨୮।୬:** ବାଲେଶ୍ୱର ଜିଲା ସହଦେବଖୁଣ୍ଟା ମଡ଼େଲ ଥାନା ଅଧୀନ ଫିରିଙ୍ଗିପାଟଣା ଅଞ୍ଚଳରେ ରବିବାର ଏକ ଅଭାବନୀୟ ଘଟଣା ଘଟିଛି। ମାନସ ମହାନ୍ତିଙ୍କ ୬ ବର୍ଷର ଝିଅ ଘର ଅଗଣାରେ ଦୋଳି ଖେଳୁଥିବା ବେଳେ ହଠାତ୍ ଦଉଡି ତାଙ୍କ ବେକରେ ଲାଗିଯିବାରୁ ସେ ଝୁଲି ପଡ଼ିଥିଲେ। କିଛି ସମୟ ପରେ ସେ ଚେତାଶୂନ୍ୟ ହୋଇ ତଳେ କଚାଡ଼ି ପଡ଼ିଥିଲେ। ପରିବାର ଲୋକେ ସଙ୍ଗେ ସଙ୍ଗେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ହସ୍‌ପିଟାଲ ପରିସର ଫାଣ୍ଡି ପୋଲିସ ପହଞ୍ଚି ତଦନ୍ତ କରୁଥିବା ବେଳେ ପରିବାର ଲୋକେ ବ୍ୟବଚ୍ଛେଦ ପାଇଁ ରାଜି ନ ହେବାରୁ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଥିବା ଜଣାପଡ଼ିଛି।

### ହୀରାକୁଦ ଡ୍ୟାମ୍‌ରୁ ୧୫ ଗେଟ୍‌ରେ ଜଳ ନିଷ୍କାସନ ଜାରି

**ସମ୍ବଲପୁର, ୨୮।୬ (ବ୍ୟୁରୋ):** ସମ୍ବଲପୁର ହୀରାକୁଦ ଡ୍ୟାମ୍‌ରୁ ୧୫ଟି ଗେଟ୍ ଦେଇ ରବିବାର ଜଳ ନିଷ୍କାସିତ ହେଉଛି। ବାମ ପାର୍ଶ୍ୱର ୧୦ ଓ ଡାହାଣ ପାର୍ଶ୍ୱର ୫ଟି ସ୍ଲୁଇସ୍ ଗେଟ୍ ଖୋଲା ଯାଇଛି। ସନ୍ଧ୍ୟା ୬ଟା ସୁଦ୍ଧା ମିଳିଥିବା ରିପୋର୍ଟ ଅନୁସାରେ, ଡ୍ୟାମ୍‌ରେ ଜଳସ୍ତର ୬୧୦.୭୭ ଫୁଟ ରହିଛି। ଡ୍ୟାମ୍‌କୁ ପ୍ରତି ସେକେଣ୍ଡରେ ୫୭ ହଜାର ୧୧୬ କ୍ୟୁସେକ ଜଳ ପ୍ରବେଶ କରୁଥିବାବେଳେ ୨ ଲକ୍ଷ ୪୧ ହଜାର ୭୨୬ କ୍ୟୁସେକ ପାଣି ନିଷ୍କାସିତ ହେଉଛି। ପଥର୍ଲାରେ ୨୦ ହଜାର ୯୫୯ କ୍ୟୁସେକ୍, ଖଇରମାଲରେ ୩ ଲକ୍ଷ ୧୫ ହଜାର, ବରମୁଲାରେ ୨ ଲକ୍ଷ ୫୫ ହଜାର କ୍ୟୁସେକ, ମୁଣ୍ଡଳିରେ ୨ ଲକ୍ଷ ୯ ହଜାର ୫୩୬ କ୍ୟୁସେକ ଜଳ ପ୍ରବାହିତ ହେଉଛି ବୋଲି ଡ୍ୟାମ୍ କଣ୍ଟ୍ରୋଲ ରୁମ୍ ପକ୍ଷରୁ ସୂଚନା ଦିଆଯାଇଛି।

### ବିଭିନ୍ନ ନର୍ସିଂହୋମରେ ଚଢ଼ାଉ

**ବାଲେଶ୍ୱର ଅଫିସ, ୨୮।୬:** ବାଲେଶ୍ୱର ସହରରେ ଥିବା ବିଭିନ୍ନ ନର୍ସିଂହୋମରେ ରବିବାର ସ୍ୱାସ୍ଥ୍ୟ ବିଭାଗର ୫ ଟିମ୍ ଚଢ଼ାଉ କରି କୋଭିଡ୍ ନିୟମ ପାଳନ ହେଉଛି କି ନାହିଁ ତାହାର ତଦାରଖ କରିଥିଲେ। ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଦୁଲାଲସେନ ଜଗଦେବଙ୍କ ନେତୃତ୍ୱରେ ଏହି ଟିମ୍ ଯାଞ୍ଚ କରିଥିଲେ। ସିଡିଏମ୍‌ଓଙ୍କ ସମେତ ମାଜିଷ୍ଟ୍ରେଟ ଭାବେ ଅତିରିକ୍ତ ତହସିଲଦାର, ଡିଏସ୍‌ପି ଓ ଜିଲା କୋଭିଡ୍ ଇନ୍‌ଚାର୍ଜ ସାମିଲ ଥିଲେ। ପ୍ରଥମ ଦିନରେ ୩ଟି ନର୍ସିଂହୋମରେ ଯାଞ୍ଚ କରାଯାଇଛି। ଆଗାମୀ ୭ଦିନ ପର୍ଯ୍ୟନ୍ତ ଏହି ଯାଞ୍ଚ ଚାଲିବ ବୋଲି ସିଡିଏମ୍‌ଓ କହିଛନ୍ତି।

### ଥାନା ଅଧିକାରୀ, ବ୍ୟାଙ୍କ ଆକାଉଣ୍ଟାଣ୍ଟ କରୋନା ପଜିଟିଭ୍

#### ୫୦ ଜଣଙ୍କ ସ୍ୱାବ୍ ନମୁନା ସଂଗ୍ରହ

**ବଡ଼ମ୍ବା, ୨୮।୬(ଡି.ଏନ୍.ଏ.):** କଟକ ଜିଲା ବଡ଼ମ୍ବା ଅଞ୍ଚଳରେ କରୋନା କାୟା ବିସ୍ତାର କରୁଛି। ଶନିବାର ରାତିରେ ବଡ଼ମ୍ବା ଥାନା ଆଇଆଇସି ଓ ରବିବାର ଜାତୀୟ ବ୍ୟାଙ୍କରେ କାର୍ଯ୍ୟରତ ଜଣେ ଆକାଉଣ୍ଟାଣ୍ଟ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏଥିସହ ବଡ଼ମ୍ବାସ୍ଥିତ କ୍ୱାରାଣ୍ଟାଇନ୍ କେନ୍ଦ୍ରରୁ ୪ ଜଣ ପ୍ରବାସୀ କରୋନାରେ ଆକ୍ରାନ୍ତ ଥିବା ଜଣାପଡ଼ିଛି। ସେମାନଙ୍କ ମଧ୍ୟରେ ଜଣେ ମହିଳା ଶ୍ରମିକ ରହିଛନ୍ତି। ପ୍ରବାସୀମାନେ ବଡମ୍ବା ବ୍ଲକର ବୃନ୍ଦାବନପୁର, ପଦ୍ମନାଭପୁର, କୁଆଁରପାଳ ଓ ଝାଜିଆ ଆଦି ଅଞ୍ଚଳର ହୋଇଥିବା ବେଳେ ରାଞ୍ଚି, ବେଙ୍ଗାଲୁରୁ ଓ ମହାରାଷ୍ଟ୍ର ଆଦି ଅଞ୍ଚଳରୁ ଫେରିଥିଲେ। ରିପୋର୍ଟ ଆସିବା ପରେ ଥାନା ଆଇଆଇସିଙ୍କ ସମେତ ୪ ପ୍ରବାସୀଙ୍କୁ କଟକସ୍ଥିତ କୋଭିଡ୍ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସେହିପରି ବ୍ୟାଙ୍କ ଆକାଉଣ୍ଟାଣ୍ଟଙ୍କ ଘର ଢେଙ୍କାନାଳ ଜିଲାରେ ହୋଇଥିବାରୁ ତାଙ୍କୁ ସେଠାକାର କୋଭିଡ୍ ଚିକିତ୍ସାଳୟରେ ରଖାଯାଇଛି। ସଂକ୍ରମଣ ରୋକିବା ପାଇଁ ବଡ଼ମ୍ବା ବ୍ଲକକୁ ୭୨ ଘଣ୍ଟା ପାଇଁ କଣ୍ଟେନମେଣ୍ଟ ଜୋନ ଭାବେ ଘୋଷଣା କରାଯାଇଛି। ଏହି ନିୟମ ସୋମବାର ଦିନ ୧୦ଟାରୁ ଲାଗୁ ହେବ ବୋଲି ବ୍ଲକ ପ୍ରଶାସନ ପକ୍ଷରୁ କୁହାଯାଇଛି। ଥାନା ଅଧିକାରୀ ଓ ବ୍ୟାଙ୍କ ଆକାଉଣ୍ଟାଣ୍ଟ ପଜିଟିଭ ଚିହ୍ନଟ ହେବାପରେ ସେମାନଙ୍କ ସଂସ୍ପର୍ଶରେ ଆସିଥିବା ଥାନା କର୍ମଚାରୀ, ଚିକିତ୍ସା କର୍ମଚାରୀ, ଖବରଦାତା, ବରିଷ୍ଠ ନାଗରିକ, ସାମାଜିକ କର୍ମୀ ଆଦି ୫୦ ଜଣଙ୍କ ସ୍ୱାବ୍ ନମୁନା ସଂଗ୍ରହ କରାଯାଇଛି। ଏହାଛଡ଼ା ଆଠଗଡ଼ ଏସ୍‌ଡିପିଓ, କଟକ ଜିଲା ଆଡିଶନାଲ ଏସ୍‌ପିଙ୍କ ମଧ୍ୟ ସ୍ୱାବ୍ ନମୁନା ସଂଗ୍ରହ କରାଯାଇ ପରୀକ୍ଷା ନିମନ୍ତେ ପଠାଯାଇଛି। ବଡ଼ମ୍ବା ବିଧାୟକ ଦେବୀ ପ୍ରସାଦ ମିଶ୍ର ସେଠାକାର ସ୍ଥିତି ଅନୁଧ୍ୟାନ କରି ଏନେଇ ଏକ ଜରୁରୀ ବୈଠକ କରିଛନ୍ତି।

# ରାଜସ୍ୱ ହ୍ରାସ: ବନ୍ଦ ହେବ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ

**ଭୁବନେଶ୍ୱର, ୨୮।୬(ବ୍ୟୁରୋ)**

କରୋନା ସଂକ୍ରମଣ ରୋକିବା ଲାଗି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଲକ୍‌ଡାଉନ କରାଯାଉଛି। ଏଥିଯୋଗୁ ରାଜ୍ୟ ଅର୍ଥନୀତି ବହୁ ମାତ୍ରାରେ ପ୍ରଭାବିତ ହେବାରେ ଲାଗିଛି। ଏଭଳି ପରିସ୍ଥିତିରେ ସାଧାରଣ ଲୋକଙ୍କ ସମେତ ରାଜ୍ୟର ଆୟ ମଧ୍ୟ ହ୍ରାସ ପାଇବାରେ ଲାଗିଛି। ଏଭଳି ଏକ ସ୍ଥିତି ଉପୁଜିବା ଦ୍ୱାରା ସରକାରୀ କର୍ମଚାରୀଙ୍କ ଦରମା ସାଙ୍ଗକୁ ନିଜସ୍ୱ ଯୋଜନା କାର୍ଯ୍ୟକାରୀ କରିବାରେ ସମସ୍ୟା ସୃଷ୍ଟି ହେବାକୁ ଲାଗିଲାଣି। ସରକାର ନିଜସ୍ୱ ସ୍ୱତନ୍ତ୍ର ଯୋଜନା ବାବଦକୁ ରଖିଥିବା ଧାର୍ଯ୍ୟ ଅର୍ଥ ମଧ୍ୟ କାଟ କରିବାକୁ ବସିଲେଣି। ଏହାକୁ ନେଇ ଯୋଜନା ଓ ସଂଯୋଜନା ମନ୍ତ୍ରୀ ପଦ୍ମନାଭ ବେହେରା କହିଛନ୍ତି, ଗତବର୍ଷ ପ୍ରଥମ ୩ ମାସରେ ଯେତିକି ରାଜସ୍ୱ ଆଦାୟ ହୋଇଥିଲା ଏଥର ସେହି ସମୟ ମଧ୍ୟରେ ତା'ର ଅଧାରୁ କମ୍ ରାଜସ୍ୱ ମିଳିଛି। କେନ୍ଦ୍ର ସରକାର କେତେ ମାତ୍ରାରେ ଆର୍ଥିକ ସହାୟତା କରୁଛନ୍ତି ତାହା ଦେଖିବାକୁ ପଡିବ। ନଚେତ୍ ସରକାର ଋଣ କରି କେତେଗୁଡ଼ିଏ ଗୁରୁତ୍ୱପୂର୍ଣ୍ଣ ନିଜସ୍ୱ ଯୋଜନା କାର୍ଯ୍ୟକାରୀ କରିବେ। କିନ୍ତୁ ବଜେଟ୍‌ରେ ଯେଉଁସବୁ ନିଜସ୍ୱ ଗୁରୁତ୍ୱପୂର୍ଣ୍ଣ ଯୋଜନା କାର୍ଯ୍ୟକାରୀ ହେବାକୁ ଥିଲା ତାହା ସବୁ କରିବା ସେତେଟା ସମ୍ଭବପର ନୁହେଁ ବୋଲି ବେହେରା କହିଛନ୍ତି।

ଚଳିତ ଆର୍ଥିବର୍ଷ ୨୦୨୦-୨୧ ପାଇଁ ରାଜ୍ୟ ସରକାର ୧ଲକ୍ଷ ୫୦ହଜାର କୋଟି ଟଙ୍କାର ବ୍ୟୟ ଅଟକଳ ରଖିଛନ୍ତି। ଏହାର ସିଂହଭାଗ ଅର୍ଥାତ୍ ୬୫ହଜାର ୬ଶହ ୫୫କୋଟି ସରକାର ପ୍ରଶାସନିକ ବ୍ୟୟ ପାଇଁ ଧାର୍ଯ୍ୟ କରିଛନ୍ତି। ଏହାସହ ୭୪ହଜାର କୋଟି ଟଙ୍କା ବିଭିନ୍ନ କାର୍ଯ୍ୟକ୍ରମ ବାବଦକୁ ଖର୍ଚ୍ଚ ପାଇଁ ବ୍ୟୟ ଅଟକଳ ରଖିଥିଲେ। ଏହାଛଡା ଅନ୍ୟାନ୍ୟ ଖର୍ଚ୍ଚ ବାବଦକୁ ମଧ୍ୟ ସରକାର ଲକ୍ଷ୍ୟ ଧାର୍ଯ୍ୟ କରିଥିଲେ। ଏହି ବ୍ୟୟ ଲାଗି ସରକାର ମୁଖ୍ୟତଃ ରାଜସ୍ୱ ପ୍ରାପ୍ତିରୁ ୧ଲକ୍ଷ ୨୪ ହଜାର ୩ଶହ କୋଟି ଟଙ୍କା ଏବଂ ଋଣ ଓ ଅନ୍ୟାନ୍ୟ ବାବଦକୁ ୨୫ହଜାର ୭ଶହ କୋଟି ଭରଣ ଲାଗି ଆକଳନ କରିଥିଲେ। ଚଳିତବର୍ଷ ଲାଗି ସରକାର ରାଜ୍ୟର ନିଜସ୍ୱ ଟିକସ ୩୮ହଜାର ୩୫୦କୋଟି ଟଙ୍କା, ନିଜସ୍ୱ ଅଣଟିକସ ରାଜସ୍ୱ ୧୭ହଜାର ୬୫୦ କୋଟି ଟଙ୍କା, କେନ୍ଦ୍ରୀୟ ଟିକସରେ ରାଜ୍ୟ ଅଂଶଭାବେ ୩୬ହଜାର ୩ଶହ କୋଟି ଟଙ୍କା ଏବଂ କେନ୍ଦ୍ରରୁ ମିଳିବାକୁ ଥିବା ଅନୁଦାନ ୩୨ହଜାର କୋଟି ଟଙ୍କା ଅନ୍ତର୍ଭୁକ୍ତ ଥିଲା।

ମାତ୍ର ଚଳିତ ଆର୍ଥିକ ବର୍ଷର ପ୍ରଥମ ଦୁଇ ମାସରେ ସରକାରଙ୍କ ଆର୍ଥିକ ସ୍ଥିତି ଅତ୍ୟନ୍ତ ଖରାପ ଅବସ୍ଥାରେ ପହଞ୍ଚିଛି। ରାଜସ୍ୱ ଆୟ ଉପରେ ସମ୍ପୂର୍ଣ୍ଣ ନିର୍ଭର କରି ବଜେଟ୍ ପ୍ରସ୍ତୁତ ହୋଇଥାଏ। କରୋନା ପରେ ୨୦୧୯-୨୦ ଆର୍ଥିକ ବର୍ଷର ପ୍ରଥମ ଦୁଇ ମାସରେ ପ୍ରାୟ ୭ହଜାର କୋଟି ଟଙ୍କାର ରାଜସ୍ୱ ଆଦାୟ ହୋଇଥିଲା ବେଳେ ଏବର୍ଷ ଏହି ସମୟ ଭିତରେ ମାତ୍ର ୩ ହଜାର କୋଟି ଆଦାୟ ହୋଇଥିବା ଜଣାପଡିଛି। ଗତବର୍ଷ ସେହିଭଳି ଖଣି କ୍ଷେତ୍ରରୁ ଏହି ଦୁଇ ମାସ ମଧ୍ୟରେ ୨୧ଶହ କୋଟି ଟଙ୍କାର ରାଜସ୍ୱ ମିଳିଥିଲା ବେଳେ ଏଥର ଏହାର ଅଧା ମଧ୍ୟ ହୋଇନାହିଁ। ସେହିପରି ଗତବର୍ଷ ଏପ୍ରିଲ- ମେ'ରେ ୨୧ଶହ କୋଟି ଟଙ୍କା ଜିଏସ୍‌ଟି ଆଦାୟ ହେଇଥିଲା ବେଳେ ଏଥର ଏ ବାବଦରେ ମଧ୍ୟ ଅଧା ହୋଇପାରି ନାହିଁ। ଜିଏସ୍‌ଟି, ଭ୍ୟାଟ ଏବଂ ଖଣି କ୍ଷେତ୍ରକୁ ଛାଡି ଅବକାରୀ ଶୁଳ୍କ, ମୋଟର ଯାନ, ପଞ୍ଜୀକରଣ ସହ ଷ୍ଟାମ୍ପ ଡ୍ୟୁଟିରୁ ମଧ୍ୟ ଆୟ କମିବାରେ ଲାଗିଛି। ଏସବୁକୁ ଦେଖିଲେ ମୁଖ୍ୟତଃ ରାଜ୍ୟ ସରକାର ବଜେଟ୍‌ରେ ନିଜସ୍ୱ କିଛି ସ୍ୱତନ୍ତ୍ର ଯୋଜନା ପାଇଁ ଯେଉଁ ଅର୍ଥ ଖର୍ଚ୍ଚ କରିବେ ବୋଲି ବ୍ୟବସ୍ଥା କରିଥିଲେ ସେଥିରେ ଲକ୍ଷ୍ୟଚ୍ୟୁତି ହେଲା ଭଳି ମନେହେଉଛି।

ଅନ୍ୟପଟେ ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ମୁତାବକ, ରାଜ୍ୟ ସରକାରଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ନିକଟରେ ପୂର୍ତ୍ତ ବିଭାଗ ତରଫରୁ ହୋଇଥିଲା। ସରକାରଙ୍କ ବିଭିନ୍ନ ବିଭାଗର ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ପୂର୍ତ୍ତ ବିଭାଗ ତରଫରୁ ବନ୍ଦ କରିବା ସକାଶେ ବୈଠକରେ ନିଷ୍ପତ୍ତି ହୋଇଥିବା ଜଣାପଡିଛି। ସେହିପରି ରାଜ୍ୟଗୁଡ଼ିକର କେତେଗୁଡ଼ିଏ ଡାକ୍ତରଖାନା କୋଠା କାର୍ଯ୍ୟ ମଧ୍ୟ ସରକାର ବନ୍ଦ କରିଦେବାକୁ ନିଷ୍ପତ୍ତି ନେଇଛନ୍ତି। ଏହିପରି ରାଜ୍ୟ ସରକାର ନିଜସ୍ୱ ଅର୍ଥରେ କରିବାକୁ ଥିବା ବିଭିନ୍ନ କାର୍ଯ୍ୟ ବନ୍ଦ ରଖିବାକୁ ଆଲୋଚନା କରିଛନ୍ତି। କେବଳ କେନ୍ଦ୍ରୀୟ ଅର୍ଥ ସହାୟତାରେ ହେବାକୁ ଥିବା କାର୍ଯ୍ୟ ସରକାର କରିବାକୁ ନିଷ୍ପତ୍ତି ନେଇଛନ୍ତି। ଅନ୍ୟପଟେ କରୋନା ପ୍ରଭାବ କେନ୍ଦ୍ର ସରକାରଙ୍କ ଉପରେ ପଡିଥିବାରୁ କେନ୍ଦ୍ରୀୟ ଯୋଜନା ବାବଦକୁ ବ୍ୟାପକ ଅର୍ଥ ରାଜ୍ୟକୁ ଆସିବା ବନ୍ଦ ହୋଇଥିବା ଜଣାପଡିଛି। ଏଭଳି ପରିସ୍ଥିତିରେ ଏହାର ପ୍ରଭାବ ସିଧାସଳଖ ଶ୍ରମିକମାନଙ୍କ ଉପରେ ପଡିବାର ଆଶଙ୍କା ରହିଛି।

## ବିବାହ ଦିନ ଯୁବକଙ୍କ ଝୁଲନ୍ତା ମୃତଦେହ ଜଙ୍ଗଲରୁ ଉଦ୍ଧାର

**ବିନିକା, ୨୮।୬(ଡି.ଏନ.ଏ.)**

ବାହାଘର ପାଇଁ ସବୁ ଆୟୋଜନ ସରିଥିଲା। ଘରେ କୁଣିଆଙ୍କ ଭିଡ଼ ଜମିଥିଲା। ହସଖୁସି ସାଙ୍ଗକୁ ଗହଳ ଚହଳ ଲାଗିଥିଲା। ଆଉ କିଛି ଘଣ୍ଟା ପରେ ଯୁବକ ଜଣକ ବର ହୋଇ କନ୍ୟାଘରକୁ ଯାଇଥାନ୍ତେ। ଏଥିପାଇଁ ସରିଥିଲା ସବୁ ପ୍ରସ୍ତୁତି। ହେଲେ ବାହାଘର ଦିନ ଯୁବକଙ୍କ ଝୁଲନ୍ତା ମୃତଦେହ ଗ୍ରାମ ନିକଟବର୍ତ୍ତୀ ସଂରକ୍ଷିତ ଜଙ୍ଗଲରୁ ଉଦ୍ଧାର ହେବା ଘଟଣା ସମ୍ପୃକ୍ତ ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେଇଛି। ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରୀପାଲି ବ୍ଲକ ଏସ.ରାମପୁର ଗ୍ରାମରେ ରବିବାର ଏହି ଅଭାବନୀୟ ଘଟଣା ଘଟିଯାଇଛି। ମୃତ ଯୁବକ ହେଲେ ଭୋଜରାଜ ଓରଫ ପ୍ରସନ୍ନ ମେହେର (୪୧)। ସେ ହେଲେ ଏସ.ରାମପୁର ମେହେରପଡାର ସ୍ୱର୍ଗତ ଗିରିଜା ମେହେରଙ୍କ ପୁଅ। ତାଙ୍କ ବାହାଘର ବରଗଡ଼ ଜିଲା ପଦ୍ମପୁର ସହରର ଶାନ୍ତିନଗରପଡାର ଜଣେ ଯୁବତୀଙ୍କ ସହ ରବିବାର ହେବା ପାଇଁ ଦିନ ଧାର୍ଯ୍ୟ ହୋଇଥିଲା। ତେବେ ଭୋର ୪ ଟାରୁ ପ୍ରସନ୍ନ ଉଠି ବାଇକ୍ ଧରି ବାହାରକୁ ଯାଇଥିଲେ। ସେ କୁଆଡେ ଗଲେ ପରିବାର ଲୋକେ ଖୋଜାଖୋଜି କରିଥିଲେ ହେଁ ସନ୍ଧାନ ପାଇ ନ ଥିଲେ। କିନ୍ତୁ ସକାଳ ୧୦ଟା ବେଳେ ଏସ୍.ରାମପୁର ନିକଟ ସିଂଘିଯୁବା ସଂରକ୍ଷିତ ଜଙ୍ଗଲକୁ ଜାଳେଣି କାଠ ସଂଗ୍ରହ କରିବାକୁ ଯାଇଥିବା କେତେଜଣ ଲୋକ ଏକ ଯୁକାଳି ପଟାସ ଗଛରେ ଜଣେ ଯୁବକ ବେକରେ ରଶି ଲଗାଇ ଝୁଲୁଥିବା ଦେଖି ଗ୍ରାମରେ ଖବର ଦେଇଥିଲେ। ପୋଲିସ ଖବର ପାଇ ମୃତଦେହ ଉଦ୍ଧାର କରିବା ସହ ଘଟଣାସ୍ଥଳରୁ ମୋବାଇଲ ଫୋନ ଓ ବାଇକ୍ ଜବତ କରିଥିଲା। ପୋଲିସ ମୃତଦେହ ବିନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ପୋଲିସ ଏକ ଅପମୃତ୍ୟୁ ମାମଲା (୧୪/୨୦ )ରୁଜୁ କରି ତଦନ୍ତ ଚଳାଇଛି। ତେବେ ପ୍ରସନ୍ନ ଆତ୍ମହତ୍ୟା କରିଛନ୍ତି ନା ତାଙ୍କୁ ହତ୍ୟା କରାଯାଇଛି ପୋଲିସ ସେଥିନେଇ ଖୋଳତାଡ କରୁଛି।



ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ରବିବାର ଦ୍ୱିପ୍ରହରରେ ହୋଇଥିବା ବର୍ଷା।

## ୪ଦିନ ପର୍ଯ୍ୟନ୍ତ ବର୍ଷା, ବଜ୍ରପାତ

**ଭୁବନେଶ୍ୱର, ୨୮।୬(ବ୍ୟୁରୋ)**

**୨ରେ ପ୍ରବଳ ବର୍ଷା, ୪ ଜିଲାକୁ ୟେଲୋ ୱାର୍ନିଂ**

ରାଜ୍ୟରେ ଏବେ ମୌସୁମୀ ଦୁର୍ବଳ ରହିଛି। ତେଣୁ କିଛି ସ୍ଥାନରେ ବର୍ଷା ହେଉଛି। ଏଥିସହ ଗ୍ରୀଷ୍ମ ପ୍ରବାହ ଓ ଗୁଳୁଗୁଳି ଜାରି ରହିଛି। ଆସନ୍ତା ୩ଦିନ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ସ୍ୱଳ୍ପ ପରିମାଣ ବର୍ଷା ହେବାକୁ ଥିବାବେଳେ ଜୁଲାଇ ୨ତାରିଖରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏଥିସହ ଆସନ୍ତା ୪ଦିନ ପର୍ଯ୍ୟନ୍ତ ଅଧିକାଂଶ ଜିଲାରେ ଝଡ଼ତୋଫାନ ଓ ବଜ୍ରପାତ ହେବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ସୂଚନା ଦେଇଛି।

୨୯ ତାରିଖରେ ଉତ୍ତର ଓଡ଼ିଶାର ସମସ୍ତ ଜିଲା ଏବଂ ପଶ୍ଚିମ ଓଡ଼ିଶାର କିଛି ସ୍ଥାନରେ ବର୍ଷା ହେବ। ୩୦ରେ ଓଡ଼ିଶାର ଅନେକ ସ୍ଥାନ, ଜୁଲାଇ ୧ରେ ଆଭ୍ୟନ୍ତରୀଣ ଓଡ଼ିଶାର କିଛି ସ୍ଥାନ ଓ ଉପକୂଳ ଓଡ଼ିଶାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଏବଂ ୨ ତାରିଖରେ ରାଜ୍ୟର ଅଧିକାଂଶ ସ୍ଥାନରେ ବର୍ଷା ହେବ। ତେବେ ଏହି ଦିନ ମାଲକାନଗିରି, କୋରାପୁଟ, ନବରଙ୍ଗପୁର ଓ ଗଜପତି ଆଦି ୪ ଜିଲାରେ ପ୍ରବଳ ବର୍ଷା ହେବ। ଏଥିପାଇଁ ଏସବୁ ଜିଲାକୁ ପାଣିପାଗ କେନ୍ଦ୍ର ୟେଲୋ ୱାର୍ନିଂ ଜାରି କରିଛି।

ସେହିଭଳି ଆସନ୍ତା ୪ଦିନ ପର୍ଯ୍ୟନ୍ତ ଝଡ଼ତୋଫାନ ସହିତ ବଜ୍ରପାତ ହେବ ବୋଲି ପାଣିପାଗ କେନ୍ଦ୍ର ସତର୍କ ସୂଚନା ଜାରି କରିଛି। ୨୯ ତାରିଖରେ ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ଦେବଗଡ଼, ଅନୁଗୋଳ, ଢେଙ୍କାନାଳ, ରାୟଗଡ଼ା, କନ୍ଧମାଳ, କଳାହାଣ୍ଡି, ବଲାଙ୍ଗୀର, ଝାରସୁଗୁଡ଼ା ଓ ବରଗଡ଼ ଜିଲା, ୩୦ରେ ବଲାଙ୍ଗୀର, ବରଗଡ଼, ସୋନପୁର, ନୂଆପଡ଼ା, ସମ୍ବଲପୁର, ଦେବଗଡ଼, ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼, ଝାରସୁଗୁଡ଼ା, ଗଞ୍ଜାମ, ଗଜପତି, କଳାହାଣ୍ଡି, କନ୍ଧମାଳ ଓ ରାୟଗଡ଼ା ଜିଲାରେ ଝଡ଼ତୋଫାନ ସହ ବଜ୍ରପାତ ହେବ। ସେହିଭଳି ଜୁଲାଇ ୧ରେ ସୁନ୍ଦରଗଡ଼, କେନ୍ଦୁଝର, ଝାରସୁଗୁଡ଼ା, ମୟୂରଭଞ୍ଜ, ବରଗଡ଼, ସମ୍ବଲପୁର, ଦେବଗଡ଼, କନ୍ଧମାଳ, କଳାହାଣ୍ଡି, ବଲାଙ୍ଗୀର, ନୂଆପଡ଼ା, ରାୟଗଡ଼ା, ଗଜପତି, ନବରଙ୍ଗପୁର ଓ କୋରାପୁଟ ଏବଂ ୨ ତାରିଖରେ କୋରାପୁଟ, ରାୟଗଡ଼ା, ନବରଙ୍ଗପୁର, କଳାହାଣ୍ଡି, କନ୍ଧମାଳ, ପୁରୀ, ନୟାଗଡ଼, ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ସମ୍ବଲପୁର, ଗଜପତି ଓ ଗଞ୍ଜାମ ଆଦି ଜିଲାରେ ଝଡ଼ତୋଫାନ ସହ ବଜ୍ରପାତ ହେବ। ଏଥିପାଇଁ ଏହି ୪ଦିନ ପର୍ଯ୍ୟନ୍ତ ଏସବୁ ଜିଲାକୁ ୟେଲୋ ୱାର୍ନିଂ ଜାରି କରିଛି ପାଣିପାଗ କେନ୍ଦ୍ର।

ଅନ୍ୟପକ୍ଷରେ ରବିବାର ମଧ୍ୟ ରାଜ୍ୟର କିଛି ସ୍ଥାନରେ ପ୍ରବଳ ବର୍ଷା ହୋଇଛି। ବାରିପଦାରେ ସର୍ବାଧିକ ୨୨.୪ ମିମି ବର୍ଷା ହୋଇଥିବାବେଳେ ଭୁବନେଶ୍ୱରରେ ୧୮.୧, କଟକରେ ୧୮, ଚାନ୍ଦବାଲି ୧୬, ଟିଟିଲାଗଡ଼ ୧୪, ଛତ୍ରପୁର ୧୦, ଗୋପାଳପୁରରେ ୮ ମିମି ବର୍ଷା ରେକର୍ଡ କରାଯାଇଛି। ଏହାଛଡ଼ା ରାୟଗଡ଼ା, ଗଜପତି, କନ୍ଧମାଳ, ବୌଦ୍ଧ, ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ ଜିଲାରେ ମଧ୍ୟ ବର୍ଷା ହୋଇଥିବା ସୂଚନା ମିଳିଛି।

## ୬ ସାହି କଣ୍ଟେନ୍‌ମେଣ୍ଟ ଜୋନ୍ ଘୋଷଣା

**ବ୍ରହ୍ମପୁର ଅଫିସ, ୨୮।୬**

ବ୍ରହ୍ମପୁରର ୬ ସାହିକୁ ରବିବାର ବ୍ରହ୍ମପୁର ମହାନଗର ନିଗମ ପକ୍ଷରୁ କଣ୍ଟେନ୍‌ମେଣ୍ଟ ଜୋନ ଭାବେ ଘୋଷଣା କରିଛି। ସେଗୁଡିକ ହେଲା ୪ନଂ. ୱାର୍ଡ ସାହୁ କଲୋନୀ, ଭାବାନଗର ୪ର୍ଥ ଲାଇନ, ତୁଳସୀନଗର ୬ଷ୍ଠ ଲାଇନ୍, ଆକାଶବାଣୀ କେନ୍ଦ୍ର ସମୁଖସ୍ଥ ବ୍ୟାଙ୍କ କଲୋନୀ ପ୍ରଥମ ଲାଇନ, ଗାନ୍ଧୀନଗର ଓ ବର୍ମାକଲୋନୀ ଅଞ୍ଚଳ। ଉକ୍ତ ଅଞ୍ଚଳର କେତେଜଣଙ୍କଠାରେ କରୋନା ଲକ୍ଷଣ ଚିହ୍ନଟ ହେବା ପରେ ଏଗୁଡିକୁ କଣ୍ଟେନ୍‌ମେଣ୍ଟ ଜୋନ ଭାବେ ଘୋଷଣା କରାଯାଇଥିବା ବିଏମ୍‌ସି ପକ୍ଷରୁ ସୂଚନା ଦିଆଯାଇଛି। ଉକ୍ତ ଅଞ୍ଚଳକୁ ସାଧାରଣ ଲୋକଙ୍କ ପ୍ରବେଶ ନିଷେଧ କରାଯାଇଥିବା ବେଳେ କଣ୍ଟେନ୍‌ମେଣ୍ଟ ଜୋନ ଅଞ୍ଚଳର ସମସ୍ତ ପରିବାରକୁ ପୁନଃ ନିର୍ଦ୍ଦେଶ ପର୍ଯ୍ୟନ୍ତ ହୋମ୍ କ୍ୱାରାଣ୍ଟାଇନ୍‌ରେ ରହିବାକୁ କୁହାଯାଇଛି। ଏଥି ସହ ଉକ୍ତ ଅଞ୍ଚଳରେ ସମସ୍ତ ଦୋକାନ, ଶିକ୍ଷାନୁଷ୍ଠାନ ବନ୍ଦ ରଖିବାକୁ ବିଏମ୍‌ସି ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଛି। ସମସ୍ତ କଣ୍ଟେନ୍‌ମେଣ୍ଟ ଜୋନ୍ ଅଞ୍ଚଳକୁ ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଇବା ନେଇ ବିଏମ୍‌ସି ପକ୍ଷରୁ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି।

## ଗୋହତ୍ୟା ଅଭିଯୋଗରେ ଜଣେ ଗିରଫ, ୨ ଫେରାର

**ମାଲକାନଗିରି, ୨୮।୬ (ଡି.ଏନ୍.ଏ.)**

ମାଲକାନଗିରି ପୌର ପରିଷଦ ଅଞ୍ଚଳ ଏମ୍‌ଭି-୨ ଗ୍ରାମରେ ଶନିବାର ସନ୍ଧ୍ୟାରେ ଗୋମାଂସ ବିକ୍ରି ହେଉଥିଲା। ଖବରପାଇ ମାଲକାନଗିରି ପୋଲିସ ପହଞ୍ଚି ଗୋମାଂସ ଜବତ କରିବା ସହ ଜଣଙ୍କୁ ଗିରଫ କରିଛି। ଏଥିରେ ସମ୍ପୃକ୍ତ ଅନ୍ୟ ୨ଜଣ ଘଟଣା ସ୍ଥଳରୁ ଫେରାର ହୋଇଯାଇଛନ୍ତି। ଗିରଫ ବ୍ୟକ୍ତି ଜଣକ ହେଲେ କୁମାର ହରିଜନ।

## ୪ ନୂଆ ଖଣି ଲିଜ ଚୁକ୍ତିନାମା ସ୍ୱାକ୍ଷରିତ

**କେନ୍ଦୁଝର, ୨୮।୬ (ସ୍ୱ.ପ୍ର.)**

ନୂଆ ଖଣି ନିଲାମ ପରେ ପ୍ରଥମଥର ପାଇଁ ଗତ ଶନିବାର ୪ଟି ଖଣିର ଲିଜ ଡିଡ ଜିଲା ପ୍ରଶାସନ ଓ କମ୍ପାନୀଗୁଡ଼ିକ ମଧ୍ୟରେ ସ୍ୱାକ୍ଷରିତ ହୋଇଛି। କମ୍ପାନୀମାନେ ସେ ବାବଦକୁ ଷ୍ଟାମ୍ପ ଡ୍ୟୁଟି ଦାଖଲ କରିଥିବା ଜଣାପଡିଛି। ଖଣି ୪ଟି ମଧ୍ୟରୁ ଜେଏସ୍‌ଡବ୍ଲ୍ୟୁର ୨ଟି, ଆର୍ସେଲର ମିତ୍ତଲର ଗୋଟିଏ ଏବଂ ଦେବବ୍ରତ ବେହେରାଙ୍କ କାସ୍‌ଭି ଇଣ୍ଟରନ୍ୟାଶନାଲର ଗୋଟିଏ ଖଣିର ଲିଜ୍ ସ୍ୱାକ୍ଷରିତ ହୋଇଛି।

ସମୁଦାୟ ୧୧ ଖଣିର ନିଲାମ ସରିଥିବା ବେଳେ ପ୍ରଥମ ପର୍ଯ୍ୟାୟରେ ଲିଜ୍ ଗ୍ରାଣ୍ଟ ହୋଇଥିବା ୪ ଖଣିର ଲିଜ୍ ଡିଡ୍ ସ୍ୱାକ୍ଷରିତ ହୋଇଛି। ସେଗୁଡିକ ହେଲା କାସ୍‌ଭିର ସିଲିଯୋଡା-କାଳିମାଟି ଖଣି, ଆର୍ସେଲର ମିତ୍ତଲର ଠାକୁରାଣୀ ଖଣି, ଜେଏସ୍‌ଡବ୍ଲ୍ୟୁର ଜଜାଙ୍ଗ ଖଣି ଓ ନୂଆଗାଁ ଖଣି। ଆସନ୍ତା ସପ୍ତାହରେ ଇଂ.ଦେବବ୍ରତ ବେହେରାଙ୍କ ଅନ୍ୟ ଏକ ଖଣି, ସନାତନ ମହାକୁଡଙ୍କ ଗୋଟିଏ ଖଣି, ସିରାଜଉଦ୍ଦିନ କମ୍ପାନୀର ଗୋଟିଏ ଖଣି ସମେତ କେତେକ କମ୍ପାନୀ ପାଇଥିବା ଖଣିର ଲିଜ ଡିଡ ସ୍ୱାକ୍ଷରିତ ହେବ ବୋଲି ଜଣାପଡିଛି। ବିଳମ୍ବିତ ରାତି ପର୍ଯ୍ୟନ୍ତ ସବ୍‌ରେଜିଷ୍ଟ୍ରାର ଅଫିସରେ କମ୍ପାନୀ ମାଳିକ ଓ ବରିଷ୍ଠ ଅଧିକାରୀମାନଙ୍କ ଉପସ୍ଥିତିରେ ଏହି ଲିଜ୍ ଡିଡ୍ ଦସ୍ତଖତ ହୋଇଛି। କରୋନା ଲକଡାଉନ ପାଇଁ ଲିଜ୍ ଡିଡ୍ ଦସ୍ତଖତରେ ବିଳମ୍ବ ହୋଇଥିଲେ ହେଁ ନୂଆ ଖଣି ଲିଜ୍ ପାଇଁ କମ୍ପାନୀମାନେ କାର୍ଯ୍ୟ ଆରମ୍ଭ କରିବା ପାଇଁ ବେଶ ଉତ୍ସାହିତ ହୋଇଛନ୍ତି। ଜିଲାପାଳ ଆଶିଷ ଠାକରେ କହିଛନ୍ତି ଯେ, ବର୍ତ୍ତମାନ ୪ଟି ଖଣି ଲିଜ କାର୍ଯ୍ୟକାରୀ ହୋଇଛି। ଅନ୍ୟମାନଙ୍କ ଖଣି ବିଭାଗରୁ ଖଣି ଲିଜ ଗ୍ରାଣ୍ଟ ପରେ ଡିଡ ଦସ୍ତଖତ କରାଯିବ। ଏନେଇ ଲିଜଧାରୀ ଇଂ. ବେହେରା କହିଛନ୍ତି ଯେ, ଖଣି ଲିଜ ପାଇବା ପରେ ଲିଜ ଡିଡ ଦସ୍ତଖତ କରି ଆବଶ୍ୟକ ଷ୍ଟାମ୍ପ ଡ୍ୟୁଟି ଜମା କରିଛୁ। ତେବେ ଖୁବଶୀଘ୍ର ଅନ୍ୟ ସବୁ ଅନୁମତି ମିଳିବା ପରେ ଖଣି କାର୍ଯ୍ୟ ଆରମ୍ଭ କରିବୁ ବୋଲି ଆଶା ରଖିଛୁ।

## ସ୍ୱାବ୍ ପରୀକ୍ଷା ପରେ ପୀଡ଼ିତା ନାବାଳିକାଙ୍କୁ ଭେଟିବେ ମା'

**ସୁନ୍ଦରଗଡ, ୨୮।୬ (ଡି.ଏନ୍.ଏ)**


ସୁନ୍ଦରଗଡ ଜିଲା ବୀରମିତ୍ରପୁର ଥାନାରେ ବଳାତ୍କାରର ଶିକାର ହୋଇଥିବା ପୀଡିତା ନାବାଳିକାଙ୍କ ମା' ଦିଲ୍ଲୀରୁ ଫେରିବା ପରେ ତାଙ୍କୁ କ୍ୱାରାଣ୍ଟାଇନ ସେଣ୍ଟରରେ ରଖାଯାଇଛି। ଜିଲା ଶିଶୁମଙ୍ଗଳ ସମିତି ପକ୍ଷରୁ ନାବାଳିକାଙ୍କ ସହ ତାଙ୍କ ମା'ଙ୍କୁ ସାକ୍ଷାତ କରାଇବା ପାଇଁ ଚେଷ୍ଟା କରାଯାଇଥିଲେ ମଧ୍ୟ ତାହା ସମ୍ଭବ ହୋଇପାରିନାହିଁ। ସୁନ୍ଦରଗଡ ଜିଲା ସ୍ୱାସ୍ଥ୍ୟ ବିଭାଗର ଏକ ସ୍ୱତନ୍ତ୍ର ଟିମ୍ ପୀଡିତା ନାବାଳିକାଙ୍କ ମା'ଙ୍କ ସ୍ୱାବ୍ ସଂଗ୍ରହ ପାଇଁ ସୋମବାର ବୀରମିତ୍ରପୁର ଯିବେ। ସ୍ୱାବ୍ ରିପୋର୍ଟ ଆସିବା ପରେ ତାଙ୍କ ମା' ପୀଡିତା ନାବାଳିକାଙ୍କୁ ଭେଟି ପାରିବେ ବୋଲି ଜିଲା ମୁଖ୍ୟ ଚିକିତ୍ସାଧିକାରୀ ସରୋଜ କୁମାର ମିଶ୍ର ପ୍ରକାଶ କରିଛନ୍ତି। ଅପରପକ୍ଷେ ନାବାଳିକାଙ୍କ ଗର୍ଭପାତ କରାଇଥିବା ଡାକ୍ତର ଫେରାର ନ ଥିବା ଏବଂ ସେ ବୀରମିତ୍ରପୁର ହାତିବାରି ସ୍ୱାସ୍ଥ୍ୟକେନ୍ଦ୍ର ଦାୟିତ୍ୱରେ ରହି ଡ୍ୟୁଟି କରୁଥିବା ମିଶ୍ର କହିଛନ୍ତି। ଅନ୍ୟପକ୍ଷେ ଏହି ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତ ମାନଙ୍କୁ ଆସନ୍ତା ୩୦ତାରିଖ ସୁଦ୍ଧା ଗିରଫ କରା ନ ଗଲେ ବୀରମିତ୍ରପୁର ବନ୍ଦ ଡାକରା ଦିଆଯିବ ବୋଲି ବୀରମିତ୍ରପୁରର ପୂର୍ବତନ ବିଧାୟକ ଜର୍ଜ ତିର୍କୀ ଚେତାବନୀ ଦେଇଛନ୍ତି।

## ବିଜୟକେତନଙ୍କ ନିଲମ୍ବନ ଆଦେଶ ଉଠିଲା

**ଭୁବନେଶ୍ୱର, ୨୮।୬(ବ୍ୟୁରୋ)**

**ରାଜସ୍ୱପର୍ଷଦ ସଚିବ ଦାୟିତ୍ୱ ତୁଲାଇବେ**

୧ଲକ୍ଷ ଟଙ୍କା ଲାଞ୍ଚ ନେବାବେଳେ ଭିଜିଲାନ୍ସ ହାତରେ ଧରାପଡି ଆଇଏଏସ୍ ଅଫିସର ବିଜୟକେତନ ଉପାଧ୍ୟାୟଙ୍କୁ ରାଜ୍ୟ ସରକାର ଗତ ଡିସେମ୍ବର ୩୦ରେ ନିଲମ୍ବନ କରିଥିଲେ। ୨୦୦୯ ବ୍ୟାଚର ଏହି ଆଇଏଏସ ଅଫିସର ସେତେବେଳେ ଉଦ୍ୟାନ କୃଷି ବିଭାଗର ନିର୍ଦ୍ଦେଶକ ଥିଲେ। ଏକ ବିଲ୍ ପାସ କରାଇବା ଲାଗି ଲାଞ୍ଚ ନେଉଥିବା ସମୟରେ ଭିଜିଲାନ୍ସ ତାଙ୍କୁ ଧରିବା ସହିତ ତାଙ୍କଠାରୁ ଟଙ୍କା ଜବତ କରିଥିଲା। ତେବେ ମିଳିଥିବା ସୂଚନା ମୁତାବକ, ବିଜୟକେତନଙ୍କ ନିଲମ୍ବନ ଆଦେଶକୁ ଶନିବାର ରାଜ୍ୟ ସରକାର ଉଠାଇ ଦେଇଛନ୍ତି। ତାଙ୍କୁ ଏବେ ରାଜସ୍ୱ ପର୍ଷଦର ସଚିବ ଭାବେ ନୂତନ ନିଯୁକ୍ତି ଦିଆଯାଇଛି। ବିଜୟଙ୍କୁ ଏହି ନୂଆ ଦାୟିତ୍ୱ ମିଳିଥିବା ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ଜଣାପଡିଛି। ଗତ ଶନିବାର କେତେଜଣ ନୂଆ ଆଇଏଏସ ଅଫିସରଙ୍କୁ ରାଜ୍ୟ ସରକାର ବଦଳି କରିଥିବାବେଳେ ବିଜୟକେତନଙ୍କୁ ରାଜସ୍ୱ ପର୍ଷଦ ସଚିବ ଭାବେ ନିଯୁକ୍ତ କରିଛନ୍ତି। ଲାଞ୍ଚ ନେବା ଘଟଣାରେ ଗିରଫ ହୋଇ ପାଖାପାଖି ଦେଢ ମାସ ଜେଲରେ ରହିବା ପରେ ବିଜୟ ଗତ ଫେବୃୟାରୀ ୩ରେ ହାଇକୋର୍ଟରୁ ବେଲ୍ ପାଇଥିଲେ। ଏହାପରେ ଏବେ ସରକାର ତାଙ୍କ ନିଲମ୍ବନ ଆଦେଶ ଉଠାଇ ନୂଆ ଦାୟିତ୍ୱ ପ୍ରଦାନ କରିଛନ୍ତି।



ବିଜୟକେତନ ଉପାଧ୍ୟାୟ

# ସିଡିଏ ସେକ୍ଟର-୯ କଣ୍ଟେନ୍‌ମେଣ୍ଟ ଜୋନ୍

**କଟକ ଅଫିସ, ୨୮।୬**

- ବିପଦ ବଢ଼ାଇଲେ ଆକ୍ରାନ୍ତ ପୋଲିସ ଅଧିକାରୀ
- ସମସ୍ତ ସରକାରୀ, ବେସରକାରୀ କାର୍ଯ୍ୟାଳୟ ବନ୍ଦ

କଟକ ସିଡିଏ ସେକ୍ଟର-୯ରୁ ଜଣେ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ କଟକ ମହାନଗର ନିଗମ (ସିଏମ୍‌ସି) ରବିବାର ଏହି ଅଞ୍ଚଳକୁ କଣ୍ଟେନ୍‌ମେଣ୍ଟ ଜୋନ୍ ଘୋଷଣା କରିଛି। ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ଅଞ୍ଚଳରେ ସମସ୍ତ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ବନ୍ଦ ରହିବ ବୋଲି ସିଏମ୍‌ସି ସୂଚନା ଦେଇଛି। ଦକ୍ଷିଣରେ ମୁଖ୍ୟରାସ୍ତା ସମ୍ମୁଖ ପ୍ଲଟ୍ ନଂ ଡି-୪୭ରୁ ଡି-୪୯, ପଶ୍ଚିମରେ ପ୍ଲଟ୍ ନମ୍ବର ଡି-୧ରୁ ଡି-୪୯, ଉତ୍ତରରେ ଆମ୍ବତୋଟା ରାସ୍ତାର ଡି-୧ରୁ ବି-୩୪ ଏବଂ ପୂର୍ବରେ ପ୍ଲଟ୍ ନମ୍ବର ବି-୩୫ର ପଛପାଖରୁ ଏ-୪୬ ପର୍ଯ୍ୟନ୍ତ ଅଞ୍ଚଳକୁ କଣ୍ଟେନ୍‌ମେଣ୍ଟ ଜୋନ୍ ଘୋଷଣା କରାଯାଇଛି।

ସିଏମ୍‌ସି କମିଶନର ଅନନ୍ୟା ଦାସ କହିଛନ୍ତି ଯେ, ସିଡିଏ ସେକ୍ଟର-୯ ଅଞ୍ଚଳରୁ ଜଣେ ପୋଲିସ ଅଧିକାରୀ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହି ଅଞ୍ଚଳ ଜନଗହଳିପୂର୍ଣ୍ଣ ହୋଇଥିବା ଯୋଗୁ ସଂକ୍ରମଣ ବ୍ୟାପିବାର ଆଶଙ୍କା ରହିଛି। ଏଣୁ ଆକ୍ଟିଭ୍ ଟ୍ରେସିଂର ଆବଶ୍ୟକତା ହେଉଛି। ବାହାର ଅଞ୍ଚଳରୁ ଲୋକଙ୍କ ପ୍ରବେଶ ଓ ଏହି ଅଞ୍ଚଳରୁ ବାହାରକୁ ଯିବା ଉପରେ କଟକଣା ଜାରି କରିବା ପାଇଁ ଏହାକୁ କଣ୍ଟେନ୍‌ମେଣ୍ଟ ଜୋନ୍ କରାଯାଇଛି। କଣ୍ଟେନ୍‌ମେଣ୍ଟ ଅଞ୍ଚଳରେ ସମସ୍ତ ପ୍ରକାର ଗତିବିଧି ବାରଣ ରହିଛି। ଗାଡ଼ି ଚଳାଚଳ ଓ ସାଧାରଣ ଲୋକଙ୍କ ଚଳପ୍ରଚଳ ମନା ହୋଇଛି। ଅଞ୍ଚଳର ସମସ୍ତ ବାସିନ୍ଦାଙ୍କୁ ଘରେ ରହିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସମସ୍ତ ପ୍ରକାର ବ୍ୟାବସାୟିକ ପ୍ରତିଷ୍ଠାନ ସହ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ବନ୍ଦ ରହିବ। ସିଏମ୍‌ସି ପକ୍ଷରୁ ଅତ୍ୟାବଶ୍ୟକ ସାମଗ୍ରୀ ଓ ମେଡିକାଲଜନିତ ଆବଶ୍ୟକତା ଯୋଗାଇ ଦିଆଯିବ। ଏଥିପାଇଁ କେତେକ ଟିମ୍ ଗଠନ କରାଯାଇଛି। ପରିମଳ ପାଇଁ ସ୍ୱାସ୍ଥ୍ୟ ଅଧିକାରୀ ଡା. ସତ୍ୟବ୍ରତ ମହାପାତ୍ର (୯୪୩୭୨୨୬୨୫୨)ଙ୍କୁ ଦାୟିତ୍ୱ ଦିଆଯାଇଥିବା ବେଳେ ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଣ ପାଇଁ ଏନ୍‌ଫୋର୍ସମେଣ୍ଟ ଅଫିସର୍ ସରୋଜ ଆଚାର୍ଯ୍ୟ (୯୩୩୭୬୨୧୫୭୪) ଏବଂ ଏସ୍‌ଓ ରଞ୍ଜିତ ସାହୁ (୯୪୩୭୨୭୩୮୪୩)ଙ୍କୁ ଦାୟିତ୍ୱ ଦିଆଯାଇଛି। ସେହିଭଳି ସ୍ୱାସ୍ଥ୍ୟଗତ ଆବଶ୍ୟକତା ପାଇଁ ବିଡ଼ାନାସୀ ମେଡିକାଲ ଅଫିସର୍ ଡା. ଶାଶ୍ୱତ ମହାପାତ୍ର (୮୧୪୪୬୬୪୪୭୩), ସିଡିଏ ସହରାଞ୍ଚଳ ପ୍ରାଥମିକ ଚିକିତ୍ସାକେନ୍ଦ୍ର ଅଧୀକ୍ଷକ ଡା. କାନ୍ତି ନାୟକ (୯୪୩୭୬୬୬୪୫୨) ଏବଂ ଫାର୍ମାସିଷ୍ଟ ନୀହାର ରଞ୍ଜନ ପୃଷ୍ଟି (୯୪୩୯୯୯୫୧୯୩)ଙ୍କୁ ଦାୟିତ୍ୱ ଦିଆଯାଇଛି। ଉଲ୍ଲେଖଯୋଗ୍ୟ, ବଡ଼ମ୍ବା ଥାନାର ଜଣେ ପୋଲିସ ଅଧିକାରୀ ସିଡିଏ ସେକ୍ଟର-୯ସ୍ଥିତ ନିଜ ଘରେ ରହୁଥିଲେ। ଶନିବାର ତାଙ୍କ ରିପୋର୍ଟ ପଜିଟିଭ୍ ଆସିଥିଲା। ଆକ୍ରାନ୍ତ ଚିହ୍ନଟ ହେବା ପରେ ରବିବାର ଅଞ୍ଚଳକୁ ବିଶୋଧନ କରାଯାଇଛି।



**ଆଜିର ମନ୍ତବ୍ୟ**

"ଲଦାଖରେ ଆମ ଭୂଖଣ୍ଡ ଉପରେ ନଜର ପକାଇଥିବା ଲୋକଙ୍କୁ ଭାରତ ମୁହଁତୋଡ଼ ଜବାବ ଦେଇଛି।
**-ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ**


## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ: ......................................
ଜନ୍ମ ତାରିଖ: ..............................


ରାଜ୍ ପରିବାରବର୍ଗ


ଗୁଞ୍ଜୀ ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# 'ଆମେ ଗୋଷ୍ଠୀ ସଂକ୍ରମଣ ଆଡ଼େ ଗତି କରୁଛେ'

**ଭୁବନେଶ୍ୱର, ୨୮।୬(ବ୍ୟୁରୋ)**

ଦେଶ ଓ ରାଜ୍ୟରେ କରୋନା ସ୍ଥିତି ବିଗିଡ଼ିବାରେ ଲାଗିଛି। ଆକ୍ରାନ୍ତଙ୍କ ସଂଖ୍ୟା ଯେଉଁଭଳି ଭାବେ ବଢ଼ୁଛି, ଆଗକୁ ଗୋଷ୍ଠୀ ସଂକ୍ରମଣ ହୋଇପାରେ ବୋଲି ଆଶଙ୍କା କରାଯାଉଛି। ତେଣୁ ବର୍ତ୍ତମାନ ସାବଧାନତା ଜରୁରୀ। ପୂର୍ବଭଳି କଟକଣା ଜାରି ରହିବା ଉଚିତ। ସପ୍ତାହକୁ ଦୁଇଦିନ ଶନିବାର ଓ ରବିବାର ଶଟ୍‌ଡାଉନ୍ ଜାରି ରଖିବାର ଆବଶ୍ୟକତା ରହିଛି ବୋଲି ଭୁବନେଶ୍ୱର ଏମ୍ସର ପୂର୍ବତନ ନିର୍ଦ୍ଦେଶକ ଡା. ଅଶୋକ ମହାପାତ୍ର କହିଛନ୍ତି। ରାଜ୍ୟରେ କରୋନା ସଂକ୍ରମଣକୁ ନେଇ ଡା. ମହାପାତ୍ର କହିଛନ୍ତି ଯେ, ଏବେ ବି ଆମେ ସମସ୍ତଙ୍କର କଣ୍ଟାକ୍ଟ ଟ୍ରେସିଂ କରିପାରୁନେ। ତେଣୁ ହୁଏତ ଆମେ ଗୋଷ୍ଠୀ ସଂକ୍ରମଣ ଆଡ଼କୁ ଗତି କରୁଛେ ବୋଲି ଆଶଙ୍କା କରିବା ଉଚିତ୍। ସରକାରୀ ଅଫିସ ହେଉ କି ପ୍ରାଇଭେଟ୍, ସବୁଠି ଅଳ୍ପ ଲୋକ ବ୍ୟବହାର କରି ଦୁଇଟି ସିଫ୍ଟରେ କାମ କରାଯିବାର ଆବଶ୍ୟକତା ରହିଛି। ବସ୍ତିରେ ଆହୁରି ସଂକ୍ରମଣ ବଢ଼ିବାର ସମ୍ଭାବନା ରହିଛି। ତେଣୁ ଏଥିପ୍ରତି ବିଶେଷ ନଜର ଦେବା ଆବଶ୍ୟକ। ଜୁଲାଇ କି ଅଗଷ୍ଟ, କେଉଁ ମାସରେ କରୋନା ମିଟର ବଢ଼ିବ ତାହା କହିବା ବଡ଼ ମୁସ୍କିଲ ବୋଲି ସେ କହିଛନ୍ତି।

# ୯ରୁ ବିପିୟୁଟି ଫାଇନାଲ ସେମିଷ୍ଟର

**ଭୁବନେଶ୍ୱର, ୨୮।୬(ବ୍ୟୁରୋ)**

ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟ(ବିପିୟୁଟି)ର ଫାଇନାଲ ସେମିଷ୍ଟର ପାଇଁ ସମ୍ଭାବ୍ୟ ତାଲିକା ପ୍ରକାଶ ପାଇଛି। ଜୁଲାଇ ୯ରୁ ଅନ୍‌ଲାଇନ ପରୀକ୍ଷା ହେବା ନେଇ ତାରିଖ ଘୋଷଣା ହୋଇଛି। ଏହି ପରୀକ୍ଷା ୨୯ ତାରିଖ ପର୍ଯ୍ୟନ୍ତ ଚାଲିବ। ଦୁଇଟି ସିଫ୍ଟରେ ପରୀକ୍ଷା ହେବ। ପ୍ରଥମ ସିଫ୍ଟ ପୂର୍ବାହ୍ନ ୧୦ଟାରୁ ମଧ୍ୟାହ୍ନ ୧୨ଟା ଯାଏ ଓ ଦ୍ୱିତୀୟ ସିଫ୍ଟ ଅପରାହ୍ନ ୨ଟାରୁ ୪ଟା ପର୍ଯ୍ୟନ୍ତ ହେବ। ତେବେ ଏହି ପରୀକ୍ଷା ପାଇଁ ଛାତ୍ରୀଛାତ୍ରଙ୍କୁ ଆବେଦନ କରିବାକୁ ପଡ଼ିବ। ବି-ପ୍ଲାନ ଓ ବି-ଆର୍କିଟେକ୍ଟ ପାଇଁ ଜୁଲାଇ ୫ ଆବେଦନର ଶେଷ ତାରିଖ ଥିବାବେଳେ ୯ରୁ ୧୧ ତାରିଖ ମଧ୍ୟରେ ପରୀକ୍ଷା ହେବ। ସେହିପରି ବି-ଫାର୍ମା ପାଇଁ ୭ ତାରିଖ ଆବେଦନର ଶେଷ ତାରିଖ ରହିଛି ଏବଂ ୧୩ରୁ ୧୭ ପର୍ଯ୍ୟନ୍ତ ପରୀକ୍ଷା ଅନୁଷ୍ଠିତ ହେବ। ଏମ୍‌ବିଏ ରେଗୁଲାର ପରୀକ୍ଷା ପାଇଁ ଜୁଲାଇ ୧୧ ସୁଦ୍ଧା ଆବେଦନ କରିବେ। ଏହାର ପରୀକ୍ଷା ୧୭ରୁ ୨୫ ତାରିଖ ପର୍ଯ୍ୟନ୍ତ ହେବ। ସେହିପରି ଏମ୍‌ଟେକ୍ ପାଇଁ ୧୩ ତାରିଖ ସୁଦ୍ଧା ଆବେଦନ କରିବାକୁ ଥିବାବେଳେ ୨୦ରୁ ୨୭ ତାରିଖ ପର୍ଯ୍ୟନ୍ତ ପରୀକ୍ଷା ହେବ। ତେବେ ଏସବୁ ବିଷୟର ପରୀକ୍ଷା ପୂର୍ବରୁ ଛାତ୍ରୀଛାତ୍ରଙ୍କ ମକ୍ ଟେଷ୍ଟର ବ୍ୟବସ୍ଥା କରାଯାଇଛି। ଏ ନେଇ ବିପିୟୁଟି ପକ୍ଷରୁ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି।

## ପ୍ରଥମ ପୃଷ୍ଠାରୁ...

### ଛଟୁ ବିକୁଥିବା ଭଉଣୀଭାଇଙ୍କ ...

ଭଉଣୀ ବୈଶାଖୀ ଓ ପମ୍ପୁ ଗୁରୁତର ହୋଇଥିଲେ। ସେହିପରି ଗାଡ଼ିରେ ଥିବା ୪ ବରଯାତ୍ରୀ ମଧ୍ୟ ଆହତ ହୋଇଥିଲେ। ଖବରପାଇ ନିଶା ଥାନା ଅଧିକାରୀ ପ୍ରୀତିମଞ୍ଜରୀ ମେଣ୍ଡୁଲି ପହଞ୍ଚି ଗୁରୁତର ଦୁଇ ଶିଶୁଙ୍କ ସହ ସ୍କର୍ପିଓରେ ଥିବା ଭୁବନେଶ୍ୱର ଝାରପଡା ଅଞ୍ଚଳର ଅଜିତ କୁମାର ଜଗଦେବ ରାଏ, ଦୀପକ କୁମାର ଶତପଥୀ, ଲକ୍ଷ୍ମୀସାଗର ଅଞ୍ଚଳର ପ୍ରୀତିଶ କୁମାର ପାଢି ଓ ରସୁଲଗଡ ଅଞ୍ଚଳର ବିଶ୍ୱଜିତ ଜଗଦେବଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ବୈଶାଖୀଙ୍କର ମୃତ୍ୟୁ ଘଟିଥିଲା। ଦୁର୍ଘଟଣା ପରେ ଉତ୍ତେଜନା ପ୍ରକାଶ ପାଇଥିଲା।


ଦୁର୍ଘଟଣା ଘଟାଇ ଜଙ୍ଗଲ ମଧ୍ୟକୁ ଗାଡ଼ିଟି ପଶିଯାଇଛି।

ଉତ୍ତ୍ୟକ୍ତ ଲୋକମାନେ ଗାଡ଼ିରେ ଥିବା ଯୁବକମାନଙ୍କୁ ମାରଧର କରିଥିଲେ। ଏଥିସହ କ୍ଷତିପୂରଣ ଦାବିରେ ରାଜପଥ ଅବରୋଧ କରିଥିଲେ। ଥାନା ଅଧିକାରୀ ଓ ରାଇଝରଣର ପୂର୍ବତନ ସରପଞ୍ଚ ପତିତପାବନ ଦେହୁରୀ ଏବଂ ଭଦ୍ରବ୍ୟକ୍ତିମାନେ ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିବା ସହ ନିୟମାନୁଯାୟୀ କ୍ଷତିପୂରଣ, ରେଡ୍‌କ୍ରସ୍‌ରୁ ସହାୟତା ଯୋଗାଇଦେବା ପାଇଁ ପ୍ରତିଶ୍ରୁତି ଦେବା ପରେ ଅପରାହ୍ନ ସାଢେ ୪ଟାରେ ରାସ୍ତାରୋକୋ ହଟିଥିଲା। ଦୁର୍ଘଟଣା ଘଟାଇଥିବା ଗାଡ଼ି ଚାଳକ ଫେରାର ହୋଇଯାଇଥିବା ବେଳେ ପୋଲିସ ଗାଡିକୁ ଜବତ କରି ଘଟଣାର ତଦନ୍ତ କରୁଛି। ସୋମବାର ମୃତଦେହ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ଥାନା ଅଧିକାରୀ ପ୍ରୀତିମଞ୍ଜରୀ ମେଣ୍ଡୁଲୀ ପ୍ରକାଶ କରିଛନ୍ତି।

## ପ୍ରଥମ ପୃଷ୍ଠାରୁ...

### କରୋନା ନେଲା ...

କଟକ ଓ ଖୋର୍ଦ୍ଧା ଜିଲାରେ ଜଣେ ଲେଖାଏ ରହିଛନ୍ତି। ଗଞ୍ଜାମରେ ୭୫ବର୍ଷ ବୟସ୍କ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଥିବାବେଳେ ସେ ମଧୁମେହ ଓ ଉଚ୍ଚ ରକ୍ତଚାପ ରୋଗରେ ପୀଡ଼ିତ ଥିଲେ। କଟକ ଜିଲାର ମୃତକ ଜଣକ ୬୫ ବର୍ଷୀୟ ପୁରୁଷ ହୋଇଥିବାବେଳେ ତାଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଛି। ସେ ମଧ୍ୟ ମଧୁମେହ, ଉଚ୍ଚ ରକ୍ତଚାପ ସହ କ୍ରନିକ୍ କିଡ୍‌ନୀ ରୋଗରେ ପୀଡିତ ଥିଲେ। ଖୋର୍ଦ୍ଧା ଜିଲାର ମୃତ ବ୍ୟକ୍ତିଙ୍କ ଘର ଭୁବନେଶ୍ୱରରେ। ସେ ହେଉଛନ୍ତି ୭୩ ବର୍ଷୀୟ ପୁରୁଷ ଓ ମଧୁମେହ, ଉଚ୍ଚ ରକ୍ତଚାପ ସହ କ୍ରନିକ୍ କିଡ୍‌ନୀ ରୋଗରେ ପୀଡ଼ିତ ଥିବା ସ୍ୱାସ୍ଥ୍ୟ ବିଭାଗ ସୂଚନା ଦେଇଛି। ଏହି ମୃତ୍ୟୁକୁ ମିଶାଇ ଗଞ୍ଜାମ ଜିଲାରେ କରୋନା ମୃତ୍ୟୁ ସଂଖ୍ୟା ୧୦କୁ ଛୁଇଁଥିବାବେଳେ ଖୋର୍ଦ୍ଧାରେ ୫ ଓ କଟକରେ ୪ରେ ପହଞ୍ଚିଛି ଏବଂ ରାଜ୍ୟରେ ୨୧କୁ ବୃଦ୍ଧି ପାଇଛି। ଅନ୍ୟପଟେ ରାଜ୍ୟରେ ୨୩ଟି ଜିଲାରେ ଆଉ ୨୬୪ ନୂଆ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ୨୩୪ ଜଣଙ୍କୁ କ୍ୱାରାଣ୍ଟାଇନ୍ ସେଣ୍ଟରରୁ ଠାବ କରାଯାଇଥିବାବେଳେ ୩୦ଜଣ ସ୍ଥାନୀୟ ଆକ୍ରାନ୍ତ ରହିଛନ୍ତି। ଏମାନଙ୍କ ମଧ୍ୟରେ ଗଞ୍ଜାମ ଜିଲାରେ ସର୍ବାଧିକ ୭୬ଜଣ ଚିହ୍ନଟ ହୋଇଥିବାବେଳେ ଯାଜପୁରରେ ୪୧, କେନ୍ଦୁଝରରେ ୨୫, ଝାରସୁଗୁଡ଼ା ଓ ବରଗଡ଼ରେ ୧୮ଜଣ ଲେଖାଏ, ଖୋର୍ଦ୍ଧା ଓ ମୟୂରଭଞ୍ଜରେ ୧୫, ବାଲେଶ୍ୱର ଓ କଟକରେ ୧୨ଜଣ ଲେଖାଏ, ପୁରୀ ୭, ଅନୁଗୋଳ, ଜଗତ୍‌ସିଂହପୁର ଓ ସୁନ୍ଦରଗଡ଼ରେ ୪ଜଣ ଲେଖାଏ, ମାଲକାନଗିରି, ନୟାଗଡ଼ ଓ ବଲାଙ୍ଗୀରରେ ୨ଜଣ ଲେଖାଏ, କୋରାପୁଟ, ଭଦ୍ରକ, କନ୍ଧମାଳ, ଗଜପତି, ନୂଆପଡ଼ା, କଳାହାଣ୍ଡି ଓ ସମ୍ବଲପୁରରେ ଜଣେ ଲେଖାଏ ଆକ୍ରାନ୍ତ ରହିଛନ୍ତି। ଫଳରେ ଏବେ ରାଜ୍ୟରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୬୬୧୪କୁ ବୃଦ୍ଧି ପାଇଛି। ସେହିଭଳି ସବୁଦିନ ପରି ରବିବାର ମଧ୍ୟ କରୋନା କବଳରୁ ମୁକ୍ତି ପାଇଛନ୍ତି ବହୁ ଆକ୍ରାନ୍ତ। ମୋଟ ୧୩୭ଜଣ ସୁସ୍ଥ ହୋଇ ହସ୍ପିଟାଲରୁ ଡିସ୍‌ଚାର୍ଜ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ଗଞ୍ଜାମରୁ ୩୩, ଖୋର୍ଦ୍ଧାରୁ ୨୯, କଟକରୁ ୨୨, ବାଲେଶ୍ୱରରୁ ୧୩, ଯାଜପୁରରୁ ୯, କଳାହାଣ୍ଡିରୁ ୬, ଭଦ୍ରକରୁ ୪, ମୟୂରଭଞ୍ଜ, ନୟାଗଡ଼ ଓ ପୁରୀରୁ ୩ଜଣ ଲେଖାଏ, ବୌଦ୍ଧ, ବରଗଡ଼, ଝାରସୁଗୁଡ଼ା ଓ କେନ୍ଦ୍ରାପଡ଼ାରୁ ୨ଜଣ ଲେଖାଏ, ଅନୁଗୋଳ, ବଲାଙ୍ଗୀର, ଜଗତ୍‌ସିଂହପୁର ଓ ନୂଆପଡ଼ାରୁ ଜଣେ ଲେଖାଏ ସୁସ୍ଥ ହୋଇଛନ୍ତି। ଫଳରେ ରାଜ୍ୟରେ ମୋଟ ଆରୋଗ୍ୟ ସଂଖ୍ୟା ୪୭୪୩କୁ ବୃଦ୍ଧି ପାଇଥିବାବେଳେ ୧୮୪୩ଜଣ ସକ୍ରିୟ ରୋଗୀ ବିଭିନ୍ନ କୋଭିଡ୍ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି।

### କ୍ୟାନ୍‌ସର ହସ୍ପିଟାଲର ୨ ନର୍ସ ପଜିଟିଭ

କଟକ ଅଫିସ,୨୮।୬: ସାଧାରଣ ଜନତାଙ୍କ ପରେ ଏବେ କରୋନା ଯୋଦ୍ଧାମାନେ ହିଁ ଦିନକୁ ଦିନ ଅଧିକ କରୋନା ଆକ୍ରାନ୍ତ ହେବାରେ ଲାଗିଛନ୍ତି। ବିଶେଷକରି ହସ୍ପିଟାଲଗୁଡ଼ିକରେ ଏବେ ସଂକ୍ରମିତଙ୍କ ସଂଖ୍ୟା ବଢ଼ୁଛି। ରବିବାର ଆଚାର୍ଯ୍ୟ ହରିହର ସ୍ନାତକୋତ୍ତର କର୍କଟ ରୋଗ ପ୍ରତିଷ୍ଠାନର ୨ ଜଣ କର୍ମଚାରୀ କରୋନା ଭୂତାଣୁ ସଂକ୍ରମିତ ହୋଇଥିବା ଜଣାପଡ଼ିଛି। ସେମାନଙ୍କ ମଧ୍ୟରୁ ଜଣେ ପୁରୁଷ ଓ ଅନ୍ୟ ଜଣେ ମହିଳା ଷ୍ଟାଫ୍‌ନର୍ସ ରହିଛନ୍ତି। ଉଲ୍ଲେଖଯୋଗ୍ୟ, ଗତ ୨୪ ତାରିଖରେ ଏଠାରେ ଚିକିତ୍ସିତ ହେଉଥିବା ଗଞ୍ଜାମ ଜିଲାର ଜଣେ ରୋଗୀ କରୋନା ଆକ୍ରାନ୍ତ ହୋଇଥିଲେ। ଏହାପରେ ହସ୍ପିଟାଲର ୫୨ ଜଣଙ୍କ ସ୍ୱାବ୍ ନମୁନା ପରୀକ୍ଷା ପାଇଁ ପଠାଯାଇଥିଲା। ସେମାନଙ୍କ ମଧ୍ୟରୁ ୫୦ ଜଣଙ୍କ ନେଗେଟିଭ୍ ଥିବାବେଳେ ଉପରୋକ୍ତ ଦୁଇଜଣଙ୍କ ରିପୋର୍ଟ ପଜିଟିଭ୍ ଆସିଛି। ଗଞ୍ଜାମର ସେହି ରୋଗୀଙ୍କ ସଂସ୍ପର୍ଶରେ ଉଭୟ କର୍ମଚାରୀ ଆସିଥିବା ସନ୍ଦେହ କରାଯାଉଛି। ଉଭୟଙ୍କ କଣ୍ଟାକ୍ଟ ଟ୍ରେସିଂ ଜାରି ରହିଥିବା ସହ ସେମାନଙ୍କୁ କୋଭିଡ ହସ୍ପିଟାଲ ପଠାଇ ଦିଆଯାଇଛି।

### ଟାଟା ଷ୍ଟିଲ୍ କବ୍‌ଜାରେ ...

ଛଡ଼ାଯାଉଥିବାରୁ ପଶୁଙ୍କ ସମେତ ସ୍ଥାନୀୟ ଲୋକେ କ୍ଷତିଗ୍ରସ୍ତ ହେଉଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ଏପରିକି ଲୋକଙ୍କୁ ବିଭିନ୍ନ ପ୍ରକାର ଜଳବାହିତ ରୋଗ ହେଉଥିବା ଦେଖିବାକୁ ମିଳିଛି। ଏଥିପାଇଁ ୨୦୧୭ରେ ଭୂପୃଷ୍ଠରେ ବୋହୁଥିବା ପାଣି(ସରଫେସ୍ ୱାଟର) ଓ କାରଖାନାର ବର୍ଜ୍ୟପାଣିକୁ ପୃଥକ୍ ଭାବେ ନିଷ୍କାସନ କରିବାକୁ ଏସ୍‌ପିସିବି ପକ୍ଷରୁ ପ୍ରସ୍ତାବ ଦିଆଯାଇଥିଲା। କିନ୍ତୁ ଅଧିକ ଖର୍ଚ୍ଚ ଭୟରେ ଟାଟା ଷ୍ଟିଲ ଏହି ପ୍ରସ୍ତାବକୁ ଅଣଦେଖା କରିଥିବା ଅଭିଯୋଗ ହେଉଛି। ଏ ସଂକ୍ରାନ୍ତରେ ଏସ୍‌ପିସିବିର କଳିଙ୍ଗନଗର ଆଞ୍ଚଳିକ ଅଧିକାରୀ ପ୍ରମୋଦ କୁମାର ବେହେରାଙ୍କୁ ପଚାରିବାରେ ସେ କହିଛନ୍ତି, ସାରଙ୍ଗପୁର ଛକ ନିକଟ ପୋଲ ଦେଇ ଟାଟା ଷ୍ଟିଲର ବୋହୁଥିବା ପାଣିରେ କୌଣସି ବିଷାକ୍ତ ଦ୍ରବ୍ୟ ରହିଥିବା ପରୀକ୍ଷାରୁ ଜଣା ପଡୁନାହିଁ। ତେବେ କାରଖାନା ଦେଇ ବୋହୁଥିବା ଝରଣାର ପ୍ରତିକାର ପାଇଁ ଏକ ମାଷ୍ଟର ପ୍ଲାନ ପ୍ରସ୍ତୁତ କରିବାକୁ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ହୋଇଛି। ଏ ସଂକ୍ରାନ୍ତରେ ମତାମତ ନେବାକୁ ଟାଟା ଷ୍ଟିଲ୍‌ର ଜିଏମ୍ ଆର.ଆର. ଶତପଥୀଙ୍କ ସହ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାହା ସମ୍ଭବ ହୋଇ ପାରିନାହିଁ।

### ନାକଚଣା ଦ୍ୱାରରେ...

୧୦ଟା ୧୫ରେ ଭୋଗମଣ୍ଡପ ଶେଷ ହେବା ପରେ ୧୧ଟା ୧୫ରେ ଆଜ୍ଞାମାଳ ବିଜେ ହୋଇଥିଲା। ତିନିଠାକୁରଙ୍କ ଆଜ୍ଞାମାଳ ନେଇ ତିନି ବାଡର ପୂଜାପଣ୍ଡା ସାମନ୍ତ ରଥ ପାଖକୁ ଆସିଥିଲେ। ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖରେ ରହିଥିବା ତିନି ରଥକୁ ବାହୁଡ଼ା ବିଜେ ଲାଗି ମହାପ୍ରଭୁଙ୍କ ଆଜ୍ଞାମାଳ ପ୍ରଦାନ କରିଥିଲେ। ଏହାପରେ ପୂର୍ବାହ୍ନ ୧୧ଟା ୨୫ରେ ବିଜେ କାହାଳୀ, ଘଣ୍ଟଘଣ୍ଟା ବାଜିବା ପରେ ସାଢେ ୧୧ଟାରେ ପ୍ରଥମେ ଦର୍ପଦଳନ ରଥର ଦକ୍ଷିଣ ମୋଡ଼ ଆରମ୍ଭ ହୋଇଥିଲା। ପୋଲିସ କର୍ମଚାରୀମାନେ ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖରୁ ବଡ଼ଶଙ୍ଖ ପର୍ଯ୍ୟନ୍ତ ଦର୍ପଦଳନ ରଥକୁ ଟାଣି ନେଇଥିଲେ। ସେଠାରେ ରଥକୁ ବୁଲାଯାଇ ନାକଚଣା ଦ୍ୱାରକୁ ଟାଣି ନିଆଯାଇଥିଲା। ଅପରାହ୍ନ ୧ଟା ୨୫ରେ ଦର୍ପଦଳନ ରଥ ନାକଚଣା ଦ୍ୱାର ସମ୍ମୁଖରେ ପହଞ୍ଚିଥିଲା। ଏହା ପରେ ଅପରାହ୍ନ ୩ଟା ୩୦ରେ ତାଳଧ୍ୱଜ ରଥର ଦକ୍ଷିଣ ମୋଡ଼ କରାଯାଇଥିଲା। ୪ଟା ୨୫ରେ ତାଳଧ୍ୱଜ ରଥ ନାକଚଣା ଦ୍ୱାର ସମ୍ମୁଖରେ ଲାଗିଥିଲା। ଶେଷରେ ଅପରାହ୍ନ ୪ଟା ୪୫ରେ ନନ୍ଦିଘୋଷ ରଥ ଟଣାଯାଇଥିଲା। ୫ଟା ୫୫ରେ ଏହା ନାକଚଣା ଦ୍ୱାର ସମ୍ମୁଖ ଶରଧାବାଲିରେ ପହଞ୍ଚିଥିଲା।

### ପିଏମ୍-କେୟାର୍ସକୁ ...

ବିବାଦୀୟ ତଥା ଅସ୍ୱଚ୍ଛ ପାଣ୍ଠି ପାଇଁ ଚାଇନା କମ୍ପାନୀଠାରୁ ଶହ ଶହ କୋଟି ଟଙ୍କା ଦାନ ଆକାରରେ ସଂଗ୍ରହ କରନ୍ତି, ତେବେ ଚାଇନାର ଆକ୍ରମଣ ବିରୋଧରେ ସେ ଦେଶକୁ କିପରି ସୁରକ୍ଷା ଦେବେ ବୋଲି ସିଂଘଭି ପ୍ରଶ୍ନ କରିଛନ୍ତି। ପୂର୍ବ ଲଦାଖର ଗଲୱାନ ଉପତ୍ୟକା, ପୋୟାଙ୍ଗ୍ ହ୍ରଦ ଅଞ୍ଚଳ, ହଟ୍ ସ୍ପ୍ରିଙ୍ଗ୍ସ ଏବଂ ଡେପସାଙ୍ଗ ସମତଳ ଅଞ୍ଚଳର ୱାଇ-ଜଙ୍କଶନ୍ ପର୍ଯ୍ୟନ୍ତ ଚାଇନା ସୈନ୍ୟ ପ୍ରବେଶ କରିଥିବାବେଳେ କେନ୍ଦ୍ର ସରକାର ଏହାକୁ ଅସ୍ୱୀକାର କରିଚାଲିଛନ୍ତି। ପ୍ରଧାନମନ୍ତ୍ରୀ ମୋଦି ଏଦିଗରେ ରାଷ୍ଟ୍ରକୁ ବିଭ୍ରାନ୍ତ କରୁଛନ୍ତି। ଚାଇନା ଆଦୌ ଭାରତୀୟ ଅଞ୍ଚଳ ମଧ୍ୟକୁ ପ୍ରବେଶ କରିନାହିଁ କହି ପ୍ରଧାନମନ୍ତ୍ରୀ ଚାଇନାର ଭୟଙ୍କର ଏଜେଣ୍ଡା କାର୍ଯ୍ୟକାରୀ କରିବାରେ ସହାୟତା କରୁଥିବା ସିଂଘଭି ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ଉପା ସରକାର ଅମଳରେ ମନମୋହନ ସିଂ ପ୍ରଧାନମନ୍ତ୍ରୀ ଥିବାବେଳେ ରାଜୀବ ଗାନ୍ଧୀ ଫାଉଣ୍ଡେଶନ (ଆରଜିଏଫ୍)କୁ ଚାଇନା ପାଣ୍ଠି ଯୋଗାଇଥିଲା। ଏହାସହ ପିଏମ୍‌ଏନ୍‌ଆର୍‌ଏଫ୍‌ରୁ ମଧ୍ୟ ଆର୍‌ଜିଏଫ୍‌କୁ ବେଆଇନ ଭାବେ ୨୦ ଲକ୍ଷ ଟଙ୍କା ସ୍ଥାନାନ୍ତର କରାଯାଇଥିଲା ବୋଲି ଭାଜପା ସମାଲୋଚନା କରିଆସୁଛି। ଏବେ କଂଗ୍ରେସ ପିଏମ୍ କେୟାର୍ସ ପାଣ୍ଠିକୁ ଚାଇନା କମ୍ପାନୀଗୁଡ଼ିକର ଅବଦାନ ପ୍ରସଙ୍ଗ ଉଠାଇ ମୋଦିଙ୍କୁ ପ୍ରଶ୍ନବାଣରେ ଛନ୍ଦିବା ସହ ଏହି ବିବାଦକୁ ନୂଆ ମୋଡ଼ ଦେଇଛି।

# ପୁଣି ୪ ପୋଲିସ କରୋନା ଯୋଦ୍ଧା ପଜିଟିଭ୍

**ଛତ୍ରପୁର,୨୮।୬(ଡି.ଏନ୍.ଏ.)**

ଗଞ୍ଜାମ ପୋଲିସ ଜିଲାରେ ପୁଣି ୪ ପୋଲିସ କର୍ମଚାରୀ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ରବିବାର ଗଞ୍ଜାମ ଏସ୍‌ପି ବ୍ରିଜେଶ କୁମାର ରୟ ଟୁଇଟ୍ କରି ଏହି ସୂଚନା ଦେଇଛନ୍ତି। ଏଥିସହ ଏସ୍‌ପି ସେମାନଙ୍କର ଆଶୁ ଆରୋଗ୍ୟ କାମନା କରିଛନ୍ତି। ସୂଚନାଯୋଗ୍ୟ, ଶନିବାର ଗଞ୍ଜାମ ଓ ବ୍ରହ୍ମପୁର ପୋଲିସ ଜିଲାରୁ ୧୨ ପୋଲିସ କରୋନା ଯୋଦ୍ଧା ପଜିଟିଭ୍ ଚିହ୍ନଟ ହୋଇଥିଲେ। ଗଞ୍ଜାମରେ କରୋନା ବିରୋଧୀ ଯୁଦ୍ଧର ଆଗଧାଡ଼ିର ଯୋଦ୍ଧାମାନେ ନିଜ କର୍ତ୍ତବ୍ୟ କରିବା ସମୟରେ ସଂକ୍ରମିତ ହେବା ଚିନ୍ତାର କାରଣ ହୋଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ବ୍ୟୟଭାବସ୍ଥ ମଙ୍ଗଳ ଆପଣଙ୍କ ଶାରୀରିକ ଅସୁସ୍ଥତା,ବ୍ୟୟବୃଦ୍ଧି ଓ ଆକସ୍ମିକ ଅନିଚ୍ଛାକୃତ ଯାତ୍ରା ଜନିତ ଚିନ୍ତିତ କରାଇବ। ଅବଶ୍ୟ ଚନ୍ଦ୍ର ଓ ମଙ୍ଗଳଙ୍କ ସ୍ଥିତି ହେତୁ ସାମାଜିକ ସ୍ତରରେ ଉଲ୍ଲେଖନୀୟ କାମ କରି ପ୍ରଶଂସିତ ହେବେ। ଆର୍ଥିକ ସ୍ୱଚ୍ଛଳତା ରହିଥିଲେ ମଧ୍ୟ ପରକଥା ଶୁଣି ମାନସିକ ଶାନ୍ତି ବ୍ୟାହତ ହୋଇପାରେ।

**ବୃଷ** ବକ୍ରୀ ଶନିଙ୍କ ପ୍ରଭାବରୁ ଆନୁଷ୍ଠାନିକ କ୍ଷେତ୍ରରେ, ବନ୍ଧୁତ୍ୱ ସ୍ଥାପନରେ, ଲେଖାପଢ଼ାରେ ଅବହେଳା ପ୍ରଦର୍ଶନ କରି ସମାଲୋଚିତ ହେବେ। ଶେଷପର୍ଯ୍ୟାୟରେ ବିବାଦୀୟ ଘଟଣା ଅମୀମାଂସିତ ରହିଯାଇପାରେ। ବ୍ୟବସାୟ, ବାଣିଜ୍ୟ ଓ ପରିବହନାଦି ବିଭିନ୍ନ ଦିଗରୁ ସମସ୍ୟା ମୁକ୍ତ ରହିପାରନ୍ତି।

**ମିଥୁନ** ପାପାକ୍ରାନ୍ତ ରହିଲେ ମଧ୍ୟ ସ୍ୱଗୃହୀ ବୁଧ ହେତୁ ସ୍ୱାସ୍ଥ୍ୟ ସମସ୍ୟା ସମ୍ପୂର୍ଣ୍ଣ ନିୟନ୍ତ୍ରିତ ରହିବ। ଘରେ ପିଲାଙ୍କ ବିଶୃଙ୍ଖଳିତ ଆଚରଣରେ କ୍ଷୁବ୍ଧ ହେବେ। ଅଫିସ୍‌ରେ ପ୍ରତ୍ୟେକ ଘଟଣାକୁ ସନ୍ଦେହ ଦୃଷ୍ଟିରେ ଦେଖିପାରନ୍ତି। ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ନେ ପାଇବାରେ ଜଣେ ଅଜଣା ବନ୍ଧୁଙ୍କ ଅବଦାନ ରହିପାରେ।

**କର୍କଟ** ସପ୍ତମଭାବ ପ୍ରତିଦ୍ୱନ୍ଦ୍ୱିତାର ପ୍ରତିନିଧିତ୍ୱ କରୁଥିବାରୁ ବିବାଦୀୟ ମନ୍ତବ୍ୟ ଦେଲେ ସମାଲୋଚିତ ହେବାକୁ ପଡିପାରେ। ତଥାପି ନିଜର ପ୍ରତ୍ୟୁତ୍ପନ୍ନମତିତା କାରଣରୁ ପ୍ରତ୍ୟେକ ଅସଜଡା ପରିସ୍ଥିତିର ମୁକାବିଲା କରିବାରେ ସମର୍ଥ ହେବେ। ବନ୍ଧୁଙ୍କ ପ୍ରହେଳିକାପୂର୍ଣ୍ଣ କଥା ଶୁଣି ମରୀଚିକା ପଛରେ ଦୌଡିପାରନ୍ତି।

**ସିଂହ** ଭାଗ୍ୟସ୍ଥାନରେ ସ୍ୱଗୃହୀ ଶୁକ୍ରଥିବାରୁ କୌଣସି ନୂତନ କାର୍ଯ୍ୟରେ ହାତ ଦେଇ କୃତକାର୍ଯ୍ୟ ହେବେ। ଅତୀତର ବିବାଦୀୟ ଘଟଣାରେ ଆଶଙ୍କା ସୃଷ୍ଟି ହେଲେ ମଧ୍ୟ ସେମିତି କିଛି ହେବ ନାହିଁ। କର୍ମକ୍ଷେତ୍ରରେ ପ୍ରିୟ କଥା କହି ସମସ୍ୟାକୁ ସୁଧାରି ନେବେ। ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି।

**କନ୍ୟା** କର୍ମଭାବସ୍ଥ ପାପଗ୍ରହଜନିତ ଯେତେ ଭଲକାମ କଲେ ମଧ୍ୟ ଅନ୍ୟମାନଙ୍କୁ ସନ୍ତୁଷ୍ଟ କରାଇ ପାରିବେ ନାହିଁ। ସାହିତ୍ୟ, କଳା, କ୍ରୀଡା,ଚଳଚ୍ଚିତ୍ର ଓ ଗବେଷଣା, ଅନୁସନ୍ଧାନକ୍ଷେତ୍ରରୁ ସଫଳତା ମିଳିବ। ଭାବପ୍ରବଣତାବଶତଃ ବନ୍ଧୁଙ୍କ ସହ ରୁଚିହୀନ ବାର୍ତ୍ତାଳାପ କରି ଅପଦସ୍ଥ ହୋଇପାରନ୍ତି।

**ତୁଳା** ପାପଗ୍ରହ ମଧ୍ୟସ୍ଥ ଚନ୍ଦ୍ରଙ୍କ ସ୍ଥିତିରୁ ଚାପର ବଶବର୍ତ୍ତୀ ହୋଇ ଇଚ୍ଛାବିରୁଦ୍ଧ କାର୍ଯ୍ୟ ଅନୁତାପର କାରଣ ହୋଇପାରେ। ଈର୍ଷା ପରାୟଣ ବ୍ୟକ୍ତିମାନେ ପ୍ରତିଷ୍ଠା ଓ ପ୍ରଶଂସାକୁ ଭିନ୍ନାର୍ଥରେ ଗ୍ରହଣ କରିପାରନ୍ତି। ଅଭାବ ନ ଥିଲେ ମଧ୍ୟ ଯାହା ଚାହୁଁଛନ୍ତି ତାହା ନ ପାଇବା କାରଣରୁ ମାନସିକ ଅବସାଦ ଲାଗି ରହିବ।

**ବିଛା** ଆଜିର ଦୈନିକ ଚର୍ଯ୍ୟାରେ ଆଲୋଚନା ଦ୍ୱାରା ସମସ୍ୟାର ସରଳ ସମାଧାନ ହୋଇଯିବ। ଶିଳ୍ପ,ବାଣିଜ୍ୟ ଓ ବ୍ୟବସାୟ, ପ୍ରକାଶନ, ଆନୁଷ୍ଠାନିକ କାମରେ ପ୍ରତିବନ୍ଧକ ଦୂରେଇଯିବ। ଯେତେ ଶୀଘ୍ର ଶେଷ କରିବା ସକାଶେ ଭାବୁଥିବା କାମଟିକୁ ଶେଷ କରିପାରିବେନି। ମାଲିମକଦ୍ଦମା ଓ ଚୁକ୍ତିପତ୍ର ପାଇଁ ଦିନଟି ଭଲ।

**ଧନୁ** ଗୁରୁକ୍ଷେତ୍ରସ୍ଥ ମଙ୍ଗଳଗ୍ରହ ପ୍ରଭାବରେ ଉଚ୍ଚବର୍ଗଙ୍କ ସାହାଯ୍ୟ ଓ ବନ୍ଧୁ ମିଳନରୁ ଉତ୍ସାହିତ ହେବେ। ରାଜନୀତି, ପ୍ରକାଶନ କିମ୍ବା ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ। ଅର୍ଥ ସମ୍ପର୍କକୁ ନେଇ ବନ୍ଧୁଙ୍କ ସହ ସମ୍ପର୍କ ହାନି ଯୋଗୁ ଚିନ୍ତା ପ୍ରକଟ କରିବେ। ସାମାନ୍ୟ ଶାରୀରିକ ଅସୁସ୍ଥି ଅନୁଭବ କରିପାରନ୍ତି।

**ମକର** ରାଶ୍ୟାଧିପଙ୍କ ସବଳତା କାରଣରୁ ଅନ୍ୟମାନେ ଶତ୍ରୁତା କଲେ ମଧ୍ୟ ଅନିଷ୍ଟ କରିପାରିବେନାହିଁ। ଗଠନମୂଳକ ପ୍ରସ୍ତାବ ଦେଇ କର୍ମକ୍ଷେତ୍ରରେ, ରାଜନୀତିରେ, ସାଂସ୍କୃତିକ କାମରେ ପ୍ରଶଂସିତ ହେବେ। କିନ୍ତୁ ଅଫିସରେ ଏକାଧିକ କାମ ହାତକୁ ନେଇ ବ୍ୟସ୍ତ ବିବ୍ରତ ହୋଇପାରନ୍ତି।

**କୁମ୍ଭ** ପ୍ରତ୍ୟେକ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ପରିବାର ସହ ଆଲୋଚନା କରିବା ଭଲ ହେବ। ଆଦୌ ଭଲ ସମ୍ପର୍କ ନ ଥିବା କୌଣସି ବ୍ୟକ୍ତି ବିଶେଷଙ୍କ କଥା ଶୁଣି ବ୍ୟସ୍ତ ହୁଅନ୍ତୁ ନାହିଁ। ମୁଖଭାବସ୍ଥ ମଙ୍ଗଳ ଯୋଗୁ ନିକଟ ସମ୍ପର୍କୀୟ କିମ୍ବା ଆତ୍ମୀୟ ସ୍ୱଜନମାନଙ୍କ ପକ୍ଷପାତିତାକୁ ନାପସନ୍ଦ କରିପାରନ୍ତି।

**ମୀନ** ବହୁ ଆକାଂକ୍ଷିତ ଅପୂରଣୀୟ ଅଭିଳାଷ ନେଇ ନୈରାଶ୍ୟଜନିତ ଦୁଃଖ ଅନୁଭବ କରିପାରନ୍ତି। ଆନୁଷ୍ଠାନିକ କାମରେ ଜଣେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରେ ଆସି ଖୁସୀ ହେବେ। ନିଜ ଚତୁଃପାର୍ଶ୍ୱରେ ରହୁଥିବା ବ୍ୟକ୍ତିବିଶେଷଙ୍କ କଥାକୁ ବିଶ୍ୱାସ କଲେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି।

ଆଜି ଆଷାଢ଼ ଶୁକ୍ଳ ନବମୀ ସୋମବାର, ଆଡପ ମଣ୍ଡପେ ଶ୍ରୀଜୀଉଙ୍କ ନବମୀ ସନ୍ଧ୍ୟା ଦର୍ଶନ, ଜୁନ୍ ୨୯ ତାରିଖ, ଜାତୀୟ ପରିସଂଖ୍ୟାନ ଦିବସ(ପରିସଂଖ୍ୟାନବିତ୍ ପ୍ରଶାନ୍ତ ଚନ୍ଦ୍ର ମହାଲ୍‌ନୋବିସ୍‌ଙ୍କ ଜନ୍ମ ଦିବସ, ରାଶି ନକ୍ଷତ୍ର-ଚିତ୍ରା/କନ୍ୟା, ବୃଷ ରାଶିର ଘାତଚନ୍ଦ୍ର, ମିଥୁନ ରାଶିର ଘାତବାର, ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୮.୪୬ମି.ଗତେ ଘ.୧୦.୩୧ମି.ମଧ୍ୟେ, ରାତ୍ରି ଘ.୦୯.୧୮ମି.ଗତେ ଘ.୧୨.୧୧ମି. ମଧ୍ୟେ, ଘ.୦୧.୩୮ମି.ଗତେ ଘ.୦୩.୦୫ମି.ମଧ୍ୟେ, ରାତ୍ରି ଘ.୦୩.୪୮ମି.ଗତେ ଘ.୦୪.୩୧ମି.ମଧ୍ୟ ମାହେନ୍ଦ୍ରବେଳା। ସକାଳ ଘ.୦୬.୩୫ମି. ଗତେ ଘ.୦୮.୩୨ମି. ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302




**SALE**

**Investment plot Nakhara 7,80,000/-, Balianta 11,40,000/- and Residential Rudrapur 19,80,000/- developed limited plots. 9040059669.** D-68695

1/2/3 BHK House for Sale at G-Next Valley, Near Gita Engineering College, Kaimatia, Bhubaneswar. Contact: 8249660097 D-68693

1/2 BHK House for Sale at Sidharth Tower, Jajpur Road, Contact: 8249660097. D-68694

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 2,20,000/- (outright) 9348232008, 6371569855. D-69111

ଭୁବନେଶ୍ୱର ସୁନ୍ଦରପଦାରେ ଘର କରିବା ପ୍ଲଟ୍ sqft.-950/, Xavier University ପାଖରେ 310/-, plot booking 20,000/-, 9938016295. D-69125

**2000sqft. plot with 30ft road, boundary wall, Electricity near Infosys-II, Janla, Bhuasuni Temple. 9438400633.** D-69126

Audio recording digital studio available at Kharavela Nagar, Bhubaneswar. 9437008388. D-17614

**GENERAL**

**SALE**

ଗାୟତ୍ରୀ କ୍ଲୋନ୍‌ସ ନର୍ସରୀ ଇଉକାଲିପଟାସ୍ କ୍ଲୋନ୍‌ସ ଚାରାପାଇଁ ଯୋଗାଯୋଗ କରନ୍ତୁ। 9658244357, 8249372486. D-69517

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




2BHK flat with parking at Lingipur rent family. Contact: 7894381416. D-59952




Newly open full body massage SPA in Bhubaneswar. Contact: 7205058838. D-69292

Experience full body massage with us (expert). Call: 7377048581, 06742597822. D-69293

Full body herbal massage with refreshment expert therapist. 7381239385, 06742540855. D-69294


Ayurvedic full body massage Ladies and Gents. Contact- 9861064981. D-69516

Rejuvenate and Ayurvedic full body massage by smart therapist. 9114402304. D-69289

Get refreshment, body massage by expert therapist @ 999 Pokhariput, Bhubaneswar. 9556978408. D-69287

Herbal full body massage by smart / expert therapist. Contact: 8338067247. D-69288

**୧୧ତମ ଜନ୍ମବାର୍ଷିକୀ**



**ଶୁଭମ୍ ନାୟକ (ରାଜ୍)**
ବେଗୁନିଆ, ଖୋର୍ଦ୍ଧା
ତୋର ଚଲାପଥ କୁସୁମିତ ହେଉ, ଏହା ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଅଛୁ। ଅମାବାସ୍ୟାର ଅନ୍ଧକାର ନୁହେଁ, ପୂର୍ଣ୍ଣମାର ଔଜ୍ଜଲ୍ୟତା ରହୁ।
**-:ଶୁଭେଚ୍ଛା ସହ:-**
ପିତା: ସୁରେଶ ଚନ୍ଦ୍ର ନାୟକ, ମାତା: ରୁବି ନାୟକ, ସାନ ଭାଇ: ସତ୍ୟମ୍, ଜେଜେ ମା, ଅପା, ବର୍ଷା, ଅଜା, ଆଈ, ମାମୁ, ମାଇଁ, ଆକାଶ ଭାଇ, ମାନା ଦିଦି, ସୂର୍ଯ୍ୟ, ମାମା ଦିଦି, ମୁନା ଭାଇ, ବବୁଲ୍ ଭାଇ, ଲିଟୁ ଭାଇ ଓ ପିଙ୍କି ମାଉସୀ।
ଧ-୧୯୫୯୦

**Email ମାଧ୍ୟମରେ** କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com





(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ତେଲି ତେଲ ମିଳିଗଲେ**
**ପିଡ଼ିଆକୁ ଅଲଗା କଲେ।**

ତେଲ ସାଙ୍ଗରେ ପିଡ଼ିଆ ଥାଏ। କିନ୍ତୁ ତାକୁ ଯେତେବେଳେ ଘଣା ବା କଳରୁ ତେଲି ସଫାକରି ବାହାରକରେ, ସେତେବେଳେ ପିଡ଼ିଆ ଅଲଗା ହୋଇଯାଏ। ପରୋକ୍ଷରେ ସ୍ୱଭାବ, ପ୍ରକୃତି ତଥା ମନୋଭାବ ଯାହା ସହ ଯାହାର ମିଶିଯାଏ ତାଙ୍କ ପକ୍ଷେ ଏକତ୍ର ହେବା ସେତେ ସହଜ ହୋଇଯାଏ, ଅନ୍ୟଥା ସେଠାରୁ ବାଦ୍ ପଡିବା ସ୍ଥିର ନିଶ୍ଚିତ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ତୋ ଦୁଃଖଠଉଁ ମୋ ଦୁଃଖ ବଳେ**
**ଆଉ କାହିଁ ପାଇଁ ମନ ବିକଳେ।**

ଯାହାର ହୃଦୟ ଯେତେ କୋମଳ ତା'ର ମନ ଅନ୍ୟ ପାଇଁ ସେତେ ବ୍ୟାକୁଳ। ଏଭଳି ବ୍ୟକ୍ତି ଅନ୍ୟ ଉପରେ ଦୁଃଖ ବିପତ୍ତି ପଡିଥିବାର ଦେଖିଲେ ନିଜ କଥା ଭୁଲିଯାଏ, ସମଦରଦୀ ହୋଇ ପର ପାଇଁ କାନ୍ଦିପକାଏ। ବେନି ଜନେ ସମ ଦଶା। ଏଣୁ ଆଶ୍ୱାସନା ହିଁ କେବଳ ସାର ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଓଡ଼ିଆ ଢଗ ଢମାଳି ଓ ରୂଢ଼ି ପ୍ରୟୋଗ- ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ**

# ଅନିଶ୍ଚିତତାରେ ଓଡ଼ିଆ ସିନେମା ଶିଳ୍ପ

ଭୁବନେଶ୍ୱର,୨୮।୬(ବ୍ୟୁରୋ)

କୋଭିଡ୍-୧୯ ପ୍ରଭାବ ଯୋଗୁ ଅନିଶ୍ଚିତତା ମଧ୍ୟକୁ ଠେଲି ହୋଇଯାଇଛି ଓଡ଼ିଆ ସିନେମା ଶିଳ୍ପ। ରାଜ୍ୟର ପ୍ରଯୋଜକ, ନିର୍ଦ୍ଦେଶକ, କଳାକାର ଏବଂ ଫିଲ୍ମ ଶିଳ୍ପ ସହ ଜଡ଼ିତ ପ୍ରମୁଖ ବ୍ୟକ୍ତିବିଶେଷ ଓଡ଼ିଆ ଇଣ୍ଡଷ୍ଟ୍ରିର ଭବିଷ୍ୟତକୁ ନେଇ ଆଶଙ୍କା ପ୍ରକାଶ କରିଛନ୍ତି। କରୋନା ପ୍ରଭାବରେ ପର୍ଯ୍ୟଟନ, ହୋଟେଲ, ଏମ୍ଏସ୍ଏମ୍ଇ(ମଧ୍ୟମ, କ୍ଷୁଦ୍ର, ଲଘୁ ଉଦ୍ୟୋଗ) ଏବଂ ସିନେମା ଶିଳ୍ପ ସର୍ବାଧିକ ପ୍ରଭାବିତ ହୋଇଛନ୍ତି। ମିଳିଥିବା ସୂଚନା ମୁତାବକ, ସିନେମା ହଲ୍ ବନ୍ଦ ଯୋଗୁ ଇଣ୍ଡଷ୍ଟ୍ରି ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହେବ। ତେବେ କେବଳ କୋଭିଡ୍ କିମ୍ବା କୋଭିଡ୍ ପରବର୍ତ୍ତୀ ସମୟରେ ନୁହେଁ, ଓଡ଼ିଆ ସିନେମା ଉପରେ ଏହାର ଦୀର୍ଘକାଳୀନ ପ୍ରଭାବ ପଡ଼ିବା ନେଇ ଏବେଠାରୁ ଆଶଙ୍କା ପ୍ରକାଶ ପାଇଛି। ୧୯୯୯ ମହାବାତ୍ୟା ପରେ ଯେପରି ରାଜ୍ୟର ଅଧାରୁ ଅଧିକ ସିନେମା ହଲ୍‌ରେ ତାଲା ଝୁଲୁଥିଲା, ଏବେ ଠିକ୍ ସେଭଳି ପରିସ୍ଥିତି ସୃଷ୍ଟିହୋଇଛି। କଟକର ବହୁ ପୁରାତନ 'ଜୟଶ୍ରୀ' ସିନେମା ହଲ୍‌କୁ କରୋନା ପରିସ୍ଥିତି ଲାଗି ଶେଷରେ ସବୁଦିନ ପାଇଁ ତାଲା ପକାଇଛନ୍ତି ଏହାର ମାଲିକ। ଏହାପୂର୍ବରୁ ମଧ୍ୟ କଟକରେ ଥିବା ବହୁ ସିଙ୍ଗିଲ୍ ସ୍କ୍ରିନ୍ ହଲ୍ ବନ୍ଦ ହୋଇଯାଇଛି। ଏଭଳି ପରିସ୍ଥିତିରେ କୋଭିଡ୍ ପରବର୍ତ୍ତୀ ସମୟରେ ଏକାଧିକ ସିନେମା ହଲ୍ ସ୍ଥାୟୀଭାବେ ବନ୍ଦ ହୋଇଯିବ ବୋଲି ସିନେ ସମୀକ୍ଷକ, ପ୍ରଯୋଜକ ଏବଂ ସିନେମା ହଲ୍ ମାଲିକମାନେ ଆକଳନ କରିଛନ୍ତି।

୧୯୯୯ ମସିହା ପରଠାରୁ ସିନେମା ହଲ୍ ଅଭାବ ଓଡ଼ିଆ ଇଣ୍ଡଷ୍ଟ୍ରି ପାଇଁ ପ୍ରମୁଖ ସମସ୍ୟା ସୃଷ୍ଟି କରୁଛି। ମହାବାତ୍ୟା ପୂର୍ବରୁ ରାଜ୍ୟରେ ୨୩୦ଟି ସିନେମା ହଲ୍ ରହିଥିଲା। ମହାବାତ୍ୟାରେ ପ୍ରାୟ ୮୦ରୁ ଊର୍ଦ୍ଧ୍ୱ ହଲ୍ ଭାଙ୍ଗିରୁଜି ଯିବାପରେ ତାହା ସ୍ଥାୟୀଭାବେ ବନ୍ଦ ହୋଇଯାଇଥିଲା। ହୁଡ୍‌ହୁଡ୍, ଫାଇଲିନ୍ ଓ ଫନୀ ଭଳି ବାତ୍ୟା ଏବଂ ଅନ୍ୟାନ୍ୟ କାରଣ ଯୋଗୁ ଆହୁରି ୫୦ଟି ସିନେମା ହଲ୍ ବନ୍ଦ ହୋଇ ରାଜ୍ୟରେ ସିଙ୍ଗିଲ୍ ସ୍କ୍ରିନ୍ ହଲ୍‌ସଂଖ୍ୟା ୧୦୦ରୁ ତଳକୁ ଖସିଆସିଛି। ଗତ କିଛିବର୍ଷ ମଧ୍ୟରେ ଭୁବନେଶ୍ୱର ଓ କଟକକୁ ମଲ୍ଟିପ୍ଲେକ୍ସ ଆସିଥିଲେ ମଧ୍ୟ ସେଥିରେ ଓଡ଼ିଆ ଫିଲ୍ମ ରିଲିଜ କରିବା ସମ୍ଭବ ହେଉନି। ଯାହା ବି ରିଲିଜ ହେଉଛି ଗ୍ରାହକ ଏ ତେ ଟ ଙ୍କ। ଦେଇ ସେଠାକୁ ଯିବାକୁ ରାଜି ହେଉନାହାନ୍ତି। ଏଭଳିସ୍ଥଳେ କରୋନା ବୋଝ ଉପରେ ନଳିତା ବିଡ଼ା ସାଜିଛି। ଲକ୍‌ଡାଉନ୍ ପାଇଁ ଓଡ଼ିଆ ଫିଲ୍ମ ଇଣ୍ଡଷ୍ଟ୍ରି ୩ମାସ ମଧ୍ୟରେ ୧୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ହରାଇଛି। ସେହିଭଳି ଫିଲ୍ମ ଶିଳ୍ପ ସହ ପ୍ରତ୍ୟକ୍ଷ ଏବଂ ପରୋକ୍ଷଭାବେ ଜଡ଼ିତ ୫ ହଜାରରୁ ଊର୍ଦ୍ଧ୍ୱ ଲୋକ ପ୍ରଭାବିତ ହୋଇଛନ୍ତି। ଓଡ଼ିଆ ଫିଲ୍ମ ସହ ଜଡ଼ିତ ୧ ହଜାରରୁ ଊର୍ଦ୍ଧ୍ୱ ଟେକ୍ନିସିଆନ, ୮୦୦ରୁ ଊର୍ଦ୍ଧ୍ୱ ପ୍ରଯୋଜକ ଏବଂ ବିତରକ, ୧୪୦ ସିନେମା ହଲ୍ ମାଲିକ ଏବଂ ହଲ୍‌ରେ କାମ କରୁଥିବା ପ୍ରାୟ ୨ ହଜାର କର୍ମଚାରୀ ରୋଜଗାର ହରାଇଛନ୍ତି। ଗୋଟିଏ ସିନେମା ହଲ୍ ଚଲାଇବାକୁ ମାସକୁ ସର୍ବନିମ୍ନ ୨ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥାଏ। ଏଥିରେ ବିଦ୍ୟୁତ୍ ବିଲ୍, ମେଣ୍ଟେନାନ୍ସ ଖର୍ଚ୍ଚ, କର୍ମଚାରୀଙ୍କ ଦରମା ଆଦି ରହିଥାଏ। ମାର୍ଚ୍ଚ ୩୧ରୁ ସିନେମା ହଲ୍ ବନ୍ଦ ହେବାଫଳରେ ପୁଣିଥରେ ହଲ୍ ଖୋଲି ଫିଲ୍ମ ଚଲାଇବା ଅଧିକାଂଶ ମାଲିକଙ୍କ ପାଇଁ ସମ୍ଭବ ହେବନାହିଁ। ବିଶେଷକରି ସିଙ୍ଗିଲ୍ ସ୍କ୍ରିନ୍ ହଲ୍‌ଗୁଡ଼ିକ ଅଧିକ ପ୍ରଭାବିତ ହେବ ବୋଲି ଫିଲ୍ମ ଡିଷ୍ଟ୍ରିବ୍ୟୁଟର ୟୁ.କେ. ଝା କହିଛନ୍ତି।

ସେହିଭଳି କୋଭିଡ୍ ପରବର୍ତ୍ତୀ ସମୟରେ ହଲ୍ ଖୋଲିଲେ ମଧ୍ୟ ଲୋକ ହଲ୍‌କୁ ଯିବାକୁ ଭୟକରିବେ। ଅନ୍ୟ ରାଷ୍ଟ୍ର ଭଳି ସାମାଜିକ ଦୂରତା ରକ୍ଷାକରି ୫୦% ଅକ୍ୟୁପାନ୍ସିରେ ହଲ୍ ଚଲାଇଲେ ମାଲିକମାନଙ୍କୁ ବିପୁଳ କ୍ଷତି ସହିବାକୁ ପଡ଼ିବ। ଏହାବ୍ୟତୀତ ନେଟ୍‌ଫ୍ଲିକ୍ସ, ଆମାଜନ୍ ପ୍ରାଇମ୍, ଡିଜ୍‌ନୀ ପ୍ଲସ୍ ହଟ୍‌ଷ୍ଟାର୍ ଭଳି 'ଓଟିଟି' ପ୍ଲାଟଫର୍ମ ଦର୍ଶକଙ୍କ ସିନେମା ଦେଖିବାର ଅଭ୍ୟାସକୁ ପ୍ରଭାବିତ କରିବ। ଏଭଳିସ୍ଥଳେ ଅତିକମ୍‌ରେ ଆଗାମୀ ୨ବର୍ଷ ପାଇଁ ରାଜ୍ୟ ସରକାର ଫିଲ୍ମ ବିତରକମାନଙ୍କ ପାଇଁ ଜିଏସ୍‌ଟି ଏବଂ ହଲ୍‌ଗୁଡ଼ିକର ବିଦ୍ୟୁତ୍ ଶୁଳ୍କ ସମ୍ପୂର୍ଣ୍ଣ ଛାଡ଼ କରିବାକୁ ଦାବିହୋଇଛି। ନଚେତ୍ କଟକର ନିଶାମଣୀ ଏବଂ ଦୁର୍ଗା ସିନେମା ହଲ୍ ଭଳି ଅଧିକାଂଶ ହଲ୍ କଲ୍ୟାଣ ମଣ୍ଡପ ଓ ମଲ୍‌ରେ ପରିଣତ ହୋଇଯିବ ବୋଲି ସିନେ ସମୀକ୍ଷକ ଦିଲ୍ଲୀପ ହାଲି କହିଛନ୍ତି। ଅଧିକ ହଲ୍ ହେଲେ ଓଡ଼ିଆ ସିନେମା ବଞ୍ଚିରହିବ ବୋଲି ଆଶା ରହିଥିବା ବେଳେ କୋଭିଡ୍ ପରବର୍ତ୍ତୀ ସମୟରେ କିନ୍ତୁ ହଲ୍ ସଂଖ୍ୟା ଆହୁରି କମିଯିବ ବୋଲି ଆଶଙ୍କା ପ୍ରକାଶ ପାଇଛି। ଯଦି ସରକାର ତୁରନ୍ତ ଏ ଦିଗରେ ପଦକ୍ଷେପ ନ ନିଅନ୍ତି ତାହେଲେ ଓଡ଼ିଆ ଫିଲ୍ମର ଭବିଷ୍ୟତ ଅନ୍ଧକାର ମଧ୍ୟକୁ ଠେଲି ହୋଇଯିବ।



## ସ୍ୱପ୍ନରେ ମିନି ସିନେମା ହଲ୍, ଇନ୍‌ଫୋ ଥିଏଟର

ଇତିମଧ୍ୟରେ ଓଡ଼ିଶା ରାଜ୍ୟ ସିନେମା ନୀତି ୨୦୧୯କୁ ଅନୁମୋଦନ ମିଳିଥିବା ବେଳେ ଏଥିରେ ସିମ୍ପ୍ଲେକ୍ସ ଓ ମଲ୍ଟିପ୍ଲେକ୍ସ ନିର୍ମାଣ ପାଇଁ ବିଭିନ୍ନ ପ୍ରୋତ୍ସାହନର ବ୍ୟବସ୍ଥା ରହିଛି। ହେଲେ ଏହାର କାର୍ଯ୍ୟକାରିତାକୁ ନେଇ ଏବେବି ଦ୍ୱନ୍ଦ୍ୱ ରହିଛି। ସୂର୍ଯ୍ୟ ନାରାୟଣ ପାତ୍ର ସଂସ୍କୃତି ମନ୍ତ୍ରୀ ଥିବାବେଳେ ୩୧୪ଟି ବ୍ଲକ୍‌ରେ ମିନି ସିନେମା ହଲ୍ ନିର୍ମାଣ ହେବ ବୋଲି ଘୋଷଣା କରିଥିଲେ। ହେଲେ ଏହାମଧ୍ୟରେ ମନ୍ତ୍ରୀଙ୍କ ଘୋଷଣାକୁ ୧୦ରୁ ୧୨ବର୍ଷ ବିତିଯାଇଥିଲେ ବି ମିନି ସିନେମା ହଲ୍ ତିଆରି ହୋଇପାରିଲାନି। ସେହିଭଳି ପଞ୍ଚାୟତିରାଜ ବିଭାଗ ପକ୍ଷରୁ ପ୍ରତି ବ୍ଲକ୍‌ରେ ଇନ୍‌ଫୋ ଥିଏଟର ନିର୍ମାଣ ହେବ ବୋଲି ରାଜ୍ୟ ସରକାର ପ୍ରତିଶ୍ରୁତି ଦେଇଥିଲେ। ତାହା ବି ଆଜିପର୍ଯ୍ୟନ୍ତ ହୋଇପାରିଲା ନାହିଁ। ଏଭଳିସ୍ଥଳେ ଆବଶ୍ୟକ ସିନେମା ହଲ୍ ନଥିବାରୁ ପ୍ରଯୋଜକମାନେ ଭଲ କିମ୍ବା ଅଧିକ ବଜେଟର ଫିଲ୍ମ ତିଆରି କରିବାକୁ ପଛାଉଥିବା ଉତ୍କଳ ସିନେ ଚାମ୍ବର ଅଫ୍ କମର୍ସ ଅଭିଯୋଗ କରିଛି। ଏହାବ୍ୟତୀତ ଗ୍ରାମୀଣ ଓ ଛୋଟ ସହରଗୁଡିକରେ ସିନେମା ହଲ୍ ତିଆରି ପାଇଁ ଆଗ୍ରହୀ ଲୋକଙ୍କୁ ଯଥାସମ୍ଭବ ଋଣ ତଥା ଆର୍ଥିକ ସହାୟତା ଯୋଗାଇଦେବାକୁ ଦାବିକରିଛି।

## ସଂକ୍ଷେପରେ

### କଟକ: ୮ ଆକ୍ରାନ୍ତରୁ ବଡ଼ମ୍ବାର ୫

**କଟକ ଅଫିସ,୨୮।୬:** କଟକ ଜିଲାରୁ ରବିବାର ମୋଟ ୮ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେଥିରୁ କେବଳ ବଡ଼ମ୍ବାର ୫ ଜଣ ରହିଛନ୍ତି। ୪ଜଣ ସଙ୍ଗରୋଧ କେନ୍ଦ୍ରରୁ ଚିହ୍ନଟ ହୋଇଥିବା ବେଳେ ଜଣେ ସ୍ଥାନୀୟ ଆକ୍ରାନ୍ତ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ସେହିଭଳି କଟକ ସହରରୁ ୨ଜଣ ଚିହ୍ନଟ ହୋଇଛନ୍ତି। ଚିହ୍ନଟ ଦୁଇଜଣ ଆଚାର୍ଯ୍ୟ ହରିହର ସ୍ନାତକୋତ୍ତର କର୍କଟ ରୋଗ ପ୍ରତିଷ୍ଠାନରେ ନର୍ସ ଭାବେ କାର୍ଯ୍ୟ କରୁଛନ୍ତି। ସେହିଭଳି ଏନ୍‌ଡିଆର୍‌ଏଫ୍‌ର ଜଣେ ଯବାନ ମଧ୍ୟ ଆକ୍ରାନ୍ତଙ୍କ ତାଲିକାରେ ରହିଛନ୍ତି। ପଶ୍ଚିମବଙ୍ଗରେ ସାମୁଦ୍ରିକ ଝଡ଼ ଅମ୍ଫନ ପରବର୍ତ୍ତୀ ପୁନରୁଦ୍ଧାର କାର୍ଯ୍ୟରୁ ଫେରିଥିବା କେତେକ ଏନ୍‌ଡିଆରଏଫ୍ ଯବାନଙ୍କୁ ଏସ୍‌ସିବି ଆଇସୋଲେଶନ ୱାର୍ଡରେ ରଖାଯାଇଥିଲା। ସେମାନଙ୍କ ସ୍ୱାବ୍ ନମୁନା ପର୍ଯ୍ୟାୟକ୍ରମେ ପରୀକ୍ଷା ପାଇଁ ପଠାଯାଉଥିଲା। ଗତ ଶନିବାର ପଠାଯାଇଥିବା ସମସ୍ତ ନମୁନା ମଧ୍ୟରୁ କେବଳ ଜଣେ ଯବାନଙ୍କ ରିପୋର୍ଟ ପଜିଟିଭ ଆସିଥିଲା। ସେହିପରି ଡେଣ୍ଟାଲ ୱିଙ୍ଗରୁ ରବିବାର ଯାଏ ୧୮ ଜଣଙ୍କର ନମୁନା ପରୀକ୍ଷା କରାଯାଇଥିବା ବେଳେ ସମସ୍ତଙ୍କ ରିପୋର୍ଟ ନେଗେଟିଭ ଆସିଛି। ଏହାକୁ ମିଶାଇ ଜିଲାରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୫୫୭ରେ ପହଞ୍ଚିଛି। ସେଥିରୁ ୧୧୩ ଜଣ ସୁସ୍ଥ ହୋଇଛନ୍ତି। ଆହୁରି ୪୩୯ଜଣ ଚିକିତ୍ସାଧୀନ ଅଛନ୍ତି। ପୂର୍ବରୁ ୪ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ରବିବାର ଆଉ ଜଣଙ୍କର ମୃତ୍ୟୁ ହୋଇଛି। ମୃତକ ଜଣକ କଟକ ସହରର ବୋଲି ସୂଚନା ମିଳିଛି। ୬୫ ବର୍ଷୀୟ ଏହି ବୃଦ୍ଧ ଜଣକ ମଧୁମେହ, ରକ୍ତଚାପ ଓ କିଡ୍‌ନୀ ରୋଗରେ ପୀଡ଼ିତ ଥିଲେ। ପୂର୍ବର ଜଣେ ଆକ୍ରାନ୍ତଙ୍କ ସେ ହେଉଛନ୍ତି ସମ୍ପର୍କୀୟ।

### ଖୋର୍ଦ୍ଧା ପୌରାଞ୍ଚଳ: ୧୭ନଂ. ୱାର୍ଡ ନିଷିଦ୍ଧାଞ୍ଚଳ

ଖୋର୍ଦ୍ଧା ଅଫିସ,୨୮।୬

ଖୋର୍ଦ୍ଧା ପୌରାଞ୍ଚଳ ଗୁରୁଜଙ୍ଗ ଟାଙ୍ଗୀସାହି ୧୭ନଂ. ୱାର୍ଡରୁ ଜଣେ କରୋନା ପଜିଟିଭ୍ ଚିହ୍ନଟ ହେବା ପରେ ଜିଲା ପ୍ରଶାସନ ପକ୍ଷରୁ ଆକ୍ରାନ୍ତଙ୍କ ବାସଭବନ ଅଞ୍ଚଳ ପରିସୀମାକୁ ୩ଦିନ ଲାଗି ନିଷିଦ୍ଧାଞ୍ଚଳ ଘୋଷଣା କରାଯାଇଛି। ରବିବାର ପୂର୍ବାହ୍ନ ୧୧ଟାରୁ ଜୁଲାଇ ୧ ପୂର୍ବାହ୍ନ ୧୧ଟା ପର୍ଯ୍ୟନ୍ତ ଶଟ୍‌ଡାଉନ ବଳବତ୍ତର ରହିବ। ଏହି ଅଞ୍ଚଳର କୌଣସି ବ୍ୟକ୍ତି ବାହାରକୁ ଯାଇପାରିବେ ନାହିଁ ଏବଂ କୌଣସି ବାହାର ବ୍ୟକ୍ତି ଉକ୍ତ ଅଞ୍ଚଳରେ ପ୍ରବେଶ କରିପାରିବେ ନାହିଁ। ପ୍ରଶାସନ ପକ୍ଷରୁ ସାନିଟାଇଜ୍ କରାଯିବା ସହ ବ୍ୟାରିକେଡ ଦେଇ ସିଲ୍ କରାଯାଇଛି। ପୌର ପ୍ରଶାସନ ପକ୍ଷରୁ ଦିନକୁ ଦୁଇ ଥର ସାନିଟାଇଜ ଏବଂ ଅତ୍ୟାବଶ୍ୟକ ସାମଗ୍ରୀ ପଠାଯିବ ଲାଗି ବ୍ୟବସ୍ଥା କରାଯିବ। ସ୍ୱାସ୍ଥ୍ୟ ଟିମ୍ ଘରକୁ ଘର ବୁଲି ସ୍ୱାସ୍ଥ୍ୟ ସମ୍ପର୍କରେ ତଥ୍ୟ ସଂଗ୍ରହ କରିବେ ବୋଲି ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି।

### ୪ କରୋନା ପଜିଟିଭ୍, ୧୧୫ ସ୍ୱାବ୍ ସଂଗ୍ରହ

ଖୋର୍ଦ୍ଧା ଅଫିସ,୨୮।୬

ଖୋର୍ଦ୍ଧା ଜିଲା (ଭୁବନେଶ୍ୱରକୁ ବାଦ୍ ଦେଇ)ରେ ରବିବାର ୪ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେଥିରେ ବାଲୁଗାଁର ଜଣେ ୨୧ବର୍ଷୀୟ ପୁରୁଷ ତାମିଲନାଡୁରୁ ଫେରି ସଙ୍ଗରୋଧ କେନ୍ଦ୍ରରେ ରହିଥିଲେ। ବାଣପୁର ବ୍ଲକର ୨ଜଣ ପୁରୁଷ ମସ୍କଟ୍ ସହରରୁ ଫେରି ସଙ୍ଗରୋଧ କେନ୍ଦ୍ରରେ ରହିଥିଲେ। ସେହିପରି ଖୋର୍ଦ୍ଧା ଗୁରୁଜଙ୍ଗର ଜଣେ ୭୪ବର୍ଷୀୟା ମହିଳା ବ୍ରହ୍ମପୁରରୁ ଫେରି ଘରୋଇ ସଙ୍ଗରୋଧରେ ରହିଥିଲେ। ସମସ୍ତ ଆକ୍ରାନ୍ତଙ୍କୁ ଚିକିତ୍ସା ଲାଗି ଭୁବନେଶ୍ୱର କୋଭିଡ୍ ହସ୍ପିଟାଲକୁ ପଠାଇ ଦିଆଯାଇଛି। ଅନ୍ୟପଟେ ଜିଲାର ୧୧୫ଜଣଙ୍କ ସ୍ୱାବ୍ ସଂଗ୍ରହ କରାଯାଇ ପରୀକ୍ଷା ଲାଗି ଭୁବନେଶ୍ୱର ପଠାଯାଇଥିବା ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ କୁହାଯାଇଛି।



### ବ୍ରଜପାତରେ ମନ୍ଦିର ଦଧିନଉତି ଫାଟିଲା

**ଖୋର୍ଦ୍ଧାଅଫିସ,୨୮।୬:** ଖୋର୍ଦ୍ଧାବ୍ଲକଦଳେଇପୁଟଗ୍ରାମରେଥିବାହନୁମାନମନ୍ଦିରର ଦଧିନଉତି ରବିବାର ବଜ୍ରପାତରେ ଫାଟିଯାଇଛି। ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଆଶଙ୍କା ସୃଷ୍ଟି ହେବା ସହ ନାନା ଚର୍ଚ୍ଚା ହେଉଛି। ଅନ୍ୟପଟେ ମନ୍ଦିରରେ ଆର୍ଥିଂ ନ ଥିବାରୁ ବଜ୍ରପାତରେ ଦଧିନଉତି ଫାଟି ଯାଇଥିବା କୁହାଯାଉଛି।

## ଯୁକ୍ତ୨ ପରୀକ୍ଷା ନେଇ ଆଜି ବସିବ ବୈଠକ

ଭୁବନେଶ୍ୱର,୨୮।୬(ବ୍ୟୁରୋ)

ରାଜ୍ୟ ସରକାର ଯୁକ୍ତ ୨ର ବାକି ପରୀକ୍ଷାଗୁଡିକ ବାତିଲ କରିଦେବା ନେଇ ସମ୍ଭାବନା ଅଧିକ ମାତ୍ରାରେ ଦେଖାଦେଇଛି। ସିବିଏସଇ ଓ ଆଇସିଏସଇ ପକ୍ଷରୁ ଯୁକ୍ତ ୨ ପରୀକ୍ଷା ବାତିଲ କରି ଦିଆଯାଇଥିବାରୁ ରାଜ୍ୟ ସରକାର ସମାନ ନିଷ୍ପତ୍ତି ନେଇପାରନ୍ତି ବୋଲି ଜଣାପଡୁଛି। ବିଶେଷ ସୂତ୍ରରୁ ମଧ୍ୟ ଏହି ନିଷ୍ପତ୍ତି ନିଆଯିବ ବୋଲି ଶୁଣିବାକୁ ମିଳୁଛି। ହେଲେ ଏନେଇ ସୋମବାର ରାଜ୍ୟ ସରକାରଙ୍କ ସ୍କୁଲ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ, ସଚିବ ଏବଂ ସିଏଚଏସଇ ଅଧ୍ୟକ୍ଷଙ୍କ ମିଳିତ ବୈଠକ ଅନୁଷ୍ଠିତ ହେବ। ଏଥିରେ ଚୂଡାନ୍ତ ନିଷ୍ପତ୍ତି ନିଆଯିବା ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କାର୍ଯ୍ୟାଳୟକୁ ଅନୁମୋଦନ ସକାଶେ ପଠାଇ ଦିଆଯିବ। ଏହାପରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ତରଫରୁ ନିଷ୍ପତ୍ତି ହେବାପରେ ସବୁକିଛି ସ୍ପଷ୍ଟ କରିଦିଆଯିବ ବୋଲି ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ଅନ୍ୟପଟେ ଯେଉଁସବୁ ବିଷୟର ପରୀକ୍ଷା ଯୁକ୍ତ୨ର ଶେଷ ହୋଇଯାଇଛି ସେଗୁଡିକର ମାର୍କିଂ କେଉଁ ଆଧାରରେ ହେବ ତାହା ମଧ୍ୟ ଚୂଡାନ୍ତ ହେବ। ରାଜ୍ୟର ପ୍ରାୟ ସାଢେ ୫ଲକ୍ଷ ଛାତ୍ରୀଛାତ୍ର ଚଳିତ ବର୍ଷ ଯୁକ୍ତ ୨ ପରୀକ୍ଷା ଦେଇଛନ୍ତି। ଶେଷ ହୋଇଥିବା ବିଷୟଗୁଡିକର ମୂଲ୍ୟାୟନ ଆରମ୍ଭ ହୋଇସାରିଛି। ଜୁଲାଇ ୨୫ ଭିତରେ ବିଜ୍ଞାନ ଏବଂ ଅଗଷ୍ଟ ପ୍ରଥମ ସପ୍ତାହରେ କଳା, ବାଣିଜ୍ୟ ଓ ଧନ୍ଦାମୂଳକ ଶିକ୍ଷାର ଫଳ ପ୍ରକାଶ ପାଇବ ବୋଲି ଜଣାପଡିଛି।

## ଭୁବନେଶ୍ୱରରେ ସୁସ୍ଥ ହାର ଅଧିକ

- ପୁଣି ୬ ପଜିଟିଭ୍ ଚିହ୍ନଟ, ୧୯ ଆରୋଗ୍ୟ
- ମୋଟ ଆକ୍ରାନ୍ତ ୨୯୨, ସୁସ୍ଥ ହୋଇଛନ୍ତି ୧୬୫

ଭୁବନେଶ୍ୱର, ୨୮।୬ (ବ୍ୟୁରୋ)

ଭୁବନେଶ୍ୱରରେ ଆକ୍ରାନ୍ତଙ୍କ ସଂଖ୍ୟା ବଢୁଥିଲେ ମଧ୍ୟ ଏବେ କିଛିଦିନ ହେବ ସୁସ୍ଥ ହାର ଅଧିକ ରହୁଛି। ଏହାକୁ କୋଭିଡ୍ ଚିକିତ୍ସା ଓ ପରିଚାଳନାଗତ ସଫଳତା କୁହାଯାଉଥିବାବେଳେ ଜନସାଧାରଣ ସବୁବେଳେ ସଚେତନ ତଥା ସତର୍କ ରହିବାକୁ ଆହ୍ୱାନ ଦିଆଯାଇଛି। ଶେଷ ୨୪ ଘଣ୍ଟା ମଧ୍ୟରେ ସହରରେ ମୋଟ ୬ଜଣ ନୂଆ ପଜିଟିଭ୍ ଚିହ୍ନଟ ହୋଇଥିବାବେଳେ ୧୯ଜଣ ଆରୋଗ୍ୟ ଲାଭ କରିଛନ୍ତି। ସବୁଠୁ ବଡ଼ କଥା ହେଲା ସୁବାସ ନଗର ବସ୍ତିରୁ ଚିହ୍ନଟ ପ୍ରଥମ କରୋନା ରୋଗୀଙ୍କ ସହ ଅନ୍ୟ ୪ଜଣ ସୁସ୍ଥ ହୋଇଛନ୍ତି। ବର୍ତ୍ତମାନ ଏହି ବସ୍ତି କଣ୍ଟେନମେଣ୍ଟ ଜୋନ୍‌ରେ ରହିଥିଲେ ମଧ୍ୟ ସମସ୍ତ ଆକ୍ରାନ୍ତ ସୁସ୍ଥ ହେବା ଓ ଆଉ କୌଣସି ନୂଆ ଆକ୍ରାନ୍ତ ନ ବାହାରିବା ବିଏମ୍‌ସିକୁ ଆଶ୍ୱସ୍ତ କରିଛି। ଅନ୍ୟ ସୁସ୍ଥଙ୍କ ମଧ୍ୟରେ ଶହୀଦନଗରରୁ ଜଣେ ୨୪ ବର୍ଷୀୟା ମହିଳା, ଚନ୍ଦ୍ରଶେଖରପୁରର ଆଦିତ୍ୟ କେୟାର ହସ୍ପିଟାଲ ନିକଟରୁ ଜଣେ, ମଞ୍ଚେଶ୍ୱର ରେଲ୍‌ୱେ ୱାର୍କଶପ୍ ନିକଟରୁ ୩ଜଣ ମହିଳା, ନୟାପଲ୍ଲୀ ଶବରସାହିରୁ ଜଣେ ୧୬ ବର୍ଷୀୟ ନାବାଳକ ଓ ଅନ୍ୟଜଣେ ୨୦ ବର୍ଷୀୟା ଯୁବତୀ, ପଟିଆ ପ୍ରଶାନ୍ତି ବିହାରରୁ ୩୬ ବର୍ଷୀୟ ପୁରୁଷ ଓ ୩୦ ବର୍ଷୀୟା ମହିଳା, ଡୁମୁଡୁମାରୁ ଜଣେ ୩୭ ବର୍ଷୀୟ ପୁରୁଷ, ସୈନିକ ସ୍କୁଲ୍ ନିକଟରୁ ୩୮ ବର୍ଷୀୟ ପୁରୁଷ, ୨ଜଣ ପୁରୁଷ ରେଳ କର୍ମଚାରୀ ସୁସ୍ଥ ହୋଇଥିବାବେଳେ ଜଣେ ଅନ୍ୟ ଜିଲାର ୨୫ ବର୍ଷୀୟ ଯୁବକ ସୁସ୍ଥ ହୋଇଥିବା ବିଏମ୍‌ସି ପକ୍ଷରୁ ସୂଚନା ମିଳିଛି।

ଅନ୍ୟପକ୍ଷରେ ୬ଜଣ ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ୩ଜଣ ହୋମ୍ କ୍ୱାରାଣ୍ଟାଇନ୍‌ରେ ଥିଲେ ଓ ଅନ୍ୟ ୩ଜଣ ସ୍ଥାନୀୟ ସଂକ୍ରମିତ ରହିଛନ୍ତି। ଡୁମୁଡୁମା ଫେଜ୍-୧ର ଜଣେ ବାଙ୍ଗାଲୋର ଫେରନ୍ତା ରହିଥିବାବେଳେ ନୟାପଲ୍ଲୀ ଆଇଆର୍‌ସି ଭିଲେଜରୁ ଜଣେ ଓ ବାପୁଜୀ ନଗରରୁ ଚିହ୍ନଟ ଅନ୍ୟଜଣେ ପଶ୍ଚିମବଙ୍ଗରୁ ଫେରି ହୋମ୍ କ୍ୱାରାଣ୍ଟାଇନ୍‌ରେ ଥିଲେ ବୋଲି ଜଣାପଡ଼ିଛି।

ସେହିପରି ସ୍ଥାନୀୟ ସଂକ୍ରମିତଙ୍କ ମଧ୍ୟରେ ୨ଜଣ ଟଙ୍କପାଣି ରୋଡ୍‌ର ହୋଇଥିବାବେଳେ ଜଣେ ହେଉଛନ୍ତି ଏକ ଘରୋଇ ହସ୍ପିଟାଲର ୨୪ ବର୍ଷୀୟ ମହିଳା କର୍ମଚାରୀ। ସେ ଜଣେ ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସି ସଂକ୍ରମିତ ହୋଇଥିବା ଜଣାପଡିଛି। ଅନ୍ୟଜଣେ ସଂକ୍ରମିତ ଟଙ୍କପାଣି ରୋଡ୍‌ର ରାଜାରାଣୀ ମନ୍ଦିର ନିକଟରୁ ଚିହ୍ନଟ ହୋଇଛନ୍ତି। ସେହିପରି ତୃତୀୟ ସ୍ଥାନୀୟ ଆକ୍ରାନ୍ତ ହେଉଛନ୍ତି ଫରେଷ୍ଟ ପାର୍କ ଅଞ୍ଚଳର ୩୬ ବର୍ଷୀୟ ପୁରୁଷ। ତାଙ୍କର କୌଣସି ଗସ୍ତ ବିବରଣୀ ନ ଥିବାରୁ ଅନ୍ୟ ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସି ସଂକ୍ରମିତ ହୋଇଥିବା ଅନୁମାନ କରାଯାଉଛି। ତେଣୁ ତାଙ୍କର କଣ୍ଟାକ୍ଟ ଟ୍ରେସିଂ ଉପରେ ଗୁରୁତ୍ୱ ଦେଉଛି ବିଏମ୍‌ସି।

ତେବେ ନୂଆ ଆକ୍ରାନ୍ତ ଓ ସୁସ୍ଥଙ୍କୁ ହିସାବକୁ ନେଲେ ଭୁବନେଶ୍ୱରରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୨୯୨ରେ ପହଞ୍ଚିଥିବାବେଳେ ସୁସ୍ଥଙ୍କ ସଂଖ୍ୟା ୧୬୫ ଛୁଇଁଛି।

## ୮୬ ଜେଲର ଭିତ୍ତିଭୂମି ପାଇଁ ୫୦କୋଟି ମଞ୍ଜୁର

ଭୁବନେଶ୍ୱର,୨୮।୬ (ବ୍ୟୁରୋ)

**ଧରିତ୍ରୀ ପ୍ରଭାବ**

ରାଜ୍ୟରେ ଅଧିକାଂଶ ଜେଲ୍‌ରେ ଆବଶ୍ୟକ ଭିତ୍ତିଭୂମି ନ ଥିବାରୁ କରୋନା ସଂକ୍ରମଣ ଆଶଙ୍କା ରହିଛି। ଇତିମଧ୍ୟରେ ୩ ଜେଲ୍‌ରୁ ୧୦ କଏଦୀ ଆକ୍ରାନ୍ତ ହୋଇଛନ୍ତି। ବାସ୍ତବ ସ୍ଥିତିକୁ ନେଇ ଗତ ୨୫ ତାରିଖରେ ଧରିତ୍ରୀରେ ଏକ ଅନୁସନ୍ଧାନ ମୂଳକ ଖବର 'ଜେଲରେ ବିସ୍ଫୋରକ ରୂପ ନେବ କରୋନା' ଶୀର୍ଷକ ଖବର ପ୍ରକାଶ ପାଇଥିଲା। ଏହି ଆଧାରରେ ୮୬ ଜେଲର ଅନ୍ତେବାସୀ ଓ କର୍ମଚାରୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ୫୦ କୋଟି ଟଙ୍କା ମଞ୍ଜୁର ହୋଇଛି। ଏହି ପାଣ୍ଠିରୁ ଅର୍ଗାନାଇଜ୍ ବର୍ଜ୍ୟବସ୍ତୁ ରୂପାନ୍ତରକାରୀ ମେଶିନ, ଶୁଖିଲା ସଫେଇ ମେଶିନ, ଭାକ୍ୟୁମ୍ କ୍ଲିନର ଓ ଫ୍ଲୋର୍ ସ୍କ୍ରବର ଭଳି ଉପକରଣ କିଣିବାରେ ବିନିଯୋଗ ହେବ। ଜେଲ ଡିଜି ସନ୍ତୋଷ ଉପାଧ୍ୟାୟ କହିଛନ୍ତି, ୫୦ କୋଟିର ପ୍ରଥମ ବିନିଯୋଗ ଭାବେ ୫ଟି ସର୍କଲ ଜେଲରେ ଅର୍ଗାନାଇଜ୍ ବର୍ଜ୍ୟବସ୍ତୁ ରୂପାନ୍ତରୀକାରୀ ମେଶିନ ଏବଂ ଶୁଖିଲା ସଫେଇ ଉପକରଣ ଯୋଗାଇ ଦିଆଯିବ। କର୍ମଚାରୀଙ୍କ କ୍ୱାର୍ଟର୍ସ ପାଇଁ ମଧ୍ୟ ପାଣ୍ଠି ଖର୍ଚ୍ଚ ହେବ।

## ନିୟମ ଭାଙ୍ଗିଥିଲେ, ଖବରଦାତାଙ୍କୁ ବୁଲାଇଥିଲେ

**ଏସିପି, ଡିଏସ୍‌ପିଙ୍କ ରଥଯାତ୍ରା କଟକଣା ଉଲ୍ଲଂଘନ ଘଟଣା**

ଭୁବନେଶ୍ୱର,୨୮।୬ (ବ୍ୟୁରୋ)

କମିଶନରେଟ ପୋଲିସର ଜଣେ ଏସିପି ଓ ଜିଲାର ଜଣେ ଡିଏସ୍‌ପି ନିୟମ ଭାଙ୍ଗି ପୁରୀ ରଥଯାତ୍ରା ବୁଲିବା ଘଟଣାକୁ ନେଇ ପୋଲିସ ବିଭାଗରେ ହଇଚଇ ସୃଷ୍ଟି ହୋଇଛି। ୧୪୪ ଧାରାକୁ ଉଲ୍ଲଂଘନ କରି କିଭଳି ଏହି ଦୁଇ ଅଫିସର ରଥ ନିକଟକୁ ଗଲେ ତାହାକୁ ନେଇ ମଧ୍ୟ ଖୋଳତାଡ଼ ଚାଲିଛି। ଏନେଇ ଧରିତ୍ରୀରେ ଖବର ପ୍ରକାଶ ପାଇବା ପରେ ସେମାନଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥିବା ଜଣାପଡ଼ିଛି। କେବଳ ସେତିକି ନୁହେଁ, ପୂର୍ବରୁ ବିବାଦରେ ଛନ୍ଦି ହୋଇଥିବା ଏହି ଦୁଇ ଅଫିସର ନିଜେ ଆଇନକୁ ଉଲ୍ଲଂଘନ କରି ରାତି ଅଧିଆ ଭୁବନେଶ୍ୱରର କେତେଜଣ ଖବରଦାତାଙ୍କୁ ପୁରୀ ନେଇ ବୁଲାଇଥିଲେ ବୋଲି ସୂଚନା ମିଳିଛି। ଖବରଦାତାମାନଙ୍କୁ ବିଭିନ୍ନ ଛକରେ ପୋଲିସ ଅଟକାଇଥିଲେ ମଧ୍ୟ ସମ୍ପୃକ୍ତ ଡିଏସ୍‌ପିଙ୍କ ଫୋନ୍ କଲ୍ ପରେ ଛାଡ଼ି ଦେଉଥିଲେ। ଫଳରେ ବହୁ ଖବରଦାତା ପୋଲିସ ସୁରକ୍ଷା କର୍ଡ଼ନ ଭାଙ୍ଗି ୧୪୪ ଧାରା ଲାଗିଥିବା ଅଞ୍ଚଳରେ ପ୍ରବେଶ କରି ରଥ ନିକଟରେ ଫଟୋ ଉଠାଇ ସୋସିଆଲ ମିଡ଼ିଆରେ ଛାଡିଥିଲେ। ଏନେଇ ବିବାଦ ଉଠିବା ପରେ କେତେଜଣ ଖବରଦାତା ସୋସିଆଲ ମିଡ଼ିଆରୁ ଉକ୍ତ ପୋଷ୍ଟ ଓ ଫଟୋକୁ କାଟି ଦେଇଥିବା ଦେଖିବାକୁ ମିଳିଛି। ଘଟଣାର ନିରପେକ୍ଷ ତଦନ୍ତ ହେଲେ ଦୁଇ ଅଫିସରଙ୍କ ଅନେକ କାର୍‌ନାମା ପଦାକୁ ଆସିବ ବୋଲି କୁହାଯାଉଛି। କିନ୍ତୁ ବଦନାମ ଭୟରେ ଉଚ୍ଚ ପଦସ୍ଥ ଅଫିସରମାନେ ଘଟଣାକୁ ଚାପି ଦେବାକୁ ଚାହୁଁଛନ୍ତି। ପୁରୀ ଏସ୍‌ପି ଏହି ଦୁଇ ଅଧିକାରୀଙ୍କ ବିରୋଧରେ ତଦନ୍ତ କରି ଡିଜିପିଙ୍କୁ ରିପୋର୍ଟ ଦେଇଥିଲେ ମଧ୍ୟ ଘଟଣା ସଂକ୍ରାନ୍ତରେ ମୁହଁ ଖୋଲୁନାହାନ୍ତି।

ସୂଚନାଯୋଗ୍ୟ, ରଥଯାତ୍ରା ଦିନ ଦୁଇ ପୋଲିସ ଅଫିସର ନିଜ ପଦବୀର ଅପବ୍ୟବହାର କରି ସରକାରୀ ଗାଡ଼ିରେ ପୁରୀ ଯାଇଥିଲେ। ବିନା ଡ୍ୟୁଟିରେ ଜଣେ ପୋଲିସ ବର୍ଦ୍ଦିରେ ଓ ଅନ୍ୟଜଣେ ସାଦା ପୋଷାକରେ ପହଞ୍ଚିଥିଲେ। କିନ୍ତୁ ସେଠାରେ ସେମାନେ ଧରାପଡି ଯାଇଥିଲେ। ଏସ୍‌ପି ସେମାନଙ୍କୁ ତାଗିଦ କରିବା ପରେ ଏନେଇ ଡିଜିପିଙ୍କୁ ଏକ ରିପୋର୍ଟ କରିଛନ୍ତି। ଡିଜିପି ଦୁଇ ଅଧିକାରୀଙ୍କୁ ରିପୋର୍ଟ ତଲବ କରିବେ ବୋଲି କୁହାଯାଉଛି। ତେବେ ଲ'ଆଣ୍ଡ ଅର୍ଡର ଦାୟିତ୍ୱରେ ଥିବା ସୌମେନ୍ଦ୍ର ପ୍ରିୟଦର୍ଶୀ କହିଛନ୍ତି, ଏନେଇ ମୋ ନିକଟରେ ସେଭଳି କିଛି ଖବର ନାହିଁ। ଏଭଳି ଯଦି ହୋଇଥିବା ତାହା ଠିକ୍ ନୁହେଁ। ପୁରୀ ଏସ୍‌ପି ଏନେଇ ଯାଞ୍ଚ କରିବେ ବୋଲି ସେ କହିଛନ୍ତି। ଏନେଇ ଶନିବାର ପୁରୀ ଏସ୍‌ପି ଉମାଶଙ୍କର ଦାଶଙ୍କୁ ପଚାରିବାରୁ ସେ କ'ଣ ହୋଇଛି ବୁଝୁଛି ବୋଲି କହି ଫୋନ୍ କଲ୍ କାଟି ଦେଇଥିଲେ। ରବିବାର ତାଙ୍କୁ ଫୋନ୍ କରାଯାଇଥିଲେ ମଧ୍ୟ ସେ ରିସିଭ୍ କରି ନ ଥିଲେ।


CLASSIFIED DISPLAY

MORE SPACE • SAME PRICE

TARIFF — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।

A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିୟା ମୌଳବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
7503449786
9818298397
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

INDIA NETWORK
ଗୋଲ୍ଡ ମେଡାଲିଷ୍ଟ Govt. Approved କମ୍ପାନି ଦ୍ୱାରା ମାନ୍ୟତା ପ୍ରାପ୍ତ ସମସ୍ତ ଡିଜିଟାଲ ମଲ୍ଟିମିଡିଆ 4G/5G ଟାୱାର କମ୍ପାନି ଆପଣଙ୍କର ଖାଲି ଜମି, ଛାତ ଏବଂ ପ୍ଲଟରେ ଲଗାନ୍ତୁ।

Rupees 20 ଲକ୍ଷ advance
35,000/- rent, 2 ଜଣଙ୍କୁ ଚାକିରି ସହିତ 20,000/- ଦରମା
www.indiatelecom.in
7599145935
8280122168

ଖର୍ଚ୍ଚ ଋଣରୁ କଟିବ
HDB FINANCE
ନ୍ୟାଶନାଲ ଅୱାର୍ଡ ଭାରତର ନଂ.1 କମ୍ପାନୀ
- ବ୍ୟବସାୟ ଋଣ
- ପ୍ରପର୍ଟି ଋଣ
- ମାର୍କଶିଟ୍ ଋଣ
- ଆଧାରକାର୍ଡ ଋଣ
- ପର୍ସନାଲ ଋଣ
- ବିପିଏଲ୍ ଋଣ
- ଆଦି ସବୁ ଋଣ

2% ସୁଧ
40% ଛାଡ଼

ଋଣ ଧମାକା
ମହିଳା, ସରକାରୀ କର୍ମଚାରୀଙ୍କୁ ବିଶେଷ ରିହାତି
94572-93387
94572-94728
ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ କଲ୍ କରନ୍ତୁ।

BIJAY FINANCE
BIJAY FINANCE
ସମସ୍ତ ପ୍ରକାର LOAN ୭ ଦିନ ମଧ୍ୟରେ ଯୋଗାଇ ଦେଉଛି। ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, କୃଷି, ଶିକ୍ଷା, ଗୃହ, କୁକୁଡ଼ା ପାଳନ, ଗାଈ ପାଳନ ଓ ମାଛଚାଷ ୨% ସୁଧରେ।
7656825269
7656825011
Yamuna Vihar, Shadara, New Delhi, Budamal, Baragarh, Odisha


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


ମନେ ପଡ଼ନ୍ତି
ପନ୍ଦରତମ ଶ୍ରାଦ୍ଧବାର୍ଷିକୀ

ସ୍ୱର୍ଗତ ଇଂ. ରବୀନ୍ଦ୍ରନାଥ ଜଗଦ୍ଦେବ
ଶବର ସାହି, କଳ୍ପନା ଏରିଆ, ଭୁବନେଶ୍ୱର
ଆବିର୍ଭାବ: ୦୮।୧୦।୧୯୪୦
ତିରୋଧାନ: ୧୬।୦୭।୨୦୦୫
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ଆମ୍ଭମାନଙ୍କର ଗଭୀର ଶ୍ରଦ୍ଧାଞ୍ଜଳି, ଆପଣଙ୍କର ପରିବାରବର୍ଗ।
ଧ-୧୭୫୯୨



OFFICE OF THE NOTIFIED AREA COUNCIL, KHARIAR
AT/PO-KHARIAR, Dist.-NUAPADA, PIN-766107
OFFICE PH.NO.-06671-224294
e-mail- khariarn.hud@ori.nic.in

Letter No.2045/NAC KHR Dated 26.06.2020

TENDER CALL NOTICE

Sealed tender is invited from Odisha State registered firms/agencies/proprietors having valid licence/ authorization for Supply & Installation of 24 Nos. of LED street light with octagonal pole from Ambedkar Chowk to Boden Chowk in Khariar NAC through Two Bid System.

| | |
|---|---|
| Estimated cost | : Rs.24,00,000.00 |
| Cost of tender paper | : Rs.6,000.00 |
| Earnest money deposit | : Rs.24,000.00 |
| Issue of tender paper | : 29.06.2020 to 06.07.2020 upto 5.00 P.M. |
| Last date of submission of tender | : 5.00 P.M. on 08.07.2020 |
| Opening of technical bid | : 11.00 A.M. on 10.07.2020 |
| Opening of financial bid | : 12.00 Noon on 10.07.2020 |

Executive Officer, NAC, Khariar reserves it's right to change/cancel the tender without assigning any reason thereof.

For details please visit www.nuapada.nic.in or the Office of the Notified Area Council, Khariar.

Sd./-Executive Officer
NAC, Khariar

ଅତିମାନସ ଉପଲବ୍ଧି ହେଲା- ଯେଉଁ ସତ୍ୟ ଊର୍ଦ୍ଧ୍ୱ ଲୋକରୁ ଆସୁଛି- ତା'ସହିତ ନିମ୍ନଲୋକ ବା ଅଧୋଲୋକରୁ ଆସୁଥିବା ସତ୍ୟ ସହିତ ସଂପୂର୍ଣ୍ଣ ମିଳନର ଉପଲବ୍ଧି। -ଶ୍ରୀମା



# ଶ୍ରମ ଆଇନର କାମଚଳା ସଂସ୍କାର



ଶକ୍ତି ପ୍ରସାଦ ଦାସ

ଅନେକ ଜୀବନହାନି ସହିତ କୋଭିଡ୍ ମହାମାରୀର ସଂକ୍ରମଣ ଜାତୀୟ ବିପର୍ଯ୍ୟୟର ରୂପ ନେଇସାରିଛି। ସମାଜ ତା'ର ନିଜସ୍ୱ ଶକ୍ତି ଦ୍ୱାରା ବିପର୍ଯ୍ୟୟକୁ ମୁକାବିଲା କରିବାରେ ଅକ୍ଷମ। ତେଣୁ, ବିପର୍ଯ୍ୟୟ ପରିଚାଳନା ଅଧିନିୟମ-୨୦୦୫ ଅନ୍ତର୍ଗତ 'ଜାତୀୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ'(ଏନ୍‌ଡିଏମ୍‌ଏ), ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ବୈଜ୍ଞାନିକ ନୂଆ ନୂଆ ନୀତି, ଯୋଜନା ଓ ନିର୍ଦ୍ଦେଶାବଳୀ ଇତ୍ୟାଦି ଆଣି ରାଜ୍ୟମାନଙ୍କ ସହ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରୁଛି।

ମାର୍ଚ୍ଚ ୨୯ ତାରିଖରେ ଗୃହ ମନ୍ତ୍ରଣାଳୟ ଶ୍ରମିକମାନଙ୍କ ଲକ୍‌ଡାଉନ୍ ଅବଧିର ଦରମା ଓ ମଜୁରି ପ୍ରଦାନ କରିବାକୁ ଆଇନଗତ ଭାବରେ ବାଧ୍ୟତାମୂଳକ ନିର୍ଦ୍ଦେଶ ଘୋଷଣା କଲେ। କିନ୍ତୁ, ଶିଳ୍ପ ସମୃଦ୍ଧ ପଶ୍ଚିମ ଓ ଦକ୍ଷିଣ ରାଜ୍ୟଗୁଡ଼ିକରେ ଶ୍ରମ କଣ୍ଟ୍ରାକ୍ଟର, କଳ-କାରଖାନା ଓ ଛୋଟ ଛୋଟ କମ୍ପାନୀର ମାଲିକମାନେ ଏମାନଙ୍କ ସମସ୍ୟାରୁ ହାତ ଝାଡି ବସିଯାଇଛନ୍ତି। ଏମାନେ ଶ୍ରମିକଙ୍କ ମାର୍ଚ୍ଚ ମାସରେ କରିଥିବା କାମ ବାବଦର ମଜୁରି ମଧ୍ୟ ଦେବାକୁ ଭୁଲିଯାଇଛନ୍ତି। ପ୍ରବାସୀ ଶ୍ରମିକମାନଙ୍କୁ ଗୋଟିଏ ମାସର ମଜୁରି ଦେବାକୁ ଉଚିତ ମଣିଲେ ନାହିଁ ଏମାନେ। ଉଚ୍ଚତମ ନ୍ୟାୟାଳୟ କହିଲେ ଯେ, ଲକ୍‌ଡାଉନ୍ ଅବଧି ମଧ୍ୟରେ ଶ୍ରମିକମାନଙ୍କୁ ସମ୍ପୂର୍ଣ୍ଣ ମଜୁରି ଦେବାକୁ ସରକାର ନିଯୁକ୍ତିଦାତାଙ୍କୁ ବାଧ୍ୟ କରିପାରିବେ ନାହିଁ। କର୍ମଚାରୀ ଓ ନିଯୁକ୍ତିଦାତାଙ୍କ ମଧ୍ୟରେ ରାଜ୍ୟ ସରକାରୀ ଶ୍ରମ ବିଭାଗ ବୁଝାମଣାକୁ ସୁଗମ କରିବାକୁ ଆଦେଶ ଦେଲେ।

୧୯୭୯ର ପ୍ରବାସୀ ଶ୍ରମିକ ଅଧିନିୟମ ଯଦି କୌଣସି ପ୍ରକାରରେ କାର୍ଯ୍ୟକାରୀ ହୋଇଥା'ନ୍ତା, ତେବେ ସେମାନେ ଶ୍ରମିକମାନଙ୍କୁ ସାହାଯ୍ୟ କରିବା ପାଇଁ ଏକ ଉତ୍ତମ ସ୍ଥିତିରେ ଥା'ନ୍ତେ। ଆଜି ଏହି ଶ୍ରମ-ସଙ୍କଟ ଉପୁଜି ନ ଥା'ନ୍ତା। ବାସ୍ତବରେ, ପ୍ରଚଳିତ ଶ୍ରମ ଆଇନଗୁଡ଼ିକ ଭାରତୀୟ ଶ୍ରମବଳର କେବଳ ଏକ କ୍ଷୁଦ୍ର ଭାଗ-ଔପଚାରିକ ଶ୍ରମବଳକୁ ସୁରକ୍ଷା ଦେଇଥାଏ। ସଂଖ୍ୟାଗରିଷ୍ଠ ଅଣଔପଚାରିକ ଶ୍ରମବଳ ତଥା ଅସଙ୍ଗଠିତ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଶ୍ରମିକମାନେ ଏହି ଶ୍ରମ ଆଇନରୁ ସେଭଳି କିଛି ଲାଭ ପାଇ ନ ଥା'ନ୍ତି। ୪୫୦ ନିଯୁତ ଶ୍ରମିକଙ୍କ ମଧ୍ୟରୁ କେବଳ ୧୧ ନିଯୁତରୁ କମ୍ ଲୋକଙ୍କୁ ଆଜି ଏହି ନାମମାତ୍ର ସେବା ପ୍ରଦାନ କରାଯାଉଛି। ଶ୍ରମ ଆଇନଗୁଡ଼ିକୁ ମୁଖ୍ୟତଃ ମାର୍ଗଦର୍ଶିକା ଓ ଅନ୍ୟାୟର ପ୍ରତିବନ୍ଧକ ଭାବରେ ବ୍ୟବହାର କରାଯାଉଛି।

ଗୃହ ମନ୍ତ୍ରଣାଳୟର ମାର୍ଚ୍ଚ ୨୯ ତାରିଖର ଆଦେଶନାମାକୁ ଫୁ କରିଥିବା କିଛି ପୁଞ୍ଜିପତି ଜେଲ ଯିବା ପରିବର୍ତ୍ତେ, ବେରୋଜଗାରୀର ଏହି ସୁଯୋଗକୁ ହାତଛଡା ନ କରି ଶ୍ରମ ଆଇନକୁ ରଦ୍ଦ କିମ୍ବା ସ୍ଥଗିତ କରାଇବାକୁ ପ୍ରଚେଷ୍ଟା ଆରମ୍ଭ କରିଦେଲେଣି। କାରଣ, ଶ୍ରମିକମାନଙ୍କୁ ଛଟେଇ କରୁଥିବା କିମ୍ବା ମଜୁରି ଦେଉ ନ ଥିବା କୌଣସି ନିଯୁକ୍ତିଦାତା କିମ୍ବା ଶ୍ରମ କଣ୍ଟ୍ରାକ୍ଟରମାନଙ୍କୁ ଚିହ୍ନଟ ବା ଦଣ୍ଡିତ କରାଯିବାର କୌଣସି ଲକ୍ଷଣ ଦେଖାଯାଉନାହିଁ। ଏମାନଙ୍କ ଯୁକ୍ତି ହେଲା, ଶ୍ରମ ଆଇନ ଭାରତୀୟ ଶିଳ୍ପର ଅଗ୍ରଗତିକୁ ଅବରୋଧ କରି ରଖିଛି। ଶ୍ରମିକ ଔପଚାରିକତାକୁ ଏହି ଶ୍ରମ ଆଇନ ପଞ୍ଝରେ ପକାଇ ଦେଇଛି। ତେଣୁ ଭାରତରେ ଶିଳ୍ପାୟନ ଅଗ୍ରଗତି କରିପାରୁ ନାହିଁ। ଆଉ ସାମ୍ପ୍ରତିକ କୋଭିଡ୍ ପରିପ୍ରେକ୍ଷୀରେ ଏମାନଙ୍କର ଆର୍ଥିକ ସ୍ଥିତି ସୁଧାରିବାକୁ ହେଲେ, ଏହି ଶ୍ରମ ଆଇନକୁ ଉଚ୍ଛେଦ କରିବା ଦରକାର ଅଛି। ୨୦୧୬ର ବିମୁଦ୍ରୀକରଣ ଧକ୍କା ଓ ୨୦୧୭ର ଦ୍ରୁତଗୁଣ୍ଡ ଜିଏସ୍‌ଟି ଏମାନଙ୍କର ଅର୍ଥନୀତିକୁ ଅବରୁଦ୍ଧ କଲାବେଳେ, ୨୦୧୮ର ଇଲେକ୍ଟୋରାଲ ବଣ୍ଡ କିଣିବାକୁ ଭୁଲି ନ ଥିବେ ଏମାନେ। କିନ୍ତୁ, ଏହି ଜାତୀୟ ବିପତ୍ତି ସମୟରେ, ଶ୍ରମିକ ଭୋକ ଉପାସରେ ରାଜରାସ୍ତାରେ ଥିବାବେଳେ, ସେମାନଙ୍କ ସୁରକ୍ଷା ଦେବା ତ ଦୂର କଥା, ଯାହା କିଛି ସାମାନ୍ୟ ସୁରକ୍ଷା କବଚ କିଛିଏ ଥିଲା, ସେତକ ଲୁଟିବାକୁ ଅଣ୍ଟା ଭିଡ଼ିଛନ୍ତି।

ବାସ୍ତବରେ, ଶିଳ୍ପ ବିବାଦ ଆଇନର କିଛି ଧାରାକୁ ବାଦ୍‌ଦେଲେ ତାତ୍ତ୍ୱିକ ଆଲୋଚନା କରି ତିନି ଦୁଇରେ ଛେଳି କୁକୁର ଭଳି ସମଗ୍ର ଶ୍ରମ ଆଇନକୁ ପରିତ୍ୟାଗ କରିବାକୁ ଏକ ଭ୍ରାନ୍ତ ଧାରଣା ସୃଷ୍ଟି କରାଯାଉଛି। ଶ୍ରମ ଆଇନ ଏହି ସଙ୍କଟ ସୃଷ୍ଟି କରିନାହିଁ, ଶ୍ରମ ଆଇନକୁ ଠିକ୍ ଭାବରେ କାର୍ଯ୍ୟକାରୀ କରାଯାଇ ନ ଥିବାରୁ ଏହି ସଙ୍କଟ ଆସିଛି।

ସିଏମ୍‌ଆଇଇ ଅନୁଯାୟୀ ତାଲାବନ୍ଦ ମଧ୍ୟରେ ୧୨ କୋଟିରୁ ଅଧିକ ଭାରତୀୟ ରୋଜଗାର ହରାଇଛନ୍ତି। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରମାନେ 'ବ୍ୟବସାୟରେ ସହଜତା' ବା 'ଇଜ୍‌ଅଫ ଡୁଇଂ ବିଜ୍‌ନେସ୍' ସମ୍ପର୍କରେ ଚିନ୍ତା ପ୍ରକଟ କରୁଛନ୍ତି। କେବଳ କଠୋର ଶ୍ରମ ଆଇନ ଭାରତର 'ଇଜ୍‌ଅଫ ଡୁଇଂ ବିଜ୍‌ନେସ୍'କୁ ବିରୋଧ କରୁଛି ଭାବିବା ଭୁଲ ହେବ। ଅନ୍ୟାନ୍ୟ ସମସ୍ୟା ଯେପରିକି, ଦୁର୍ବଳ ଭିତ୍ତିଭୂମି, କୁଶଳୀ ଶ୍ରମବଳର ଅଭାବ ଓ ଏକ ଅସ୍ଥିର ଟିକସ ବ୍ୟବସ୍ଥା ଇତ୍ୟାଦି ସହିତ ଏବେ ବି ସଂଘର୍ଷ କରୁଛି।

ବର୍ତ୍ତମାନ କୋଭିଡ୍-୧୯ ସଙ୍କଟ ଆମୂଳଚୂଳ ପରିବର୍ତ୍ତନର ସମ୍ଭାବନାକୁ ଉଜ୍ଜ୍ୱଳ ରଖିଛି। ପରିବର୍ତ୍ତନର ପ୍ରଥମ ସୋପାନ ଭାବରେ ଶ୍ରମକ୍ଷେତ୍ରକୁ ବାଛିବା ସହଜ ହୋଇଛି। କିନ୍ତୁ, ସଂସ୍କାର ନାମରେ ଭାରତରେ ଅନେକ ପ୍ରକାର କରାଯାଉଥିବାରୁ ପ୍ରଶ୍ନ ହେଉଛି, ପ୍ରକୃତରେ କାହାକୁ ଶ୍ରମ ଆଇନ ସଂସ୍କାର ଭାବରେ ଶ୍ରେଣୀଭୁକ୍ତ କରାଯାଇପାରିବ?

ଶ୍ରମବଳକୁ ନିୟନ୍ତ୍ରଣ କରୁଥିବା ଆଇନଗୁଡ଼ିକର ତାଲିକା ଖୁବ୍ ବଡ଼। ଅତି କମରେ ୪୦ଟି କେନ୍ଦ୍ରୀୟ ଆଇନ ଓ ୧୦୦ରୁ ଅଧିକ ରାଜ୍ୟ ସ୍ତରୀୟ ଅଧିନିୟମ ଓ ନିୟମାବଳୀ ରହିଛି। ତେଣୁ, ବର୍ତ୍ତମାନ ଏହି ପୁରୁଣା କାଳିଆ ଶ୍ରମ ଆଇନକୁ ତର୍କସଂଗତ ଓ ସରଳୀକରଣ କରିବାର ଆବଶ୍ୟକତା ଅଛି।

ଗତ ସପ୍ତାହରେ, ଉତ୍ତରପ୍ରଦେଶ ସରକାର ତିନି ବର୍ଷ ପାଇଁ ପ୍ରାୟ ସମସ୍ତ ଶ୍ରମିକ ସୁରକ୍ଷା ଆଇନକୁ ହଟାଇ ସଂସ୍କାରର ଏକ ନୂତନ ସଂଜ୍ଞା ଉନ୍ମୋଚନ କରିଛନ୍ତି। ବୃତ୍ତିଗତ ନିରାପତ୍ତା ଓ କାର୍ଯ୍ୟସ୍ଥଳ ପରିବେଶ ପାଇଁ ସର୍ବନିମ୍ନ ମାନଦଣ୍ଡ ଉପରେ ମୌଳିକ ନିର୍ଦ୍ଦେଶାବଳୀଗୁଡ଼ିକୁ ଅବୈଧ କରିବା ପାଇଁ ଅଧ୍ୟାଦେଶ ଆଣିଛନ୍ତି।

ମଧ୍ୟପ୍ରଦେଶ ସରକାର ଆଗାମୀ ୧୦୦୦ ଦିନ ପାଇଁ ନୂତନ ନିବେଶକଙ୍କୁ କିଛି ଆକର୍ଷକ ଛାଡ ପାଇଁ ଅଧ୍ୟାଦେଶ ଆଣିଛନ୍ତି। ନୂତନ ୟୁନିଟଗୁଡ଼ିକରେ ଶ୍ରମିକମାନଙ୍କର ନିଯୁକ୍ତି ଓ ଛଟେଇକୁ ସହଜ କରାଯାଇଛି। ଟ୍ରେଡ ୟୁନିୟନଗୁଡ଼ିକୁ ଏ ପ୍ରସଙ୍ଗରେ ମୁଣ୍ଡ ଖେଳାଇବାକୁ ଅନୁମତି ଦିଆଯିବ ନାହିଁ। ଗୃହ ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ ଅଧିନିୟମ, ବଣ୍ଡେଡ୍ ଲେବର ସିଷ୍ଟମ୍ (ରଦ୍ଦ) ଅଧିନିୟମ ଓ ମଜୁରି ପ୍ରଦାନ ଅଧିନିୟମ (ଯାହା ଶ୍ରମିକମାନଙ୍କୁ ଠିକ ସମୟରେ ମଜୁରି ପାଇବାକୁ ଅଧିକାର ପ୍ରଦାନ କରେ) ବ୍ୟତୀତ ଅନ୍ୟ ସମସ୍ତ ନିୟମ ଆସନ୍ତା ତିନିବର୍ଷ ପାଇଁ ଲୋପ କରାଯାଇଛି। ୧୯୪୮ ଅନ୍ତର୍ଗତ ବିଭିନ୍ନ କଲ୍ୟାଣକାରୀ ବ୍ୟବସ୍ଥାରୁ ଉଦ୍ୟୋଗଗୁଡ଼ିକୁ ମୁକ୍ତ ରଖାଯାଇଛି।

ଏହି ରାଜ୍ୟମାନଙ୍କୁ ଅନୁକରଣ କରି ଗୁଜରାଟ ସରକାର ୧୨୦୦ ଦିନ ପାଇଁ ଶ୍ରମ ଆଇନକୁ ସ୍ଥଗିତ ରଖିବାକୁ ସ୍ଥିର କରିଛନ୍ତି। ଆସାମ ସରକାର ଶ୍ରମିକମାନଙ୍କୁ ଏକ ନିର୍ଦ୍ଦିଷ୍ଟ ଅବଧି ପାଇଁ ନିଯୁକ୍ତି ଦେବାର ବ୍ୟବସ୍ଥା ଘୋଷଣା କରିଛନ୍ତି। ବର୍ତ୍ତମାନର ଦୈନିକ ଆଠ ଘଣ୍ଟାର କାର୍ଯ୍ୟ ସମୟକୁ ବାର ଘଣ୍ଟାର ଶିଫ୍ଟରେ ପରିବର୍ତ୍ତନ କରାଯିବାର ଅନୁମତି ଦେବାପାଇଁ ପ୍ରସ୍ତାବ ରଖିଛନ୍ତି। ପଞ୍ଜାବ, ରାଜସ୍ଥାନ ଓ ଓଡିଶା ସରକାର ମଧ୍ୟ ସେମାନଙ୍କର ଶ୍ରମ ଆଇନ ନିୟମରେ ସାମାନ୍ୟ ପରିବର୍ତ୍ତନ କରିବା କଥା ବିଚାର କରୁଛନ୍ତି।

ଉପରୋକ୍ତ ଘଟଣାବଳୀରୁ ଲାଗୁଛି କି ଏକ ଶକ୍ତିଶାଳୀ ସରକାର ସଙ୍କଟକୁ ଏକ ସୁଯୋଗ ରୂପେ ବ୍ୟବହାର କରି ଆଗକୁ ବଢ଼ିବାପାଇଁ ପ୍ରଚଳିତ ଆଇନରେ ସଂସ୍କାର କରିବା ଯୋଜନାରେ ଅଛନ୍ତି। ଭଲ କଥା, କିନ୍ତୁ,ଏହି ସଂସ୍କାର ପ୍ରକ୍ରିୟା ସୁବିଚାର ପ୍ରସୂତ ଓ ସମୟୋଚିତ ହେବା ଆବଶ୍ୟକ। ଆଇନର ସରଳୀକରଣ ଓ ସଙ୍କୋଚନ ଆବଶ୍ୟକ। କିନ୍ତୁ, ବର୍ତ୍ତମାନ ବିଭିନ୍ନ ରାଜ୍ୟରେ ଯାହା କରାଯାଉଛି, ତାହା ଉଭୟ ପ୍ରଣାଳୀ ଓ ସମୟ ଦୃଷ୍ଟିରୁ ଠିକ ନୁହେଁ। ଭାରତର ଶ୍ରମ ଆଇନ ପ୍ରକୃତରେ ଅନେକ ଆଇନର ସମାହାର। ଅତ୍ୟଧିକ ଉତ୍ସାହିତ ହୋଇ ଏହାକୁ ସମ୍ପୂର୍ଣ୍ଣ ରୂପେ ହଟାଇ ଦେବା ଉଚିତ ହେବ କି? ସମ୍ପୂର୍ଣ୍ଣ ଅପସାରଣ ସଂସ୍କାରର ଏକମାତ୍ର ପଥ କି? କୋଭିଡ୍-୧୯ କବଳରେ ଅର୍ଥନୀତି ମାନ୍ଦା ଥିବାବେଳେ, ଯଦି ରୋଜଗାର ସୃଷ୍ଟି କରିବା ଆମର ଉଦ୍ଦେଶ୍ୟ ତେବେ, ଶିଫ୍ଟ ସମୟ କମ୍ କରି ଶ୍ରମିକ ସଂଖ୍ୟା ବୃଦ୍ଧି କରିବା ଆବଶ୍ୟକ। ୧୨ ଘଣ୍ଟିଆ ଶିଫ୍ଟ ନିଷ୍ପତ୍ତି ଏହି ଉଦ୍ଦେଶ୍ୟର ସମ୍ପୂର୍ଣ୍ଣ ପରିପନ୍ଥୀ। ବଡ ଧରଣର ବେକାରିକୁ ସାମ୍ନା କରୁଥିବା ଶ୍ରମିକ ସହଜେ ତ ମୂଲଚାଲ କରିବାର ଶକ୍ତି ହରାଇଛି, ତେଣୁ ଆଇନଗତ ସୁରକ୍ଷା ଅଭାବରେ ଦୁର୍ଦ୍ଦଶାକୁ ସହ୍ୟ କରିବାକୁ ସେ ବାଧ୍ୟ ହେବ।

ଶ୍ରମିକ ପାଇଁ ସର୍ବନିମ୍ନ ମଜୁରି, ସମାନ କାମକୁ ସମାନ ମଜୁରି, କାର୍ଯ୍ୟସ୍ଥଳର ପରିବେଶ ଇତ୍ୟାଦି ମୌଳିକ ଆବଶ୍ୟକତାକୁ ଅଣଦେଖା କରିବା ମାନବିକ ଅଧିକାରର ଉଲ୍ଲଂଘନ ସଦୃଶ। ସମାଜକୁ ମନୁଷ୍ୟତ୍ୱହୀନ କରିବା କ'ଣ ଇଜ୍‌ଅଫ ଡୁଇଂ ବିଜ୍‌ନେସ୍? ଶିଳ୍ପ ନିରାପତ୍ତା ନଷ୍ଟ କରିବା ଓ ଶ୍ରମିକମାନଙ୍କ ସୁରକ୍ଷାକୁ ଅଣଦେଖା କରି ଶ୍ରମ ନିୟମକୁ ଦୁର୍ବଳ କରିବା କ'ଣ ଇଜ୍‌ଅଫ ଡୁଇଂ ବିଜ୍‌ନେସ୍?

ଅଧିକନ୍ତୁ, ଚାହିଦାର ସ୍ତର ନିମ୍ନଗାମୀ ରହିଥିବାବେଳେ, କୌଣସି ଉଦ୍ୟୋଗୀ ନିଜର ଉତ୍ପାଦନକୁ ବୃଦ୍ଧି କରିବାକୁ ଚାହିଁବ ନାହିଁ। ବରଂ ଉପଯୁକ୍ତ ମଜୁରିର ବନ୍ଦୋବସ୍ତ କରି ଶ୍ରମିକ ହାତକୁ ନଗଦ ପହଞ୍ଚାଇବାକୁ ଚେଷ୍ଟା କରିବାର ଅଛି। ଏପରି ହେଲେ, ଚାହିଦା ବୃଦ୍ଧି ପାଇବ ଓ ଉଦ୍ୟୋଗପତି ଉତ୍ପାଦନ ବଢାଇବା ପାଇଁ ଆଗଭର ହେବ।

ଏକ ଚାପଗ୍ରସ୍ତ ମାନବ ସମ୍ବଳକୁ ପ୍ରଦର୍ଶିତ କରି ଆମେ ଯଦି ଅଧିକ ନିବେଶ ଆଶା କରିବା, ତେବେ ଆମେ ଭୁଲ ବାଟରେ ଅଛୁ। କେବଳ ଅନୁଭୂତି ବା ଉପଲବ୍ଧିକୁ ବ୍ୟବହାର କରି ନୀତି ନିର୍ଣ୍ଣୟ କରିବା ଭୁଲ୍ ହେବ। ଆଇନର ଶାସନ ବନ୍ଦ ହୋଇଗଲେ ଜଙ୍ଗଲରାଜ ଆସିଯିବ। ନିବେଶକମାନଙ୍କୁ ଆକୃଷ୍ଟ କରିବା ଓ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବାକୁ ହେଲେ ସରକାର ଏକ ସନ୍ତୁଳିତ ଶ୍ରମ ଆଇନକୁ ଯଥାଶୀଘ୍ର ପାର୍ଲାମେଣ୍ଟରେ ପାସ କରାଇବାକୁ ଚେଷ୍ଟା କରିବା ଉଚିତ। ୪୪ଟି ଶ୍ରମ ଆଇନକୁ ଚାରୋଟି ଶ୍ରେଣୀ ଯଥା: ବେତନ, ସାମାଜିକ ସୁରକ୍ଷା, ଶିଳ୍ପ ନିରାପତ୍ତା ଏବଂ କଲ୍ୟାଣ ଓ ଶିଳ୍ପ ସମ୍ପର୍କ ମଧ୍ୟରେ ସୀମିତ କରି ଏକ ଚିଠା ଆଇନ ପାର୍ଲାମେଣ୍ଟରେ ଉପସ୍ଥାପନ କରାଯିବ ବୋଲି ଜଣାଯାଏ।

ଜାତୀୟ ଇତିହାସରେ ଏହି ଦୁର୍ବଳ ମୁହୂର୍ତ୍ତକୁ ତରବରିଆ ଭାବରେ ବ୍ୟବହାର କରିବାକୁ ରାଜ୍ୟ ସରକାରମାନଙ୍କୁ ଅନୁମତି ଦେବା ଶ୍ରମିକଙ୍କ ସୁରକ୍ଷାକୁ କ୍ଷୁଣ୍ଣ କରିବ ଓ ଆମର ଶ୍ରମ ପ୍ରତିଷ୍ଠାନଗୁଡ଼ିକୁ ଆହୁରି ବିକୃତ କରିଦେବ। ରାଜ୍ୟ ସରକାରମାନଙ୍କର ଅଧ୍ୟାଦେଶଗୁଡ଼ିକର ମଞ୍ଜୁରି ଦେବା ପୂର୍ବରୁ ରାଷ୍ଟ୍ରପତି ଏସବୁ ବିଷୟକୁ ବିଚାର ପରିସରକୁ ନେବେ ବୋଲି ଆଶା କରିବା। ଶ୍ରମ ଆଇନର ସଂସ୍କାର ସରକାର, ଶ୍ରମିକ ଓ ନିଯୁକ୍ତିଦାତାଙ୍କ ସହମତିରେ ବାହାରିବା ଉଚିତ। ଏହା ମୌଳିକ ନୀତି ଓ କାମ କରିବାର ଅଧିକାର ସମେତ ଅନ୍ତର୍ଜାତୀୟ ଶ୍ରମ ମାନକ(ଆଇଏଲଓ) ଅନୁରୂପ ହେବା ବିଧେୟ। ଅଧ୍ୟାଦେଶ ବଳରେ କାମଚଳା ସଂସ୍କାର ବିପର୍ଯ୍ୟୟ ସୃଷ୍ଟି କରିବ ସିନା ସମାଧାନରେ ସାହାଯ୍ୟ କରିବ ନାହିଁ।

ଶ୍ରୀଜଗନ୍ନାଥ ବିହାର, ବରମୁଣ୍ଡା,ଭୁବନେଶ୍ୱର
ମୋ:୯୪୩୭୧୬୪୬୧୧
Email: saktiprasadd@yahoo.in

# ଅନ୍‌ଲାଇନ



ଦ୍ୱିତୀ ଚନ୍ଦ୍ର ସାହୁ

ଅନ୍‌ଲାଇନ କ୍ଲାସ ପାଇଁ ପୁଅ ମୋବାଇଲ ମାଗିନେଲା ବେଳେ ବାପା ହିସାବରେ ମନକୁ ଅନେକ ପ୍ରଶ୍ନ ଆସିଲା। ମୋବାଇଲଠାରୁ ଦୂରେଇ ରଖିବାକୁ ସବୁବେଳେ, ସବୁଠାରେ ଦିଆଯାଉଥିବା ଉପଦେଶ ଏବେ ଚୁଲିକି ଗଲା। ପିଲାଙ୍କୁ ସେଇ ମୋବାଇଲ ମୋହରେ ପକାଇଲା। ଖାଲି କ୍ଲାସ କ'ଣ ହେବ ସେଥିରେ, ତା' ସହିତ ମୋବାଇଲ ଗେମ୍‌ରେ ବି କିଛି ସମୟ ମଜ୍ଜିବାକୁ ଅନୁମତି ଲୋଡ଼ିବ। ସେଠୁ ନିର୍ଦ୍ଦୟ ଓ ନିଷ୍ଠୁର ହେବା ଜଣେ ବାପା ଲାଗି କ'ଣ ସମ୍ଭବ ! କରୋନା କାରଣରୁ ସବୁକିଛି ଅନ୍‌ଲାଇନ ଏବେ। ଜାଣିବା ଓ ନ ଜାଣିବା ଲୋକ ସବୁ ବୁଝିଗଲେ ଏ ଅନ୍‌ଲାଇନର କାରସାଦି। ମାତି ଯାଉଛନ୍ତି ଏ ଅନ୍‌ଲାଇନ କାରବାରରେ। ଯେବେଠୁ ମଦ ବି ଅନ୍‌ଲାଇନରେ ମିଳିଲା ସେବେଠୁ ମଦୁଆ ଗୋଷ୍ଠୀ ବି ମାତିଲେଣି ଏଥିରେ। ଘରେ ଘରେ ଏବେ ମୋବାଇଲରେ ଖେଳ। ଯିଏ ଯାହା ମାର୍ଗରେ ଚଲଉଛନ୍ତି ମୋବାଇଲ। ବାପା ଭଜନଠାରୁ ଭୋଜନ, ଖବରଠାରୁ ମନୋରଞ୍ଜନ ସବୁ ଦେଖିବାରେ ବ୍ୟସ୍ତ। ମାଆ ୟୁ ଟ୍ୟୁବ୍‌ରେ ରେସିପି ଦେଖି ରୋଷେଇ କରି ପିଲାଙ୍କୁ ଦେବାରେ ଆନନ୍ଦ। ଯୁବତୀଯୁବକଙ୍କ ନିଶା ଟିକେ ଅଲଗା। ସବୁ କିଛି ଭିତିରି ଭିତିରି। ବୃତ୍ତିଗତ ବ୍ୟସ୍ତତାରେ ମଗ୍ନ। ସେଥିରୁ ମୁକ୍ତି ମିଳିଲେ କେବଳ ମାର୍କା ଭିତରେ ଟିକେ ରସିଯିବାକୁ ବ୍ୟାକୁଳ। କିଶୋରୀକିଶୋରଙ୍କ ଏବେ ପାଠ ଚିନ୍ତା। ଅନ୍‌ଲାଇନ କ୍ଲାସ। ପାଠ ଛାଡ଼ିଲେ ସିନେମା, ମ୍ୟୁଜିକରେ ମସ୍ତି। ତା' ସହିତ ସାଙ୍ଗ ସହ ଗୁଲିଖଟି ଓ ଚାଟିଂରେ ଫୂର୍ତ୍ତି। ଆଉ ଯେତକ କୁନାକୁନି ସେମାନେ ବି ପଛରେ ନୁହନ୍ତି। ସେମାନେ ଅନ୍‌ଲାଇନରେ ସର୍ବାଗ୍ରେ। ମୋବାଇଲ ଥୁଆ ହୋଇଥିବା ଦେଖିଲେ ମନ ଖାଲି ହମ ହମ। ଧରିଲେ ତ ଖୋଲିଲେ ବିଭିନ୍ନ ଗେମ୍। ନ ହେଲେ କାର୍ଟୁନ ଦୁନିଆ ଭିତରେ ବୁଡ଼ିଯିବାକୁ ଉଚ୍ଛନ୍ନ। ଘରର ବୟସ୍କ ଲୋକଙ୍କ ବି ଅଛି ଗୋଟେ ଆତୁରତା ଟିକେ ଅନ୍‌ଲାଇନ ହେବାକୁ। ମନ୍ତ୍ର, ପୁରାଣ, ଭଜନ ଜଣାଣ ଚର୍ଚ୍ଚାରେ ସମୟ କାଟିବାକୁ କନକନ। ନାତିନାତୁଣୀଙ୍କ ସହାୟତାରେ ମୋବାଇଲରେ ଅନ୍‌ଲାଇନ ହୋଇଗଲେ ତେଣିକି ଚାଲିଥିବ ତାଙ୍କ ଦୁନିଆ ଆଧ୍ୟାତ୍ମିକ ଚିନ୍ତନ ଭିତରେ। ଏସବୁ ବାଦ୍ ଆହୁରି କିଛି ଅଛି। ସେଇଟା ହେଲା ସୋସିଆଲ ମିଡିଆ। ସେଥିରେ କେତେ ନାଟ। କେତେ କେତେ ପରପଞ୍ଚ। ନିଜକୁ ସାମିଲ କରି ଲାଇକ ଓ କମେଣ୍ଟ ଦେଖିଲେ କାଳେ ମିଳେ ପ୍ରଶାନ୍ତି।

ଏ ଯାଏ ରେଳ, ବସଷ୍ଟାଣ୍ଡ, ବ୍ୟାଙ୍କ, ଅଫିସ ଭଳି ଜନଗହଳି ପୂର୍ଣ୍ଣ ସ୍ଥାନରେ ଲାଇନ ଲାଗିବା କଥା ସମସ୍ତେ ଜାଣିଥିଲେ। ଲାଇନ ହେଉଛି ଶୃଙ୍ଖଳାର ନିଦର୍ଶନ। ଧଳା କାଗଜରେ ଲେଖା ତଳେ ଟଣା ଯାଇଥିବା ଲାଇନ କାଳେ ସ୍ୱତନ୍ତ୍ର ଦୃଷ୍ଟି ଆକର୍ଷଣ ଲାଗି ଉଦ୍ଦିଷ୍ଟ। ଲମ୍ବିଥିବା ରେଳ ଧାରଣା ଅନେକ କଥା ଓ ବ୍ୟଥାକୁ କହେ। ବିଦ୍ୟୁତର ଅନ୍ୟନାମ ଅନେକ ସ୍ଥାନରେ କାଳେ ଲାଇନ। ମଣିଷ ଜୀବନ ସହିତ ଲାଇନର ବିସଂଯୋଗ ଅଛି। ଜୀବନ କାଳେ ରେଖା ବା ଲାଇନ। ସିଧା ନୁହେଁ। ବହୁ ଅଙ୍କାବଙ୍କା ରେଖାର ସମାହାର। ଏଇ ଅଙ୍କାବଙ୍କା ରେଖା ଛିଣ୍ଡିଲେ ପିଣ୍ଡରୁ ପ୍ରାଣ ବି ଛାଡ଼ିଯିବ। ଏକଥା ଚିକିତ୍ସା ବିଜ୍ଞାନରୁ ସିଦ୍ଧ। ଲାଇନକୁ ନେଇ ଏମିତି ଅନେକ କାହାଣୀ ଅଛି। ଲାଇନରେ ସବୁବେଳେ ଗତି କରିବା ଆଜିକା ମଣିଷ ପକ୍ଷେ କାଳେ ବହୁତ କଷ୍ଟ ! ମଣିଷକୁ ନୀତିବାନ, ସଚ୍ଚୋଟ, ପରିଶ୍ରମୀ, ସମୟାନୁବର୍ତ୍ତିତା, ଧୈର୍ଯ୍ୟଶୀଳ ଭଳି ବହୁ ଆଦର୍ଶରେ ପରିଚାଳିତ ହେବାକୁ ପଡ଼ିଥାଏ। ପ୍ରତିବନ୍ଧକକୁ ଅତିକ୍ରମ କରିବାକୁ ପଡ଼େ। ଘାତପ୍ରତିଘାତକୁ ସହିବାକୁ ହୁଏ। ଏଥିରେ ଅବଶ୍ୟ ସୁଖ ଓ ଶାନ୍ତି ରହିଥାଏ। କିନ୍ତୁ ଆଜିକାଲି ଏସବୁ କରିବା ଅପେକ୍ଷା ଲୋକେ ଲାଇନରୁ ବେଲାଇନ ହୋଇ ଯେନତେନ ପ୍ରକାରେଣ କାମକୁ ହାସଲ କରିବାକୁ ବ୍ୟଗ୍ର। ସେଇଠୁ ହିଁ ଦୁର୍ନୀତିର ଆରମ୍ଭ।

ତେବେ ଲକ୍‌ଡାଉନ ମଣିଷ ଜୀବନକୁ ଅନ୍‌ଲାଇନ କରିଛି। ଅନ୍‌ଲାଇନ ମଣିଷକୁ ଜାଗ୍ରତ କରୁଛି। ଅନ୍ୟ ସହ ସଂପୃକ୍ତି କରାଇପାରିଛି। ପରିଚୟକୁ ପରିବ୍ୟାପ୍ତ କରିଛି। ଜୀବନକୁ ସରଳ, ସୁଲଭ ଓ ସୁଗମ କରିଛି। ବିକଳ୍ପ ଖୋଜି ବାହାର କରିଛି। ନିଜକୁ ନିଜେ ଆବିଷ୍କାର କରିବାର ଅଫୁରନ୍ତ ସୁଯୋଗ ଦେଇଛି। ମାନସିକ ଅବସାଦକୁ କମେଇବାକୁ ବହୁତ ସାହାଯ୍ୟ କରୁଛି। କିଛି ନ ହେଲେ ବି ଜୀବନର ନିରସ ସମୟରେ ସାଥୀଟିଏ ହୋଇପାରିଛି। ତେବେ ଗୋଟିଏ କଥା ହୃଦ୍‌ବୋଧ ହୋଇଥିବ ନିଶ୍ଚିତ ଅନ୍‌ଲାଇନରେ ଥିବା ମଣିଷ ଥରେ ଅଫ୍‌ଲାଇନ ହୋଇଗଲେ କେମିତି ନିରସ ଛାଇ ହୋଇଯାଏ। ମୁହୂର୍ତ୍ତଗୁଡ଼ିକ ହଜିଲା ହଜିଲା ଓ ବେରଙ୍ଗ ଲାଗେ। ହାରିଯାଇଥିବା ଓ ହରେଇଥିବାର ବିଷାଦ ମାଡ଼ିବସେ। ନେଟ୍ ଦୁନିଆରେ ଅନ୍‌ଲାଇନ ଓ ଅଫ୍‌ଲାଇନ ହେବା ସହଜ କଥା। କିନ୍ତୁ ଜୀବନର ଅନ୍‌ଲାଇନରୁ ମଣିଷ ଥରେ ଅଫ୍‌ଲାଇନ ହୋଇଗଲେ ଫେରିବା ଅସମ୍ଭବ। ଦୁନିଆ ତାକୁ ଭିନ୍ନ ଭାବେ ଗଣେ। ମାତ୍ର କେଇଟା ଦିନ ଭିତରେ ତା'ର ପରିଚୟ ଲିଭିଯାଏ। ଏ କଥା ସତ, ଲାଇନରୁ ଅନ୍‌ଲାଇନ ଯେତିକି ସହଜ ଅନ୍‌ଲାଇନରୁ ଅଫ୍‌ଲାଇନ ସେତିକି ବିଷାଦ। ଏବେ ଆପଣଙ୍କ ହାତରେ ସବୁକିଛି ଲାଇନ, ଅନ୍‌ଲାଇନ ଓ ଅଫ୍‌ଲାଇନ। ଖାଲି ଚୟନ କରିବା ଯାହା ବାକି। ନୁହେଁ କି !!!

ଇନ୍ଦିରା ନଗର, ଚତୁର୍ଥ ଗଳି, ରାୟଗଡ଼ା,
ମୋ-୯୫୫୬୨୮୭୭୭୫

## ଏଇ ଭାରତରେ

ଭାରତୀୟ ବନ ସେବା ଅଧିକାରୀ ପ୍ରସାଦ ରାଓ ପ୍ଲାଷ୍ଟିକ ମୁକ୍ତ ପରିବେଶ ଲାଗି ଅଣ୍ଟା ଭିଡ଼ିବା ସହ ଆଦିବାସୀଙ୍କୁ ଆତ୍ମନିର୍ଭରଶୀଳ କରାଇବାରେ ବି ସଫଳ ହୋଇଛନ୍ତି। ତ୍ରିପୁରାର ୨୩୯୭ ବର୍ଗକିଲୋମିଟର ଜଙ୍ଗଲରୁ ଜାତୀୟ ବାଉଁଶ ଉତ୍ପାଦନର ୨୮ ପ୍ରତିଶତ ହିଁ ମିଳିଥାଏ। ଏଣୁ ରାଓ ଏଠାକାର ବାଉଁଶକୁ ଉପଯୋଗ କରି ବାଉଁଶ ବୋତଲ ତିଆରି କରୁଛନ୍ତି। ସ୍ଥାନୀୟ ଆଦିବାସୀମାନଙ୍କୁ ସେ ଏହି କାର୍ଯ୍ୟରେ ଲଗାଇଛନ୍ତି। ଅଗରତାଲାର ବାମ୍ବୋ ଆଣ୍ଡ କେନ୍ ଡେଭେଲପ୍‌ମେଣ୍ଟ ଇନ୍‌ଷ୍ଟିଚ୍ୟୁଟ୍( ବିସିଡିଆଇ) ଏବଂ ଫରେଷ୍ଟ ରିସର୍ଚ୍ଚ ସେଣ୍ଟର୍ ଅଫ୍ ଲାଇଫ୍‌ହୁଡ୍ ଏକ୍ସଟେନ୍‌ଶନ ସଂସ୍ଥା ସହଯୋଗରେ ସେ ଏହି କାର୍ଯ୍ୟ କରୁଛନ୍ତି। ଏବେ ତ୍ରିପୁରା ରିହାବିଲିଟେଶନ ପ୍ଲାଣ୍ଟେଶନ କର୍ପୋରେଶନ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ ଥିବା ପ୍ରସାଦ ରାଓ ଏହା ଲାଗି ୧୦୦୦ ଆଦିବାସୀ କାରିଗରଙ୍କୁ ପ୍ରଧାନମନ୍ତ୍ରୀ ବନ ଧନ ଯୋଜନାରେ ପ୍ରଶିକ୍ଷଣ ଦେଇଛନ୍ତି। ବାଉଁଶରେ କବକ ବୃଦ୍ଧି ପାଇବାର ଆଶଙ୍କା ରହିଥିବାରୁ ବୋତଲର ଭିତର ପାଖରେ କପର ରହୁଛି। ଏହା ମଧ୍ୟ ଭୂତାଣୁ ପ୍ରତିରୋଧୀ ହୋଇପାରିଛି। ୩୦୦ଏମ୍‌ଏଲ୍, ୫୦୦ଏମ୍‌ଏଲ୍ ଓ ୭୫୦ ଏମ୍‌ଏଲ ଏବଂ ୧୦୦୦ଏମ୍‌ଏଲ୍ ସାଇଜ୍‌ର ଏହି ବୋତଲ ତିଆରି କରାଯାଉଛି।

## ୨୫ ବର୍ଷ ତଳର ଧରିତ୍ରୀ

୨୯ ଜୁନ୍ ୧୯୯୫

- ତାମିଲନାଡୁର ତିଲିଜନମ ନିକଟସ୍ଥ ଡୋଲାର ଗ୍ରାମରେ ସ୍କୁଲ ପିଲାଙ୍କୁ ନେଇ ଯାଉଥିବା ଅଟୋରିକ୍ସା କୂଅ ମଧ୍ୟକୁ ଖସିପଡ଼ିବା ଫଳରେ ୧୬ ଶିଶୁ ମୃତ।
- ଜମ୍ମୁ-କଶ୍ମୀରର କେରାନ ସେକ୍ଟରରେ ପାକିସ୍ତାନ ଓ ଭାରତୀୟ ସୈନିକଙ୍କ ମଧ୍ୟରେ ଗୁଳି ବିନିମୟ ଘଟି ୪ ଉଗ୍ରପନ୍ଥୀଙ୍କ ସମେତ ୧୨ ଜଣ ନିହତ।
- ନ୍ୟାଶନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ୍ ଏବଂ କେନ୍ଦ୍ର ସରକାରଙ୍କର ଖଣି ମନ୍ତ୍ରଣାଳୟ ମଧ୍ୟରେ ୧୯୯୫-୯୬ ମସିହା ପାଇଁ ଚୁକ୍ତିନାମା ସ୍ୱାକ୍ଷରିତ।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | B | | | | | | | 7 | | 1 | | | | 9 |
| 0 | | | | 4 | 2 | | | 5 | | | D | B | | |
| | | | | 7 | | 3 | 4 | | | | | A | | |
| 7 | | | | | | | | | 0 | | | 6 | | |
| | 4 | | | | | 9 | E | | | 6 | | C | | |
| | | 0 | | | | | | | 9 | | | | B | |
| | A | | | | | 2 | C | 6 | 4 | 7 | 0 | | 9 | |
| D | 9 | | 0 | | 5 | | | | 3 | | E | 8 | 2 | |
| B | 7 | | | | | 5 | | | 6 | | | | | A |
| 8 | | 1 | C | | | E | | | | B | | 5 | | |
| | | | 5 | | | | A | E | | | | | | |
| | | | D | | 0 | 4 | | | | | 9 | E | | 2 |
| | E | | | 8 | A | | | 1 | 5 | | 4 | 7 | | |
| A | | B | 3 | | | | 8 | D | | | 7 | | | |
| | | | B | | | C | 0 | | | | | | 6 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 9 | B | 1 | 7 | 8 | C | D | 6 | 5 | 3 | 0 | E | 2 | A | 4 |
| 0 | E | 8 | 4 | 2 | 9 | B | A | C | 6 | 7 | 1 | 3 | D | 5 |
| 6 | D | 4 | 0 | A | 1 | E | 3 | 2 | 5 | 8 | 9 | B | 7 | C |
| C | A | 5 | 3 | E | B | 9 | 7 | 8 | 4 | 2 | D | 1 | 6 | 0 |
| 2 | 7 | 3 | 6 | 5 | D | 1 | 0 | 4 | A | B | C | 9 | 8 | E |
| 3 | 5 | E | 8 | 4 | A | 0 | 9 | 7 | C | D | B | 6 | 1 | 2 |
| 1 | 0 | 7 | E | D | 3 | 5 | C | A | 8 | 6 | 2 | 4 | 9 | B |
| 4 | 9 | B | 2 | 7 | 6 | 8 | E | 1 | 0 | A | 5 | D | C | 3 |
| A | C | D | B | 1 | 5 | 2 | 4 | 6 | 7 | 9 | 3 | 0 | E | 8 |
| 8 | 6 | 2 | C | 9 | 0 | 3 | B | D | 1 | E | 4 | 7 | 5 | A |
| E | 8 | 6 | 9 | 3 | 4 | A | D | B | 2 | 5 | 7 | C | 0 | 1 |
| B | 4 | C | A | 0 | 8 | 7 | 5 | 3 | D | 1 | 6 | E | 2 | 9 |
| D | 2 | 9 | 5 | C | E | 6 | 1 | 0 | B | 3 | A | 8 | 4 | 7 |
| 7 | 1 | A | D | B | 2 | 4 | 8 | E | 9 | C | 0 | 5 | 3 | 6 |
| 5 | 3 | 0 | 1 | 6 | 7 | C | 2 | 9 | E | 4 | 8 | A | B | D |

ଗତକାଲିର ଉତ୍ତର

# ବିବାହ ବୟସ



ଘାସିରାମ ପଣ୍ଡା

ଗତ ବଜେଟ (୨୦୨୦-୨୧) ଅଭିଭାଷଣରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଝିଅଙ୍କ ବିବାହ ବୟସ ବୃଦ୍ଧି ପ୍ରସଙ୍ଗ ଉଠାଇଥିଲେ। ଏନେଇ ଏକ କମିଟି ଗଠନ କରାଯିବାକୁ ସେ ଘୋଷଣା କରିଥିଲେ। ତାଙ୍କ କହିବା କଥା ଥିଲା ଶାରଦା ଆଇନ ୧୯୨୯କୁ ୧୯୭୮ ମସିହାରେ ପରିବର୍ତ୍ତନ କରାଯାଇ ବିବାହ ବୟସକୁ ୧୫ରୁ ୧୮ କରାଯାଇଥିଲା। ଏହା ଭିତରେ ଆମେ ଅନେକ ପ୍ରଗତି କରିଛୁ। ମହିଳାଙ୍କ ପାଇଁ ଉଚ୍ଚଶିକ୍ଷା ଓ ବୃତ୍ତି ଚୟନର ସୁଯୋଗ ବ୍ୟାପକ ହୋଇଛି। ମାତୃ ମୃତ୍ୟୁ ହାର ଓ ପୋଷଣର ସ୍ଥିତିକୁ ନିୟନ୍ତ୍ରଣ କରିବା ମଧ୍ୟ ଆମ ପାଇଁ ଅନିବାର୍ଯ୍ୟ ହେଉଛି। ଝିଅଟିଏ ମା' ହେବାର ବିଷୟକୁ ଏହି ହିସାବରେ ଆମକୁ ଦେଖିବାକୁ ହେବ। ଏଣୁ ଏକ ଟାସ୍କ ଫୋର୍ସ ଗଠନ ପାଇଁ ମୁଁ ପ୍ରସ୍ତାବ ଦେଉଛି (ବଜେଟ ଅଭିଭାଷଣ ପାରା ୬୭)। ସେହି ଅନୁଯାୟୀ ଜୟା ଜେଟଲୀଙ୍କ ଅଧ୍ୟକ୍ଷତାରେ ଏକ ଟାସ୍କ ଫୋର୍ସ ଗଠନ ପୂର୍ବକ ଜୁନ ୪ ତାରିଖରେ ଏନେଇ ଭାରତ ସରକାର ରାଜପତ୍ରରେ ବିଜ୍ଞପ୍ତି ପ୍ରକାଶ କରିଛନ୍ତି। ବିଜ୍ଞପ୍ତି ମୁତାବକ ଏହି କମିଟି ମାତୃତ୍ୱ ଓ ବିବାହ ବୟସର ସମ୍ପର୍କକୁ ଅନୁଧାନ କରିବ। ଏଥିରେ ମାତୃ ଓ ଶିଶୁ ମୃତ୍ୟୁହାର, ଲିଙ୍ଗୀୟ ଅନୁପାତ, ଗର୍ଭାବସ୍ଥାରୁ ଶୈଶବର ବିଭିନ୍ନ ସ୍ତରରେ ମା' ଓ ଶିଶୁର ସ୍ୱାସ୍ଥ୍ୟ ଏବଂ ପୋଷଣର ବିଭିନ୍ନ ଦିଗ ଉପରେ ଧ୍ୟାନ ଦିଆଯିବ। ମହିଳାଙ୍କ ଭିତରେ ଉଚ୍ଚ ଶିକ୍ଷାର ପ୍ରସାର ପାଇଁ ପଦକ୍ଷେପ, ଆଇନରେ ସଂଶୋଧନ ଅବା ନୂତନ ଆଇନ ପ୍ରଣୟନ ପାଇଁ ଏହି ଟାସ୍କ ଫୋର୍ସ ପ୍ରସ୍ତାବ ଦେଇପାରିବେ। ଏ ସମସ୍ତ ପ୍ରକ୍ରିୟା ୩୧ ଜୁଲାଇ ସୁଦ୍ଧା ସରିବ ଓ ନୀତି ଆୟୋଗ ନିକଟରେ କମିଟି ମତାମତ ଦାଖଲ କରିବେ।

ଦେଶ କୋଭିଡ୍ ୧୯କୁ ନେଇ ଏକ ଘଡି ସନ୍ଧି ମୁହୂର୍ତ୍ତରେ ଗତି କରୁଥିବା ବେଳେ ଏମିତି ଏକ ଘୋଷଣା ଶିଶୁ ଅଧିକାର କର୍ମୀଙ୍କୁ ଚିନ୍ତାରେ ପକେଇଛି। ବିନା ବିମର୍ଶରେ ଏପରି ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଆଗାମୀ ଦିନରେ ପୁଣି ଆଇନଗତ ଦ୍ୱନ୍ଦ୍ୱ ସୃଷ୍ଟି କରିବ। ବର୍ତ୍ତମାନର ପରିସ୍ଥିତିରେ ବ୍ୟାପକ ବିମର୍ଶ ସମ୍ଭବ ନୁହେଁ। ଏଣୁ କମିଟି ପାଇଁ ଧାର୍ଯ୍ୟ ସମୟ ଅବଧିକୁ ବୃଦ୍ଧି କରାଯିବା ସହ ତୃଣମୂଳ ସ୍ତରରେ ଆଲୋଚନାର ଅବକାଶ ତିଆରି ହେଉ। ବାଲ୍ୟ ବିବାହ ନିଷେଧ ଆଇନ, ୨୦୦୬ ଅନୁଯାୟୀ ୧୮ ବର୍ଷରୁ କମ ବୟସର ଝିଅ ଓ ୨୧ ବର୍ଷରୁ କମ ବୟସର ପୁଅଙ୍କ ବିବାହକୁ ବାରଣ କରାଯାଇଛି। ବିବାହ ପାଇଁ ଧାର୍ଯ୍ୟ ଏହି ବୟସକୁ ନେଇ ଆଗରୁ ଚର୍ଚ୍ଚା ହୋଇ ଆସୁଛି। ଯେପରି କି ଝିଅ ଓ ପୁଅର ବୟସରେ କାହିଁକି ପାର୍ଥକ୍ୟ ରହିଛି? ୧୮ ପୂରିଲା ମାତ୍ରେ ବାହା କରେଇଦେଲେ କ'ଣ ସବୁ ଅସୁବିଧା ଦୂର ହୋଇଯିବ? ଅନ୍ତର୍ଜାତୀୟ ସ୍ତରରେ ଓ ଆମ ଦେଶର ଅନ୍ୟାନ୍ୟ ସବୁ ଆଇନରେ ୧୮ବର୍ଷରୁ କମ ବୟସର ସମସ୍ତଙ୍କୁ ଶିଶୁ କୁହାଯାଉଥିବା ବେଳେ ଶିକ୍ଷା ଅଧିକାର ଆଇନ, ବାଲ୍ୟ ବିବାହ ନିଷେଧ ଆଇନ ଓ ସରିୟାତ ଆଇନରେ କାହିଁକି ବିସଙ୍ଗତି ଅଛି? ଏହି ସବୁ ପ୍ରଶ୍ନକୁ ନେଇ ନୀତି ନିର୍ଦ୍ଧାରକ ଅନୁଷ୍ଠାନଗୁଡ଼ିକ ନିଷ୍ପତ୍ତି ମଧ୍ୟ ଶୁଣେଇଛନ୍ତି। ଜାତୀୟ ଆଇନ କମିଶନ ଉଭୟ ପୁଅ ଓ ଝିଅଙ୍କ ବୟସ ୧୮ କରିବାକୁ ପରାମର୍ଶ ଦେଇଛନ୍ତି। ହେଲେ ଏ ସମ୍ପର୍କରେ ଏକ ଯାଚିକାକୁ ଉଚ୍ଚତମ ନ୍ୟାୟାଳୟ ଖାରଜ ମଧ୍ୟ କରିଛନ୍ତି। ଅତୀତରେ ଝିଅର ବୟସକୁ ୨୧ କରିବାକୁ ଦାଏର ଏକ ଯାଚିକାକୁ ମଧ୍ୟ ଉଚ୍ଚତମ ନ୍ୟାୟାଳୟ ନାପସନ୍ଦ କରିଥିଲେ। ଟାସ୍କ ଫୋର୍ସ ଗଠନ ପରେ ଏହି ସବୁ ପ୍ରଶ୍ନ ପୁନର୍ଜୀବିତ ହୋଇଛି।

ବଜଟେ ଅଭିଭାଷଣକୁ ଅନୁଧ୍ୟାନ କଲେ କମ୍ ବୟସରେ ମାତୃତ୍ୱକୁ ନେଇ ମନ୍ତ୍ରୀ ଚିନ୍ତିତ ଥିବା ସ୍ପଷ୍ଟ ହେଉଛି। ଏଣୁ ବିବାହ ବୟସକୁ ବଢେଇବା ପାଇଁ ସରକାରଙ୍କ ଇଚ୍ଛାକୁ କମିଟି ମାଧ୍ୟମରେ ପରୀକ୍ଷଣ, ପ୍ରସ୍ତାବନା ଓ ଅନୁମୋଦନର ଏହି ପ୍ରକ୍ରିୟା ଆରମ୍ଭ ହୋଇଥିବା ଅନୁମେୟ। ହେଲେ ବିବାହର ଆଇନଗତ ବୟସ ବଢେଇ ଦେଲେ ବାଲ୍ୟ ବିବାହ ବନ୍ଦ ହୋଇଯିବ କି? ଏବେ ବି ୧୮ ବର୍ଷରୁ କମ୍ ବୟସର ଝିଅ ଓ ୨୧ରୁ କମ ବୟସର ପୁଅଙ୍କ ବିବାହ କିଛି କମ ସଂଖ୍ୟାରେ ହେଉ ନାହିଁ। ଅଥଚ ବାଲ୍ୟ ବିବାହ ନିଷେଧ ଆଇନ ଅନୁଯାୟୀ ଦାଏର ଅଭିଯୋଗର ମାତ୍ରା ହାତ ଗଣତି। ଏହା ପ୍ରମାଣିତ କରୁଛି ଯେ, ଆଇନଗତ ସଂଶୋଧନ ମାଧ୍ୟମରେ କେବଳ ବିବାହ ବୟସର ସୀମା ବଢେଇଲେ ବାଳିକାଙ୍କ ସ୍ଥିତି ପରିବର୍ତ୍ତିତ ହେବ ନାହିଁ। ବାଲ୍ୟ ବିବାହକୁ ଦୂର କରିବାକୁ ହେଲେ ଭିତ୍ତିଭୂମି ଓ ସହାୟତାର ହାତ ସବୁସ୍ତରରେ ବଢେଇବାକୁ ହେବ। ଯେତେ ଅଧିକ ସଂଖ୍ୟାରେ ସେମାନେ ଉଚ୍ଚ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ପାଦ ଦେବେ ସେତେ ଅଧିକ ମାତ୍ରାରେ ବାଲ୍ୟ ବିବାହ ପ୍ରତିହତ ହେବ। ପିତୃସତ୍ତାତ୍ମକ ଚଳଣି ପାଇଁ ସାମାଜିକ ସ୍ତରରେ ଝିଅ ପିଲାଙ୍କ ଅବମୂଲ୍ୟାୟନ ହେଉଛି। ବିବାହ ହିଁ ସେମାନଙ୍କ ପାଇଁ ଜୀବନ ଜିଇବାର ଏକମାତ୍ର ଓ ଶ୍ରେଷ୍ଠ ଉପାୟ ବୋଲି ଧରି ନିଆଯାଇଛି। ସାମାଜିକ ସ୍ତରରେ ବ୍ୟବହାରିକ ପରିବର୍ତ୍ତନ ପାଇଁ ବ୍ୟାପକ ଭାବେ ବିଭିନ୍ନ କାର୍ଯ୍ୟକ୍ରମ ଗ୍ରହଣ କରାଗଲେ ଏହି ମାନସିକତାରେ ପରିବର୍ତ୍ତନ ଆସିବ।

ଟାସ୍କ ଫୋର୍ସର ଗଠନ ବାଲ୍ୟ ବିବାହ ନିଷେଧ ଆଇନର ପୁନଃ ଅବଲୋକନ ପାଇଁ ସୁଯୋଗ ସୃଷ୍ଟି କରିଛି। ଏଣୁ ଏହା କେବଳ ଝିଅଙ୍କ ବିବାହ ବୟସ ବୃଦ୍ଧି ପାଇଁ ଜନମତ ସୃଷ୍ଟି କରିବାରେ ସହଯୋଗୀ ନ ହୋଇ ପ୍ରତିଷେଧ ପାଇଁ ପଦକ୍ଷେପ ହେତୁ ରାଷ୍ଟ୍ରର ଦାୟିତ୍ୱ ଉପରେ ମଧ୍ୟ ଗୁରୁତ୍ୱ ଦେବା ଆଶା କରାଯାଏ। ବୟସ ଆଧାରରେ ବିବାହକୁ ନିୟନ୍ତ୍ରଣ କରିବା ପାଇଁ ଆଇନ ପ୍ରଣୟନ କରିବା ବଦଳରେ ଶିଶୁଙ୍କ ଅଧିକାରର ସୁରକ୍ଷା, ବିକାଶ ପାଇଁ ସୁଯୋଗ ସୃଷ୍ଟିର ଆଇନଗତ ଉତ୍ତରଦାୟିତ୍ୱକୁ ଗୁରୁତ୍ୱ ଦିଆଯିବା ଆବଶ୍ୟକ। ବୟସ ନିର୍ବିଶେଷରେ ଝିଅମାନଙ୍କ ଅନିଚ୍ଛାରେ ବିବାହକୁ ବଳପୂର୍ବକ ବିବାହ ବୋଲି ଧରିନିଆଯିବା କଥା। ଅପରପକ୍ଷରେ ଆଇନର ଦୃଢ କାର୍ଯ୍ୟାନ୍ୱୟନ ହେତୁ ଯେଉଁ ଦିନ ନିଜ ଇଚ୍ଛାରେ ଝିଅଟିଏ ବିବାହ କରିବ, ସାଥି ବାଛିବାର ଯୋଗ୍ୟତା ହାସଲ କରିବ ଓ ସ୍ୱାଧୀନତା ପାଇବ ସେଦିନ ଆଇନ ସଫଳ ହେବ।

ସୁବର୍ଣ୍ଣପୁର, ମୋ:୯୪୩୮୩୪୧୭୯୪
Email:ghasirampanda@gmail.com

## ସାପ୍ତାହିକ ପଞ୍ଜିକା

**ଜୁନ୍ ୨୧:** ସେନାକୁ ଅସ୍ତ୍ର ବ୍ୟବହାର ସ୍ୱାଧୀନତା।
**ଜୁନ୍ ୨୨:** କେବଳ ପୁରୀ ରଥଯାତ୍ରାକୁ ସୁପ୍ରିମ୍‌କୋର୍ଟଙ୍କ ଅନୁମତି।
**ଜୁନ୍ ୨୩:** ଶ୍ରୀମନ୍ଦିର ଇତିହାସରେ ନୂଆ ଅଧ୍ୟାୟ। ବିନା ଭକ୍ତରେ ରଥଯାତ୍ରା, ଶରଧାବାଲିରେ ଲାଗିଲା ୩ ରଥ।
**ଜୁନ୍ ୨୪:** ଆର୍‌ବିଆଇ ପରିସରକୁ ଆସିଲା ସମବାୟ ବ୍ୟାଙ୍କ।
**ଜୁନ୍ ୨୬:** ଚାଇନା, ପାକିସ୍ତାନ ଓ ନେପାଳ ପରେ ଏବେ ପଡ଼ୋଶୀ ଭୁଟାନ ଭାରତକୁ ହଇରାଣ କରିବା ଆରମ୍ଭ କରିଛି। ଆସାମକୁ ପାଣି ଛାଡ଼ିଲାନି।

## ପାଠକ ଶ୍ରେଷ୍ଠ ବିଚାରକ

### ଶିକ୍ଷକ ଦମ୍ପତିଙ୍କ ପ୍ରତି ଦୃଷ୍ଟି ପଡୁ

ମହାଶୟ,

ଓଡ଼ିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ 'ମୋ ସରକାର' ଅଧୀନକୁ ଆସିବା ଏକ ଯୁଗାନ୍ତକାରୀ ପଦକ୍ଷେପ। ବିଭାଗ ଅନ୍ତର୍ଗତ ମାଧ୍ୟମିକ ତଥା ପ୍ରାଥମିକ ଶିକ୍ଷକ ଦମ୍ପତିମାନଙ୍କ ବଦଳି କ୍ଷେତ୍ରରେ ତାରତମ୍ୟ ପରିଲକ୍ଷିତ ହେଉଛି। ମାଧ୍ୟମିକ ସ୍ତରରେ ଶିକ୍ଷକ ବଦଳି ନିୟମରେ ତାଲିମପ୍ରାପ୍ତ ସ୍ନାତକ (କଳା ଓ ବିଜ୍ଞାନ) ଦମ୍ପତି ଶିକ୍ଷକଙ୍କୁ ଜିଲାରୁ ଜିଲା ବଦଳିରେ ଏକତ୍ର ଚାକିରି କରିବା ନିମନ୍ତେ ସୁଯୋଗ ଥିବାବେଳେ ତାଲିମପ୍ରାପ୍ତ (ସଂସ୍କୃତ, ହିନ୍ଦୀ, ପ୍ରାଥମିକ ଆଦି) ଦମ୍ପତିମାନଙ୍କୁ ସୁଯୋଗ ନ ଦେବା ସେମାନଙ୍କ ପ୍ରତି ଅବିଚାର। ଏହି ଦମ୍ପତି ଶିକ୍ଷକମାନଙ୍କ ପ୍ରତି ଭେଦଭାବ ଗ୍ରହଣୀୟ ବୋଲି ମନେହୁଏ ନାହିଁ। ଏହି ସମ୍ବେଦନଶୀଳତାକୁ ଉପଲବ୍ଧି କରି ସଂସ୍କୃତ, ହିନ୍ଦୀ, ପ୍ରାଥମିକ ଦମ୍ପତି ଶିକ୍ଷକମାନଙ୍କୁ ଏକତ୍ର ଗୋଟିଏ ଜିଲାରେ କାର୍ଯ୍ୟ ନିମନ୍ତେ ବଦଳି ନିୟମକୁ ସରଳୀକରଣ କରିବାକୁ ଅନୁରୋଧ।

ନୀହାର ରଞ୍ଜନ ଦାଶ, କୋରାପୁଟ

## ଚିରନ୍ତନୀ

ସକଳ ଦୂର
ନିକଟ ହେଲା
ନିବିଡ଼େ ଗଲା ଛୁଇଁ
ସବୁଜ ଗିରି କାନନ ନଦୀ ଭୂଇଁ। (ସନ୍ଧ୍ୟା ପଥେ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ତିରୁପତିରୁ ଫେରିଲେ ୧୨୧ ପ୍ରବାସୀ

**ରାୟଗଡ଼ା ଅଫିସ, ୨୮।୬:** ତିରୁପତିରେ ଫସିଥିବା ୧୨୧ ପ୍ରବାସୀ ଓଡ଼ିଆଙ୍କୁ ନେଇ ଏକ ସ୍ୱତନ୍ତ୍ର ଶ୍ରମିକ ଟ୍ରେନ୍ ରବିବାର ସକାଳେ ରାୟଗଡ଼ାରେ ପହଞ୍ଚିଛି। ଏମାନେ ସମସ୍ତେ ନବରଙ୍ଗପୁର ଜିଲାର। ରାୟଗଡ଼ା ଜିଲା ପ୍ରଶାସନ ପକ୍ଷରୁ ଷ୍ଟେଶନରେ ପ୍ରବାସୀମାନଙ୍କ ପଞ୍ଜୀକରଣ କରାଯାଇ ସ୍ୱତନ୍ତ୍ର ଗାଡ଼ି ଯୋଗେ ନବରଙ୍ଗପୁର ପଠାଯାଇଛି। ଏହି ସମୟରେ ଉପ ଜିଲାପାଳ ପ୍ରତାପ ଚନ୍ଦ୍ର ପ୍ରଧାନ, ଏବିଡିଓ ନୃସିଂହ ଚରଣ ପଟ୍ଟନାୟକଙ୍କ ସମେତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ସୁନେଇ ଡ୍ୟାମ୍‌ରେ ବୁଡ଼ି ଯୁବକ ମୃତ

**କପ୍ତିପଦା, ୨୮।୬(ଡି.ଏନ୍.ଏ):** ମୟୂରଭଞ୍ଜ ଜିଲା କପ୍ତିପଦା ଥାନା ଅଧୀନ ସୁନେଇ ମଧ୍ୟମ ଜଳସେଚନ ପ୍ରକଳ୍ପ ଡ୍ୟାମ୍‌ରେ ବୁଡ଼ି ରବିବାର ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସଞ୍ଜୀବ ପ୍ରଧାନ। ତାଙ୍କ ଘର ବାଲେଶ୍ୱର ଜିଲା ଔପଦା ବ୍ଲକ୍ ଅଧୀନ ପ୍ରତାପପୁର ଗ୍ରାମରେ। କପ୍ତିପଦା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୧୭/୨୦୨୦) ରୁଜୁ ହୋଇଛି। ସୂଚନା ଅନୁଯାୟୀ, ମୃତ ସଞ୍ଜୀବ ଅନ୍ୟ ୩ ଜଣ ସାଙ୍ଗଙ୍କ ସହିତ ଭୋଜି କରିବାକୁ ସୁନେଇ ଡ୍ୟାମ୍‌କୁ ନିକଟକୁ ଆସିଥିଲେ। ସେଠାରେ ୪ ସାଙ୍ଗ ଗାଧୋଇବାବେଳେ ସଞ୍ଜୀବ ଗଭୀର ଜଳରେ ବୁଡ଼ି ଯାଇଥିଲେ। ଅନ୍ୟ ସାଙ୍ଗମାନେ ସ୍ଥାନୀୟ ଲୋକଙ୍କ ସହାୟତାରେ ତାଙ୍କୁ ଉଦ୍ଧାର କରି ପ୍ରଥମେ କପ୍ତିପଦା ଡାକ୍ତରଖାନା ଓ ପରେ ଉଦଳା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ବେଙ୍ଗାଲୁରୁରେ ଓଡ଼ିଆ ପାଣିପାଇପ୍ ମିସ୍ତ୍ରିଙ୍କ ମୃତ୍ୟୁ

**କେନ୍ଦ୍ରାପଡ଼ା ଅଫିସ, ୨୮।୬:** ବେଙ୍ଗାଲୁରୁରେ ଜଣେ ଓଡ଼ିଆ ପାଣିପାଇପ୍ ମିସ୍ତ୍ରିଙ୍କ ମୃତ୍ୟୁ ଘଟିଛି। ସେ ହେଲେ ପଟ୍ଟାମୁଣ୍ଡାଇ ଥାନା ବିଲପୋଖରିଆପଡା ଗ୍ରାମର ଶତ୍ରୁଘ୍ନ ଭଳଙ୍କ ପୁଅ ପ୍ରଭାତ (୨୧)। ପୁଅଙ୍କ ମୃତ୍ୟୁ ସନ୍ଦେହ ଘେରରେ ରହିଥିବା ଶତ୍ରୁଘ୍ନ ରବିବାର ଡେରାବିଶ ଥାନାରେ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ଅନୁଯାୟୀ, ଗତ ଫେବୃୟାରୀରେ ଗ୍ରାମର କେତେଜଣ ବ୍ୟକ୍ତି ପ୍ରଭାତଙ୍କୁ ପାଣିପାଇପ କାମ କରିବାକୁ ବେଙ୍ଗାଲୁରୁ ନେଇଥିଲେ। ତେବେ ଲକ୍‌ଡାଉନ୍ ପାଇଁ କାମ ବନ୍ଦ ହେବାରୁ ସେମାନେ ପ୍ରଭାତଙ୍କୁ ଘରକୁ ଫେରିଯିବାକୁ କହିଥିଲେ। ମାତ୍ର ସେ ନ ଫେରି ପାରିବାରୁ ସମ୍ପୃକ୍ତ ବ୍ୟକ୍ତି ତାଙ୍କୁ ନିର୍ଯାତନା ଦେଉଛନ୍ତି ବୋଲି ପ୍ରଭାତ ଫୋନ୍‌ରେ ଜଣାଇଥିଲେ। ଗତ ଶୁକ୍ରବାର ତାଙ୍କ ମୃତ୍ୟୁ ଘଟିବା ପରେ ଏହାର ତଦନ୍ତ କରିବାକୁ ଶତ୍ରୁଘ୍ନ ଦାବି କରିଛନ୍ତି। ଏ ସମ୍ପର୍କରେ ଥାନା ଅଧିକାରୀ ରାଜେଶ ତ୍ରିପାଠୀ କୁହନ୍ତି, ଘଟଣାସ୍ଥଳ ବେଙ୍ଗାଲୁରୁରେ ହୋଇଥିବାରୁ ତଦନ୍ତ ପ୍ରକ୍ରିୟାରେ ବିଳମ୍ବ ହେଉଛି। ଏହାର ତଦନ୍ତ ପରେ ପ୍ରକୃତ ସତ୍ୟାସତ୍ୟ ପଦାକୁ ଆସିବ।

# ବିପଦରେ ବୈତରଣୀ ସେତୁ

**ଆନନ୍ଦପୁର, ୨୮।୬(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ଆନନ୍ଦପୁର ଅଞ୍ଚଳର ଲାଇଫ୍‌ଲାଇନ୍ କୁହାଯାଉଥିବା ବୈତରଣୀ ନଦୀ ସେତୁ ପୁଣି ବିପଦରେ। ୩ଟି ସ୍ଥାନ ଦବିବା ଯୋଗୁ ଏହାର ସ୍ଥାୟିତ୍ୱ ନେଇ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପୂର୍ବରୁ ୨୦୧୮ ଜୁଲାଇ ୬ ତାରିଖରେ ସେତୁର ଗୋଟିଏ ପିଲାରରୁ ଏକ ବେରିଂ ଖସିପଡିଥିଲା। ୨୦୧୯ ଜୁଲାଇ ୧୨ରେ ୩୯ ଲକ୍ଷ ବ୍ୟୟ ଅଟକଳରେ ଏହାର ମରାମତି କରାଯାଇଥିଲା। ପୁନର୍ବାର ସେତୁର ସ୍ଥାନ ଦବିବା ଘଟଣା ଜଣାପଡିବା ପରେ ଆନନ୍ଦପୁର ପୂର୍ତ୍ତ ବିଭାଗ ଉଦ୍ୟମରେ ଏକ ଟେକ୍ନିକାଲ ଟିମ୍ ଅନୁଧ୍ୟାନ କରି ସେତୁ ବିପଦସଙ୍କୁଳ ଥିବା ସତର୍କ କରାଇଛନ୍ତି। ତେବେ ଅଧିକ ଦବି ଥିବା ଏକ ସ୍ଥାନକୁ ସୁରକ୍ଷା ଦେବା ଲାଗି ବିଭାଗ ପକ୍ଷରୁ କାଠଗୋଲା ଦିଆଯାଇ ଗତ ବୁଧବାର ମରାମତି କରାଯାଇଛି। ଏହାସହିତ ଅନ୍ୟ ବିପଦସଙ୍କୁଳ ସ୍ଥାନକୁ ମରାମତି କରାଯିବ



ବିପଦସଙ୍କୁଳ ବୈତରଣୀ ସେତୁ।

ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

ସେତୁରେ ଲାଗିଥିବା ଅଧିକାଂଶ ସ୍ଥାନର ଲମ୍ବ ୫୭ମିଟର। ଭାରିଯାନ ଚଳାଚଳ ଯୋଗୁ କ୍ଷତିଗ୍ରସ୍ତ ହେଉଥିବା ବିଭାଗୀୟ ସହକାରୀ ନିର୍ବାହୀ ଯନ୍ତ୍ରୀ ସମୀର କୁମାର ଅଧିକାରୀ କହିଛନ୍ତି। ତେବେ ସ୍ଥାନୀୟ ପ୍ରଶାସନ ଏବଂ ଜିଲାପାଳଙ୍କ ସହିତ ଆଲୋଚନା ପରେ ସେତୁର ଉଭୟପାର୍ଶ୍ୱରେ ଭାରିଯାନ ଚଳାଚଳ ଦିଗରେ ରୋକ୍ ଲଗାଇବା ପାଇଁ ସୂଚନାଫଳକ ଲଗାଯାଇଛି। ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ କହିବା ଅନୁଯାୟୀ, ଭାରିଯାନ ଚଳାଚଳ ଦିଗରେ ରୋକ୍ ନ ଲଗାଇଲେ ସେତୁ ଅଧିକ କ୍ଷତିଗ୍ରସ୍ତ

### ନୂତନ ସେତୁ ଏକମାତ୍ର ବିକଳ୍ପ

ହେବାର ଆଶଙ୍କା ରହିଛି। ପୁନର୍ବାର ଆକଳନ କରାଯାଇ ସେତୁର ସମ୍ପୂର୍ଣ୍ଣ ମରାମତି କରାଯିବାକୁ ଉଦ୍ୟମ କରାଯିବ ବୋଲି ସେ ସୂଚନା ଦେଇଛନ୍ତି। ମାତ୍ରାଧିକ ଭାରିଯାନ ଚଳାଚଳ ଯୋଗୁ ସେତୁ ବିପଦସଙ୍କୁଳ ହୋଇପଡୁଛି। ଏଣୁ ଏକ ବିକଳ୍ପ ସେତୁ ନିର୍ମାଣ ନିମନ୍ତେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଥିବା ସେ ସୂଚନା ଦେଇଛନ୍ତି। ୫୩ ନଂ.ରାଜ୍ୟ ରାଜପଥ ଏବଂ ୨୦ନଂ. ଜାତୀୟ ରାଜପଥକୁ ଯୋଗାଯୋଗ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଥିବା ଏହି ସେତୁରେ ବାରମ୍ବାର ବିପଦପୂର୍ଣ୍ଣ ପରିସ୍ଥିତି ସୃଷ୍ଟି ହେବା ଦୁର୍ଭାଗ୍ୟଜନକ। ଜନସାଧାରଣଙ୍କ ସୁରକ୍ଷା ଦୃଷ୍ଟିରୁ ବିକଳ୍ପ ଭାବେ ନୂତନ ସେତୁର ବ୍ୟବସ୍ଥା ଗ୍ରହଣ କରିବା ଏକମାତ୍ର ବିକଳ୍ପ ବୋଲି ସାମାଜିକ କର୍ମୀ ବୁଲୁ ପଟ୍ଟନାୟକ ମତବ୍ୟକ୍ତ କରିଛନ୍ତି।



ହୀରାକୁଦ ଗେଟ୍ ଖୋଲିବା ପରେ କଟକ ପୁରୀଘାଟସ୍ଥିତ କାଠଯୋଡ଼ି ନଦୀରେ ରବିବାର ପ୍ରବାହିତ ବନ୍ୟାଜଳ।

# ଅକ୍ଷୟଙ୍କ କଣ୍ଠସ୍ୱରକୁ ଜୀବିତ କରିଛନ୍ତି ପ୍ରଦୀପ

**ନୟାଗଡ ଅଫିସ/ ଖୋର୍ଦ୍ଧା ଅଫିସ, ୨୮।୬**

### ୧୨୦୦ ମଞ୍ଚରେ ଗାଇ ସାରିଲେଣି କେବଳ ଅକ୍ଷୟଙ୍କ ସଙ୍ଗୀତ



ପ୍ରଦୀପ ମହାପାତ୍ର

ଆଧୁନିକ ସଙ୍ଗୀତର ବାଦ୍‌ଶାହା ଅକ୍ଷୟ ମହାନ୍ତି ସିନା ଏ ଦୁନିଆରେ ନାହାନ୍ତି, ହେଲେ ତାଙ୍କର ପ୍ରତ୍ୟେକଟି ଗୀତ ଆଜିବି ଶ୍ରୋତାଙ୍କ ମନରେ ଗୁଞ୍ଜରଣ ସୃଷ୍ଟି କରୁଛି। ଅନେକ କଣ୍ଠଶିଳ୍ପୀ, ଗୀତିକାର ଅକ୍ଷୟଙ୍କ ପଦାଙ୍କ ଅନୁସରଣ କରିଛନ୍ତି ସତ ହେଲେ ତାଙ୍କ ପରି ଅବିକଳ ସ୍ୱରରେ ଗୀତ ଗାଉଥିବା କଣ୍ଠଶିଳ୍ପୀ ମିଳିନାହାନ୍ତି। କିନ୍ତୁ ନୟାଗଡ଼ ଜିଲା ରଣପୁର ବ୍ଲକ ରାଜସୁନାଖଳା ପଞ୍ଚାୟତ ନୃସିଂହପୁର ଶାସନରେ ଏପରି ଜଣେ କଣ୍ଠଶିଳ୍ପୀଙ୍କୁ ଦେଖିବାକୁ ମିଳିଛି, ଯିଏ ଅକ୍ଷୟଙ୍କ କଣ୍ଠକୁ ଅବିକଳ ନକଲ କରି ପ୍ରେରଣାର ଉତ୍ସ ପାଲଟିଛନ୍ତି। ସେ ହେଲେ ପ୍ରଦୀପ ମହାପାତ୍ର। ରବି ଭାଇନା ନାଁରେ ସେ ବେଶ୍ ପରିଚିତ।

ପ୍ରଦୀପ ଅକ୍ଷୟଙ୍କ ଗୀତ ଗାଇଲେ ଅଜଣା ଲୋକ ଚକିତ ହୋଇପଡ଼ନ୍ତି। ମଞ୍ଚରେ ଗାଉଥିବା ଶିଳ୍ପୀର କଣ୍ଠସ୍ୱର ଶୁଣିବା ପରେ ଦର୍ଶକ ନିଜ ଆଖିକୁ ବିଶ୍ୱାସ କରି ପାରନ୍ତିନି। ୧୯୮୦ରୁ ସେ ପ୍ରାୟ ୧୨୦୦ ମଞ୍ଚରେ ଗୀତ ଗାଇ ସାରିଲେଣି। ତେବେ ବଣମଲ୍ଲୀ ବଣରେ ଫୁଟି ମଉଳିବା ପରି ତାଙ୍କର ପ୍ରତିଭା ଲୁଚିଯାଇଛି। କାରଣ ସଙ୍ଗୀତ ମଞ୍ଚକୁ ଛାଡିଦେଲେ ଟିଭି ପରଦା କିମ୍ବା ଅନ୍ୟ ପ୍ଲାଟଫର୍ମରେ ତାଙ୍କୁ ଦେଖିବାକୁ ମିଳେନା। କିନ୍ତୁ ତାଙ୍କ ପ୍ରତିଭାକୁ ଅନୁଧ୍ୟାନ କଲେ ଏଭଳିଆ ବ୍ୟକ୍ତିତ୍ୱ ଅଣଦେଖା ହୋଇ ରହି ଯାଉଥିବା କଥାକୁ ବିଶ୍ୱାସ କରି ହେବନି। ଦିନେ ନୁହେଁକି ମାସେ ନୁହେଁ ପ୍ରାୟ ୪୦ ବର୍ଷ ହେଲା ଗୀତ ଗାଇ ଆସୁଛନ୍ତି ପ୍ରଦୀପ। ତେବେ ଧୀରେଧୀରେ ତାଙ୍କ କଣ୍ଠରୁ ଶୁଭୁଥିବା ଅକ୍ଷୟଙ୍କ ସଙ୍ଗୀତ ଦର୍ଶକଙ୍କ ମନକୁ ଛୁଇଁପାରିଛି। ଅକ୍ଷୟଙ୍କ ସବୁ ଗୀତକୁ ପ୍ରାୟ ଗାଇ ସାରିଲେଣି ପ୍ରଦୀପ। ମଞ୍ଚରେ ଗୀତ ଗାଇବା ବେଳେ ଦର୍ଶକ କେବଳ ଅକ୍ଷୟଙ୍କ ସଙ୍ଗୀତକୁ ଗାଇବାକୁ ତାଙ୍କୁ ଅନୁରୋଧ କରିଥାନ୍ତି। ଏପର କି ଘରେ ଥିବାବେଳେ ସକାଳୁ ସଞ୍ଜ ପର୍ଯ୍ୟନ୍ତ ପ୍ରଦୀପଙ୍କ ଘରୁ ଶୁଭେ ଅକ୍ଷୟ ସଙ୍ଗୀତର ମୂର୍ଚ୍ଛନା। ବିଏ ପଢ଼ିଥିବା ପ୍ରଦୀପ ବଡ଼ହେଲେ କଣ୍ଠଶିଳ୍ପୀ ହେବେ ବୋଲି ପିଲାଟି ଦିନରୁ ବାରି ହୋଇ ପଡୁଥିଲେ। ଛାତ୍ରାବସ୍ଥାରେ କଣ୍ଠଦାନ କରି ସେ ଅନେକ ପୁରସ୍କାର ଜିତିଥିଲେ। ଏ ସମ୍ପର୍କରେ, ପ୍ରଦୀପ କୁହନ୍ତି, ପୂର୍ବରୁ ମା'ବାପା ମୋତେ ଆଗକୁ ବଢ଼ାଇବାରେ ସହଯୋଗ କରିଥିଲେ। ଏବେ ମୋ ମା', ସ୍ତ୍ରୀ, ଦୁଇ ଝିଅ ଓ ପୁଅ ସବୁବେଳେ ପ୍ରେରଣା ଯୋଗାଇ ଆସୁଛନ୍ତି। ଗାଁ ଲୋକଙ୍କ ପ୍ରେରଣା ମଧ୍ୟ ମୋ ସାଥିରେ ରହିଛି। ଭଗବାନଙ୍କ ସାନିଧ୍ୟ ମୋ ସହ ଥିବାରୁ ମୁଁ ପିଲାଟି ଦିନରୁ ଏହି ଯାତ୍ରା ଜାରି ରଖିଛି। ଯେତେ ବାଧାବିଘ୍ନ ଆସିଲେ ବି ପଛକୁ ଫେରି ଚାହିଁନାହିଁ। ଅଭାବ ଅସୁବିଧା ମୋ କଣ୍ଠଦାନରେ ବାଧକ ସାଜି ପାରିନି।

# ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଝିଅଙ୍କ ନାଁରେ ମାମଲା ରୁଜୁ

**ଝାରସୁଗୁଡ଼ା ଅଫିସ, ୨୮।୬**

### କୋଭିଡ୍ କଟକଣା ଉଲ୍ଲଂଘନ ଘଟଣା

କୋଭିଡ୍ କଟକଣା ଉଲ୍ଲଂଘନ ଅଭିଯୋଗରେ ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସଙ୍କ ଝିଅ ଦୀପାଳି ଦାସଙ୍କ ନାମରେ ରବିବାର ଝାରସୁଗୁଡ଼ା ଥାନା ପୋଲିସ ଏକ ମାମଲା ରୁଜୁକରିଛି। ଗତ କିଛିଦିନ ଧରି ଏହି ପ୍ରସଙ୍ଗକୁ ନେଇ ବିବାଦ ସୃଷ୍ଟି ହୋଇଥିଲା। ଶେଷରେ ପୋଲିସ ଦୀପାଳିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି।

ମନ୍ତ୍ରୀ ଦାସଙ୍କ ମା' ବାପାଙ୍କ ନାମରେ ଗଠିତ ନରସିଂହ ବିଷ୍ଣୁପ୍ରିୟା ଟ୍ରଷ୍ଟ ପକ୍ଷରୁ ଗତ ୨୨ ତାରିଖରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସଭାଗୃହରେ ଏକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। କରୋନା ମୁକାବିଲାରେ ନିୟୋଜିତ ବିଭିନ୍ନ ସ୍ୱେଚ୍ଛାସେବୀ ସଂସ୍ଥାର କର୍ମକର୍ତ୍ତାଙ୍କୁ କୋଭିଡ୍ ଯୋଦ୍ଧା ଭାବେ ଏହି ସଭାରେ ସମ୍ବର୍ଦ୍ଧିତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ୫୦ରୁ ଊର୍ଦ୍ଧ୍ୱ ଲୋକ ଉପସ୍ଥିତ ଥିଲେ। ହେଲେ କେହି କୋଭିଡ୍ କଟକଣା ନିୟମ ପାଳନ କରି ନ ଥିଲେ। କେହି ସାମାଜିକ ଦୂରତା ଅବଲମ୍ବନ କରି ନ ଥିଲେ କି ମାସ୍କ ପିନ୍ଧି ନ ଥିଲେ। କୋଭିଡ୍ କଟକଣା ଉଲ୍ଲଂଘନ କରିଥିବା ଅଭିଯୋଗ କରି ଦୀପାଳିଙ୍କ ବିରୋଧରେ କଂଗ୍ରେସ ଲିଖିତ ଭାବେ ଝାରସୁଗୁଡ଼ା ଥାନାରେ ଅଭିଯୋଗ କରିଥିଲା। ହେଲେ କୌଣସି ମାମଲା ରୁଜୁ କରାଯାଇ ନ ଥିଲା। ଶେଷରେ ଝାରସୁଗୁଡ଼ା ପୌର ପରିଷଦର କାର୍ଯ୍ୟ ନିର୍ବାହୀ ଅଧିକାରୀ ରାମଚନ୍ଦ୍ର ପ୍ରଧାନ ଥାନାରେ ଦୀପାଳି ଓ ଅନ୍ୟ ୩ରୁ ୪ ଜଣଙ୍କ ନାଁରେ କୋଭିଡ୍ କଟକଣା ଉଲ୍ଲଂଘନ କରିଥିବା ଅଭିଯୋଗ କରିବା ପରେ ଏପରି ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ଏସ୍‌ପି ରାହୁଲ ପିଆର କହିଛନ୍ତି। ଜିଲାପାଳ ସରୋଜ କୁମାର ସାମଲଙ୍କ ନିର୍ଦ୍ଦେଶ ପରେ ମୁଁ ଥାନାରେ ଅଭିଯୋଗ କରିଛି ବୋଲି ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଧାନ କହିଛନ୍ତି।

# କୋଭିଡ୍ ଯୋଦ୍ଧାଙ୍କ ଆରୋଗ୍ୟ କାମନା କଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୨୮।୬(ବ୍ୟୁରୋ)**




କୋଭିଡ୍ ଯୋଦ୍ଧାଙ୍କୁ ଉତ୍ସାହିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିଜ ଟୁଇଟର ହ୍ୟାଣ୍ଡେଲରେ ଏକ ଗୀତକୁ ସେମାନଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରିଛନ୍ତି। କରୋନା ଯୁଦ୍ଧରେ ବିଜୟ ପାଇଁ ଯୋଦ୍ଧାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ହେଲେ ସେମାନଙ୍କ ମଧ୍ୟରୁ କେତେଜଣ ଯୋଦ୍ଧା ଏବେ ନିଜେ କୋଭିଡ୍ ସଂକ୍ରମଣର ଶିକାର ହୋଇଛନ୍ତି। ଯେତେବେଳେ ସାଧାରଣ ଲୋକଙ୍କୁ ଘରେ ରହିବାକୁ କୁହାଯାଉଛି ସେତେବେଳେ ଏହି ଯୋଦ୍ଧାମାନେ ବର୍ତ୍ତମାନର ଜରୁରୀକାଳୀନ ସ୍ଥିତିରେ ନିଜ ଜୀବନକୁ ବାଜି ଲଗାଇ ଜନସାଧାରଣଙ୍କ ସେବା କରୁଛନ୍ତି। ସେମାନଙ୍କୁ ପ୍ରୋତ୍ସାହିତ କରିବା ଓ ସେମାନଙ୍କର ଆରୋଗ୍ୟ କାମନା କରିବା ଆମର କର୍ତ୍ତବ୍ୟ। ଏନେଇ ମୁଖ୍ୟମନ୍ତ୍ରୀ ଟୁଇଟର ପୋଷ୍ଟରେ ଲେଖିଛନ୍ତି, ଲୋକଙ୍କ ଜୀବନ ସୁରକ୍ଷିତ କରିବାରେ ଆଗଧାଡ଼ିର କୋଭିଡ୍ ଯୋଦ୍ଧାଙ୍କ ନିଷ୍ଠା ଓ ଉତ୍ସର୍ଗୀକୃତ ସେବାର ତୁଳନା ନାହିଁ। ସେମାନଙ୍କର ତ୍ୟାଗ ଅସୀମ। ଏହି ସୁନ୍ଦର ଗୀତକୁ ସେମାନଙ୍କ ପାଇଁ ଉତ୍ସର୍ଗ କରିବା ସହ ଅସୁସ୍ଥ ଯୋଦ୍ଧାଙ୍କ ଆଶୁ ଆରୋଗ୍ୟ କାମନା କରୁଛି। ବର୍ତ୍ତମାନ ସମୟରେ ଆମ ଦାୟିତ୍ୱବୋଧତା ଏବଂ ଏକତା ସମଗ୍ର ବିଶ୍ୱକୁ ଦେଖାଇବାକୁ ପଡ଼ିବ। ଏ ଯୁଦ୍ଧ ଜିତିବା ପାଇଁ ହେଲେ ପ୍ରତ୍ୟେକ ବ୍ୟକ୍ତିଙ୍କୁ ନିଜ ନିଜ ସ୍ତରରେ ସଚେତନ ଓ ଆତ୍ମ ଶୃଙ୍ଖଳା ବଜାୟ ରଖିବାକୁ ପଡ଼ିବ। ତାହା ହିଁ ଆମ କୋଭିଡ୍ ଯୋଦ୍ଧାଙ୍କ ପ୍ରତି ପ୍ରକୃତ ସମ୍ମାନ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

# ତୈଳ ଦର ବୃଦ୍ଧି ପ୍ରତିବାଦରେ ରାସ୍ତାକୁ ଓହ୍ଲାଇବେ ବିରୋଧୀ

**ଭୁବନେଶ୍ୱର, ୨୮।୬(ବ୍ୟୁରୋ)**

ଲକ୍‌ଡାଉନ ଯୋଗୁ ଦେଶବ୍ୟାପୀ ସାଧାରଣ ଲୋକମାନେ ନାହିଁ ନ ଥିବା ଦୁର୍ଦ୍ଦଶା ଭୋଗୁଛନ୍ତି। ଲୋକଙ୍କ ଆର୍ଥିକ ମେରୁଦଣ୍ଡ ଏକ ପ୍ରକାର ଭାଙ୍ଗିଯାଇଛି। ଏଭଳି ସମୟରେ ଡିଜେଲ ଓ ପେଟ୍ରୋଲ ଦର ୨୧ଦିନ ହେଲା ପ୍ରତ୍ୟେକ ଦିନବୃଦ୍ଧି ପାଇବା ଯୋଗୁ ସମସ୍ୟା ବଢ଼ିଚାଲିଛି। ରାଜ୍ୟରେ ପେଟ୍ରୋଲ, ଡିଜେଲ ଦର ୮୦ ଟଙ୍କାରେ ପହଞ୍ଚିଥିବା ବେଳେ ଖୁବଶୀଘ୍ର ଏହା ୧୦୦ଟଙ୍କାରେ ପହଞ୍ଚିବ। ଏହାଦ୍ୱାରା ଖର୍ଚ୍ଚ ପରିବହନ ମଧ୍ୟ ବଢ଼ିବ। ଅତ୍ୟାବଶ୍ୟକ ସାମଗ୍ରୀ ବର୍ତ୍ତମାନ ଲୋକଙ୍କ କ୍ରୟ ଶକ୍ତି ବାହାରେ। ଏହା ବିରୋଧରେ ଆସନ୍ତା ମଙ୍ଗଳବାର ରାଜ୍ୟର ସବୁ ସ୍ଥାନରେ ପ୍ରତିବାଦ ସଭା କରାଯିବ। ଏଥିରେ ସିପିଆଇ, ସିପିଆଇ(ଏମ୍), ସିପିଆଇଏମ୍‌ଏଲ ଏବଂ ଅଖିଳ ଭାରତ ଫରୱାର୍ଡ ପକ୍ଷରୁ ଆହ୍ୱାନ ଦିଆଯାଇଛି। ତୈଳ ଦର ବୃଦ୍ଧି ପ୍ରତିବାଦରେ କେନ୍ଦ୍ର ସରକାରଙ୍କ କାର୍ଯ୍ୟାଳୟ, ଜିଲା ଏବଂ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ କଂଗ୍ରେସ ବିକ୍ଷୋଭ କରାଯିବ ବୋଲି ବିଧାୟକ ସୁରେଶ କୁମାର ରାଉତରାୟ ସୂଚନା ଦେଇଛନ୍ତି।

# ମାଟିତଳୁ ବାହାରିଲା ମହିଳାଙ୍କ ମୃତଦେହ

**ବାଲିଆପାଳ, ୨୮।୬(ସ୍ୱ.ପ୍ର.)**

- ହତ୍ୟା ସନ୍ଦେହ
- ଖବରଶୁଣି ଆସୁଥିବା ବେଳେ ଦୁର୍ଘଟଣାର ଶିକାର ହେଲେ ସ୍ୱାମୀ

ବାଲେଶ୍ୱର ଜିଲା ବାଲିଆପାଳ ଥାନା ଅଧୀନ ଚୌମୁଖ ଗ୍ରାମର ଏକ ପାନବରଜ ପଛପଟ ମାଟି ତଳୁ ଜଣେ ମହିଳାଙ୍କ ମୃତଦେହ ରବିବାର ଉଦ୍ଧାର ହୋଇଛି। ତାଙ୍କୁ ପ୍ରଥମେ ଅସଦାଚରଣ ପରେ ହତ୍ୟା କରି ବାଲିରେ ପୋତି ଦିଆଯାଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଏହି ଘଟଣାରେ ପୋଲିସ ସେହି ଗ୍ରାମର ଜଣଙ୍କୁ ସନ୍ଦେହରେ ଅଟକ ରଖି ପଚରାଉଚୁରା କରୁଛି। ରିପୋର୍ଟ ଲେଖା ହେବା ସୁଦ୍ଧା ଥାନାରେ କୌଣସି ମାମଲା ହୋଇନାହିଁ। ରବିବାର ସକାଳ ୮ଟା ବେଳେ ଜନ୍ମେଜୟ ପାତ୍ରଙ୍କ ସ୍ତ୍ରୀ ସୁନାଲି ନିଜ ଘରଠାରୁ କିଛି ଦୂର ବାଲିଆଡିଆରେ ଥିବା ପାନବରଜକୁ ପାଣି ଦେବା ପାଇଁ ଏକାକୀ ଯାଇଥିଲେ। ଅପରାହ୍ନ ୨ଟା ପର୍ଯ୍ୟନ୍ତ ସେ ଘରକୁ ନ ଫେରିବାରୁ ଘର ଲୋକେ ଖୋଜାଖୋଜି କରିଥିଲେ। ବହୁତ ସମୟ ଖୋଜିବା ପରେ ସୁନାଲିଙ୍କ ମୃତଦେହ ପାନବରଜ ପଛପଟ ମାଟିତଳେ ପୋତାଯାଇଥିବା ଦେଖିବାକୁ ମିଳିଥିଲା। ପୋଲିସକୁ ଖବର ଦିଆଯିବା ପରେ ବାଲିଆପାଳ ଆଇଆଇସି ବିମଳ ନାୟକ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରିଛନ୍ତି। ସୁନାଲିଙ୍କ ସ୍ୱାମୀ ଜନ୍ମେଜୟ ବାଲେଶ୍ୱରରେ ଟ୍ରାକ୍ଟର ଡ୍ରାଇଭର ଭାବେ କାମ କରନ୍ତି। ସେ ଖବରପାଇ ହଳଦୀପଦାରୁ ବାଇକ ଯୋଗେ ଫେରୁଥିବା ବେଳେ ଲଙ୍ଗଳେଶ୍ୱରଠାରେ ସଡକ ଦୁର୍ଘଟଣାର ଶିକାର ହୋଇଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ବସ୍ତା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ଜନ୍ମେଜୟଙ୍କୁ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

# ୩ଲକ୍ଷ ଶ୍ରମିକ, ପର୍ଯ୍ୟଟକ, ଛାତ୍ରୀଛାତ୍ର ଉପକୃତ

**ଭୁବନେଶ୍ୱର, ୨୮।୬(ବ୍ୟୁରୋ)**

### ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ମାନିଛି ପୂର୍ବତଟ ରେଳପଥ

କରୋନା ମହାମାରୀ ଓ ଲକ୍‌ଡାଉନ୍ ଯୋଗୁ ବିଭିନ୍ନ ରାଜ୍ୟରେ ଅଟକି ରହିଥିବା ୩ଲକ୍ଷରୁ ଊର୍ଦ୍ଧ୍ୱ ପ୍ରବାସୀ ଶ୍ରମିକ, ପର୍ଯ୍ୟଟକ, ଛାତ୍ରୀଛାତ୍ର ଶ୍ରମିକ ସ୍ପେଶାଲ ଟ୍ରେନରେ ଘରକୁ ଫେରିଛନ୍ତି। ଜୁନ ୨୪ ସୁଦ୍ଧା ସମସ୍ତ ପ୍ରବାସୀଙ୍କୁ ସେମାନଙ୍କ ଘରେ ପହଞ୍ଚାଇବା ପାଇଁ ସୁପ୍ରିମ କୋର୍ଟ ନିର୍ଦ୍ଦେଶ ଦେଇଥିବାବେଳେ ପୂର୍ବତଟ ରେଳପଥ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ଏହି କାର୍ଯ୍ୟ ଶେଷ କରିଛି। ମେ' ପ୍ରଥମ ସପ୍ତାହରୁ ପୂର୍ବତଟ ରେଳପଥ ପାଖାପାଖି ୬୩୪ଟି ଶ୍ରମିକ ସ୍ପେଶାଲ ଟ୍ରେନ ପରିଚାଳନା କରିଛି। ଏଥିମଧ୍ୟରୁ ୨୫୦ଟି ଶ୍ରମିକ ସ୍ପେଶାଲ ଟ୍ରେନ ବାହାର ରାଜ୍ୟରୁ ପୂର୍ବତଟ ରେଳପଥ ଅଧୀନ ବିଭିନ୍ନ ରାଜ୍ୟକୁ ଆସିଛି। ଓଡିଶାକୁ ମୋଟ ୨୪୭ଟି ଟ୍ରେନ୍ ଆସିଥିବାବେଳେ ଆନ୍ଧ୍ରପ୍ରଦେଶକୁ ୩ଟି ଟ୍ରେନ୍ ଆସିଛି। ସେହିଭଳି ପୂର୍ବତଟ ରେଳପଥ ମଧ୍ୟ ଓଡିଶା, ଆନ୍ଧ୍ରପ୍ରଦେଶ ଓ ଛତିଶଗଡ ରାଜ୍ୟରୁ ଅନ୍ୟ ରାଜ୍ୟକୁ ଶ୍ରମିକ ସ୍ପେଶାଲ ଟ୍ରେନ ପଠାଇବାର ଆବଶ୍ୟକତାକୁ ପୂରଣ କରିଛି। ସମ୍ବଲପୁରରୁ ଗୋଟିଏ, ଭୁବନେଶ୍ୱରରୁ ୨ଟି ଏବଂ ବିଶାଖାପାଟଣାରୁ ୧୧ଟି ସ୍ୱତନ୍ତ୍ର ଟ୍ରେନ୍ ବାହାର ରାଜ୍ୟକୁ ଯାଇଛି।

ଅନ୍ୟପକ୍ଷରେ ଗୁଜରାଟ, ମହାରାଷ୍ଟ୍ର, ତାମିଲନାଡୁ, କେରଳ, ଦିଲ୍ଲୀ ଓ ଆନ୍ଧ୍ରପ୍ରଦେଶରୁ ଅଧିକାଂଶ ଟ୍ରେନ ଓଡିଶା ଆସିଛି। ପୂର୍ବତଟ ରେଳପଥ ଟ୍ରାକ୍ ମଧ୍ୟରେ ମୋଟ ୩୭୨ଟି ଶ୍ରମିକ ସ୍ପେଶାଲ ଟ୍ରେନ ସୁରକ୍ଷିତଭାବେ ଚଳାଚଳ କରିଛି। ଆଇଆର୍‌ସିଟିସି ସହଯୋଗରେ ଶ୍ରମିକ ସ୍ପେଶାଲ ଟ୍ରେନଗୁଡ଼ିକରେ ୧୨ଲକ୍ଷରୁ ଅଧିକ ନିଃଶୁଳ୍କ ଖାଦ୍ୟ ଓ ପାଣି ଯାତ୍ରୀମାନଙ୍କୁ ଯୋଗାଇ ଦିଆଯାଇଥିବା ପୂର୍ବତଟ ରେଳପଥ ପ୍ରସ୍ତୁତ ରହିଥିବା କୁହାଯାଇଛି।

# ପୀଡ଼ିତା ଶିଶୁକନ୍ୟାକୁ ଧରି ଡାକ୍ତରଖାନା ବୁଲୁଛନ୍ତି ମା'ବାପା

**ନୂଆପଡ଼ା ଅଫିସ, ୨୮।୬**

- ପୀଡିତାର କ୍ଷତ ଶୁଖିନି, ଜାମିନରେ ବାହାରି ବୁଲୁଛନ୍ତି ନାବାଳକ
- ଉପଯୁକ୍ତ ଚିକିତ୍ସା ଅଭାବରୁ ବନ୍ଦ ହେଉନି ରକ୍ତସ୍ରାବ

ନୂଆପଡ଼ା ଜିଲା ଖରିଆରରୋଡ ଜୋଙ୍କ ଥାନା ଅଞ୍ଚଳର ଜଣେ ୪ବର୍ଷ ବୟସ୍କ ଶିଶୁକନ୍ୟାକୁ ବଳାତ୍କାର କରାଯାଇଥିଲା। ଇତିମଧ୍ୟରେ ୭ ମାସ ବିତିଲାଣି। ଘଟଣାରେ ସମ୍ପୃକ୍ତ ଜଣେ ନାବାଳକଙ୍କୁ ପୋଲିସ ଅଟକ ରଖି ବାଳ ଅପରାଧ ଅଦାଲତକୁ ପଠାଇଥିଲା। କିଛିଦିନ ନାବାଳକ ବାଳସୁଧାର ଗୃହରେ ରହିବା ପରେ ତାଙ୍କୁ ଜାମିନ ମିଳିଛି। ହେଲେ ପୀଡିତାକୁ ଆଜି ପର୍ଯ୍ୟନ୍ତ ନ୍ୟାୟ ମିଳିନାହିଁ। ଏପରି କି ତାର ଗୁପ୍ତାଙ୍ଗରେ ସୃଷ୍ଟି ହୋଇଥିବା କ୍ଷତ ଭଲ ହେଉନାହିଁ। ଚିକିତ୍ସା ପାଇଁ ପୀଡିତାକୁ ନେଇ ତାଙ୍କ ମା'ବାପା ଗୋଟିଏ ଡାକ୍ତରଖାନାରୁ ଅନ୍ୟ ଡାକ୍ତରଖାନା ବୁଲୁଛନ୍ତି। ହେଲେ ତାଙ୍କୁ ସହଯୋଗ ମିଳୁନି। ଫଳରେ ଦିନକୁ ଦିନ ଶିଶୁକନ୍ୟାର ସ୍ୱାସ୍ଥ୍ୟବସ୍ଥା ଗୁରୁତର ହେବାରେ ଲାଗିଛି। ରକ୍ତସ୍ରାବ ବନ୍ଦ ହେଉ ନ ଥିବାରୁ ମା'ବାପାଙ୍କ ଚିନ୍ତା ବଢ଼ିଯାଇଛି।

ମିଳିଥିବା ସୂଚନା ଅନୁଯାୟୀ, ପୀଡ଼ିତା ଶିଶୁକନ୍ୟା ଘଟଣା ଦିନ ପଡୋଶୀଙ୍କ ଘରକୁ ଟିଭି ଦେଖିବାକୁ ଯାଇଥିଲା। ଏହାର ସୁଯୋଗ ନେଇ ଜଣେ ନାବାଳକ(୧୫) ତାକୁ ଚକୋଲେଟର ପ୍ରଲୋଭନ ଦେଖାଇ ବଳାତ୍କାର କରିଥିଲା। ଏହାପରେ ଶିଶୁକନ୍ୟାଟି ଯନ୍ତ୍ରଣାରେ ଛଟପଟ ହେବା ପରେ କାନ୍ଦି କାନ୍ଦି ଘରୁ ଫେରିଥିଲା। ସେତେବେଳେ ଶିଶୁକନ୍ୟାର ଗୁପ୍ତାଙ୍ଗରୁ ରକ୍ତସ୍ରାବ ହେଉଥିଲା। ଏ କଥା ଜାଣିବା ପରେ ମା'ବାପା ତୁରନ୍ତ ଗାଁ ଲୋକଙ୍କୁ ଜଣାଇଥିଲେ। ଏହି ବିବାଦର ସମାଧାନ ପାଇଁ ଗାଁରେ ଏକାଧିକବାର ବୈଠକ ବସିଥିଲା। ହେଲେ ଉକ୍ତ ବିବାଦର କୌଣସି ସମାଧାନ ହୋଇ ନ ଥିଲା। ଫଳରେ ପୀଡ଼ିତା ପରିବାର ପକ୍ଷରୁ ଏ ନେଇ ଜୋଙ୍କ ଥାନାରେ ଅଭିଯୋଗ କରାଯାଇଥିଲା। ଥାନା ଅଧିକାରୀ ଅନିରୁଦ୍ଧ ମୁଦୁଲି ଭାରତୀୟ ଦଣ୍ଡବିଧି ଆଇନର ଦଫା ୩୭୬,୫୦୬, ପୋକ୍ସୋ ଆକ୍ଟରେ ଏକ ମାମଲା(ନଂ.୨୨୨/୧୯) ରୁଜୁ କରି ନାବାଳକକୁ ଧରି ଜୁଭେନାଇଲ କୋର୍ଟରେ ହାଜର କରିଥିଲା। ସେଠାରୁ ତାକୁ ବାଳ ସୁଧାର ଗୃହକୁ ପଠାଇ ଦିଆଯାଇଥିଲା। ହେଲେ ସେ ସେଠାରେ ରହିବାର କିଛିଦିନ ପରେ ତାକୁ ଜାମିନ ମିଳିଥିଲା। ଏପଟେ ପୀଡିତାର ଚିକିତ୍ସା ପାଇଁ ପ୍ରଶାସନ ତରଫରୁ ବୁର୍ଲା ଭିମ୍‌ସାରକୁ ପଠାଯାଇଥିଲା। ହେଲେ ସେଠାରେ ପ୍ରାଥମିକ ଚିକିତ୍ସା ପରେ ତାର କୌଣସି କ୍ଷତ ହୋଇ ନ ଥିବା ଦର୍ଶାଇ ଛାଡି ଦିଆଯାଇଥିଲା। ହେଲେ ଶିଶୁକନ୍ୟାର ଯନ୍ତ୍ରଣା କମି ନ ଥିଲା। ଉପଯୁକ୍ତ ଚିକିତ୍ସା ଅଭାବରୁ ତାର ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରେ ଲାଗିଥିଲା। ଫଳରେ ଝିଅଟି ଠିକ୍ ଭାବେ ଚଲାବୁଲା କରି ପାରୁନାହିଁ। ତାର ଗୁପ୍ତାଙ୍ଗରୁ ଏବେ ବି ରକ୍ତସ୍ରାବ ହେଉଛି। ସେଥିପାଇଁ ସେ ଦିନରାତି ଯନ୍ତ୍ରଣାରେ ଛଟପଟ ହେଉଥିବା ତାଙ୍କ ପରିବାର ଲୋକ ପ୍ରକାଶ କରିଛନ୍ତି। ରବିବାର ସ୍ଥାନୀୟ ଏକ ବେସରକାରୀ ହସ୍ପିଟାଲକୁ ପୀଡ଼ିତାକୁ ଆଣିଥିଲେ ତାଙ୍କ ମା'ବାପା। ସେଠାରେ ସେମାନଙ୍କୁ ଭେଟିଥିଲେ ଗଣମାଧ୍ୟମ ପ୍ରତିନିଧିମାନେ। ଶିଶୁକନ୍ୟାର ଉଚ୍ଚତର ଚିକିତ୍ସା ସହ ଉକ୍ତ ମାମଲାର ପୁନଃ ବିଚାର କରି ଦୋଷୀକୁ କଠୋର ଦଣ୍ଡ ଦେବାକୁ ପୀଡ଼ିତାର ପରିବାର ଲୋକେ ଦାବି କରିଛନ୍ତି। ଏ ସଂକ୍ରାନ୍ତରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ବଳଦେବ ରଥଙ୍କୁ ପଚାରିବାରୁ ସେ କହିଛନ୍ତି, ଯେତେବେଳେ ଏହି ବଳାତ୍କାର ଘଟଣା ସାମ୍ନାକୁ ଆସିଥିଲା ସେତେବେଳେ ଜିଲାରେ ଆଲୋଡ଼ନ ସୃଷ୍ଟି ହୋଇଥିଲା। ଜିଲା ପ୍ରଶାସନ ପକ୍ଷରୁ ପୀଡ଼ିତାର ଚିକିତ୍ସା ବ୍ୟବସ୍ଥା କରାଯାଇଥିଲା। ଯଦି ପୀଡ଼ିତା ଆଜି ପର୍ଯ୍ୟନ୍ତ ସୁସ୍ଥ ହୋଇନାହାନ୍ତି ତା'ର ଚିକିତ୍ସା ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି।

## ସଂକ୍ଷେପରେ

### ଶଟ୍‌ଡାଉନ୍ ଅଞ୍ଚଳରେ ବନ୍ଦ ରହିବ କୋର୍ଟ

**କଟକ ଅଫିସ,୨୮।୬:** କରୋନା ଭୂତାଣୁର ସଂକ୍ରମଣକୁ ରୋକିବା ପାଇଁ ରାଜ୍ୟର ବିଭିନ୍ନ ଅଞ୍ଚଳରେ ସ୍ଥାନୀୟ ପ୍ରଶାସନ ପକ୍ଷରୁ ଶଟ୍‌ଡାଉନ୍ ଘୋଷଣା କରାଯାଇଛି। ତେବେ ଯେଉଁ ଅଞ୍ଚଳରେ ଶଟ୍‌ଡାଉନ୍ ଘୋଷଣା କରାଯାଇଛି, ସେଇ ଅଞ୍ଚଳରେ ଥିବା ସମସ୍ତ କୋର୍ଟ ବନ୍ଦ ରଖିବାକୁ ହାଇକୋର୍ଟ ରବିବାର ନିର୍ଦ୍ଦେଶ ଦେଇଛନ୍ତି। ହାଇକୋର୍ଟ ରେଜିଷ୍ଟ୍ରାର୍ ଜେନେରାଲ୍‌ଙ୍କ ପକ୍ଷରୁ ଏନେଇ ସୂଚନା ଦିଆଯାଇଛି। ହାଇକୋର୍ଟର ଫୁଲ୍ କୋର୍ଟ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଯେଉଁଠି ଜିଲାପାଳ ଏବଂ କ୍ଷମତାସମ୍ପନ୍ନ ଅଧିକାରୀଙ୍କ ପକ୍ଷରୁ ଶଟ୍‌ଡାଉନ୍ ଜାରି କରାଯାଇଛି, ସେହି ଅଞ୍ଚଳରେ କୋର୍ଟଗୁଡ଼ିକୁ ବନ୍ଦ ରଖିବା ନିଷ୍ପତ୍ତି ନେବା ପାଇଁ ଜିଲା ଜଜ୍‌ମାନଙ୍କୁ କ୍ଷମତା ପ୍ରଦାନ କରାଯାଇଛି। ଶଟ୍‌ଡାଉନ୍ ଅଞ୍ଚଳରେ ଥିବା ସମସ୍ତ କୋର୍ଟକୁ ଜିଲା ଜଜ୍ ବନ୍ଦ ରଖିପାରିବେ ବୋଲି ନିର୍ଦ୍ଦେଶରେ ଉଲ୍ଲେଖ ରହିଛି।

### ୟୁନିୟନ୍ ବ୍ୟାଙ୍କର ପ୍ରଥମ କ୍ଷେତ୍ର ମହାପ୍ରବନ୍ଧକ

**ଭୁବନେଶ୍ୱର,୨୮।୬:** ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ସହ ଆନ୍ଧ୍ର ବ୍ୟାଙ୍କ ଏବଂ କର୍ପୋରେଶନ ବ୍ୟାଙ୍କର ମିଶ୍ରଣ ପରେ ବ୍ୟାଙ୍କ ପକ୍ଷରୁ ପ୍ରଶାସନିକ ଢାଞ୍ଚାରେ ପୁନଃଗଠନ ପ୍ରକ୍ରିୟା ଶେଷ ହୋଇଛି। ଏହି ପ୍ରକ୍ରିୟା ଅନୁସାରେ ଭୁବନେଶ୍ୱର ଅଞ୍ଚଳ ଅଧୀନରେ ଭୁବନେଶ୍ୱର, କଟକ, ବ୍ରହ୍ମପୁର, ବାଲେଶ୍ୱର, ସମ୍ବଲପୁର ଏବଂ ରାୟଗଡ଼ା ଭଳି ୬ଟି କ୍ଷେତ୍ରୀୟ କାର୍ଯ୍ୟାଳୟକୁ କାର୍ଯ୍ୟକ୍ଷମ କରାଯାଇଛି। ଭୁବନେଶ୍ୱର ଅଞ୍ଚଳର ପ୍ରଥମ କ୍ଷେତ୍ର ମହାପ୍ରବନ୍ଧକ ଭାବେ ରମାକାନ୍ତ ପ୍ରଧାନ ଯୋଗଦେଇଛନ୍ତି। ଏହି ମିଶ୍ରଣ ପରେ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ରାଜ୍ୟରେ ମୋଟ ୩୭୩ଟି ଶାଖା, ୪୦୮ଟି ଏଟିଏମ୍ ସହିତ ବ୍ୟାଙ୍କର ମୋଟ ବ୍ୟବସାୟ ୪୧ ହଜାର କୋଟିରେ ପହଞ୍ଚିଛି। ଋଣ ଆବଣ୍ଟନକୁ ତ୍ୱରାନ୍ୱିତ କରିବା ପାଇଁ କେନ୍ଦ୍ରୀୟ ଋଣ ସଂସାଧନ କେନ୍ଦ୍ର ମଧ ବିଭିନ୍ନ ସ୍ଥାନରେ ସ୍ଥାପନ କରାଯାଇଛି। ବର୍ତ୍ତମାନ ଉପରୋକ୍ତ ୩ଟି ବ୍ୟାଙ୍କର ଗ୍ରାହକମାନେ ୟୁନିୟନ୍ ବ୍ୟାଙ୍କର ଯେ କୌଣସି ଶାଖାରୁ ସେବା ପାଇପାରିବେ। କରୋନା ମହାମାରୀର ଆର୍ଥିକ ମାନ୍ଦାବସ୍ଥା ଦୂରୀକରଣ ପାଇଁ ଓଡ଼ିଶାରେ ୟୁନିୟନ୍ ବ୍ୟାଙ୍କ ୧୨୦କୋଟି ଟଙ୍କାର ୧୦ ହଜାର ସଂଖ୍ୟକ ଅତି ଜରୁରୀ ଋଣ(ଜିଇସିଏଲ) ପ୍ରଦାନ କରିଛି।

### ପୁରୀ: ୭ କରୋନା ଆକ୍ରାନ୍ତ ଚିହ୍ନଟ ସଂଖ୍ୟା ଛୁଇଁଲା ୨୫୫

**ପୁରୀ ଅଫିସ,୨୮।୬:** ପୁରୀ ଜିଲାରୁ ରବିବାର ୭ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଥିବା ବେଳେ ୩ ଜଣ ସୁସ୍ଥ ହୋଇଛନ୍ତି। ତେବେ ନୂଆ ସଂକ୍ରମିତଙ୍କୁ ମିଶାଇ ଜିଲାର ମୋଟ ପଜିଟିଭ ସଂଖ୍ୟା ୨୫୦ ପାର୍ କରିଛି ଅର୍ଥାତ୍ ୨୫୫ରେ ପହଞ୍ଚିଛି। ଏମାନଙ୍କ ମଧ୍ୟରୁ ରବିବାରର ୩ ଜଣଙ୍କୁ ମିଶାଇ ୨୧୦ଜଣ ସୁସ୍ଥ ହୋଇଥିବାବେଳେ ୪୩ଜଣ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଜଣଙ୍କର କରୋନା ଯୋଗୁ ମୃତ୍ୟୁ ଘଟିଥିବାବେଳେ ଆଉ ଜଣଙ୍କ ମୃତ୍ୟୁ ଅନ୍ୟ ରୋଗ ପାଇଁ ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଛି। ତେବେ ରବିବାର ଚିହ୍ନଟ ସଂକ୍ରମିତଙ୍କ ସଂକ୍ରାନ୍ତରେ ପ୍ରଶାସନ ପକ୍ଷରୁ କୌଣସି ସ୍ପଷ୍ଟ ସୂଚନା ଦିଆଯାଇ ନାହିଁ। ଫଳରେ ସେମାନଙ୍କ ମଧ୍ୟରୁ କେତେଜଣ ସଙ୍ଗରୋଧରେ ଥିଲେ ଏବଂ ସ୍ଥାନୀୟ ଆକ୍ରାନ୍ତ କେତେ ତାହା ଜଣାପଡ଼ି ନାହିଁ।

### କଣାସ, ଦୋକନ୍ଦା ପଞ୍ଚାୟତ ୭୨ଘଣ୍ଟା ଶଟ୍‌ଡାଉନ୍

**କଣାସ, ୨୮।୬(ସ୍ୱ.ପ୍ର):** କଣାସ ବ୍ଲକ ଅଧୀନ କଣାସ ପଞ୍ଚାୟତରେ ଜଣେ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏହାପରେ ରବିବାର କଣାସ ସରପଞ୍ଚ ଟିଂକି ସୁବୁଦ୍ଧି ଓ ଦୋକନ୍ଦା ସରପଞ୍ଚ ସତ୍ୟଭାମା ମାନସିଂହ ଏହି ଦୁଇ ଗ୍ରାମପଞ୍ଚାୟତକୁ ୨୯ରୁ ଜୁଲାଇ ୧ ତାରିଖ ପର୍ଯ୍ୟନ୍ତ ୩ଦିନ ପାଇଁ ଶଟ୍‌ଡାଉନ୍ ଘୋଷଣା କରିଛନ୍ତି। କୌଣସି ବାହାର ବ୍ୟକ୍ତିଙ୍କୁ ଗ୍ରାମରେ ପ୍ରବେଶ ଏବଂ ଗାଁ ଲୋକଙ୍କୁ ବାହାରକୁ ନ ଯିବା ପାଇଁ ଡାକବାଜି ଯନ୍ତ୍ର ଦ୍ୱାରା ଅବଗତ କରାଯାଇଛି। ମାସ୍କ ପିନ୍ଧିବା, ସାବୁନ୍‌ରେ ହାତ ଧୋଇବା ଏବଂ ସାମାଜିକ ଦୂରତ୍ୱ ରଖିବା ପାଇଁ ଦୁଇ ସରପଞ୍ଚ ନିବେଦନ କରିଛନ୍ତି। ସମ୍ପୃକ୍ତ କରୋନା ଆକ୍ରାନ୍ତ ବହୁ ଲୋକଙ୍କ ସଂସ୍ପର୍ଶରେ ଆସିଥିବାରୁ ଗୋଷ୍ଠୀ ସଂକ୍ରମଣ ଆଶଙ୍କା ରହିଛି। ପୂର୍ବରୁ କଣାସ ବ୍ଲକରେ ୪୧ ପଜିଟିଭ ଚିହ୍ନଟ ହୋଇଥିଲେ।

# ୬୦ ବର୍ଷ ଧରି ଜୀବିକା ଯୋଗାଇଛି ମୁଣ୍ଡଳି ବ୍ୟାରେଜ



**ମନୋଜ କୁମାର ସ୍ୱାଇଁ**
**ନରାଜ, ୨୮।୬ (ଡି.ଏନ୍.ଏ)**

ମହାନଦୀରେ ବନ୍ୟା ଆସିଲେ ମନେ ପଡ଼େ ମୁଣ୍ଡଳି ବ୍ୟାରେଜର କଥା। ଏଠାରେ ରହିଛି ବନ୍ୟା ଜଳସ୍ତର ଜାଣିବାର ବ୍ୟବସ୍ଥା। ହେଲେ ୬୦ବର୍ଷ ଧରି ଏହି ବ୍ୟାରେଜ ବୁଝିଆସିଛି ଲକ୍ଷଲକ୍ଷ ଜୀବନଜୀବିକାର କଥା। ପୁରୀ ମେନ୍ କେନାଲ ସହ ବହୁ ଶାଖା କେନାଲ ମାଧ୍ୟମରେ କଟକ, ଖୋର୍ଦ୍ଧା ଓ ପୁରୀ ଜିଲାର ୧ଲକ୍ଷ ୩୬ ହଜାର ହେକ୍ଟରରୁ ଊର୍ଦ୍ଧ୍ୱ କ୍ଷେତକୁ ବର୍ଷସାରା ଜଳପ୍ଲାବିତ କରି ଆସୁଛି। ଚାଷୀଙ୍କ ମୁହଁରେ ହସ ଫୁଟାଇବା ସହ ପରୋକ୍ଷରେ ରାଜ୍ୟର ଆର୍ଥିକ ମେରୁଦଣ୍ଡକୁ ସୁଦୃଢ଼ କରିବାରେ ସହାୟକ ହେଉଛି ଏହି ବ୍ୟାରେଜ।

କୃଷି ପ୍ରଧାନ ରାଜ୍ୟ ଓଡ଼ିଶାରେ ବର୍ଷାଦିନ ବ୍ୟତୀତ ଅନ୍ୟଦିନଗୁଡ଼ିକରେ ଚାଷ କାର୍ଯ୍ୟରେ ବଡ଼ ସମସ୍ୟା ସୃଷ୍ଟି କରୁଥିଲା ପାଣି। ଏହି ସମସ୍ୟା ଦୂର କରିବା ପାଇଁ ୧୯୬୦ରେ କଟକ ଜିଲା ବାରଙ୍ଗ ବ୍ଲକ୍ ଅନ୍ତର୍ଗତ ମୁଣ୍ଡଳିଠାରେ ମହାନଦୀ ଉପରେ ତିଆରି ହୋଇଥିଲା ବ୍ୟାରେଜ। ୩ କୋଟି ୯୯ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇ ୧୯୬୫ରେ ଏହାର ନିର୍ମାଣ କାର୍ଯ୍ୟ ସରିଥିଲା। ସମୁଦ୍ରକୁ ବୋହି ଯାଉଥିବା ଜଳକୁ ଅଟକାଇ କେନାଲ ମାଧ୍ୟମରେ ଚାଷ କାର୍ଯ୍ୟରେ ଲଗାଇବା ଥିଲା ଏହାର ମୁଖ୍ୟ ଉଦ୍ଦେଶ୍ୟ। ସର୍ବାଧିକ ୧୨ଲକ୍ଷ କ୍ୟୁସେକ୍ ଜଳ ପ୍ରବାହିତ ହେବାର କ୍ଷମତା ରଖିଥିବା ଏହି ବ୍ୟାରେଜରେ ୧୦ଟି ଗେଟ୍ ରହିଛି। ଏହି ଗେଟ୍ ମାଧ୍ୟମରେ ପ୍ରବାହିତ ଜଳକୁ ଅଟକାଯାଇ ନିକଟରୁ ବାହାରିଥିବା ପୁରୀ କେନାଲରେ ଛଡ଼ାଯାଉଛି। ଏଠାରୁ ୪୨ କିଲୋମିଟର ପୁରୀ ଜିଲା ପର୍ଯ୍ୟନ୍ତ ଲମ୍ବିଥିବା ଏହି କେନାଲର ଦୁଇ ପାର୍ଶ୍ୱରେ ଥିବା ଚାଷଜମି ଓ ଶାଖା କେନାଲ ମାଧ୍ୟମରେ ଅନ୍ୟ ଚାଷଜମିକୁ ଜଳସେଚନ କରାଯାଉଛି। ମୁଣ୍ଡଳି ବ୍ୟାରେଜ ପାଇଁ ଶୁଖିଲା କ୍ଷେତ ଆଜି ସବୁଜମୟ ହୋଇପାରିଛି। ଧାନ ସହ ବିଭିନ୍ନ ପନିପରିବା ଓ ଫଳ ଚାଷ କରି ଚାଷୀମାନେ ହସ ଖୁସିରେ ଦିନ କାଟୁଛନ୍ତି। ଭୋକିଲା ପେଟକୁ ବର୍ଷସାରା ଦାନା ଯୋଗାଇବା ସହ ବଳକା ବିକ୍ରି କରି ନିଜର ଆର୍ଥିକ ସ୍ଥିତିକୁ ସୁଧାରିପାରିଛନ୍ତି। କେବଳ ସେତିକି ନୁହେଁ, ଏଠାରୁ ସହରାଞ୍ଚଳକୁ ବଡ଼ ବଡ଼ ପମ୍ପ ସହାୟତାରେ ପାଣି ଯୋଗାଇ ଦିଆଯାଉଛି। ବ୍ୟାରେଜ ଦେଇ ଯାତାୟାତ ବ୍ୟବସ୍ଥା ରହିଥିବାବେଳେ ଅଟକି ରହିଥିବା ଜଳରେ ମତ୍ସ୍ୟଜୀବୀମାନେ ମାଛ ଧରି ଜୀବିକା ନିର୍ବାହ କରୁଛନ୍ତି। ବ୍ୟାରେଜ ହେବାର ୧୫ବର୍ଷ ପରେ ୧୯୮୦ରେ ଏହାର ସମସ୍ତ ଗେଟ୍‌କୁ ଲାଗି ବ୍ରିଜ ତିଆରି ହେବାରୁ ଆଠଗଡ଼, ଢେଙ୍କାନାଳ, ଅନୁଗୋଳଠାରୁ ଆରମ୍ଭ କରି ପଶ୍ଚିମ ଓଡ଼ିଶାର ଲୋକେ କଟକ ଓ ଭୁବନେଶ୍ୱର ଆସିବାକୁ ସହଜ ହୋଇଛି। ଏମାନଙ୍କ ପାଇଁ ଏବେ ମୁଣ୍ଡଳି ବ୍ୟାରେଜ ବହୁ ସ୍ମୃତି ବହନ କରୁଛି।

### କ'ଣ କୁହନ୍ତି ଏମାନେ...



ମୁଣ୍ଡଳିଠାରେ ବ୍ୟାରେଜ କେବଳ ଚାଷୀଙ୍କ ପାଇଁ ନିର୍ମାଣ ହୋଇଥିଲା। କିନ୍ତୁ ସମୟକ୍ରମେ ଏଠାରେ ବାସ କରୁଥିବା କୈବର୍ତ୍ତ ଶ୍ରେଣୀର ଲୋକେ ବେଶ୍ ଉପକୃତ ହେଲେ। ଏବେ ଏଠାରୁ ମାଛ ମାରି ବହୁ ପରିବାର ଚଳୁଛନ୍ତି। ଏହାକୁ ଲାଗି ବ୍ରିଜ ନିର୍ମାଣ ହେବାରୁ ଲୋକଙ୍କ ଗମନାଗମନରେ ବେଶ୍ ସୁବିଧା ହେଉଛି।

**- ରବି ପ୍ରସାଦ ବେହେରା, ପୂର୍ବତନ ସରପଞ୍ଚ, ମୁଣ୍ଡଳି**



ବ୍ୟାରେଜ ଆରମ୍ଭରୁ ମୁଁ ଏଠାରେ ଥିବା ଲଞ୍ଚରେ ହେଲ୍‌ପର ଭାବେ କାମ କରୁଛି। ବ୍ୟାରେଜର ତଳି ଅଞ୍ଚଳକୁ କୋଡି ଦେଶ ବୋଲି କୁହାଯାଇଥାଏ। ସେହି ଅଞ୍ଚଳକୁ ଚାଷ ପାଇଁ ପାଣି ଯୋଗାଇବାକୁ ଏହି ବ୍ୟାରେଜ ନିର୍ମାଣ ହୋଇଥିଲା। ଏହାଦ୍ୱାରା ଏବେ ବହୁ ଚାଷୀ ଉପକୃତ ହୋଇପାରୁଛନ୍ତି।

**- ହାଡ଼ିବନ୍ଧୁ ଦଳାଇ, ଲଞ୍ଚ ହେଲ୍‌ପର**



ହୀରାକୁଦ ଜଳଭଣ୍ଡାରରୁ ଗେଟ ଖୋଲାଗଲେ ମୁଣ୍ଡଳିରେ ପାଣି ପହଞ୍ଚିବାକୁ ପ୍ରାୟ ୩୬ ଘଣ୍ଟା ଲାଗିଥାଏ। ଏଠାରେ ବନ୍ୟାଜଳ ନିୟନ୍ତ୍ରଣ କରିବା ପାଇଁ କୌଣସି ବ୍ୟବସ୍ଥା ନାହିଁ। କେତେ ଉଚ୍ଚତାରେ ଓ କେତେ ପରିମାଣର ବନ୍ୟାଜଳ ପ୍ରବାହିତ ହେଉଛି ତାହା ଏଠାରୁ ଜାଣି ହେଉଛି। ବର୍ଷା ଦିନକୁ ଛାଡି ଅନ୍ୟ ଦିନରେ ମହାନଦୀ ପାଣିକୁ ଅଟକାଇ ପୁରୀ ମେନ କେନାଲରେ ମୁଣ୍ଡଳିରୁ ପୁରୀ ପର୍ଯ୍ୟନ୍ତ ଚାଷୀଙ୍କୁ ଯୋଗାଇ ଦିଆଯାଉଛି।

**- ନିରଞ୍ଜନ ଦାଶ, କନିଷ୍ଠ ଯନ୍ତ୍ରୀ, ପ୍ରାଚୀ ଡିଭିଜନ**

# ଶ୍ରୀମନ୍ଦିର ରତ୍ନ ଅଳଙ୍କାର ଯାଞ୍ଚ ଦାବି

## ପ୍ରଧାନମନ୍ତ୍ରୀଙ୍କୁ ଅନୁରୋଧପତ୍ର ଲେଖିଲେ ଭକ୍ତ

**ପୁରୀ ଅଫିସ,୨୮।୬**

ଶ୍ରୀମନ୍ଦିର ରତ୍ନ ଅଳଙ୍କାର ଯାଞ୍ଚ ପାଇଁ ଦାବି ଉଠିଛି। ଏ ନେଇ ଦିଲୀପ ବରାଳ ନାମକ ଜଣେ ଭକ୍ତ ରବିବାର ପ୍ରଧାନମନ୍ତ୍ରୀଙ୍କ ନିକଟକୁ ରେଜିଷ୍ଟ୍ରି ଡାକ ଯୋଗେ ଏକ ଅନୁରୋଧପତ୍ର ପଠାଇଛନ୍ତି। ସେ ଉଲ୍ଲେଖ କରିଛନ୍ତି ଯେ, ଦୀର୍ଘବର୍ଷ ହେଲା ଭିତର ରତ୍ନଭଣ୍ଡାରରେ ଥିବା ରତ୍ନଅଳଙ୍କାର ଯାଞ୍ଚ ହୋଇନାହିଁ।୨୦୧୮ ଏପ୍ରିଲ ୪ରେ ଭିତର ରତ୍ନଭଣ୍ଡାର ଖୋଲିବା ପାଇଁ ସମସ୍ତ ପ୍ରସ୍ତୁତି ସରିଥିଲା।କିନ୍ତୁ ଶେଷ ମୁହୂର୍ତ୍ତରେ ପ୍ରଶାସନ ବିଫଳ ହୋଇଥିଲା। ରତ୍ନଭଣ୍ଡାର ଚାବି ହଜିଥିବାରୁ ଭିତର ଭଣ୍ଡାର ଖୋଲାଯାଇ ପାରି ନ ଥିବା କୁହାଯାଇଥିଲା। ଶେଷରେ ଏକ ଡୁପ୍ଲିକେଟ୍ ଚାବି ମିଳିଥିବା ନେଇ ତତ୍କାଳୀନ ଜିଲାପାଳ କହିଥିଲେ। ଚାବି ହଜିବା ଏବଂ ହୋ ହଲ୍ଲା ପରେ ଡୁପ୍ଲିକେଟ ଚାବି ମିଳିବାକୁ ନେଇ ସମସ୍ତେ ସନ୍ଦେହରେ ପଡ଼ିଥିଲେ। ମହାପ୍ରଭୁଙ୍କ ରତ୍ନ ଅଳଙ୍କାର ସୁରକ୍ଷାକୁ ନେଇ ଭକ୍ତଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତେଣୁ ସରକାର ଚାବି ହଜିବା ଘଟଣାରେ ବିଚାର ବିଭାଗୀୟ ତଦନ୍ତ ଆଦେଶ ଦେଇଥିଲେ। ହାଇକୋର୍ଟର ଜଣେ ଅବସରପ୍ରାପ୍ତ ଏହାର ତଦନ୍ତ କରିଥିଲେ। ତଦନ୍ତ ରିପୋର୍ଟ ଏବେ ରାଜ୍ୟ ସରକାରଙ୍କ ପାଖରେ ରହିଛି। ତେବେ ଜଣେ ସାଧାରଣ ଭକ୍ତ ଭାବେ ମହାପ୍ରଭୁଙ୍କ ରତ୍ନଅଳଙ୍କାର ସୁରକ୍ଷିତ ନ ଥିବା ସେ ଅନୁଭବ କରୁଛନ୍ତି। ତେଣୁ ରାଜ୍ୟ ସରକାର, ମୁଖ୍ୟ ଶାସନ ସଚିବ ଏବଂ ଆଇନ ବିଭାଗକୁ ରତ୍ନଅଳଙ୍କାର ଯାଞ୍ଚ ପାଇଁ ପ୍ରଧାନମନ୍ତ୍ରୀ ନିର୍ଦ୍ଦେଶ ଦିଅନ୍ତୁ ବୋଲି ଦିଲୀପ ନିଜ ପତ୍ରରେ ଅନୁରୋଧ କରିଛନ୍ତି।

# କଲେଜ ଜମିରେ ପାର୍କ ନିର୍ମାଣ ପ୍ରସ୍ତାବକୁ ବିରୋଧ

**ପୁରୀ ଅଫିସ,୨୮।୬**

ପୁରୀସ୍ଥିତ ସାମନ୍ତ ଚନ୍ଦ୍ରଶେଖର (ଏସ୍‌ସିଏସ୍) ମହାବିଦ୍ୟାଳୟର ଜମିରେ ପାର୍କ ନିର୍ମାଣ ଲାଗି ନିଆଯାଇଥିବା ପ୍ରସ୍ତାବକୁ ଛାତ୍ର ପରିଷଦ ଏବଂ ସହରବାସୀ ତୀବ୍ର ବିରୋଧ କରିଛନ୍ତି। ସିଦ୍ଧମହାବୀର ମୌଜାରେ ଥିବା ୧୧ ଏକର ୩୬ ଡିସିମିଲ ଜମିରୁ ୯ ଏକର ଜମିରେ ଜିଲା ପ୍ରଶାସନ ପାର୍କ ନିର୍ମାଣ କରିବା ପାଇଁ ଯୋଜନା କରୁଛି। ଏହା ଜାଣିବା ପରେ ପ୍ରଶାସନର ଏଭଳି ନିଷ୍ପତ୍ତିକୁ ସହରବାସୀ ନାପସନ୍ଦ କରିଛନ୍ତି। ଶିକ୍ଷାର ବିକାଶ ଦିଗରେ ପ୍ରଶାସନ ପ୍ରୋତ୍ସାହନ ଦେବା ବଦଳରେ ଶିକ୍ଷାନୁଷ୍ଠାନ ଜମିରେ ପାର୍କ ନିର୍ମାଣର ଯୋଜନା କରିବା ନିଶ୍ଚିତ ଦୁଃଖଦାୟକ। ତେଣୁ ଏହା ବିରୋଧରେ ସହରବାସୀ ଏକଜୁଟ ହେବା ଦରକାର। ସହର ପରିସରରେ ଥିବା ଏହି ଜମିରେ ବିଶ୍ୱବିଦ୍ୟାଳୟ ନିର୍ମାଣ କରାଯାଇପାରିଲେ ସହର, ଜିଲା ତଥା ଦେଶର ଛାତ୍ରୀଛାତ୍ର ଉପକୃତ ହୋଇପାରନ୍ତେ ବୋଲି ଛାତ୍ର ପରିଷଦର ସୁକାନ୍ତ ପ୍ରଧାନ କହିଛନ୍ତି। ତେଣୁ ଏ ନେଇ ସୋମବାର ପରିଷଦ ପକ୍ଷରୁ ଏକ ଖବରଦାତା ସମ୍ମିଳନୀର ଆୟୋଜନ କରାଯିବ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ଏହି ମୂଲ୍ୟବାନ ଜମିକୁ ବହୁ ଲୋକ ଜବରଦଖଲ କରିଥିବାକୁ ଏହାକୁ ଜବରଦଖଲମୁକ୍ତ କରାଯିବାକୁ ସାଧାରଣରେ ଦାବି ହେଉଛି। ତେବେ ଏ ନେଇ ଉପଜିଲାପାଳ ଭବତାରଣ ସାହୁ କହିଛନ୍ତି, ପ୍ରସ୍ତାବିତ ପାର୍କ ଯୋଜନା ବାତିଲ ହୋଇଯାଇଛି। ତେଣୁ କଲେଜ ଜମିକୁ ନେଇ କୌଣସି ସମସ୍ୟା ନାହିଁ।



ଦକ୍ଷିଣମୋଡ଼ ପୂର୍ବରୁ ରବିବାର ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥରେ ଆଜ୍ଞାମାଳ ଲାଗି କରାଯାଉଛି।

# କରୋନା ବିପତ୍ତି ବେଳେ ଘରୁ ତଡୁଛି ପ୍ରଶାସନ

**ବୋଷ କ୍ୟାମ୍ପସ କଲୋନୀ ଉଚ୍ଛେଦ ପ୍ରସଙ୍ଗ**
- ମିଳୁନି ଘରଭଡ଼ା, ଚିନ୍ତାରେ ୧୩୩ ପରିବାର
- ଜୁଲାଇ ୭ ସୁଦ୍ଧା ମହଲତ ଦେଇଛି ପ୍ରଶାସନ

**କଟକ ଅଫିସ,୨୮।୬**

ହାତରେ ଆଉ ୯ ଦିନ ବାକି। କଟକର ସବୁଆଡ଼େ ବୁଲି ଆସିଲୁଣି। ଘରଭଡ଼ା ଦେବାକୁ କେହି ରାଜି ହେଉନାହାନ୍ତି। ଏଭଳି ସ୍ଥିତିରେ କଲୋନୀ ଛାଡ଼ିବାକୁ ଜିଲା ପ୍ରଶାସନ ତାଗିଦ୍ କରିଛି। ଜୁଲାଇ ୭ ସୁଦ୍ଧା କଲୋନୀ ନ ଛାଡ଼ିଲେ ପାଣି, ବିଦ୍ୟୁତ ବନ୍ଦ କରିଦେବେ। ପିଲାଛୁଆଙ୍କୁ ନେଇ କେଉଁଆଡେ ଯିବୁ। ଏହା ହେଉଛି ବୋଷ କ୍ୟାମ୍ପସ କଲୋନୀ ବାସିନ୍ଦାଙ୍କ ପ୍ରଶ୍ନ। ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲ ସମ୍ପ୍ରସାରଣ ପ୍ରକଳ୍ପରେ ଏହି କଲୋନୀ ଉଚ୍ଛେଦ ହେବ। ଉଚ୍ଛେଦ ପାଇଁ ଜିଲା ପ୍ରଶାସନ ତତ୍ପର ହେଉଥିବା ବେଳେ କଲୋନୀ ବାସିନ୍ଦାମାନେ କରୋନା କଟକଣା ଭିତରେ ଛନ୍ଦି ହୋଇଯାଇଛନ୍ତି।

ବିଶ୍ୱସ୍ତରୀୟ ହେବ ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲ। ଏହି ପରିପ୍ରେକ୍ଷୀରେ ଜିଲା ପ୍ରଶାସନ, ସିଏମ୍‌ସି ବିଭିନ୍ନ ସ୍ଥାନରେ ଉଚ୍ଛେଦ ଚଳାଇଛି। ଏସ୍‌ସିବି ମେଡିକାଲ ଆଖପାଖ ବସ୍ତିକୁ ପର୍ଯ୍ୟାୟ କ୍ରମେ ଉଚ୍ଛେଦ କରାଯାଇ ସାରିଲାଣି। ବିସ୍ଥାପିତ ବସ୍ତିବାସିନ୍ଦାଙ୍କୁ ନିମପୁରରେ ଥଇଥାନ କରାଯାଇଛି। ବୋଷ କ୍ୟାମ୍ପସ କଲୋନୀ ମଧ ଏହି ପ୍ରକଳ୍ପ ଭିତରେ ଉଚ୍ଛେଦ କରାଯିବ। କଲୋନୀରେ ୪୦୦ ପରିବାର ରହୁଥିବା ବେଳେ ଏବେ ଆଉ ୧୩୩ ପରିବାର ଅଛନ୍ତି। ଲକ୍‌ଡାଉନ୍ ପୂର୍ବରୁ କିଛି ପରିବାର କଲୋନୀ ଛାଡ଼ି ସାରିଥିବା ବେଳେ ଅବଶିଷ୍ଟ ଲକ୍‌ଡାଉନ୍ ସମୟରେ ନିଜ ସୁବିଧାରେ ଫେରି ଯାଇଛନ୍ତି। ଗତ ୨୬ରେ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କ ତତ୍ତ୍ୱାବଧାନରେ ଏକ ବୈଠକ ବସିଥିଲା। ବୈଠକରେ କଲୋନୀ ଖାଲି କରିବାକୁ ଜୁଲାଇ ୭ ସୁଦ୍ଧା ମହଲତ ଦିଆଯାଇଥିଲା। ଏହା ଭିତରେ କଲୋନୀ ଖାଲି ନ ହେଲେ ମୌଳିକ ସୁବିଧା ବନ୍ଦ କରି ଦିଆଯିବ ବୋଲି କଡ଼ା ଚେତାବନୀ ମଧ ରହିଛି। କଲୋନୀ ଛାଡୁଥିବା ବ୍ୟକ୍ତିବିଶେଷଙ୍କୁ ସ୍ୱତନ୍ତ୍ର ଘରଭଡ଼ା ଦେୟ ଅଧିକ ଦିଆଯିବ ବୋଲି ବୈଠକରେ କୁହାଯାଇଥିଲା। ହେଲେ ୧୩୩ ପରିବାର କଲୋନୀ ଛାଡ଼ି ସହରରେ ଏବେ ଘରଭଡ଼ା ନେବା ମୁସ୍କିଲ ହୋଇପଡ଼ିଛି। ମହଲତ ବୃଦ୍ଧି କରିବାକୁ ବାସିନ୍ଦା ଦାବି କରିଛନ୍ତି। ଅନ୍ୟପକ୍ଷରେ ଏଠାରେ ଥିବା ସୁଇପର କଲୋନୀ ଓ ବେହେରା କଲୋନୀ ବାସିନ୍ଦାଙ୍କ ସହ ଆଲୋଚନା କରି ଖୁବଶୀଘ୍ର ସେମାନଙ୍କୁ ପୁନର୍ବାସ ଓ ଥଇଥାନ କରାଯିବ।

# ୧୯୯୪ ସେବାୟତ ପରିବାରକୁ ସାନିଟାଇଜର ବଣ୍ଟନ

**ପୁରୀ ଅଫିସ,୨୮।୬**

**କରୋନା ସଂକ୍ରମଣଠୁ ଦୂରେଇ ରଖିବାକୁ ଲକ୍ଷ୍ୟ**



ସାନିଟାଇଜର ଧରି ଜଣେ ସେବାୟତ ଫେରୁଛନ୍ତି।

ମହାମାରୀ କରୋନା ସଂକ୍ରମଣଠାରୁ ଶ୍ରୀମନ୍ଦିର ସେବାୟତଙ୍କୁ ଦୂରେଇ ରଖିବା ଲାଗି ବିଭିନ୍ନ ପ୍ରକାର ପଦକ୍ଷେପ ନେଉଛି ଶ୍ରୀମନ୍ଦିର ପ୍ରଶାସନ। କେବଳ ସେବାୟତ ନୁହଁନ୍ତି ସେମାନଙ୍କ ପରିବାର ସଦସ୍ୟଙ୍କ କଥା ବି ଚିନ୍ତା କରିଛି ପ୍ରଶାସନ। ତେଣୁ ସେବାୟତଙ୍କ ଲାଗି କରୋନା ସଚେତନତା ଶିବିର, ସଙ୍ଗରୋଧରେ ରଖିବା, ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଁ ହୋମିଓପାଥିକ ଔଷଧ ବଣ୍ଟନ ସାଙ୍ଗକୁ ମାସ୍କ ମଧ ପ୍ରଦାନ କରାଯାଇଛି। ଏବେ ପ୍ରତ୍ୟେକ ସେବାୟତ ପରିବାରକୁ ସାନିଟାଇଜର ଯୋଗାଇଛି ଶ୍ରୀମନ୍ଦିର ପ୍ରଶାସନ। ରବିବାର ସୁଦ୍ଧା ୧୯୯୪ ସେବାୟତ ପରିବାରଙ୍କ ନିକଟରେ ସାନିଟାଇଜର ପହଞ୍ଚାଇ ଦିଆଯାଇଥିବା ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଅଜୟ କୁମାର ଜେନା କହିଛନ୍ତି।

ଉନ୍ନୟନ ପ୍ରଶାସକଙ୍କ ସୂଚନା ମୁତାବକ, ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ ଅନଯାୟୀ ସେବାୟତମାନେ କିପରି କରୋନା ସଂକ୍ରମଣଠାରୁ ଦୂରେଇ ରହିବେ ସେଥିଲାଗି ବ୍ୟବସ୍ଥା ହୋଇଛି। ପୂର୍ବରୁ ଏକାଧିକ ବ୍ୟବସ୍ଥା ଗ୍ରହଣ କରାଯାଇଥିବା ବେଳେ ଗତ ଦୁଇଦିନ ହେଲା ପ୍ରତି ସେବାୟତ ପରିବାରକୁ ସାଢେ ୫ ଲିଟର ଲେଖାଏ ସାନିଟାଇଜର ବଣ୍ଟନ କରାଯାଇଛି। ମଣିକର୍ଣ୍ଣିକା ସାହି, ହରଚଣ୍ଡୀ ସାହି, ଗୌଡ଼ବାଡ଼ ସାହି, ଦୋଳମଣ୍ଡପ ସାହି, ହଜୁରୀ ଲେନ୍, ମାର୍କଣ୍ଡେଶ୍ୱର ସାହି, ବାଲିସାହି, ଖୁଣ୍ଟିଆ ସାହି, କାଳିକାଦେବୀ ସାହି ଆଦି ସ୍ଥାନରେ ରହୁଥିବା ପ୍ରାୟ ୧୯୯୪ ସେବାୟତ ପରିବାରଙ୍କୁ ସାନିଟାଇଜର ଦିଆଯାଇଛି। ଏଥିସହ ରଥ ନିର୍ମାଣକାରୀ ସେବକ ଯଥା ଭୋଇ ଏବଂ ମହାରଣା ସେବକଙ୍କୁ ମଧ ସାନିଟାଇଜର ଯୋଗାଇ ଦିଆଯିବ। ଏତଦ୍‌ବ୍ୟତୀତ ବାହୁଡ଼ା ଯାତ୍ରା ପାଇଁ ସେବାୟତଙ୍କୁ ପୁଣି ମାସ୍କ ବଣ୍ଟାଯିବ ବୋଲି ଉନ୍ନୟନ ପ୍ରଶାସନ ଜେନା ପ୍ରକାଶ କରିଛନ୍ତି।

# ମାଉସୀ ମା' ପୋଡ଼ପିଠାରେ ମହାପ୍ରଭୁଙ୍କ ମନ

## ପ୍ରସ୍ତୁତି ଚାଲିଛି, ବାହୁଡ଼ା ବାଟରେ ଅଟକି ଖାଇବେ

**ପୁରୀ ଅଫିସ,୨୮।୬**

ଭୋଜନ ପ୍ରିୟ ମହାପ୍ରଭୁ ଶ୍ରୀଜଗନ୍ନାଥ। ସେଥିପାଇଁ ଠାକୁରଙ୍କ ନିକଟରେ ପ୍ରତିଦିନ ୬୦ ପଉଟି ଭୋଗ ଓ ୫୬ ପ୍ରକାର ବ୍ୟଞ୍ଜନର ବ୍ୟବସ୍ଥା ରହିଛି। ତଥାପି ପିଠା ଖାଇବା ପାଇଁ ମହାପ୍ରଭୁଙ୍କର ଥାଏ ବିଶେଷ ଅଭିରୁଚି। ପ୍ରତିଦିନ ତାଙ୍କ ପାଖରେ ପିଠା ଭୋଗ କରାଯାଏ। ବର୍ତ୍ତମାନ ଆଡ଼ପ ମଣ୍ଡପରେ ବିଜେ କରିଛନ୍ତି ଚତୁର୍ଦ୍ଧାବିଗ୍ରହ। ଆସନ୍ତା ବୁଧବାର ବାହୁଡ଼ା ଯାତ୍ରା। ଆଡ଼ପ ମଣ୍ଡପରୁ ଶ୍ରୀମନ୍ଦିର ଅଭିମୁଖେ ବାହାରିବେ ମହାବାହୁ। ବାଟରେ ମାଉସୀ ମା' ଘର। ଶ୍ରୀଗୁଣ୍ଡିଚା ଯାତ୍ରାରେ ଯାଇ ବାହୁଡ଼ିବାବେଳେ ମହାପ୍ରଭୁ ମାଉସୀ ଘରେ ପୋଡ଼ପିଠା ଖାଇ ଶ୍ରୀମନ୍ଦିର ଫେରିଥାନ୍ତି ବୋଲି ଜନଶ୍ରୁତି ରହିଛି। ମହାପ୍ରଭୁଙ୍କ ମାନବୀୟ ଲୀଳାରେ ଏହି ପରମ୍ପରା କେଉଁ କାଳରୁ ରହି ଆସିଛି। ଏଥିପାଇଁ ଏବେ ମାଉସୀ ମା' ମନ୍ଦିରରେ ପ୍ରସ୍ତୁତ କରାଯାଉଛି ସୁଆଦିଆ ପୋଡ଼ପିଠା।

ଭାଦ୍ରବ ମାସ ଅମାବାସ୍ୟା ପୂର୍ବଦିନ ମହାପ୍ରଭୁ ଦେବୀ ଦକ୍ଷିଣକାଳୀଙ୍କୁ ଆଜ୍ଞାମାଳ ଦେଇ ସାତପୁରି ପିଠା କରିବା ପାଇଁ ଆଜ୍ଞା ଦେଇଥାନ୍ତି। ତାଙ୍କ ଆଜ୍ଞାକୁ ପାଳନ କରି ଦେବୀ ଦକ୍ଷିଣକାଳୀ ଅମାବାସ୍ୟା ଦିନ ତିନୋଟି ତାଡ଼ରେ ସାତ ପ୍ରକାର ପୂରଦିଆ ସୁଆଦିଆ ପିଠା ପ୍ରସ୍ତୁତ କରି ମହାପ୍ରଭୁଙ୍କୁ ଖୁଆଇଥାନ୍ତି। ସେହିପରି ମକର ସଂକ୍ରାନ୍ତି ଦିନ ସ୍ୱୟଂ ମହାଲକ୍ଷ୍ମୀ ୮୪ ପ୍ରକାରର ପିଠା ପ୍ରସ୍ତୁତ କରି ମହାପ୍ରଭୁଙ୍କ ମଣୋହି କରାଇଥାନ୍ତି। ଏହାବ୍ୟତୀତ ଠାକୁରଙ୍କ ପାଖରେ ପ୍ରତିଦିନ ବିଭିନ୍ନ ପ୍ରକାର ପିଠା ଭୋଗ ଲାଗିଥାଏ। ଏସବୁ ସତ୍ତ୍ୱେ ମାଉସୀ ମା'ଙ୍କଠାରୁ ପୋଡ଼ପିଠା ଖାଇବା ପାଇଁ ମହାପ୍ରଭୁ ଅପେକ୍ଷା କରିଥାନ୍ତି। ଆଷାଢ ଶୁକ୍ଳ ଦ୍ୱିତୀୟାରେ ନବନିର୍ମିତ ତିନିରଥରେ ଘୋଷଯାତ୍ରାରେ ଆସି ଜନ୍ମବେଦିରେ ୭ଦିନ ରହିବା ପରେ ନବମ ଦିନ ଶ୍ରୀମନ୍ଦିର ଅଭିମୁଖେ ବାହୁଡ଼ିଥାନ୍ତି। ଏପଟେ ମାଉସୀ ମା' ମଧ ପିଲାମାନଙ୍କ ଫେରିବା ବାଟକୁ ଚାହିଁ ରହିଥାନ୍ତି। ଶ୍ରୀମନ୍ଦିରକୁ ତିନିରଥ ବଡ଼ଦାଣ୍ଡ ଦେଇ ଗଡ଼ି ଯାଉଥିବାବେଳେ ମାଉସୀ ମା' ମନ୍ଦିର ପାଖରେ ଅଟକିଥାନ୍ତି। ମାଉସୀ ମା'ଙ୍କ ପକ୍ଷରୁ ସେଠାରେ ଛେନା ପୋଡ଼ପିଠା ଭୋଗ ଲାଗେ। ଏହି ଭୋଗର ପ୍ରସ୍ତୁତି ହେରା ପଞ୍ଚମୀଠାରୁ ଆରମ୍ଭ ହୋଇଥାଏ। ମାତ୍ର ଗତ କିଛିବର୍ଷ ହେଲା ଏହି ସେବାକୁ ନେଇ ଦୁଇଜଣଙ୍କ ମଧ୍ୟରେ ବିବାଦ ଲାଗିରହିଛି। ଜଣେ ମନ୍ଦିର ସମ୍ମୁଖରେ ଏବଂ ଅନ୍ୟ ଜଣେ ମନ୍ଦିର ନିକଟରେ ମହାପ୍ରଭୁଙ୍କୁ ପୋଡ଼ପିଠା ସମର୍ପଣ କରୁଥିବା ଦେଖିବାକୁ ମିଳୁଛି।



ମାଉସୀ ମା' ମନ୍ଦିରରେ ପୋଡ଼ପିଠା ପ୍ରସ୍ତୁତି ଚାଲିଛି।

### ପୋଡ଼ପିଠା ପ୍ରସ୍ତୁତି



ଛେନା, ଅଟା, ଚିନି, ଅଳେଇଚ, ଲବଙ୍ଗ, ପେସ୍ତାବାଦାମ ଓ ଘିଅ ମିଶା ଯାଇ ଏକ ମିଶ୍ରଣ ପ୍ରସ୍ତୁତ କରାଯାଇଥାଏ। ଇଟାରେ ଚୁଲି ପ୍ରସ୍ତୁତ ହୁଏ। ଚୁଲିରେ ପାଣି ହାଣ୍ଡି ବସାଯାଇ ଗରମ କରାଯାଏ। ହାଣ୍ଡି ଉପରେ ଏକ ଜାଲି ପଡ଼ିଥାଏ। ଜାଲିରେ ପତ୍ର ପକାଯାଇ ଅଟା ମିଶ୍ରଣକୁ ରଖାଯାଏ। ଗରମ ପାଣିରୁ ନିର୍ଗତ ବାମ୍ପରେ ୭ରୁ ୮ଘଣ୍ଟା ଏହି ମିଶ୍ରଣ ଶିଝିଥାଏ। ଏହା ସମ୍ପୂର୍ଣ୍ଣ ଶିଝି ପାଗ ହୋଇଯିବା ପରେ ତାହାକୁ ଓହ୍ଲାଇ ଥଣ୍ଡା କରାଯାଏ। ଥଣ୍ଡା ହେବା ପରେ ତାହାକୁ ସାଇଜ କରି କଟାଯାଇ ଶୁଦ୍ଧ ଘିଅରେ ଛଣାଯାଏ। ୩ଟି କୁଡୁଆରେ ଏହା ରଖାଯାଏ। ବାହୁଡ଼ା ଦିନ ତିନି ରଥ ମାଉସୀ ମା' ମନ୍ଦିର ନିକଟରେ ଅଟକି ଥାଏ। ପୂଜାପଣ୍ଡା ସାମନ୍ତ ଆସି ମାଉସୀ ମା'ଙ୍କ ନିକଟରେ ଭୋଗ କରିବା ପରେ ରଥାରୂଢ ଠାକୁରଙ୍କୁ ସର୍ମପଣ କରିଥାନ୍ତି। ଏହାକୁ ସର୍ପମଣୋହୀ ଭୋଗ କୁହାଯାଏ।

### କାହିଁକି ପୋଡ଼ପିଠା

ବହୁ ବର୍ଷ ପୂର୍ବରୁ ବଡ଼ଦାଣ୍ଡ ମାଳିନୀ ନଦୀ ଦ୍ୱାରା ଦୁଇ ଭାଗ ଥିଲା। ସେତେବେଳେ ରଥଯାତ୍ରା ସମୟରେ ୬ଟି ରଥ ହେଉଥିଲା। ଶ୍ରୀମନ୍ଦିରରୁ ଚତୁର୍ଦ୍ଧାମୂର୍ତ୍ତି ଆସି ନଦୀ ଆରପଟେ ଓହ୍ଲାଉ ଥିଲେ। ତାଙ୍କୁ ନଦୀ ପାର କରାଯାଇ ପୁନଶ୍ଚ ନଦୀ ଏପଟେ ଥିବା ରଥରେ ବିଜେ କରାଯାଉଥିଲା। ଏହି ନବଦିନାତ୍ମକ ଯାତ୍ରା ମଧ୍ୟରୁ ରଥ ଅଦଳ ବଦଳରେ ୬/୭ଦିନ ଚାଲିଯାଉଥିଲା। ଏହି ଅସୁବିଧା ଦେଖି ମାଳିନୀ ନଦୀକୁ ମହାପ୍ରଭୁଙ୍କ ମାଉସୀ ଶୋଷି ଦେଇଥିଲେ, ଯେଉଁଥିପାଇଁ ତାଙ୍କୁ କୁହାଯାଏ ଅର୍ଦ୍ଧଶୋଷିନୀ ବା ଅର୍ଦ୍ଧାଶିନୀ। ଚତୁର୍ଦ୍ଧାମୂର୍ତ୍ତିଙ୍କ ଅସୁବିଧା ଦୂର ପାଇଁ ମାଉସୀ ନଦୀ ଜଳ ଶୋଷି ନେଇଥିବାରୁ ମହାପ୍ରଭୁ ଶ୍ରୀଜଗନ୍ନାଥ କଥା ରକ୍ଷା କରି ବାହୁଡ଼ିବାବେଳେ ମାଉସୀ ମା' ମନ୍ଦିରରେ ପୋଡ଼ପିଠା ଖାଇ ଯାଇଥାନ୍ତି ବୋଲି କିମ୍ବଦନ୍ତୀ ରହିଛି।

## ସଂକ୍ଷେପରେ

### ବିଦ୍ୟୁତ୍ ବିତରଣ କମ୍ପାନୀଙ୍କ ଉପରେ ୧.୨୩ ଲକ୍ଷ କୋଟି ବାକି

ନୂଆଦିଲ୍ଲୀ,୨୮।୬ : ବିଦ୍ୟୁତ ବିତରଣ କମ୍ପାନୀଙ୍କ ଉପରେ ଶକ୍ତି ଉତ୍ପାଦନ କରୁଥିବା କମ୍ପାନୀଗୁଡିକର ମୋଟ ବକେୟା ରାଶି ୬୩% ବୃଦ୍ଧି ଘଟି ୧.୨୩ ଲକ୍ଷ କୋଟି ଟଙ୍କା ଛୁଇଁଛି। ଏହି କ୍ଷେତ୍ର ବର୍ତ୍ତମାନ ଚାପରେ ରହିଛି। ଏଭଳି ସ୍ଥିତିରେ ଗତ ବର୍ଷ ଏପ୍ରିଲ ମାସ ତୁଳନାରେ ଚଳିତ ବର୍ଷ ଏପ୍ରିଲରେ ବକେୟା ରାଶି ବୃହତ ପରିମାଣରେ ବୃଦ୍ଧି ଘଟିଥିବା ଜଣାପଡିଛି। ଏପ୍ରିଲ ୨୦୧୯ରେ ବିଦ୍ୟୁତ ବିତରଣ କମ୍ପାନୀଗୁଡିକ ଉପରେ ୭୫,୬୪୨ କୋଟି ଟଙ୍କାର ବକେୟା ରହିଥିବା ପ୍ରାପ୍ତି ପୋର୍ଟାଲରେ ଉଲ୍ଲେଖ ରହିଛି। ଏହି ପୋର୍ଟାଲକୁ ମେ ୨୦୧୮ରେ ଶୁଭାରମ୍ଭ କରାଯାଇଥିଲା। ଶକ୍ତି ଉତ୍ପାଦନ ଏବଂ ବିତରଣ କମ୍ପାନୀଙ୍କ ମଧ୍ୟରେ ହେଉଥିବା ନେଣଦେଣର ସ୍ୱଚ୍ଛତା ଆଣିବା ଲକ୍ଷ୍ୟରେ ସରକାର ଏଭଳି ପଦକ୍ଷେପ ଗ୍ରହଣ କରିଥିଲେ।

### ଆକାଶ ଡିଜିଟାଲ ନାମାଙ୍କନରେ ଅଭିବୃଦ୍ଧି

ନୂଆଦିଲ୍ଲୀ,୨୮।୬ : ଆକାଶ ଏଜୁକେଶନାଲ ସିର୍ଭିସେସ ଲିମିଟେଡ(ଏଇଏସ୍ଏଲ୍)ର ଡିଜିଟାଲ ପ୍ଲାଟଫର୍ମ ଆକାଶ ଡିଜିଟାଲର ନାମାଙ୍କନରେ ଉଲ୍ଲେଖନୀୟ ଅଭିବୃଦ୍ଧି ହୋଇଛି। ଓଡିଶାରେ ଲକଡାଉନ ସମୟରେ ଗତ ତ୍ରୈମାସ ତୁଳନାରେ ଚଳିତ ତ୍ରୈମାସରେ ନାମାଙ୍କନରେ ୭୪% ଅଭିବୃଦ୍ଧି ହୋଇଥିବା ଆକାଶ ପକ୍ଷରୁ କୁହାଯାଇଛି। ଆକାଶର ଅନଲାଇନ ଲର୍ନିଂ ଓ ଟେଷ୍ଟ ପ୍ରସ୍ତୁତି କ୍ଷେତ୍ରରେ ଆକାଶ ଆଇଟ୍ୟୁଟର ଆପ୍ ତଥା ଆକାଶ ଲାଇଭ କ୍ଲାସରେ ମଧ ୟୁଜର ସଂଖ୍ୟା ବଢିଛନ୍ତି। ଡିଜିଟାଲ ଶିକ୍ଷାଶୈଳୀ, ପାଠ୍ୟକ୍ରମ, ତାଲିମ ଏବଂ ପ୍ରଣାଳୀ ଆଧାରରେ ଛାତ୍ରାଛାତ୍ରୀଙ୍କୁ ପ୍ରାଥମିକତା ପ୍ରଦାନ କରାଯାଉଥିବା ଏଇଏସ୍ଏଲ୍ର ସିଇଓ ଆକାଶ ଚୌଧୁରୀ ସୂଚନା ଦେଇଛନ୍ତି।

# ତେଲ ଦର ବୃଦ୍ଧିରେ ବିରତି

ନୂଆଦିଲ୍ଲୀ,୨୮।୬

## ୨୧ ଦିନ ଧରି ବଢ଼ି ଚାଲିଥିଲା



ଗତ ୨୧ ଦିନ ଧରି ତେଲ ଦର ବୃଦ୍ଧି ଖାଉଟିଙ୍କ ଚିନ୍ତାକୁ ବଢାଇଛି। କରୋନା ସଙ୍କଟରେ ଏଭଳି ଲଗାତର ଦର ବୃଦ୍ଧିକୁ ନେଇ ସାରା ଦେଶରେ ଖାଉଟିଙ୍କ ମଧ୍ୟରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଛି। ଜୁନ ୭ ପରଠାରୁ ବଢିଚାଲିଥିବା ତେଲ ଦରରେ ରବିବାର ବିରତି ଲାଗିଛି। ତୈଳ ବିପଣନ କମ୍ପାନୀଗୁଡିକ ୨୧ ଦିନ ପରେ ପ୍ରଥମ ଥର ଲାଗି ଦର ବୃଦ୍ଧି ଉପରେ ରୋକ ଲଗାଇଛନ୍ତି। ରବିବାର ଭୁବନେଶ୍ୱରରେ ପେଟ୍ରୋଲ ଲିଟର ପିଛା ଦର ୮୦.୯୪ ଟଙ୍କା ରହିଥିବା ବେଳେ ଡିଜେଲ ୭୮.୫୫ ଟଙ୍କା ରହିଛି। ତୈଳ କମ୍ପାନୀ ଶନିବାର ତେଲ ବଢାଇ ଥିବାରୁ ଦିଲ୍ଲୀରେ ପେଟ୍ରୋଲ ୮୦.୩୮ ଟଙ୍କା ଏବଂ ଡିଜେଲ ଦର ୮୦.୮୪ ଟଙ୍କା ଛୁଇଁଛି। ଜୁନ ୨୭ରେ ପେଟ୍ରୋଲ ଲିଟର ପିଛା ୦.୨୫ ପଇସା ବଢିଥିବା ବେଳେ ଡିଜେଲ ୨୧ ପଇସା ବଢିଥିଲା।

ରାଜ୍ୟଗୁଡିକ ସ୍ତରରେ ଲାଗୁଥିବା ଭାଲ୍ୟୁ ଆଡେଡ୍ ଟ୍ୟାକ୍ସ(ଭାଟ୍) ଆଧାରରେ ଦେଶ ମଧ୍ୟରେ ପେଟ୍ରୋଲ ଡିଜେଲ ଦରରେ ଭିନ୍ନତା ରହୁଛି। ରାଜ୍ୟଗୁଡିକ ପେଟ୍ରୋଲ ଉପରେ ଭ୍ୟାଟ୍ ୧୬.୭୫%ରୁ ୩୦% ଏବଂ ଡିଜେଲରେ ୨୭%ରୁ ୩୦%କୁ ବୃଦ୍ଧି କରିଛନ୍ତି। ଜୁନ୍ ୭ ପରଠାରୁ ତେଲ କମ୍ପାନୀଗୁଡିକ ଇନ୍ଧନ ଦରରେ ବୃଦ୍ଧି କରିବା ଫଳରେ ଲୋକଙ୍କୁ ପେଟ୍ରୋଲ ଉପରେ ଅତିରିକ୍ତ ୯.୧୨ ଟଙ୍କା ଏବଂ ଡିଜେଲ ଉପରେ ୧୧.୦୧ ଟଙ୍କା ଦେବାକୁ ପଡୁଛି। ଶନିବାର ଦେଶର ଅନ୍ୟ ପ୍ରମୁଖ ମେଟ୍ରୋ ସହର ଯଥା- ଚେନ୍ନାଇ, ମୁମ୍ବାଇ ଏବଂ କଲିକତାରେ ତେଲ ଦର ଅପରିବର୍ତ୍ତିତ ରହିଛି। ଶନିବାର ମୁମ୍ବାଇରେ ପେଟ୍ରୋଲ ଲିଟର ୮୭.୧୯ ଟଙ୍କା ଥିବା ବେଳେ ଡିଜେଲ ଦର ୭୮.୭୧ ଟଙ୍କା ଥିଲା। କଲିକତାରେ ଏହା ଯଥାକ୍ରମେ ୮୨.୦୫ ଟଙ୍କା ଏବଂ ୭୫.୫୨ ଟଙ୍କା, ଚେନ୍ନାଇରେ ୮୩.୫୯ ଟଙ୍କା ଏବଂ ୭୭.୬୧ ଟଙ୍କା ରହିଛି।

ଲକ୍ଡାଉନ୍ ଯୋଗୁ ୮୨ ଦିନ ତେଲ ଦରରେ ତୈଳ ବିପଣନ କମ୍ପାନୀଗୁଡିକ କୌଣସି ପରିବର୍ତ୍ତନ କରି ନ ଥିଲେ। ଜୁନ ୭ରେ ପ୍ରଥମ କରି କମ୍ପାନୀ ଦରରେ ପରିବର୍ତ୍ତନ କରିବା ଆରମ୍ଭ କଲେ। ଅନ୍ତର୍ଜାତୀୟ ବଜାରରେ କରୋନା ଯୋଗୁ ଅଶୋଧିତ ତେଲ ଦର ରେକର୍ଡ ସ୍ତରକୁ ଖସିବା ଦେଖି ସରକାର ଉତ୍ପାଦ ଟିକସ ବଢାଇଥିଲେ। ଏହା ଦ୍ୱାରା ଅଧିକ ଟିକସ ସଂଗ୍ରହ କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି। ଅଶୋଧିତ ତେଲ ଦର କମିବା ଯୋଗୁ ଇନ୍ଧନର ରିଟେଲ ଦରରେ କୌଣସି ପରିବର୍ତ୍ତନ ନ କରି କମ୍ପାନୀ ଟିକସ ବଢିବା ସତ୍ତ୍ୱେ ମଧ ଦରକୁ ନିଜ ମଧ୍ୟରେ ବ୍ୟବସ୍ଥିତ କଲେ। ମାତ୍ର ଗତ କିଛିଦିନ ତଳେ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତେଲ ଦର ପୁଣି ବଢିବା ଯୋଗୁ କମ୍ପାନୀ ପୁଣି ଥରେ ଲଗାତର ଭାବେ ଦରକୁ ବଢାଉଥିବା କହିଛନ୍ତି। ଦର ବୃଦ୍ଧିକୁ ନେଇ ସୋମବାର କଂଗ୍ରେସ ବିରୋଧ ପ୍ରଦର୍ଶନ କରିବା ସହ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କୁ ଦାବିପତ୍ର ପ୍ରଦାନ କରିବ।

# ୟୁରୋପୀୟ ବଜାରକୁ ୬ହଜାର ଟନ୍ ପ୍ଲେଟ ଯୋଗାଇବ ଆରଏସ୍ପି

ରାଉରକେଲା ଅଫିସ,୨୮।୬

ୟୁରୋପୀୟ ବଜାରକୁ ମାଇଲ୍ଡ ଏବଂ ହାଇ ଟେନ୍ସାଇଲ ଗ୍ରେଡର ୬ ହଜାର ଟନ୍ ସିଇ ମାର୍କ ଯୁକ୍ତ ପ୍ଲେଟ ଯୋଗାଇ ଦେବାକୁ ଷ୍ଟିଲ ଅଥରିଟି ଅଫ୍ ଇଣ୍ଡିଆ ଲିଃ(ସେଲ୍) ଅଧୀନସ୍ଥ ରାଉରକେଲା ଇସ୍ପାତ୍ କାରଖାନା(ଆରଏସ୍ପି)କୁ ଅର୍ଡର ମିଳିଛି। ଏହାକୁ ଏକ ବଡ ସଫଳତା ଭାବେ ବିବେଚନା କରାଯାଉଛି।

ଆରଏସ୍ପିର ଅତ୍ୟାଧୁନିକ ଜ୍ଞାନକୌଶଳ ସମ୍ପନ୍ନ ୪୩୦୦ ମିଲି ମିଟର ଚଉଡା ନୂତନ ପ୍ଲେଟ ମିଲ୍ରେ ଆନ୍ତର୍ଜାତୀୟ ମାନ ପୂରଣ କଲାଭଳି ଠିକ ପରିମାପର ବିଭିନ୍ନ କିସମର ପ୍ଲେଟ ଉତ୍ପାଦନ କରିବା କ୍ଷମତା ରହିଛି। ଉପରୋକ୍ତ କାରିଗରୀ ତଥା କୌଶଳ ସମ୍ପନ୍ନ ମିଲରେ ଷ୍ଟ୍ରକଚରାଲ ଓ ବୟଲର ଗ୍ରେଡ, ହାଇ ଟେନ୍ସାଇଲ ଗ୍ରେଡ, ଏକ୍ସ ୭୦ ପର୍ଯ୍ୟନ୍ତ ଏପିଆଇ ଗ୍ରେଡ, ସେଲ ହାର୍ଡ ଏବଂ ବୟଲର, ପ୍ରେସର ଭେସେଲ ତଥା ସେଗୁଡିକର ସପୋର୍ଟ ଷ୍ଟ୍ରକଚର, ଭୂ ପରିବହନ ଯନ୍ତ୍ରୋପକରଣ, ୱାଗନ ପ୍ରସ୍ତୁତି, ରେଳବାଇ ପ୍ରକଳ୍ପ, ସେତୁ ଓ ରାଜମାର୍ଗ, ନ୍ୟୁକ୍ଲିୟର ପାୱାର ପ୍ଲାଣ୍ଟ ସମେତ ସହର ଭିତ୍ତିଭୂମି ପ୍ରକଳ୍ପରେ ବ୍ୟବହୃତ କପର ଆଧାରିତ ସମସ୍ତ ଗ୍ରେଡର ପ୍ଲେଟ ଏଠାରେ ପ୍ରସ୍ତୁତ କରାଯାଉଛି। ଏହି ମିଲରୁ ୟୁରୋପୀୟ ବଜାର ନିମନ୍ତେ ସିଇ ମାର୍କ ଯୁକ୍ତ ପ୍ଲେଟ ଉତ୍ପାଦନ କରିବା ନିମନ୍ତେ ଡିଏନଭିଜିଏଲ(ଡେଟ ନର୍ସ୍କ ଭେରିଟସ-ବେର୍ମାନିସ୍କର ଲାୟଡ) ବିଜନେସ ଆସ୍ୟୁରେନ୍ସଠାରୁ ଅନୁମୋଦନ ଲାଭ କରିଛି। ଏହି ମିଲରୁ ବିଶ୍ୱର ବିଭିନ୍ନ ଦେଶକୁ ଏପରି ଧରଣର ପ୍ଲେଟ ପ୍ରେରଣ କରାଯାଉଛି।

# ଶୀଘ୍ର ଆସିବ ଷ୍ଟାଣ୍ଡାର୍ଡ କୋଭିଡ ବୀମା

ନୂଆଦିଲ୍ଲୀ,୨୮।୬: ଜୁଲାଇ ୧୦ ସୁଦ୍ଧା କୋଭିଡ ଷ୍ଟାଣ୍ଡାର୍ଡ ଚିକିତ୍ସା ବୀମା ଆଣିବାକୁ ଭାରତୀୟ ବୀମା ନିୟାମକ ଏବଂ ବିକାଶ ପ୍ରାଧିକରଣ (ଆଇଆର୍ଡିଏଆଇ) ପକ୍ଷରୁ ବୀମା କମ୍ପାନୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବର୍ତ୍ତମାନ ଦେଶ ମଧ୍ୟରେ କୋଭିଡ ମାମଲା ବଢୁଥିବାରୁ 'କୋଭିଡ ଚିକିତ୍ସା ବୀମା' କିମ୍ବା 'କୋଭିଡ ବଚତ୍ ବୀମା' ଦ୍ୱାରା ଲୋକଙ୍କୁ ସୁବିଧା ଯୋଗାଣ ଉପରେ କମ୍ପାନୀଗୁଡିକ କାମ କରିବା ଆବଶ୍ୟକ ବୋଲି ନିୟାମକ ଗୁରୁତ୍ୱାରୋପ କରିଛନ୍ତି। ନିୟାମକ କହିଛନ୍ତି ଯେ, ବୀମା ପଲିସି ସାଢେ ୩ ମାସ, ସାଢେ ୬ ମାସ ଏବଂ ସାଢେ ୯ ମାସ ରଖାଯାଇପାରିବ। ବୀମା ପଲିସିର ନାମ 'କରୋନା ବଚତ ବୀମା' ରଖାଯାଇପାରିବ। କମ୍ପାନୀଗୁଡିକ ଏହା ସହ ନିଜ ନାମକୁ ଯୋଡି ପାରିବେ। ସାରା ଦେଶରେ ଏଥି ଲାଗି ପ୍ରିମିୟମ ଏକା ପ୍ରକାରର ହେବ। କୋଭିଡ ସହ ପୁରୁଣା ଏବଂ ନୂଆ ରୋଗର ଚିକିତ୍ସା ଖର୍ଚ୍ଚ ଏଥିରେ ସାମିଲ ହେବାର ଆବଶ୍ୟକତା ରହିଛି।

# ମହଙ୍ଗା ହେଲା ଇଲେକ୍ଟ୍ରୋନିକ୍ସ ପ୍ରଡକ୍ଟ

ନୂଆଦିଲ୍ଲୀ,୨୮।୬



ଚାଇନା ସାମଗ୍ରୀ ଉପରେ ଭାରତ ବର୍ତ୍ତମାନ ନିର୍ଭରଶୀଳ ଥିବାରୁ ଚାହିଁଲେ ମଧ ରାତାରାତି ଏହାକୁ ନିଷେଧ କରି ପାରୁନାହିଁ। ଗଲୱାନ ଘାଟିରେ ଚାଇନା ସେନାର ଆକ୍ରମଣରେ ୨୦ ଭାରତୀୟ ଯବାନ ଶହୀଦ ହେବା ଯୋଗୁ ଭାରତର ସୀମାରେ ବହିଃଶୁଳ୍କ ବିଭାଗ ପକ୍ଷରୁ କଟକଣା କଡାକଡି ହୋଇଛି। ଚାଇନାରୁ ଆସୁଥିବା ସାମଗ୍ରୀଗୁଡିକୁ ୧୦୦% ପରୀକ୍ଷଣର ଆଦେଶ ଦିଆଯାଇଛି। ଫିଜିକାଲ ଭେରିଫିକେଶନରେ ସମୟ ଲାଗିବା ଯୋଗୁ ଯୋଗାଣ ଚେନ୍ରେ ବର୍ତ୍ତମାନ ବାଧା ଆସିଛି। ଏଥିଲାଗି ଇଲେକଟ୍ରୋନିକ୍ସ ସାମଗ୍ରୀ ମହଙ୍ଗା ହୋଇଥିବା ଜଣାପଡିଛି। ଲକଡାଉନ ପରେ ପରେ ଚାହିଦାରେ ଦ୍ରୁତ ପରିବର୍ତ୍ତନ ଆସିଛି। ଏପଟେ ଯୋଗାଣ ଉପରେ ଗଭୀର ପ୍ରଭାବ ପଡିଛି। ବର୍ତ୍ତମାନ ଇଲେକଟ୍ରୋନିକ୍ସ ବର୍ଗରେ ଅଧିକାଂଶ ଅଫର ହଟାଇ ଦିଆଯାଇଛି। ଏଭଳି ସ୍ଥଳେ ଟିଭି, ଫ୍ରିଜ, ୱାଶିଙ୍ଗ ମେଶିନ ଦରରେ ୧୦ରୁ ୨୦% ବୃଦ୍ଧି ଘଟିଛି।

# ଭାରତକୁ ବିଶ୍ୱବ୍ୟାଙ୍କ ଦେଲା ୩୭ଶହ କୋଟି

ନୂଆଦିଲ୍ଲୀ,୨୮।୬

ଭାରତରେ ଶିକ୍ଷାର ଭିତ୍ତିଭୂମି ବିକାଶ ପାଇଁ ରବିବାର ବିଶ୍ୱବ୍ୟାଙ୍କ ୫୦୦ ନିୟୁତ ଡଲାର (୩୭ ଶହ କୋଟି) ର ଆର୍ଥିକ ଋଣ ସହାୟତା ପ୍ରଦାନ କରିଛି। ବ୍ୟାଙ୍କର ବୋର୍ଡ ଅଫ ଏକଜିକ୍ୟୁଟିଭ ଡାଇରେକ୍ଟର୍ସ ଏହି ଋଣ ରାଶିକୁ ମଞ୍ଜୁର କରିଥିବା ସୂଚନା ରହିଛି। ଏହି ଅର୍ଥ ଷ୍ଟ୍ରେଦର୍ନିଂ ଟିଚିଂ- ଲର୍ଣ୍ଣିଙ୍ଗ ଆଣ୍ଡ ରେଜଲ୍ଟସ୍ ଫର ଷ୍ଟେଟ ପ୍ରୋଗ୍ରାମ(ଷ୍ଟାରସ୍) ଜରିଆରେ ଏହି ସହାୟତା ପ୍ରଦାନ ପାଇଁ ଅନୁମତି ଦେଇଥିବା ଜଣାପଡିଛି। ଭାରତର ପ୍ରାୟ ୨୫ କୋଟି ଛାତ୍ରୀଛାତ୍ର, ୧୫ଲକ୍ଷ ସ୍କୁଲ ଏବଂ ୧୦ଲକ୍ଷ ଶିକ୍ଷକ ଶିକ୍ଷୟିତ୍ରୀ ଏହି ପ୍ରୋଗ୍ରାମ ମାଧ୍ୟମରେ ଉପକୃତ ହୋଇପାରିବେ। ୧୯୯୪ରୁ ଉକ୍ତ କାର୍ଯ୍ୟକ୍ରମ ପରିଚାଳନା ଲାଗି ଭାରତ ଓ ବିଶ୍ୱବ୍ୟାଙ୍କ ମିଳିତ ଭାବରେ କାର୍ଯ୍ୟ କରୁଛନ୍ତି। ଶିକ୍ଷାର ବିକାଶ ସହ ସମସ୍ତଙ୍କ ଲାଗି ଶିକ୍ଷା ପ୍ରଦାନର ଲକ୍ଷ୍ୟ ନେଇ ଏହା ଗଠନ ହୋଇଥିବା ବ୍ୟାଙ୍କ କହିଛି। ଭାରତର ୬ଟି ରାଜ୍ୟ ଯଥା- ହିମାଚଳ ପ୍ରଦେଶ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ଓଡ଼ିଶା, କେରଳ ଏବଂ ରାଜସ୍ଥାନ ପାଇଁ ଏହା ଦିଆଯାଇଛି। ସରକାରଙ୍କ ସହଯୋଗରେ ଶିକ୍ଷାର ବିକାଶ ଓ ଉନ୍ନତି ଦିଗରେ କାର୍ଯ୍ୟ କରିବ ବୋଲି ବିଶ୍ୱ ବ୍ୟାଙ୍କର କଣ୍ଟ୍ରି ଡାଇରେକ୍ଟର ଜୁନୈଦ ଅହମ୍ମଦ ଏହି ସୂଚନା ଦେଇଛନ୍ତି।

# ଘୁଞ୍ଚିଲା ଏୟାର ଇଣ୍ଡିଆ ବିଡିଂ

ନୂଆଦିଲ୍ଲୀ,୨୮।୬

ରାଷ୍ଟ୍ରାୟତ୍ତ ବିମାନ କମ୍ପାନୀ ଏୟାର ଇଣ୍ଡିଆର ବିଡିଂ ସୀମାକୁ ସରକାର ତୃତୀୟ ଥର ଲାଗି ଘୁଞ୍ଚାଇଛନ୍ତି। ବର୍ତ୍ତମାନ ଏହାକୁ ଆଗାମୀ ୨ ମାସ ବା ଅଗଷ୍ଟ ୩୧ ଯାଏ ଘୁଞ୍ଚାଯାଇଛି। କୋଭିଡ ଯୋଗୁ ସାରା ବିଶ୍ୱରେ ବର୍ତ୍ତମାନ ବିଭିନ୍ନ ସମସ୍ୟା ଦେଖାଯାଇଛି। ଆର୍ଥିକ କାର୍ଯ୍ୟକଳାପ କ୍ଷତିଗ୍ରସ୍ତ ହୋଇଥିବାରୁ ଏହାକୁ ନଜରରେ ରଖି ସରକାର ଏଭଳି ନିଷ୍ପତ୍ତି ଗ୍ରହଣ କରିଛନ୍ତି। ଏୟାର ଇଣ୍ଡିଆ ଘରୋଇକରଣ ଲାଗି ସରକାର ପ୍ରଥମେ ଚଳିତ ବର୍ଷ ଜାନୁୟାରୀ ୨୭ରେ ପ୍ରକ୍ରିୟା ଆରମ୍ଭ କରିଥିଲେ। ନିବେଶ ଏବଂ ରାଷ୍ଟ୍ରାୟତ୍ତ ସମ୍ପତ୍ତି ପରିଚାଳନା ବିଭାଗ ପକ୍ଷରୁ ଏ ନେଇ ଆଗ୍ରହ ପତ୍ର ଆହ୍ୱାନ କରାଯାଇଥିଲା। ସରକାର ପୂର୍ବରୁ ବିଡିଂ ଲାଗି ୨ଥର ପ୍ରକ୍ରିୟାକୁ ଘୁଞ୍ଚାଇ ଥିବା ବେଳେ ବର୍ତ୍ତମାନ ପୁଣି ଥରେ ଏହାକୁ ଘୁଞ୍ଚାଇଥିବା ଜଣାପଡିଛି।

# ଯାତ୍ରା ଭତ୍ତା ଉପରେ ଆୟକର ଛାଡ ଦାବି କରିହେବ

ନୂଆଦିଲ୍ଲୀ,୨୮।୬

କର୍ମଚାରୀ ନିଯୁକ୍ତିଦାତାଙ୍କଠାରୁ ଲାଭ କରୁଥିବା ଯାତ୍ରା ଭତ୍ତା ଉପରେ ଆୟକର ଛାଡ ପାଇବା ନେଇ ଦାବି କରିପାରିବେ। ନୂଆ ଟିକସ ବ୍ୟବସ୍ଥା ଅନ୍ତର୍ଗତ ସରକାର ଏହି ସୁବିଧା ପ୍ରଦାନ କରିଛନ୍ତି। କେନ୍ଦ୍ରୀୟ ପ୍ରତ୍ୟକ୍ଷ ଟିକସ ବୋର୍ଡ (ସିବିଡିଟି) ପକ୍ଷରୁ ଏଥିପାଇଁ ଆୟକର ନିୟମରେ ପରିବର୍ତ୍ତନ କରାଯାଇଛି। ନିୟମ ସଂଶୋଧନ ହେବା ପରେ କର୍ମଚାରୀ କେତେକ ନିର୍ଦ୍ଦିଷ୍ଟ କ୍ଷେତ୍ରରେ ଆୟକର ଛାଡ ପାଇବା ପାଇଁ ଦାବି କରିପାରିବେ। ଏହା ମଧ୍ୟରେ ଯାତ୍ରା କିମ୍ବା ସ୍ଥାନାନ୍ତରଣ ମାମଲାରେ ଯିବା ଆସିବା ଖର୍ଚ୍ଚ ଲାଗି ଦିଆଯାଇଥିବା ଭତ୍ତା, ଯାତ୍ରାର ଅବଧି ମଧ୍ୟରେ ପ୍ରଦାନ କରାଯାଇଥିବା ଅନ୍ୟ ଭତ୍ତା, ଆଦି ସାମିଲ ରହିଛି।

## ରାଜ୍ୟ

### ଶଟ୍ଡାଉନ୍ ଘୋଷଣା କଲେ ସରପଞ୍ଚ

ଡାବୁଗାଁ/ ଝରିଗାଁ ,୨୮।୬ (ଡି.ଏନ.ଏ./ସ୍ୱ.ପ୍ର): ନବରଙ୍ଗପୁର ଜିଲା ଡାବୁଗାଁ ଓ ଝରିଗାଁ ବ୍ଲକର କେତେକ ପଞ୍ଚାୟତରେ ସରପଞ୍ଚ ରବିବାର ଜିଲାପାଳଙ୍କ କ୍ଷମତା ପ୍ରୟୋଗ କରି ଶଟ୍ଡାଉନ୍ ଘୋଷଣା କରିଛନ୍ତି। ଡାବୁଗାଁ ବ୍ଲକ ସଦରମହକୁମାସ୍ଥିତ ଡଙ୍ଗରିଗୁଡା ପଞ୍ଚାୟତର ସରପଞ୍ଚ ଅମ୍ବିକା ମାଝି ଡଙ୍ଗରିଗୁଡା ଗ୍ରାମକୁ ଜୁନ ୨୮ରୁ ଜୁଲାଇ ୭ ତାରିଖ ପର୍ଯ୍ୟନ୍ତ ଅର୍ଥାତ ୧୦ ଦିନ ପାଇ ଶଟ୍ଡାଉନ୍ ଘୋଷଣା କରିଛନ୍ତି। ପଞ୍ଚାୟତ ପକ୍ଷରୁ ଗ୍ରାମବାସୀଙ୍କୁ ଢେଙ୍ଗୁରା ମାଧ୍ୟମରେ ଏ ସମ୍ପର୍କରେ ସୂଚନା ଦିଆଯାଇଛି। ସେହିପରି ଘୋଡାଖୁଣ୍ଟା ପଞ୍ଚାୟତର ଡଙ୍ଗରା ଗ୍ରାମକୁ କଣ୍ଟେନମେଣ୍ଟ ଜୋନ ଭାବେ ଜିଲା ପ୍ରଶାସନ ଘୋଷଣା କରିବା ପରେ ରବିବାର ଘୋଡାଖୁଣ୍ଟା ସରପଞ୍ଚ ଧନସିଂ ଭତ୍ରା ପଞ୍ଚାୟତକୁ ୩ ଦିନ ପାଇଁ ଶଟ୍ଡାଉନ୍ ଘୋଷଣା କରିଛନ୍ତି। ସେହିପରି କୋଇଲାରୀ ପଞ୍ଚାୟତକୁ ରବିବାର ରାତି ୧୦ଟାରୁ ବୁଧବାର ରାତି ୧୦ଟା ପର୍ଯ୍ୟନ୍ତ ସରପଞ୍ଚ ଚନ୍ଦ୍ରୀ ଭତ୍ରା ଶଟ୍ଡାଉନ ଘୋଷଣା କରିଛନ୍ତି। ଶଟଡାଉନ ସମୟରେ ପଞ୍ଚାୟତର ସମସ୍ତ ଦୋକାନ ବଜାର ବନ୍ଦ ରହିବ। ସେହିପରି ଝରିଗାଁ ବ୍ଲକର ୪ ପଞ୍ଚାୟତ ଝରିଗାଁ, ଧୋଡ୍ରା, ଚାଟିଗୁଡା ଏବଂ ଏକମ୍ବାକୁ ସମ୍ପୃକ୍ତ ପଞ୍ଚାୟତର ସରପଞ୍ଚମାନେ ଶଟଡାଉନ ଘୋଷଣା କରିଛନ୍ତି।

### କିରୋସିନ ପିଇ ବାଳକ ଗୁରୁତର

ବାଲିଅନ୍ତା,୨୮।୬(ଡି.ଏନ୍.ଏ.): ବାଲିଅନ୍ତା ବ୍ଲକ ଅଧୀନ ଜିତିକାରସୁଆଁଲୋ ଗ୍ରାମର ଜଣେ ୬ବର୍ଷର ବାଳକ ରବିବାର କିରୋସିନ ପିଇ ଗୁରୁତର ହୋଇଛନ୍ତି। ସେ ହେଲେ ନିରଞ୍ଜନ ଭୋଇ। ତାଙ୍କୁ ଚିକିତ୍ସା ପାଇଁ ପ୍ରଥମେ ଭିଙ୍ଗାରପୁରସ୍ଥିତ ସ୍ୱାସ୍ଥ୍ୟକେନ୍ଦ୍ର ପରେ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ସୂଚନା ଅନୁଯାୟୀ, ନିରଞ୍ଜନ ମଧ୍ୟାହ୍ନରେ ଘରେ ଖେଳୁଥିବା ସମୟରେ ଶୋଷ ହେବାରୁ ପ୍ଲାଷ୍ଟିକ ବୋତଲରେ ଥିବା କିରୋସିନ ପଇ ଦେଇଥିଲେ। ଏହା ପରେ ସେ ଅସୁସ୍ଥ ହୋଇପଡିଥିଲେ। ଗୁରୁତର ଅବସ୍ଥାରେ ଚିକିତ୍ସା ପାଇଁ ତାଙ୍କୁ ପରିବାର ଲୋକେ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ।

# କାଠ ଜବତ ବେଳେ ନକଲି ମଦ ପ୍ରସ୍ତୁତି କାରଖାନା ଠାବ



ବନବିଭାଗ ପକ୍ଷରୁ ଜବତ କରାଯାଇଥିବା କାଠନିର୍ମିତ ସାମଗ୍ରୀ।



ନକଲି ମଦ କାରଖାନାରୁ ପୋଲିସ ଜବତ କରିଥିବା ମଦ ଏବଂ ବିଭିନ୍ନ ସରଞ୍ଜାମ।

ଜୟପୁର,୨୮।୬(ଡି.ଏନ.ଏ./ନି.ପ୍ର.)

## ବନ ବିଭାଗ, ପୋଲିସର ମିଳିତ ଚଢାଉ

କୋରାପୁଟ ଜିଲା ଜୟପୁର ବନ ବିଭାଗ ଏବଂ ଟାଉନଥାନା ପକ୍ଷରୁ ମିଳିତ ଭାବେ ସହରର ଜୟନଗର ନିକଟସ୍ଥ ତେଲିଗୁଡା ଅଞ୍ଚଳରେ ରବିବାର ଚଢାଉ କରାଯାଇଥିଲା। ଏହି ସମୟରେ ଚୋରା କାଠ ଜବତ କରାଯିବା ସହ ବିଦେଶୀ ନକଲି ମଦ କାରଖାନା ଠାବ କରାଯାଇଥିଲା। ସେଠାରୁ ମଦ ପ୍ରସ୍ତୁତି ଲାଗି ରହିଥିବା ସାମଗ୍ରୀ ଜବତ ହୋଇଛି। ତେବେ ବନ ବିଭାଗ ହେପାଜତରେ ଥିବା ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ମହେନ୍ଦ୍ର ସ୍ୱାଇଁ ଚକମା ଦେଖାଇ ଘଟଣା ସ୍ଥଳରୁ ଫେରାର ହୋଇଯାଇଛନ୍ତି। ବୈପାରିଗୁଡାରୁ ଖବର ପାଇ ଘରେ ପହଞ୍ଚିଥିବା ତାଙ୍କ ସାନଭାଇ ଲମ୍ବୋଦର ସ୍ୱାଇଁ ଉଭୟ ବିଭାଗର ଚଢାଉ ବେଳେ ବଡଭାଇ ମହେନ୍ଦ୍ରଙ୍କୁ ଫେରାର କରିବାରେ ସହାୟତା କରିଥିଲେ। ପରେ ସେ ମଧ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ଏହି ମାମଲାରେ ବନ ବିଭାଗ ମହେନ୍ଦ୍ରଙ୍କ ସ୍ତ୍ରୀ ସୁଲୋଚନା ସ୍ୱାଇଁ (୪୦) ଏବଂ ଦୁଇ ନାବାଳକଙ୍କୁ ଅଟକ ରଖି ପଚରାଉଚରା ଜାରି ରଖିଥିଲା। ସନ୍ଧ୍ୟାରେ ସୁଲୋଚନାଙ୍କୁ କୋର୍ଟଚାଲାଣ କରାଯାଇଥିବା ରେଞ୍ଜର ରଶ୍ମିରଞ୍ଜନ ସ୍ୱାଇଁ କହିଛନ୍ତି। ତାଙ୍କ ସହ ଆସିଥିବା ୨ ନାବାଳକଙ୍କୁ ବିଭାଗ ପକ୍ଷରୁ ତାଙ୍କ ସମ୍ପର୍କୀୟ ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ବନ ବିଭାଗ ୬ ସିଏଫଟି ଶାଗୁଆନ କାଠ ପଟା, କବାଟ, ଝରକା ସହ ଗୋଟିଏ ସ୍କର୍ପିଓ (ଓଡିଶା୩ ଜି-୬୫୦୯) ଜବତ କରିଛି। ସେହିପରି ଏହି ସମୟରେ ପୋଲିସ ପକ୍ଷରୁ ଠାବ କରାଯାଇଥିବା ମଦ କାରଖାନାରୁ ୬ ବୋତଲ ଅପମିଶ୍ରିତ ମଦ, ୨ ପେଟି ବିୟର, ଶତାଧିକ ଖାଲି ବୋତଲ, ବିଭିନ୍ନ କମ୍ପାନୀ ଠିପି ଏବଂ ରାଜ୍ୟ ଅବକାରୀ ବିଭାଗର ସିଲ୍ ଜବତ କରାଯାଇଛି। ଅଭିଯୁକ୍ତ ମହେନ୍ଦ୍ର ଏଠାରେ ଗତ ୪ ବର୍ଷ ହେଲା ଭଡା ଘରେ ରହୁଥିଲେ। ପାର୍ଶ୍ୱରେ ଏକ ତିନି ମହଲାବିଶିଷ୍ଟ ଗୃହ ନିର୍ମାଣ କରୁଥିଲେ। ଏଥିପାଇଁ ସେ କବାଟଝରକା ତିଆରି କରିଥିଲେ। ଚଢାଉରେ ବନ ବିଭାଗର ରେଞ୍ଜର ସ୍ୱାଇଁ, ଫରେଷ୍ଟର ପ୍ରଶାନ୍ତ ସାମନ୍ତରାୟ, ବିଭାଗୀୟ ସ୍ୱତନ୍ତ୍ର ସ୍କାଡ କର୍ମଚାରୀ, ଟାଉନଥାନା ଅଧିକାରୀ ବାଲେଶ୍ୱର ଗିଧି, ଏସଆଇ ବିଷ୍ଣୁ ଚରଣ ସେଠୀଙ୍କ ସହ ଅନ୍ୟମାନେ ସାମିଲ ହୋଇଥିଲେ। ସୂଚନାଯୋଗ୍ୟ ଯେ, ବନବିଭାଗ କର୍ମଚାରୀଙ୍କ ସହଯୋଗ ହେତୁ ମହେନ୍ଦ୍ରଙ୍କ ସହ ତାଙ୍କ ଭାଇ ଫେରାର ହେବାକୁ ସୁଯୋଗ ପାଇଲେ ବୋଲି ଆଲୋଚନା ହେଉଛି।

# ବଜ୍ରପାତରେ ଦମ୍ପତିଙ୍କ ସମେତ ୩ ଜୀବନ ଗଲା

ଲାଠୋର/ପୁରୁଷୋତ୍ତମପୁର, ୨୮।୬(ଡି.ଏନ.ଏ.)

ବଲାଙ୍ଗୀର ଓ ଗଞ୍ଜାମ ଜିଲାରେ ଶନିବାର ଓ ରବିବାର ବଜ୍ରପାତରେ ୩ ଜଣଙ୍କ ମୃତ୍ୟୁ ଘଟିଛି। ଶନିବାର ସନ୍ଧ୍ୟାରେ ବଲାଙ୍ଗୀର ଜିଲା ଲାଠୋର ଥାନା ଅଧୀନ ଜଲପାଙ୍କେଲ ଗ୍ରାମରେ ବଜ୍ରପାତରେ ଦମ୍ପତିଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ଶତ୍ରୁଘନ ପୁଟେଲ (୩୮) ଓ ତାଙ୍କ ସ୍ତ୍ରୀ କୁମାରୀ (୩୫)। ଦମ୍ପତି ଫୁଲଝରସ୍ଥିତ ନିଜ ଜମିରେ କାଙ୍କଡ଼ ଗଛରେ ବାଡ ପୋତିବା ପାଇଁ ଯାଇଥିଲେ। ସନ୍ଧ୍ୟା ପ୍ରାୟ ସାଢ଼େ ୬ଟାରେ ବଜ୍ରପାତ ହେବାରୁ କୁମାରୀଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଗୁରୁତର ଅବସ୍ଥାରେ ସମ୍ପର୍କୀୟମାନେ ଶତ୍ରୁଘନଙ୍କୁ ପାଟଣାଗଡ଼ ହସ୍ପିଟାଲ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପାଟଣାଗଡ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇଛି। ଲାଠୋର ପୋଲିସ କୁମାରୀଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ଲାଠୋର ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ. ୩/୨୦)ରୁଜୁ ହୋଇଛି। ଲାଠୋର ସରପଞ୍ଚ ପ୍ରବୀଣ ଅଗ୍ରୱାଲ ମୃତକଙ୍କ ପରିବାରକୁ ହରିଶ୍ଚନ୍ଦ୍ର ଯୋଜନାରେ ଦୁଇ ହଜାର ଟଙ୍କା ଲେଖାଏ ପ୍ରଦାନ କରିଛନ୍ତି। ସେହିପରି ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ଥାନା ଅଞ୍ଚଳରେ ରବିବାର ବଜ୍ରପାତରେ ଭୂତସରସିଙ୍ଗି ପଞ୍ଚାୟତ ରାଜପୁର ଗ୍ରାମର ପ୍ରଫୁଲ ନାୟକ (୩୫)ଙ୍କ ମୃତ୍ୟୁ ଘଟିଛି। ପ୍ରଫୁଲ୍ଲ ଗାଁ ନିକଟ ଜମିରେ କାମ କରୁଥିବାବେଳେ ବଜ୍ରପାତର ଶିକାର ହୋଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ପୁରୁଷୋତ୍ତମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିଲେ ମଧ ଡାକ୍ତର ମୃତ ଘୋଷଣା କରିଥିଲେ। ସେହିପରି ଛତ୍ରପୁର ଥାନା ଗୋବା ଗ୍ରାମର ସୁରେନ୍ଦ୍ର ଗୌଡ (୩୬) ମଇଁଷି ଚରାଉଥିବାବେଳେ ବଜ୍ରପାତରେ ଗୁରୁତର ହୋଇଥିଲେ। ଗ୍ରାମବାସୀ ତାଙ୍କୁ ପୁରୁଷୋତ୍ତମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ।

# ରାଜ ପରିବାର ପକ୍ଷରୁ ବିକ୍ରମଦେବଙ୍କ ଜୟନ୍ତୀ

ଜୟପୁର,୨୮।୬(ନି.ପ୍ର./ଡି.ଏନ.ଏ )

କୋରାପୁଟ ଜିଲା ଜୟପୁର ରାଜପ୍ରସାଦ ପରିସରରେ ରାଜ ପରିବାର ପକ୍ଷରୁ ପ୍ରଥମଥର ପାଇଁ ରାଜର୍ଷି ମହାରାଜା ବିକ୍ରମଦେବ ବର୍ମାଙ୍କ ୧୫୧ତମ ଜୟନ୍ତୀ ପାଳିତ ହୋଇଛି। ମହାରାଜା ବିକ୍ରମଦେବଙ୍କ ସାନ ନାତୁଣୀ ବୋହୁ ରାଣୀସାରିକା ଦେବୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିଥି ରୂପେ ବିଧାୟକ ତାରା ପ୍ରସାଦ ବାହିନୀପତି, ପୂର୍ବତନ ମନ୍ତ୍ରୀ ରବି ନାରାୟଣ ନନ୍ଦ, ଭାଜପା ନେତା ଗୌତମ ସାମନ୍ତରାୟ, ବରିଷ୍ଠ ନାଗରିକ ପ୍ରଭୁଦାନ ଭତ୍ରା, ଗବେଷକ କୃଷ୍ଣଚନ୍ଦ୍ର ସାହୁ, ଲେଖିକା ଝାନସି ସିଂ ପ୍ରମୁଖ ଉପସ୍ଥିତ ଥିଲେ। ଓଡିଶା ପୁର୍ନଗଠନରେ ତତ୍କାଳୀନ ସମୟରେ ମହାରାଜ ବିକ୍ରମଦେବ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଅବିଭକ୍ତ କୋରାପୁଟ ଜିଲା ଏବଂ ପୋଡଶୀ ଆନ୍ଧ୍ର ପ୍ରଦେଶରେ ଶିକ୍ଷା ବ୍ୟବସ୍ଥାର ଉନ୍ନତି ପାଇଁ ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରିବାରେ ତାଙ୍କ ଭୂମିକା ଥିଲା ଅନନ୍ୟ। ଓଡିଆ, ସଂସ୍କୃତ, ଇଂରାଜୀ ଏବଂ ତେଲୁଗ ଭାଷାରେ ବିକ୍ରମଦେବଙ୍କ ଅଗାଧ ପାଣ୍ଡିତ୍ୟ ଥିଲା ବୋଲି ବକ୍ତା ମାନେ ମତ ପ୍ରକାଶ କରିଥିଲେ। ଏହି ଅବସରରେ ଜୟପୁର ରାଜପ୍ରସାଦର ରକ୍ଷଣାବେକ୍ଷଣ ଲାଗି ରାଜପରିବାର ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ରାଣୀ ସାରିକା ଦେବୀ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ରାଜର୍ଷି ବିକ୍ରମଦେବ ସାଂସ୍କୃତିକ ପରିଷଦର ରମାକାନ୍ତ ରାଉଳ ଅଧକ୍ଷତା କରିଥିଲେ। ଏହି ଅବସରରେ ମହାରାଜ ବିକ୍ରମଦେବଙ୍କ ଜ୍ୱାଇଁ କୁମାର ବିଦ୍ୟାଧର ସିଂ ଦେଓଙ୍କ ଦ୍ୱାରା ୧୯୩୯ରେ ରଚିତ ଇଂରାଜୀ ପୁସ୍ତକ 'ନନ୍ଦପୁର ବଂଶାବଳୀ'କୁ ଅବସରପ୍ରାପ୍ତ ଶିକ୍ଷୟତ୍ରୀ କମଳା ପାଣି ଓଡ଼ିଆରେ ଅନୁବାଦ କରିଥିଲେ। ଏହି 'ନନ୍ଦପୁର ଏକ ପ୍ରତ୍ୟାହୃତ ରାଜ୍ୟ' ପୁସ୍ତକକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ପରିଷଦ ପକ୍ଷରୁ ମଧ ଏକ ପତ୍ରିକା ସାହିତ୍ୟ ସମ୍ରାଟ ଉନ୍ମୋଚନ ହୋଇଥିଲା।

# କରୋନା ପଜିଟିଭ୍ ଡାକ୍ତରଙ୍କ ସଂସ୍ପର୍ଶରେ ୬ ପରିବାର

ରସୁଲପୁର, ୨୮।୬ (ଡି.ଏନ୍.ଏ.)

## ସଙ୍ଗରୋଧରେ ରହିଲେ ୪୦, ଲୋକେ ଆତଙ୍କିତ

ରସୁଲପୁର ବ୍ଲକ ଅଧୀନ ପ୍ରଥମାଖଣ୍ଡି ପଞ୍ଚାୟତ ଗୋପାଳପୁର ଗାଁର ଜଣେ ଦାନ୍ତ ଡାକ୍ତର ଗତ ୨୩ ତାରିଖରେ କରୋନା ପଜିଟିଭ୍ ଚିହ୍ନଟ ହେବା ପରେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଛି। ସମ୍ପୃକ୍ତ ଡାକ୍ତର କଟକରେ ରହୁଥିଲେ ହେଁ ଗତ ୧୭ ତାରିଖରେ ସେ ପରିବାର ସହ ନିଜ ଗାଁ ଗୋପାଳପୁରକୁ ଯାଇଥିଲେ। ଏହାସହ ଘର ପାଖର ୬ ପରିବାର ସହ ମିଳାମିଶା କରିଥିଲେ ବୋଲି ତାଙ୍କ ଟ୍ରାଭେଲ ହିଷ୍ଟ୍ରିରୁ ଜଣାପଡ଼ିଛି। ଏ ନେଇ ଜିଲା ପ୍ରଶାସନ ପକ୍ଷରୁ ରସୁଲପୁର ବ୍ଲକ ପ୍ରଶାସନକୁ ଅବଗତ କରାଯାଇଥିଲା। ଏହାପରେ ଗତ ୨୬ ତାରିଖରେ ତହସିଲଦାର ଜ୍ୟୋତିକାନ୍ତ ଭୁଜବଳଙ୍କ ନେତୃତ୍ୱରେ ସ୍ୱାସ୍ଥ୍ୟ ବିଭାଗ ଟିମ୍ ଗୋପାଳପୁର ଗାଁରେ ପହଞ୍ଚି ସମ୍ପୃକ୍ତ ୬ ପରିବାରର ୪୦ ଜଣଙ୍କୁ ସଙ୍ଗରୋଧରେ ରହିବାକୁ ପରାମର୍ଶ ଦେବା ସହ କେତେଜଣଙ୍କ ସ୍ୱାବ୍ ନମୁନା ସଂଗ୍ରହ କରିଛନ୍ତି। ସେମାନଙ୍କ ମଧ୍ୟରୁ କେତେଜଣଙ୍କ ଦେହରେ କରୋନା ଲକ୍ଷଣ ଦେଖାଯାଉଥିବାରୁ ସ୍ଥାନୀୟ ଲୋକେ ଭୟଭୀତ ହୋଇପଡ଼ିଛନ୍ତି।

# ନାବାଳକଙ୍କୁ ପାଣି ଭିତରକୁ ଟାଣିନେଲା କୁମ୍ଭୀର

ଚିତ୍ରକୋଣ୍ଡା,୨୮।୬(ଡି.ଏନ.ଏ.)

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ପଞ୍ଚାୟତ ଅର୍ନ୍ତଗତ ଅପରେଟ କଲୋନୀ ନିକଟସ୍ଥ ଜଲାସାହିର ନୀଳା ନାଳରେ ଶନିବାର ସାଙ୍ଗଙ୍କ ସହ ଗାଧୋଉଥିବା ବେଳେ ଜଣେ ନାବାଳକଙ୍କୁ କୁମ୍ଭୀର ପାଣି ଭିତରକୁ ଟାଣି ନେଇଥିଲା। ରବିବାର ମୃତଦେହ ଉଦ୍ଧାର ହୋଇଛି। ତାଙ୍କ ନାମ କୈଳାସ ଚନ୍ଦ୍ର ମାଝି(୧୦)। ସେ ଜଲାସାହିର ଅର୍ଜୁନ ମାଝିଙ୍କ ପୁଅ। ଖବରରୁ ଜଣାପଡିଛି ଶନିବାର ପୂର୍ବାହ୍ନ ୧୧ଟାରେ ଏହି ନାଳକୁ କୈଳାସ ତାଙ୍କ ସାଙ୍ଗ ପରଦେଶୀ ଖରାଙ୍କ ପୁଅ ଅଜୟଙ୍କ ସହ ଗାଧୋଇବାକୁ ଯାଇଥିଲେ। ଉଭୟେ ଗାଧୋଉଥିବା ସମୟରେ ହଠାତ ଗୋଟିଏ କୁମ୍ଭୀର କୈଳାସଙ୍କ ଉପରକୁ ଝାମ୍ପ ମାରି ପାଣି ଭିତରକୁ ଟାଣି ନେଇଥିଲା। ଏହା ଦେଖି ଗାଧୋଥିବା ଅଜୟ ଭୟଭୀତ ହୋଇ ଘରକୁ ଚାଲିଆସି କିଛି ସମୟ ପର୍ଯ୍ୟନ୍ତ କାହାକୁ କିଛି କହି ନ ଥିଲେ। ପରେ ସେ ପରିବାର ଲୋକଙ୍କୁ କୈଳାସ ନାଳରେ ପାଣି ଭିତରେ ଧାଇଁ ଧାଇଁ ଭିତରକୁ ପଳାଇଲା ମୁଁ ଯେତେ ଡାକିଲି ଶୁଣିଲାନି ବୋଲି କହିଥିଲେ। ଏହି ଖବର ଜାଣିବା ପରେ କୈଳାସଙ୍କ ପରିବାର ଲୋକେ ନାଳ ଭିତରେ ଦେଶୀ ଡ଼ଙ୍ଗାରେ ଏବଂ କେତେକ ପାଣି ଭିତରେ ବୁଡି ଖୋଜିଥିଲେ ମଧ ତାଙ୍କୁ ପାଇ ନ ଥିଲେ। ରବିବାର ସକାଳ ୫ଟାରୁ ପୁଣି ଖୋଜାଖୋଜି କରିବାରୁ ନାଳ ପାର୍ଶ୍ୱରେ କୈଳାସଙ୍କ କ୍ଷତ ବିକ୍ଷତ ମୃତଦେହ ଭାସୁଥିବା ଦେଖିବାକୁ ପାଇଥିଲେ। ଏସମ୍ପର୍କରେ ଜାଣିବା ପରେ ଘଟଣା ସ୍ଥଳରେ ଥାନା ଅଧିକାରୀ ଯୁଗଳ ଶବର ଚିତ୍ରକୋଣ୍ଡା ବନପାଳ ମୃତ୍ୟୁଞ୍ଜୟ ସେଠୀ, ଆରଆଇ ରୁଦ୍ର ଗୌଡ଼ ପହଞ୍ଚି ଥିଲେ। ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଯାଇଛି। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।



ବଲିଉଡ୍ ନାୟିକା ସୁସ୍ମିତା ସେନ୍ ନିଜ ଫିଟ୍‌ନେସ୍ ପାଇଁ ସବୁବେଳେ ଚର୍ଚ୍ଚାରେ ରହୁଥିବା ବେଳେ ଏବେ କିନ୍ତୁ ଆଉ ଏକ କାରଣ ପାଇଁ ଆସିଛନ୍ତି ଚର୍ଚ୍ଚାକୁ। ବେଶ୍ କିଛି ବର୍ଷ ପରେ ସେ ପୁଣିଥରେ ଅଭିନୟ ଦୁନିଆକୁ ଫେରିଛନ୍ତି। ତାହା ପୁଣି ୱେବ ସିରିଜ ମାଧ୍ୟମରେ। ନିକଟରେ ରିଲିଜ୍ ହୋଇଛି ସୁସ୍ମିତାଙ୍କ ଧମାକାଦାର ୱେବ ସିରିଜ 'ଆର୍ଯ୍ୟା'। ଏହାକୁ ନେଇ ବଲିଉଡ୍ ଭାଇଜାନ ସଲମାନ ଖାଁ ସୁସ୍ମିତାଙ୍କର ଖୁବ୍ ପ୍ରଶଂସା କରିଛନ୍ତି। ଆଉ ସଲମାନଙ୍କ ପ୍ରଶଂସା ଦେଖିବା ପରେ ରିଟୁଇଟ୍ କରି ସୁସ୍ମିତା ଏହାର ଉତ୍ତର ରଖିଛନ୍ତି। ଏଥିରେ ସେ 'ବିବି ନମ୍ବର ୧'ର ଏକ ଡାଏଲଗ ମଧ୍ୟ ଶେୟାର କରିଛନ୍ତି।

# ବିଟା ସେଲ୍‌କୁ ନଷ୍ଟ କରେ ପ୍ରତିରୋଧକ ଶକ୍ତି




**ଡାଇବେଟିସ୍‌କୁ ଡାକିଆଣେ କରୋନା**

**ନୂଆଦିଲ୍ଲୀ:** କରୋନା ଭୂତାଣୁ ଆକ୍ରାନ୍ତଙ୍କ ଶରୀରରେ ଡାଇବେଟିସ ସୃଷ୍ଟି କରୁଥିବା ଡାକ୍ତର ବିଶେଷଜ୍ଞମାନେ ଜାଣିବାକୁ ପାଇଛନ୍ତି। ଏ ସଂକ୍ରାନ୍ତରେ ଏକ ରିପୋର୍ଟ ନ୍ୟୁ ଇଂଲଣ୍ଡ ଜର୍ନାଲ ଅଫ୍ ମେଡିସିନରେ ପ୍ରକାଶ ପାଇଛି। ଏଥିଯୋଗୁ ରୋଗୀ ବିଶେଷ କରି ଟାଇପ-୧ ଡାଇବେଟିସ୍‌ର ଶିକାର ହେଉଥିବା ସାମ୍ନାକୁ ଆସିଛି। ବିଶେଷଜ୍ଞମାନେ ଅନୁସନ୍ଧାନ ପାଇଁ ମଣିଷର ଷ୍ଟେମ କୋଷିକାକୁ ବ୍ୟବହାର କରି ମୂଷା ଶରୀରରେ ପାନ୍‌କ୍ରିୟାଟିକ୍ ଏଣ୍ଡୋକ୍ରାଇନ ସେଲ୍ ପ୍ରତିରୋପଣ କରିଥିଲେ। ପରେ କରୋନା ଭୂତାଣୁ ମୂଷା ଦେହରେ ପ୍ରବେଶ କରାଯାଇ ପରୀକ୍ଷଣ କରାଯାଇଥିଲା। ଗବେଷଣାରୁ ଜଣାପଡିଥିଲା ଯେ, କରୋନା ଭାଇରସ୍ ଶରୀରରେ ପ୍ରବେଶ କରିବା ପରେ ରୋଗ ପ୍ରତିରୋଧକ ଶକ୍ତି ଖୁବ ଆକ୍ରମଣାତ୍ମକ ହୋଇଉଠେ। ଏଥିଯୋଗୁ ଅଗ୍ନାଶୟ ବା ପାନ୍‌କ୍ରିୟାଜରେ ଇନ୍‌ସୁଲିନ ନାମକ ହରମୋନ ସୃଷ୍ଟି କରୁଥିବା ବିଟା ସେଲ୍ ନଷ୍ଟ ହେବାକୁ ଆରମ୍ଭ କରେ। ଏହି କୋଷ ନଷ୍ଟ ହେବା ଯୋଗୁ ରକ୍ତରେ ଶର୍କରା ନିୟନ୍ତ୍ରଣ କ୍ଷମତା କମିଯାଇଥାଏ, ଯାହା ଡାଇବେଟିସ୍‌ର ମୁଖ୍ୟକାରଣ ହୋଇଥାଏ। ୨୦୦୨ରେ ସାର୍ସ ଭାଇରସ୍ ଆକ୍ରାନ୍ତଙ୍କଠାରେ ଏପରି ଦେଖିବାକୁ ମିଳିଥିଲା। ଅନୁରୂପ ଭାବେ ସାର୍ସ-କୋଭ-୨ ଭୂତାଣୁ ମଧ୍ୟ ଏସିଇ୨ ରିସେପ୍ଟର (କୋଷର ପୃଷ୍ଠଭାବରେ ଥିବା ଏକ ପ୍ରକାର ଏନଜାଇମ, ଯାହା ମାଧ୍ୟମରେ କୋଷ ମଧ୍ୟକୁ ଭୂତାଣୁ ପ୍ରବେଶ କରିଥାଏ) ସହ ବାନ୍ଧି ହୋଇ କୋଷ ଭିତରକୁ ଯାଇଥାଏ। ପରେ ଏହା ରକ୍ତ ଶର୍କରା ନିୟନ୍ତ୍ରଣରେ ଜଡ଼ିତ ଅଙ୍ଗରେ ପ୍ରବେଶ କରି ଏହାକୁ କ୍ଷତିପହଞ୍ଚାଇଥାଏ। ଏହାର ପ୍ରତିରୋଧ କରିବାକୁ ଯାଇ ଆମ ଶରୀରର ରୋଗ ପ୍ରତିରୋଧକ ଶକ୍ତିର ଆକ୍ରମଣରେ ବିଟା କୋଷଗୁଡ଼ିକ ନଷ୍ଟ ହୋଇଯାଇଥାଏ। ଏଥିଯୋଗୁ ରକ୍ତରେ ଶର୍କରା ଓ କିଟୋନ ବୃଦ୍ଧି ପାଇଥିଲେ ମଧ୍ୟ ଏହାକୁ ନିୟନ୍ତ୍ରଣକୁ ଆଣିବାକୁ ଆବଶ୍ୟକ ଇନସୁଲିନ ଶରୀରରେ ସୃଷ୍ଟି ହୋଇପାରି ନ ଥାଏ।

# ଅର୍ଜୁନଙ୍କୁ ଶୁଭେଚ୍ଛା ଜଣାଇଲେ ଅଂଶୁଲା



ଅଂଶୁଲା କପୁର

**ମୁମ୍ବାଇ:** ବଲିଉଡ୍ ଅଭିନେତା ଅର୍ଜୁନ କପୁରଙ୍କ ଜନ୍ମଦିନରେ ସୋସିଆଲ ମିଡିଆରେ ଭଉଣୀ ଅଂଶୁଲା କପୁର ଶୁଭେଚ୍ଛା ଜଣାଇଛନ୍ତି। ଅଂଶୁଲା ଅର୍ଜୁନଙ୍କ ସହ ଏକ ଫଟୋ ଶେୟାର କରି ଭାବପ୍ରବଣ ବାର୍ତ୍ତା ଲେଖିଛନ୍ତି। ସେ ଲେଖିଛନ୍ତି, ମୋ' ନିଶ୍ୱାସରେ ତୁମେ, ମୋ' ଜୀବନରେ ତୁମେ, ସବୁଠୁ ପ୍ରିୟ ଆଉ ଗୁରୁତ୍ୱପୂର୍ଣ୍ଣ ମଣିଷ। ତୁମେ ଏମିତି ମଣିଷ ଯେ କି, ମୋତେ ସବୁବେଳେ ଖୁସିରେ ରଖିବା ପାଇଁ ଚେଷ୍ଟା କରିଛ। ଯେଉଁ ସ୍ନେହର ସୀମା ନାହିଁ। ଭାଇ ତୁମେ ମୋ' ଶକ୍ତି, ଯେଉଁଥିପାଇଁ ମୁଁ ସକାଳୁ ଉଠେ। ତୁମେ ମୋ' ରକ୍ଷାକର୍ତ୍ତା, ତୁମେ ମୋ' ବାପାମାଆ, ଭାଇ, ବନ୍ଧୁ, ସାହସ ସବୁକିଛି। ପ୍ରତିଟି କଥାରେ ତୁମେ ମୋ'ର ଧ୍ୟାନ ରଖ। ଯେତେବେଳେ ମୁଁ କୌଣସି କାରଣ ଯୋଗୁ ଭାଙ୍ଗିପଡ଼େ ସେତେବେଳେ ତୁମେ ମୋତେ ସମ୍ଭାଳି ନିଅ। ସାହସ ଦିଅ। ତୁମେ ମୋତେ ଜୀବନରେ ଲଢ଼ିବା ଶିଖାଇଛ। ତୁମେ ସବୁ ଅସୁବିଧାରେ ମୋ' ହାତ ଧରିଛ। ତୁମେ ମୋତେ କେବେ ବି ମୋ' ମା'କୁ ଭୁଲିଯିବାକୁ ଦିଅ ନାହିଁ। କିନ୍ତୁ ସେ ସେଠାରେ ନ ଥିବା ସତ୍ତ୍ୱେ ତୁମେ ମୋତେ କେବେ ବି ତାଙ୍କୁ ହରାଇବାକୁ ଦେଇନାହଁ। ମୁଁ ଯାହା ମାଗିଥିଲି ତା'ଠାରୁ ତୁମେ ମୋତେ ଅଧିକ ଦେଇଛ, ଜାଣିନି କିପରି କିନ୍ତୁ ତୁମେ ସବୁବେଳେ ଜାଣିଛ ମୁଁ ଯାହା ଚାହେଁ, ଜାଣିବା ପୂର୍ବରୁ ମଧ୍ୟ। ତୁମେ ସେହି ଆଲୋକ ଯାହା ମୋତେ ଅନ୍ଧକାରରେ ମଧ୍ୟ ବାଟ ଦେଖାଇଛି। ତୁମେ ମୋ'ର ଭୟ, ମୋ'ର ଖରାପ ଚିନ୍ତାଧାରା ଜାଣିଛ ଏବଂ ତଥାପି ତୁମେ ମୋତେ ବହୁତ ଭଲ ପାଅ ଭାଇ ମୁଁ ଜାଣିଛି। ଅଂଶୁଲାଙ୍କ ଏଭଳି ଭାବପ୍ରବଣ ପୋଷ୍ଟରେ ୟୁଜରମାନେ ମଧ୍ୟ ଭିନ୍ନ ପ୍ରତିକ୍ରିୟା ରଖିଛନ୍ତି।

# ବଜାରକୁ ଆସିବ ସେଫ୍ଟି ଗଗଲ୍ସ



**ଚଣ୍ଡିଗଡ଼:** ଭାରତରେ କରୋନା ମହାମାରୀ ସଂକ୍ରମଣ ନେଇ ଲୋକେ ଆତଙ୍କିତ ହୋଇପଡ଼ିଛନ୍ତି। ତେବେ ଏବେ ଆଉ କରୋନାକୁ ଭୟ ନାହିଁ। ବଜାରରେ ଖୁବ୍ ଶୀଘ୍ର ବିକଶିତ ଜ୍ଞାନକୌଶଳରେ ନିର୍ମିତ ହୋଇଥିବା ସେଫ୍ଟି ଗଗଲ୍ସ ମିଳିବାକୁ ଯାଉଛି। ଲଏହାକୁ ପିନ୍ଧିଲେ କରୋନା ସଂକ୍ରମଣର ଭୟ ରହିବ ନାହିଁ। ଚଣ୍ଡିଗଡ଼ର କେନ୍ଦ୍ରୀୟ ବୈଜ୍ଞାନିକ ଉପକରଣ ସଂଗଠନ(ସିଏସ୍ଆଇଓ) ପକ୍ଷରୁ ଏହି ସେଫ୍ଟି ଗଗଲ୍ସ ନିର୍ମିତ ହୋଇଛି। ଏହା ହେଲଥ୍ କେୟାର ପ୍ରଫେଶନାଲ୍ ଏବଂ ଫ୍ରଣ୍ଟ୍ ଲାଇନ୍ ୱାର୍କରଙ୍କ ପାଇଁ ବେଶ୍ ଉପଯୋଗୀ ହେବ ବୋଲି ସିଏସ୍ଆଇଓ କହିଛି। କରୋନ ସଂକ୍ରମଣ ନାକ, ଆଖି ଏବଂ ମୁହଁ ଦ୍ୱାରା ହେବାର ଆଶଙ୍କା ରହିଥାଏ। ଏହି ସେଫ୍ଟି ଗଗଲ୍ସ ବ୍ୟବହାର କଲେ ଏଭଳି ଆଶଙ୍କା ଦୂର ହୋଇପାରିବ। ସିଏସ୍ଆଇଓ ପକ୍ଷରୁ ଏହା ନିର୍ମାଣ ଦାୟିତ୍ୱ ଚଣ୍ଡିଗଡ଼ର ସାର୍କ ଇଣ୍ଡଷ୍ଟ୍ରିଜ୍‌କୁ ଦିଆଯାଇଛି। ପ୍ରଥମ ପର୍ଯ୍ୟାୟରେ ୧୦ ହଜାର ସେଫ୍ଟି ଗଗଲ୍ସ ନିର୍ମିତ ହୋଇ ବଜାରକୁ ଆସିବ। ଏହାର ଦାମ୍ ୩୫୦ରୁ ୪୦୦ ଟଙ୍କା ରହିବ ବୋଲି କୁହାଯାଉଛି।

# ବସ୍ ସାନିଟାଇଜ୍ କରୁଛନ୍ତି ଦୃଷ୍ଟିବାଧିତ ରାମକୁମାର



**କୋଚି(କେରଳ):** ଦୃଷ୍ଟିବାଧିତ ହେଲେ ବି ସବୁଥିରେ ସକ୍ଷମ। ସାଧାରଣ ବ୍ୟକ୍ତିଙ୍କ ମଧ୍ୟରେ ଜଣେ ଅସାଧାରଣ ବ୍ୟକ୍ତିତ୍ୱ। ଆଖିକୁ ଦେଖା ନ ଗଲେ ମଧ୍ୟ ନିଜ ମହତ କାର୍ଯ୍ୟ ପାଇଁ ସେ ଏବେ ସବୁଠି ଚର୍ଚ୍ଚାରେ। ସେ ହେଉଛନ୍ତି, କେରଳର ଏର୍ନାକୁଲମ୍ ଜିଲା କୋଚି ସହରର ବିପିସିଏଲ୍(ଭାରତ ପେଟ୍ରୋଲିୟମ କର୍ପୋରେଶନ ଲିମିଟେଡ୍) ଅଧିକାରୀ ଏମ୍. ରାମକୁମାର। ଗ୍ଲୁକୋମା ଯୋଗୁ ରାମକୁମାର ଦୃଷ୍ଟିଶକ୍ତି ହରାଇଛନ୍ତି। ହେଲେ ଏଥିରେ ସେ ହାରି ନ ଯାଇ ନିଜକୁ ସମାଜସେବାରେ ନିୟୋଜିତ ରଖିଛନ୍ତି। କରୋନା ସଂକ୍ରମିତଙ୍କ ସଂଖ୍ୟା ବଢୁଥିବାରୁ ଯାତ୍ରୀଙ୍କ ସୁରକ୍ଷା ପାଇଁ ସେ କେରଳ ରାଜ୍ୟ ସଡ଼କ ପରିବହନ ନିଗମ(କେଏସ୍ଆର୍‌ଟିସି)ର ବସ୍‌ଗୁଡ଼ିକୁ ନିୟମିତ ସାନିଟାଇଜ୍ କରୁଥିବା ଦେଖିବାକୁ ମିଳିଛି। ସେ ଜଡ଼ିତ ଥିବା ଏକ ଦୃଷ୍ଟିବାଧିତ ସଙ୍ଗଠନର ସଦସ୍ୟଙ୍କୁ ନେଇ ଏହି କାର୍ଯ୍ୟ କରୁଛନ୍ତି। ଜଣେ ଦୃଷ୍ଟିବାଧିତଭାବେ ଆମେରିକୀୟ ଲେଖକ ହେଲେନ୍ କେଲରଙ୍କ ଜୟନ୍ତୀରେ ସେ ଏହି ଅଭିଯାନ ଆରମ୍ଭ କରଛନ୍ତି। ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା ରାମକୁମାରଙ୍କ ବାପା ମଧ୍ୟ କେଏସ୍ଆର୍‌ଟିସିରୁ ଅବସର ଗ୍ରହଣ କରିଛନ୍ତି। ତେଣୁ ବାପାଙ୍କ ସମ୍ମାନାର୍ଥେ ସେ ଏହି କାର୍ଯ୍ୟ କରୁଥିବା କହିଛନ୍ତି। ପରିବାରର ସଂଘର୍ଷ ସମୟରେ ବାପାଙ୍କ ଚାକିରି ହିଁ ଆମକୁ ବଞ୍ଚିବାରେ ସାହାଯ୍ୟ କରିଛି। ତେଣୁ ନିଗମ ନିକଟରେ ଆମେ ଋଣୀ। ସେହିପରି କେଏସ୍ଆର୍‌ଟିସି ଦିବ୍ୟାଙ୍ଗମାନଙ୍କୁ ସବୁବେଳେ ସ୍ୱତନ୍ତ୍ର ସେବା ଯୋଗାଇଆସିଛି। ତେଣୁ କରୋନା ଭଳି ବିପତ୍ତି ସମୟରେ ଜଣେ ଦିବ୍ୟାଙ୍ଗଭାବେ ଚୁପ୍ ବସିପାରିବେନି ବୋଲି ସେ କହିଛନ୍ତି। ନିଗମର ୫୦ ବସ୍‌କୁ ସେ ସାନିଟାଇଜ୍ କରୁଛନ୍ତି। ଏଥିସହ ମାସ୍କ ମଧ୍ୟ ପ୍ରଦାନ କରୁଛନ୍ତି। ରାମକୁମାରଙ୍କ କାର୍ଯ୍ୟକୁ ଏର୍ନାକୁଲମ୍ ଜିଲା ପରିବହନ ଅଧିକାରୀ ଭି.ଏମ୍. ଆଜୁଧୀନ୍ ସାହିବ୍ ମଧ୍ୟ ପ୍ରଶଂସା କରିଛନ୍ତି। ରାମକୁମାର ୧୯୬୬ ମସିହାରୁ ନିଜକୁ ସମାଜସେବା କାର୍ଯ୍ୟରେ ଜଡ଼ିତ ରଖିଥିବା ଜଣାପଡ଼ିଛି।

# ମାସ୍କ ଫ୍ୟାଶନ

**ନୂଆଦିଲ୍ଲୀ:** କରୋନା ସଂକ୍ରମଣ ଯେ ସମ୍ପୂର୍ଣ୍ଣ ଅପସରି ଯିବ ନାହିଁ ବର୍ତ୍ତମାନ ସ୍ଥିତିକୁ ଦେଖିଲେ ଯେ କେହି ବି କହିବେ। ତେଣୁ ମାସ୍କ ପିନ୍ଧିବା ଜୀବନଶୈଳୀର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ହୋଇରହିବ ଏକଥା ନିଶ୍ଚିତ। ଏହାକୁ ଏବେ ଲୋକେ ଗ୍ରହଣ କରି ନେଇଛନ୍ତି। ସେଥିପାଇଁ ତ ଏବେ ମାସ୍କର ବିଭିନ୍ନ ଡିଜାଇନ ଦେଖିବାକୁ ମିଳିଲାଣି। ବିଶେଷକରି ଇଣ୍ଡୋନେସିଆ ଏବଂ ମାଲେସିଆରେ ମାସ୍କର ଫ୍ୟାଶନ ଡିଜାଇନ ଆରମ୍ଭ ହୋଇଛି।


ମାସ୍କ ପିନ୍ଧିଲେ ସାଧାରଣତଃ ମୁହଁର ବେଶି ଅଂଶ ଲୁଚିଯାଏ। କିନ୍ତୁ ଫ୍ୟାଶନ ଡିଜାଇନ ମାସ୍କ ପିନ୍ଧିଲେ ମୁହଁର ଆକୃତିକୁ ଜାଣିହେବ। ଏମିତି କି ଜଣେ ହସିବା ଭଳି ଆଉ ଲିପ୍‌ଷ୍ଟିକ୍ ଲଗାଇବା ପରି ବି ମନେହେବ। ହଁ ଫ୍ୟାଶନରେ ଏବେ ଏମିତି ମାସ୍କ ତିଆରି ହେଲାଣି ଯାହାକୁ ନିଜ ମୁହଁ ପରି କରିହେଉଛି। କେହି କେହି ମାସ୍କ ପିନ୍ଧିଲେ ଲାଗିବେ ଯେ ସେମାନେ ହସୁଛନ୍ତି। କିନ୍ତୁ ଭଲଭାବେ ଦେଖିଲେ ଜଣାପଡ଼ିବ କି ସେ ହସିବା ଭଳି ଏକ ମାସ୍କ ପିନ୍ଧିଛନ୍ତି। ଜାକର୍ତ୍ତାର ବିଭିନ୍ନ ଦୋକାନ ଏବେ ଏଭଳି ପ୍ରିଣ୍ଟର ମାସ୍କ ତିଆରି କରୁଛନ୍ତି ଯାହା ଅନ୍ତର୍ଜାତୀୟ ସ୍ତରରେ ସ୍ୱତନ୍ତ୍ରତା ହାସଲ କରିବାରେ ଲାଗିଛି। କରୋନା ରୋଗୀଙ୍କ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଉଥିବାରୁ ବହୁ ଘରୋଇ କମ୍ପାନୀ ଏବେ ମାସ୍କ ତିଆରି କରୁଛନ୍ତି। ଆଉ ଲୋକଙ୍କ ମାନସିକତାକୁ ଦୃଷ୍ଟିରେ ରଖି ଏବେ ଧୀରେ ଧୀରେ ମାସ୍କରେ ଡିଜାଇନ ଆରମ୍ଭ ହୋଇଛି। ପ୍ରଥମେ କାର୍ଟୁନ ମାସ୍କ, ତା' ପରେ ସିନେମା ଥିମ୍ ଏବଂ ଏବେ ବିଭିନ୍ନ ଡିଜାଇନ ମାସ୍କ ଲୋକଙ୍କୁ ଆକୃଷ୍ଟ କରିପାରିଛି। ଲୋକଙ୍କର ଏଭଳି ମାନସିକତାକୁ ଲକ୍ଷ୍ୟ କରି ବ୍ୟବସାୟୀମାନେ ବି ମାସ୍କ ବିକ୍ରି କରି ବେଶ୍ ଭଲ ରୋଜଗାର କରିପାରୁଛନ୍ତି।

ଫ୍ୟାଶନ୍‌କୁ ଦୃଷ୍ଟିରେ ରଖି କିଛି ଡିଜାଇନର ଏବେ ଏଭଳି ମାସ୍କ ତିଆରି କରୁଛନ୍ତି ଯାହାକୁ ପିନ୍ଧିଲେ ଦୂରରୁ ମାସ୍କ ପିନ୍ଧିବା ଭଳି ମନେ ହେବ ନାହିଁ। କିନ୍ତୁ ଏହା ମାସ୍କ ଭଳି ସୁରକ୍ଷା ଦେବା ସହିତ ବିଭିନ୍ନ ଆକର୍ଷଣୀୟ ପ୍ରିଣ୍ଟରେ ଲୋକଙ୍କୁ ପ୍ରଭାବିତ କରିପାରୁଛି।



# ବିକାଶରେ ପରିସଂଖ୍ୟାନର ଭୂମିକା ଉଲ୍ଲେଖନୀୟ

**ଜାତୀୟ ପରିସଂଖ୍ୟାନ ଦିବସ**




ପ୍ରତିବର୍ଷ ଜୁନ୍ ୨୯ରେ ଜାତୀୟ ପରିସଂଖ୍ୟାନ ଦିବସ ପାଳନ କରାଯାଏ। ପରିସଂଖ୍ୟାନ କ୍ଷେତ୍ରରେ ପ୍ରଫେସର ପ୍ରଶାନ୍ତ ଚନ୍ଦ୍ର ମହାଲନୋବିସଙ୍କ ମହତ୍ତ୍ୱପୂର୍ଣ୍ଣ ଯୋଗଦାନକୁ ଏହି ଦିବସରେ ସ୍ମରଣ କରାଯାଇଥାଏ। ପଦ୍ମବିଭୂଷଣ ମହାଲନୋବିସଙ୍କୁ ଭାରତୀୟ ପରିସଂଖ୍ୟାନର ପିତା କୁହାଯାଏ। ସେ ୧୮୯୩ ଜୁନ ୨୯ରେ ପଶ୍ଚିମବଙ୍ଗରେ ଜନ୍ମ ହୋଇଥିଲେ। ଏଣୁ ଏହି ଦିନଟିକୁ ଜାତୀୟ ପରିସଂଖ୍ୟାନ ଦିବସ ଭାବେ ପାଳନ କରାଯିବା ଲାଗି ସ୍ଥିର କରାଯାଇ ୨୦୦୭ରେ ପ୍ରଥମେ ଏହା ପାଳନ କରାଯାଇଥିଲା।

ବିଭିନ୍ନ ଅର୍ଥନୈତିକ ଓ ସାମାଜିକ ଯୋଜନା ମାଧ୍ୟମରେ ଦେଶର ବିକାଶକୁ ତ୍ୱରାନ୍ୱିତ କରାଯାଉଛି। ଏଥିରେ ପରିସଂଖ୍ୟାନର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ମହାଲନୋବିସ ହୃଦୟଙ୍ଗମ କରିଥିଲେ ଯେ, ସବୁ କ୍ଷେତ୍ରରେ ପରିସଂଖ୍ୟାନର ଉପଯୋଗ ଆର୍ଥିକ ଓ ସାମାଜିକ ବିକାଶକୁ ଆଗେଇ ନେବ। ଯାହାଫଳରେ ସେ ଇଣ୍ଡିଆନ୍ ଷ୍ଟାଟିଷ୍ଟିକ୍ସ ଇନ୍‌ଷ୍ଟିଚ୍ୟୁଟ ବା ଭାରତୀୟ ପରିସଂଖ୍ୟାନ ସଂସ୍ଥା (ଆଇଏସ୍ଆଇ) ପ୍ରତିଷ୍ଠା କରିଥିଲେ। ତା'ପରେ ପରିସଂଖ୍ୟାନଗତ ବିକାଶ ହିଁ ଦେଶକୁ ବିକାଶ ପଥରେ ଆଗେଇ ନେବାରେ ପ୍ରମୁଖ ଭୂମିକା ନେଇଆସୁଛି ବୋଲି କୁହାଯାଇପାରେ। ଏଣୁ ଜାତୀୟ ପରିସଂଖ୍ୟାନ ଦିବସରେ ଯୋଜନା, ବିକାଶ ତଥା ଦୈନନ୍ଦିନ ଜୀବନରେ ପରିସଂଖ୍ୟାନର ଗୁରୁତ୍ୱ ସମ୍ପର୍କରେ ଲୋକମାନଙ୍କୁ ସଚେତନ କରାଯାଇଥାଏ। ମିନିଷ୍ଟ୍ରି ଅଫ୍ ଷ୍ଟାଟିଷ୍ଟିକ୍ସ ଆଣ୍ଡ୍ ପ୍ରୋଗ୍ରାମ ଇମ୍ପ୍ଲିମେଣ୍ଟେଶନ (ଏମ୍ଓଏସ୍‌ପିଆଇ) ଦ୍ୱାରା ସାରା ଦେଶରେ ଏହି ଦିବସ ପାଳନ କରାଯାଏ। ଏହି ଅବସରରେ ଜାତୀୟ ସ୍ତରରେ ବିଭିନ୍ନ କାର୍ଯ୍ୟକ୍ରମ, ଆଲୋଚନାଚକ୍ର ଓ ପ୍ରତିଯୋଗିତାମାନ ଆୟୋଜିତ ହୋଇଥାଏ। ପରିସଂଖ୍ୟାନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଯୋଗ୍ୟ ବ୍ୟକ୍ତିଙ୍କୁ ୨୦୧୯ରେ ଏହି ଦିବସରେ ପ୍ରଥମେ ପ୍ରଫେସର ପି.ସି. ମହାଲନୋବିସ ଜାତୀୟ ପୁରସ୍କାର ପ୍ରଦାନ କରାଯାଇଛି। ଚଳିତ ବର୍ଷ କୋଭିଡ୍-୧୯ ମହାମାରୀ ଯୋଗୁ ଭର୍ଚୁଆଲି ପାଳନ କରଯିବା ଲାଗି ସ୍ଥିର କରାଯାଇଥିବା ଜାତୀୟ ପରିସଂଖ୍ୟାନ ଦିବସରେ ଉକ୍ତ ପୁରସ୍କାର ପ୍ରଦାନ କରାଯିବ। ପ୍ରତିବର୍ଷ ଏକ ନିର୍ଦ୍ଦିଷ୍ଟ ସ୍ଲୋଗାନ୍ ନେଇ ଏହି ଦିବସ ପାଳନ କରାଯାଇ ଆସୁଅଛି।

# ମଇଁଷି ସେବା ପାଇଁ ୬ ଦିନ ଛୁଟି

**ଭୋପାଳ:** ମଧ୍ୟପ୍ରଦେଶ ରେୱା ଜିଲାରେ ଜଣେ କନଷ୍ଟେବଳ ପାଳିତ ମଇଁଷିର ସେବା ପାଇଁ ୬ ଦିନର ଛୁଟି ମାଗିଛନ୍ତି। ଏ ନେଇ ଦେଇଥିବା ଛୁଟି ଦରଖାସ୍ତରେ ସେ ଲେଖିଛନ୍ତି ଯେ, ମଇଁଷି ମୋ ମା' ଭଳି। ତା'ର କ୍ଷୀର ପିଇ ମୁଁ ପୋଲିସ ବିଭାଗରେ ଭର୍ତ୍ତି ହୋଇଛି। ଏବେ ମଇଁଷି ଏକ ଛୁଆ ଜନ୍ମ କରିଛି। ତା'ର ଦେଖାଶୁଣା କରିବା ଲାଗି କେହି ନ ଥିବାରୁ ଏସ୍ଏଏଫ୍-୯ ବାଟାଲିୟନ୍‌ର କନଷ୍ଟେବଳ କୁଳଦୀପ୍ ତୋମର ଏଭଳି ଛୁଟି ଦରଖାସ୍ତ ଲେଖିଛନ୍ତି। ଘରେ ଦୁଇ ମାସ ଧରି କୁଳଦୀପ୍‌ଙ୍କ ମା'ଙ୍କର ଦେହ ଖରାପ ରହିଛି। ତେଣୁ ସେ ମଇଁଷିର ଯତ୍ନ ନେଇ ପାରିବେ ନାହିଁ ବୋଲି ଦରଖାସ୍ତରେ ଉଲ୍ଲେଖ କରାଯାଇଛି। ଦରଖାସ୍ତଟି ଏବେ ସୋସିଆଲ୍ ମିଡ଼ିଆରେ ଭାଇରାଲ ହେବାରେ ଲାଗିଛି। ଏହାକୁ ନେଇ ପୋଲିସ ବିଭାଗ ପକ୍ଷରୁ କୁଳଦୀପ୍‌ଙ୍କୁ ତାଗିଦ୍ କରାଯାଇଛି। ତେବେ ଏହି ଦରଖାସ୍ତ ସେ ଲେଖି ନ ଥିବା କହିଛନ୍ତି। ଅନ୍ୟ କେହି ତାଙ୍କ ନାମରେ ଏଭଳି କରିଥିବା କୁଳଦୀପ୍ ଅଭିଯୋଗ କରିଛନ୍ତି। ଏନେଇ ବାଟାଲିୟନ୍ କମାଣ୍ଡର ଆର୍.ଏସ୍ ମିନା ଘଟଣାର ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି।



# ଦେଶୀ ଷ୍ଟାଇଲ୍‌ରେ ରେସ୍କ୍ୟୁ ଅପରେଶନ


**ନୂଆଦିଲ୍ଲୀ:** ପଶୁପକ୍ଷୀଙ୍କ ପ୍ରତି ଧୀରେ ଧୀରେ ମଣିଷ କ୍ରୂର ହୋଇପଡୁଥିବା ଘଟଣା ଏବେ ବଢ଼ିବାରେ ଲାଗିଛି। କିନ୍ତୁ ଏଭଳି ଏକ ସମୟରେ ପଶୁ ପାଇଁ ବି କିଛି ଲୋକ ନିଜ ଜୀବନକୁ ବିପନ୍ନ କରିବାକୁ ପଛାଉ ନାହାନ୍ତି। ଏମିତି ଏକ ଘଟଣା ଏବେ ସୋସିଆଲ୍ ମିଡିଆରେ ଭାଇରାଲ୍ ହେବାରେ ଲାଗିଛି। ଏକ ଛେଳିକୁ ଉଦ୍ଧାର କରିବା ପାଇଁ ଜଣେ ବ୍ୟକ୍ତି କିଭଳି ନିଜ ଜୀବନକୁ ବାଜି ଲଗାଇ ଦେଉଛନ୍ତି ତା'ର ଏକ ଭିଡିଓ ସୋସିଆଲ ମିଡିଆରେ ଏବେ ବେଶ୍ ଚର୍ଚ୍ଚିତ ହେଉଛି। ଅବଶ୍ୟ ଭିଜୁଆଲ୍‌ଟି ପୁରୁଣା କିନ୍ତୁ ଏବେ ଏହାକୁ ଟୁଇଟରରେ ଶେୟାର କରିଛନ୍ତି ଆସାମର ଏଡିଜି ପୋଲିସ ହର୍‌ଦୀ ସିଂ।



ଭିଡିଓରେ ଦେଖିବାକୁ ମିଳୁଛି ଏକ ଅଣଓସାରିଆ ତଥା ଗଭୀର ଗର୍ତ୍ତ ନିକଟରେ କିଛି ଲୋକ ରହିଛନ୍ତି। ସେମାନେ ଗର୍ତ୍ତରେ ପଡ଼ିଥିବା ଏକ ଛେଳିକୁ ଉଦ୍ଧାର କରିବା ପାଇଁ ଜଣେ ବ୍ୟକ୍ତିଙ୍କୁ ଭିତରକୁ ଠେଲି ଠେଲି ପୂରାଉଛନ୍ତି। କିଛି ସମୟ ପରେ ସେହି ବ୍ୟକ୍ତିଙ୍କୁ ବାହାରେ ଥିବା ଲୋକେ ଭିଡ଼ିବା ପରେ ସେ ଛେଳି ସହିତ ଉପରକୁ ଆସୁଛନ୍ତି। ଏକ ମିନିଟର ଏହି ଭିଜୁଆଲକୁ ଦେଖିଲେ କିଛି ସମୟ ପାଇଁ ଜଣେ ତଟସ୍ଥ ହୋଇଯିବ। ସେଥିପାଇଁ ତ ଏହି ଭିଜୁଆଲଟି ଏବେ ଭାଇରାଲ ହେବାରେ ଲାଗିଛି ଏବଂ ଏହାକୁ ଦେଖିବା ପରେ ଲୋକେ ଭିଡିଓରେ ଥିବା ବ୍ୟକ୍ତିଙ୍କ ସାହସିକତାକୁ ପ୍ରଶଂସା କରିଛନ୍ତି। କୌଣସି ରେସ୍କ୍ୟୁ ଟିମ୍ ସାହାଯ୍ୟ ବିନା ଲୋକଙ୍କର ଏଭଳି ଉପାୟକୁ ଦେଶୀ ଷ୍ଟାଇଲ୍ ବୋଲି ଅନେକେ କହିଛନ୍ତି।

# ବଲିଉଡ୍‌ରେ ଶାହରୁଖ୍‌ଙ୍କ ୨୮ ବର୍ଷ

**ମୁମ୍ବାଇ:** ବଲିଉଡ୍‌ର ବାଦ୍‌ଶାହା, କିଙ୍ଗ ଖାନ୍ ଅଫ୍ ବଲିଉଡ୍ ତଥା ଡନ୍ କଳାକାର ଶାହରୁଖ ଖାଁଙ୍କର ବଲିଉଡ୍ ଇଣ୍ଡଷ୍ଟ୍ରିରେ ୨୮ ବର୍ଷ ପୂରଣ ହୋଇଛି। ଏହାକୁ ନେଇ ସେ ତାଙ୍କ ପ୍ରଶଂସକଙ୍କୁ ଧନ୍ୟବାଦ ଜଣାଇଛନ୍ତି। ସେମାନଙ୍କ ଭଲପାଇବା ହିଁ ତାଙ୍କୁ ବଲିଉଡ୍‌ରେ ଏକ ଭିନ୍ନ କଳାକାରର ପରିଚୟ ଦେଇଛି ବୋଲି ଶାହାରୁଖ ଟୁଇଟ୍ କରି କହିଛନ୍ତି। ସେ ଲେଖିଛନ୍ତି କେତେବେଳେ ମୋର ପାସନ ମୋର




ପର୍ପସ ଓ ପ୍ରଫେସନରେ ପରିଣତ ହେଲା ତାହା ମୁଁ ଜାଣିନି। ହେଲେ ଆପଣମାନଙ୍କ ଭଲପାଇବା ଯୋଗୁ ମୁଁ ଆଜି ବଲିଉଡ୍ ଦୁନିଆରେ ୨୮ ବର୍ଷ ପୂରଣ କରିଛି ବୋଲି ସେ ଲେଖିଛନ୍ତି। ୫୪ ବର୍ଷୀୟ ଏହି କଳାକାର ପ୍ରଥମେ ୧୯୯୪ରେ ମୁଭି 'ଦିୱାନା' ମାଧ୍ୟମରେ ବଲିଉଡ୍‌ରେ ପାଦ ରଖିଥିବା ବେଳେ ପରେ ସେ ତିଆରି କରିଥିଲେ ନିଜର ଏକ ସ୍ୱତନ୍ତ୍ର ପରିଚୟ। ବାଜିଗର, ଡର, ଅନଜାନ ଆଦିରେ ତାଙ୍କୁ ଖଳନାୟକ ଭୂମିକାରେ ଦେଖିବାକୁ ମିଳିଥିବା ବେଳେ ଦିଲୱାଲେ ଦୁଲହନିୟା ଲେ ଜାଏଙ୍ଗେରେ ଜଣେ ରୋମାଣ୍ଟିକ ନାୟକ ଭାବେ ଦର୍ଶକେ ତାଙ୍କ ଅଭିନୟକୁ ବେଶ୍ ପସନ୍ଦ କରିଥିଲେ। ସେହିପରି ଦେବଦାସ, ସ୍ୱେଦେଶ, ଚକ ଦେ ଇଣ୍ଡିଆ, ଚାଇନା ଏକ୍ସପ୍ରେସ ଓ ଡନ୍‌ରେ ତାଙ୍କ ଅଭିନୟକୁ ମଧ୍ୟ ମିଳିଥିଲା ଦର୍ଶକୀୟ ସ୍ୱୀକୃତି। ୧୪ ଥର ଫିଲ୍ମ ଫେୟାର ଆୱାର୍ଡ ଜିତିଥିବା ଶାହାରୁଖ ମଧ୍ୟ ବେସାମରିକ ସମ୍ମାନ ପଦ୍ମଶ୍ରୀ ସମ୍ମାନରେ ସମ୍ମାନୀତ ହୋଇଛନ୍ତି।

# ବୁଦ୍ଧିମତ୍ତା ବଢ଼ାଇବାର ସହଜ ଉପାୟ



ବୁଦ୍ଧିମତ୍ତା ବଢ଼ାଇବାକୁ ଚାହୁଁଛନ୍ତି କି? ଯଦି ହଁ, ତେବେ ଏଥିପାଇଁ ଏକ ସରଳ ଉପାୟ ଆପଣେଇ ପାରନ୍ତି। ଏପରି ବିଷୟକୁ ନେଇ ଗବେଷଣା କରି ସେହି ତାଲିକାରେ ଆଉ ଏକ କଥାକୁ ସାମିଲ କରାଯାଇଛି। ଆଉ ଏଥିରେ ସଫଳ ହୋଇଛନ୍ତି ଲଣ୍ଡନ ୟୁନିଭର୍ସିଟିର ବିଶେଷଜ୍ଞମାନେ। ସଦ୍ୟ ସମାପିତ ଉକ୍ତ ଗବେଷଣାରୁ ଜଣାପଡିଛି ଯେ, ଯଦି ଜଣେ ବ୍ୟକ୍ତି ନିଜ ମଧ୍ୟାହ୍ନଭୋଜନରେ ସବୁବେଳେ ସୁଷମ ଖାଦ୍ୟ ସାମିଲ କରନ୍ତି ତେବେ ତାଙ୍କର ବୁଦ୍ଧିମତ୍ତା କେତେକାଂଶରେ ବୃଦ୍ଧି ପାଇଥାଏ। ଗବେଷଣା ପରିସରଭୁକ୍ତ ବ୍ୟକ୍ତିମାନଙ୍କ ମଧ୍ୟରୁ ଯେଉଁମାନେ ନିୟମିତ ଏପରି ଖାଦ୍ୟ ଖାଉଥିଲେ ସେମାନଙ୍କର ବୁଦ୍ଧିମତ୍ତା ପୂର୍ବାପେକ୍ଷା ପ୍ରଖର ହେଉଥିବାର ଉକ୍ତ ୟୁନିଭର୍ସିଟିର ବିଶେଷଜ୍ଞମାନେ ଜାଣିବାକୁ ପାଇଥିଲେ।

# ନିଃସଙ୍ଗତା ଦୂର କରିବ ରୋବୋ



ଏଣିକି ନିଃସଙ୍ଗତା ଦୂର କରିବାରେ ସହାୟକ ହୋଇପାରିବ। ଏପରି ଏକ ହାଇଟେକ୍ ରୋବୋ ପ୍ରସ୍ତୁତ କରିବାରେ ସମର୍ଥ ହୋଇଛନ୍ତି ଜାପାନର ବୈଜ୍ଞାନିକମାନେ। ଷ୍ଟ୍ରୋକ୍ ରୋଗୀଙ୍କୁ ସହାୟତା କରୁଥିବା ରୋବୋ ଉପରେ ଅଧିକ ଗବେଷଣା କରିବା ସମୟରେ ସେମାନେ ଏପରି ସଫଳତା ହାସଲ କରିଛନ୍ତି। ନିଃସଙ୍ଗ ବ୍ୟକ୍ତିଙ୍କ ମନ କଥାକୁ ବୁଝିବା ସହ ତାଙ୍କର ମନରୁ କିପରି ନିଃସଙ୍ଗତା ଦୂର କରାଯାଇପାରିବ ସେ ନେଇ ଟିପ୍ସ ଦେଇପାରିବ। ତା'ସହ ସେମାନଙ୍କର ମନ ପସନ୍ଦର ଗୀତ ମଧ୍ୟ ଶୁଣାଇପାରିବ। ତା' ସହ ଖାଇବା, ବିଶ୍ରାମ ନେବା ସମୟ ବିଷୟରେ ମଧ୍ୟ ଉକ୍ତ ରୋବୋ ସୂଚନା ଦେଇପାରିବ ବୋଲି ପ୍ରକାଶିତ ରିପୋର୍ଟରୁ ଜଣାପଡ଼ିଛି।

# ପୃଥିବୀ ପ୍ରତି ଗ୍ରହାଣୁ ବିପଦ

"ଗ୍ରହାଣୁଗୁଡ଼ିକର ଆକାର ଛୋଟ ଗୋଡ଼ି ଆକାରଠାରୁ ଆରମ୍ଭ କରି ୧୦୦ କିମି ପର୍ଯ୍ୟନ୍ତ ଅଛି। ଏଗୁଡ଼ିକ ସୂର୍ଯ୍ୟକୁ ପରିକ୍ରମଣ କରୁଥିଲେ ସୁଦ୍ଧା ଆକାର ଅତି ଛୋଟ ଥିବାରୁ ଏଗୁଡିକୁ ଗ୍ରହାଣୁ କୁହାଯାଉଛି। ଇଟାଲି ବୈଜ୍ଞାନିକ ଜିଉସେପେ ପିଆଜ୍ଜି ୧୮୦୧ ଜାନୁୟାରୀ ୧ ତାରିଖରେ ପ୍ରଥମ ଗ୍ରହାଣୁକୁ ଆବିଷ୍କାର କରିଥିଲେ। ଏହାର ନାମ ହେଉଛି ସେରେସ୍ ଓ ସମସ୍ତ ଗ୍ରହାଣୁ ମଧ୍ୟରେ ଏହା ହେଉଛି ବୃହତ୍ତମ। ଏହାର ବ୍ୟାସ ହେଉଛି ୯୫୫ କି.ମି।"





ଇଂ. ମାୟାଧର ସ୍ୱାଇଁ

ଗ୍ରହାଣୁ ହେଉଛି ସୂର୍ଯ୍ୟକୁ ପରିକ୍ରମଣ କରୁଥିବା ପଥୁରିଆ ବସ୍ତୁପିଣ୍ଡ। ମଙ୍ଗଳ ଓ ବୃହସ୍ପତି ଗ୍ରହ କକ୍ଷ ମଧ୍ୟରେ ସୂର୍ଯ୍ୟଠାରୁ ୩୨ କୋଟିରୁ ୪୪କୋଟି କିମି ଦୂରରେ ଗ୍ରହାଣୁଗୁଡିକର କକ୍ଷ ରହିଛି। ଏହାକୁ 'ଗ୍ରହଣ ବଳୟ' କୁହାଯାଏ। ସୌରଜଗତର ବିଭିନ୍ନ ଗ୍ରହ ଓ ଉପଗ୍ରହ ଗଠନ ହେବା ପରେ ବଳକା ହୋଇ ରହିଯାଇଥିବା କିଛି ଆଦିବସ୍ତୁ ହେଉଛି ଏହି ଗ୍ରହାଣୁ ପୁଞ୍ଜ। କେତେକ ବୈଜ୍ଞାନିକ ବିଶ୍ୱାସ କରନ୍ତି ଯେ, ବର୍ତ୍ତମାନ ଯେଉଁ କକ୍ଷରେ ଗ୍ରହାଣୁଗୁଡିକ ସୂର୍ଯ୍ୟଙ୍କୁ ପରିକ୍ରମଣ କରୁଛନ୍ତି, ସେଠାରେ ବହୁ ବର୍ଷ ପୂର୍ବେ ଗୋଟିଏ ଗ୍ରହ ଥିଲା ଏବଂ କୌଣସି କାରଣରୁ ତାହା ଭାଙ୍ଗି ଯାଇ ଅନେକ ଗ୍ରହାଣୁରେ ପରିଣତ ହୋଇଛି। ଗ୍ରହାଣୁଗୁଡିକର ଆକାର ଛୋଟ ଗୋଡି ଆକାରଠାରୁ ଆରମ୍ଭ କରି ୧୦୦ କିମି ପର୍ଯ୍ୟନ୍ତ ଅଛି। ଏଗୁଡିକ ସୂର୍ଯ୍ୟକୁ ପରିକ୍ରମଣ କରୁଥିଲେ ସୁଦ୍ଧା ଆକାର ଅତି ଛୋଟ ଥିବାରୁ ଏଗୁଡିକୁ ଗ୍ରହାଣୁ କୁହାଯାଉଛି। ଇଟାଲି ବୈଜ୍ଞାନିକ ଜିଉସେପେ ପିଆଜ୍ଜି ୧୮୦୧ ଜାନୁୟାରୀ ୧ ତାରିଖରେ ପ୍ରଥମ ଗ୍ରହାଣୁକୁ ଆବିଷ୍କାର କରିଥିଲେ। ଏହାର ନାମ ହେଉଛି ସେରେସ୍ ଓ ସମସ୍ତ ଗ୍ରହାଣୁ ମଧ୍ୟରେ ଏହା ହେଉଛି ବୃହତ୍ତମ। ଏହାର ବ୍ୟାସ ହେଉଛି ୯୫୫ କି.ମି.। ଆବିଷ୍କାର ପରେ କେତେ ବର୍ଷ ପର୍ଯ୍ୟନ୍ତ ଏହା ଗୋଟିଏ ଗ୍ରହର ମାନ୍ୟତା ପାଇଥିଲା। ମାତ୍ର ଏହି ବଳୟରେ ଆଉ କୌଣସି ବସ୍ତୁପିଣ୍ଡ ଆବିଷ୍କୃତ ହେବା ପରେ ଏସବୁକୁ ଗ୍ରହାଣୁ କୁହାଗଲା। ପ୍ରାୟ ଏକା କକ୍ଷରେ ଏତେଗୁଡିଏ କ୍ଷୁଦ୍ରପିଣ୍ଡ ରହିଥିବାରୁ ଇଂରେଜ ଜ୍ୟୋତିର୍ବିଦ ଇଉଲିୟମ ହରଶେଲ ଏସବୁର ନାମ ଗ୍ରହାଣୁ ରଖିଥିଲେ। ବର୍ତ୍ତମାନ ସୁଦ୍ଧା ପାଞ୍ଚ ଲକ୍ଷରୁ ଅଧିକ ଗ୍ରହାଣୁ ଚିହ୍ନଟ କରାଯାଇଛି।

କେତେକ ଶ୍ରେଣୀର ଗ୍ରହାଣୁ ହେଉଛି ପୃଥିବୀବାସୀଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ। ଏଗୁଡିକ ସୂର୍ଯ୍ୟ ପରିକ୍ରମା ଭିତରେ ବେଳେବେଳେ ପୃଥିବୀ କକ୍ଷର ନିକଟକୁ ଚାଲି ଆସିଥାଆନ୍ତି। ଏଗୁଡିକୁ ପୃଥିବୀ ସମୀପବର୍ତ୍ତୀ ବସ୍ତୁପିଣ୍ଡ କୁହାଯାଏ। ଏହାର ପ୍ରଥମ ଉଦାହରଣ ହେଉଛି 'ହାରମେସ୍'। ଏକ କିମି ବ୍ୟାସ ବିଶିଷ୍ଟ ଏହି ଗ୍ରହାଣୁ ୧୯୩୭ରେ ପୃଥିବୀଠାରୁ ୭୭୨ କିମି ଦେଇ ଯାଇଥିଲା। ଅନ୍ୟ ଏକ ଗ୍ରହାଣୁ ଇକାରସ୍ ୧୯୪୯ ଏବଂ ୧୯୬୮ରେ ପୃଥିବୀର ଖୁବ୍ ନିକଟକୁ ଚାଲି ଆସିଥିଲା। ସେତେବେଳେ ପୃଥିବୀଠାରୁ ଏହାର ଦୂରତା ଥିଲା ୨୬୪ ଲକ୍ଷ କିମି। ଏହାକୁ ଗ୍ରହାଣୁ ବୋମା ଭାବେ ବ୍ୟବହାର କରି ରୁଷ ଓ ଆମେରିକା ପରସ୍ପରକୁ ଧ୍ୱଂସ କରିବାକୁ ଚିନ୍ତା କରୁଥିଲେ। ଚଳିତବର୍ଷ ଜୁନ୍ ୫ରେ ଗ୍ରହାଣୁ '୨୦୨୦ଏଲଡି' ପୃଥିବୀଠାରୁ ୩୦୬୬୭୫ କିମି ଦୂରରେ ଚାଲିଗଲା। ଏହି ଦୂରତା ଥିଲା ପୃଥିବୀଠାରୁ ଚନ୍ଦ୍ର ଦୂରତାର ୮୦ ପ୍ରତିଶତ। ମାତ୍ର ଆଶ୍ଚର୍ଯ୍ୟର କଥା ଯେ ୧୨୨ ମିଟର ଚଉଡାର ଏହି ଗ୍ରହାଣୁକୁ ହାୱାଇ ଦ୍ୱୀପ ମଉନା ଲୋଆଠାରେ ଥିବା ଦୂରବୀକ୍ଷଣ ଯନ୍ତ୍ର ଜୁନ୍ ୭ରେ ଠାବ କଲା। ପୂର୍ବରୁ ଚିହ୍ନଟ ହୋଇ ନ ଥିବା ପୃଥିବୀ ନିକଟ ଦେଇ ଚାଲିଯାଇଥିବା କେତେଗୁଡିଏ ବଡ ଗ୍ରହାଣୁ ମଧ୍ୟରେ ଏହା ହେଉଛି ଅନ୍ୟତମ।

ପୃଥିବୀ ପୃଷ୍ଠରେ କୌଣସି ଗ୍ରହାଣୁ ପଡିଲେ ତାହା ଅକଳନୀୟ କ୍ଷତି କରିବ। ଯୁକ୍ତରାଷ୍ଟ୍ର ଆମେରିକାର ଆରିଜୋନାଠାରେ ୫୦୦୦୦ ବର୍ଷ ପୂର୍ବେ ୪୬ ମିଟର ବ୍ୟାସର ଏ ଗ୍ରହାଣୁ ପଡି ୧୨୦୦ ମିଟର ବ୍ୟାସର ଗର୍ତ୍ତ ସୃଷ୍ଟି ହୋଇଛି। ୧୯୦୮ ଜୁନ୍ ୩୦ ତାରିଖରେ ରୁଷିଆର ସାଇବେରିଆ ଅଞ୍ଚଳରେ ତୁଙ୍ଗୁସ୍କାଠାରେ ଘଟିଥିବା ଗ୍ରହାଣୁ ସଂଘାତ ହେଉଛି ବୃହତ୍ତମ। ଏଥିଯୋଗୁ ପ୍ରାୟ ୨୦୦୦ ବର୍ଗ କିମି ପରିମିତ ଅଞ୍ଚଳର ଜଙ୍ଗଲ ଧ୍ୱଂସ ପାଇ ଯାଇଥିଲା ଏବଂ ପ୍ରାୟ ଆଠ କୋଟି ଗଛ ଭାଙ୍ଗି ଯାଇଥିଲା। ଏହି ଅଞ୍ଚଳର ଲୋକସଂଖ୍ୟା ବହୁତ କମ ଥିଲା। ରୁଷ ସରକାର ମୃତାହତ ସଂଖ୍ୟା ପ୍ରକାଶ କରି ନ ଥିଲେ। ସେହିପରି ୨୦୧୩ ଫେବୃୟାରୀ ୧୫ ତାରିଖରେ ରୁଷିଆର ଚେଲିବିନସ୍କଠାରେ ୨୦ ମିଟର ବ୍ୟାସର ଗୋଟିଏ ଗ୍ରହାଣୁ ସଂଘାତ କରିଥିଲା। ଏହା ଗୋଟିଏ ବିରାଟ ଗର୍ତ୍ତ ସୃଷ୍ଟି କରିଥିଲା। କ୍ଷୟକ୍ଷତିର ପରିମାଣ କେବଳ ଗ୍ରହାଣୁର ଆକାର ଉପରେ ନିର୍ଭର କରି ନ ଥାଏ, ଗ୍ରହାଣୁର ସଂରଚନା ଓ ପୃଥିବୀର ବାୟୁମଣ୍ଡଳରେ ପ୍ରବେଶ କୋଣ ଉପରେ ମଧ୍ୟ କ୍ଷୟକ୍ଷତିର ପରିମାଣ ନିର୍ଭର କରେ।

ଜ୍ୟୋତିର୍ବିଦମାନେ ପୃଥିବୀ ସମୀପବର୍ତ୍ତୀ ୧୯,୨୬୬ଟି ଗ୍ରହାଣୁକୁ ଚିହ୍ନଟ କରିଛନ୍ତି। ଏଥିମଧ୍ୟରୁ ୯୦୦ଟିର ବ୍ୟାସ ହେଉଛି ଏକ କିମିରୁ ଅଧିକ। ଜ୍ୟୋତିର୍ବିଦମାନେ ଗଣନା କରିଛନ୍ତି ଯେ, ୩୪୦ ମିଟର ବ୍ୟାସର ୯୯,୯୪୨ ଆପୋଫିସ୍ ଗ୍ରହାଣୁ ୨୦୨୯ ଏପ୍ରିଲ ୧୩ ତାରିଖରେ ପୃଥିବୀ ପୃଷ୍ଠରୁ ୩୧,୦୦୦ ଉଚ୍ଚ ଦେଇ ଚାଲିଯିବ। ଏହା ପୃଥିବୀ ପ୍ରତି ବିପଦ ସୃଷ୍ଟି ନ କଲେ ମଧ୍ୟ ସେହି ଦୂରତାରେ ଅବସ୍ଥିତ ଥିବା କୃତ୍ରିମ ଉପଗ୍ରହକୁ କ୍ଷତି ପହଞ୍ଚାଇପାରେ। ସେହିପରି ୪୯୦ମିଟର ବ୍ୟାସର ବେଣ୍ଣୁ ଗ୍ରହାଣୁ ୨୧୭୫ରୁ ୨୧୯୯ ମସିହା ମଧ୍ୟରେ ଅତି ନିକଟ ଦେଇ ଗତି କରିବ ବୋଲି ଗଣନା କରାଯାଇଛି। ଆମେ ଏ ପର୍ଯ୍ୟନ୍ତ ସମସ୍ତ ପୃଥିବୀ-ସମୀପବର୍ତ୍ତୀ ଗ୍ରହାଣୁଗୁଡିକୁ ଚିହ୍ନଟ କରିପାରିନାହେଁ। ଏଣୁ ପୃଥିବୀ ସହିତ କୌଣସି ପ୍ରକାର ଗ୍ରହାଣୁ ସଂଘର୍ଷର ଆଶଙ୍କାକୁ ଏଡାଇ ହେବ ନାହିଁ।

ବୈଜ୍ଞାନିକମାନେ ପୃଥିବୀ ସହିତ ଗ୍ରହାଣୁ ସଂଘର୍ଷ ଏଡାଇବା ପାଇଁ ଗବେଷଣା କରୁଛନ୍ତି ଓ ଉପାୟ ବାହାର କରିଛନ୍ତି। ପ୍ରଥମଟି ହେଉଛି ପୃଥିବୀ ଆଡକୁ ଆସୁଥିବା ଗ୍ରହାଣୁକୁ ଆଣବିକ ବୋମା ଦ୍ୱାରା ଧ୍ୱଂସ କରିଦେବା। ଦ୍ୱିତୀୟ ଉପାୟଟି ହେଉଛି ଗ୍ରହାଣୁ ସହିତ ଗୋଟିଏ ମହାକାଶ ଯାନ ସଂଘର୍ଷ କରାଇ ତାହାର ଗତିପଥକୁ ବଦଳାଇ ଦେବା। ଯୁକ୍ତରାଷ୍ଟ୍ର ଆମେରିକା ୨୦୨୬ ମସିହାରେ ଗ୍ରହାଣୁ 'ସାଇକେ' ପାଖକୁ ଏହିପରି ଏକ ମହାକାଶ ଯାନ ପଠାଇ ତା'ର ଗତିପଥକୁ ପରିବର୍ତ୍ତନ କରିବା ପାଇଁ ଯୋଜନା କରିଛି। କିନ୍ତୁ ଏହି ଦୁଇଟି ଉପାୟ କାର୍ଯ୍ୟ କରିବ ଯଦି ଆମେ ସମସ୍ତ ପୃଥିବୀ-ସମୀପବର୍ତ୍ତୀ ଗ୍ରହାଣୁଗୁଡିକୁ ଚିହ୍ନଟ କରିପାରିବା। ଚଳିତବର୍ଷ ଜୁନ୍ ୫ ତାରିଖରେ ଗୋଟିଏ ଗ୍ରହାଣୁ ଆମ ପୃଥିବୀର ନିକଟ ଦେଇ ଚାଲିଗଲା ଅଥଚ ଆମେ ଦୁଇ ଦିନ ପରେ ତାହାର ସନ୍ଧାନ ପାଇଲେ। ବୈଜ୍ଞାନିକମାନେ ପ୍ରକାଶ କରିଛନ୍ତି ଯେ କୌଣସି ଗ୍ରହାଣୁକୁ ତାହାର ଗତିପଥ ବିଚ୍ୟୁତ କରିବା ପାଇଁ ଆମକୁ ଅତିକମ୍‌ରେ ପାଞ୍ଚବର୍ଷର ପ୍ରସ୍ତୁତି ଆବଶ୍ୟକ। ଏଣୁ ଏହି ସମୟ ପୂର୍ବରୁ ଗ୍ରହାଣୁଟିର ଚିହ୍ନଟ ନିହାତି ଦରକାର।

ପୃଥିବୀ ପ୍ରତି ଗ୍ରହାଣୁଗୁଡିକ ବିପଦ ପାଇଁ ସଚେତନତା ସୃଷ୍ଟି କରିବା ଲାଗି ମିଳିତ ଜାତିସଂଘ ଜୁନ୍ ୩୦କୁ 'ବିଶ୍ୱ ଗ୍ରହାଣୁ ଦିବସ' ଭାବେ ଘୋଷଣା କରିଛି। ୧୯୦୮ ମସିହା ଜୁନ୍ ୩୦ ତାରିଖରେ ରୁଷିଆର ତୁଙ୍ଗୁସ୍କାଠାରେ ଗ୍ରହାଣୁ ସଂଘାତ ହୋଇଥିଲା। ସେଥିପାଇଁ ଜୁନ୍ ୩୦ ତାରିଖକୁ 'ବିଶ୍ୱ ଗ୍ରହାଣୁ ଦିବସ ଭାବେ ନିର୍ବାଚନ କରାଯାଇଛି।



-୭୦, ଲକ୍ଷ୍ମୀବିହାର,
ଫେଜ୍-୧, ଭୁବନେଶ୍ୱର
ମୋ : ୯୪୩୮୬୯୩୭୨୪

# ବଜ୍ରପାତ-ବିଜୁଳି ଦ୍ୱାରା ବାୟୁ ବିଶୋଧନ



ଡ. ମାନସ ରଞ୍ଜନ ସେନାପତି

ପ୍ରକୃତି ତାହାର ପରିବେଶକୁ ସଜାଡ଼ିବାକୁ ମଧ୍ୟ ପ୍ରୟାସ କରିଥାଏ। ପ୍ରାକୃତିକ ଉପାୟରେ ବାୟୁମଣ୍ଡଳର ବିଶୋଧନ ଏହାର ଏକ ଉଦାହରଣ। ବଜ୍ରପାତ ଓ ବିଜୁଳି ଦ୍ୱାରା ବାୟୁମଣ୍ଡଳ ଟ୍ରାଟୋସ୍ଫିୟରରେ ଓଜୋନ୍ ବାଷ୍ପର ସୃଷ୍ଟି ହୋଇଥାଏ। ଓଜନ ଏକ ବିଶୋଧକ ଏବଂ ଏହା ବାୟୁମଣ୍ଡଳ ବିଶୋଧନରେ ସହାୟକ ହୋଇଥାଏ। ତେଣୁ ବଜ୍ରପାତ ଓ ବିଜୁଳି ପରେ ଆମକୁ ତାଜା ଏବଂ ସ୍ୱଚ୍ଛ ବାୟୁର ବାତାବରଣ ଅନୁଭୂତ ହୋଇଥାଏ। ସେହିପରି ଟାଣ ଖରାରେ ଲୁଗାପଟା ଶୁଖାଇଲା ପରେ ସେଥିରୁ ମଧ୍ୟ ଏହା ଅନୁଭବ ହୋଇଥାଏ। ବିଜୁଳି ସମୟରେ ବାୟୁ ୩୦,୦୦୦ ଡିଗ୍ରୀ ସେଲସିୟସ ପର୍ଯ୍ୟନ୍ତ ଉତ୍ତପ୍ତ ହୋଇଥାଏ। ବାୟୁର ବିସ୍ତାର ଦ୍ୱାରା ବଜ୍ର ଧ୍ୱନି ସୃଷ୍ଟି ହୋଇଥାଏ, ଯାହା କି ଆମେ ଶୁଣିଥାଉ। ତେଣୁ ବିଜୁଳି ପରେ ଘଡଘଡି ଶବ୍ଦ ଆସିଥାଏ। ବିଜୁଳି ଦ୍ୱାରା ବାୟୁ ଉତ୍ତପ୍ତ ହୋଇ ଅମ୍ଳଜାନ ଅଣୁ ଭାଙ୍ଗି ପରମାଣୁରେ ପରିଣତ ହୋଇଥାଏ। ଅମ୍ଳଜାନ ପରମାଣୁ କିଛି ଅମ୍ଳଜାନ ଅଣୁ ସହ ମିଶି ଓଜନ ଅଣୁରେ ପରିଣତ ହୋଇଥାଏ। ତେଣୁ ଏହିପରି ଟ୍ରାପୋସ୍ଫିୟରରେ ଓଜନ ଅଣୁର ସୃଷ୍ଟି ହୋଇଥାଏ, ଯାହାଦ୍ୱାରା ବଜ୍ରପାତ ପରେ ଆମକୁ ଘର ବାହାରେ ଓଜୋନ ବାଷ୍ପର ସ୍ୱଚ୍ଛତା ବାରି ହୋଇଥାଏ। ଏହାଦ୍ୱାରା ବାୟୁ ଅପେକ୍ଷାକୃତ ଭାବେ ତାଜା ହୋଇଯାଏ। ଓଜୋନ ଅକ୍ସିଡେସନ ଦ୍ୱାରା ବାୟୁମଣ୍ଡଳରେ ଥିବା ଜୀବାଣୁ ଓ ଭୂତାଣୁ ଆଦିକୁ ନଷ୍ଟ କରିବାରେ ସକ୍ଷମ ହୋଇଥାଏ। ତେଣୁ ବାୟୁମଣ୍ଡଳ ଅପେକ୍ଷାକୃତ ଭାବେ ଶୁଦ୍ଧ ହୋଇଥାଏ, ଯାହା ଆମ ବଜ୍ରପାତ ପରେ ଅନୁଭବ କରିଥାଉ। ଓଜୋନର ବ୍ୟାକ୍ଟେରିୟାକୁ ମାରିବାର କ୍ଷମତା କ୍ଲୋରିନ୍‌ଠାରୁ ୩୨୦୦ଗୁଣା ଅଧିକ। କରୋନା ମହାମାରୀ ସମୟରେ ବଜ୍ରପାତ ଓ ବିଜୁଳି ଆମକୁ ବିଶୁଦ୍ଧ ବାୟୁମଣ୍ଡଳ ଦେଇପାରୁଛି, ଯାହା କି ପ୍ରକୃତିଦତ୍ତ ବାୟୁମଣ୍ଡଳକୁ ବିଶୁଦ୍ଧ କରିବା ପାଇଁ କୋଭିଡ୍-୧୯ ଉପଲକ୍ଷେ ଆମ ଦେଶ ଓ ଅନ୍ୟ ଦେଶରେ ବିଶୋଧନ କରାଯାଉଥିବା ବେଳେ ପ୍ରକୃତି ସ୍ୱୟଂ ବିଶୋଧନ କରିପାରୁଛି।



-ଡିନ୍, ବିଜ୍ଞାନ, ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର
ମୋ : ୯୪୩୭୨୩୭୭୯୭

# ଉପକାରୀ ସାଲାଡ୍



- ସାଲାଡରେ ଫାଇବର ଭରି ରହିଛି। ନିୟମିତ ସାଲାଡ୍ ଖାଇଲେ ଶରୀରରେ ଥିବା ଖରାପ କୋଲେଷ୍ଟରଲ ବାହାରି ଯାଇଥାଏ।
- ଡାଇବେଟିସ୍ ରୋଗୀ ଏହାକୁ ଖାଦ୍ୟ ତାଲିକାରେ ସାମିଲ କରିପାରନ୍ତି।
- ସାଲାଡ୍ ଖାଇଲେ ଓଜନ ସନ୍ତୁଳିତ ରହିଥାଏ।
- ନିୟମିତ ସାଲାଡ ଖାଇବା ଦ୍ୱାରା ହୃଦରୋଗ, ଷ୍ଟ୍ରୋକ୍ ପରି ଆଶଙ୍କା ଅନେକାଂଶରେ ଦୂର ହୋଇଥାଏ ବୋଲି ସଦ୍ୟତମ ଗବେଷଣାରୁ ଜଣାପଡିଛି।
- ସାଲାଡ୍ ଖାଇଲେ ଭଲ ନିଦ ହୋଇଥାଏ।
- ସବୁଠାରୁ ଖାସ୍ କଥା ହେଲା ସାଲାଡ୍ ଖାଇବା ଦ୍ୱାରା ପାଚନ କ୍ରିୟା ଆହୁରି ସକ୍ରିୟ ହୋଇଥାଏ।
- ଏହା ରୋଗ ପ୍ରତିରୋଧକ ଶକ୍ତି ମଧ୍ୟ ବଢ଼ାଇଥାଏ।
- ସବୁବେଳେ ସାଲାଡ୍ ଖାଇବା ଦ୍ୱାରା ମାଂସପେଶୀ ଦୃଢ଼ ହୋଇଥାଏ।

# ସ୍ୱାସ୍ଥ୍ୟ ସୂଚନା

- ନିଜ ଖାଦ୍ୟ ତାଲିକାରେ ତଟକା ଫଳମୂଳ ଏବଂ ସବୁଜ ପନିପରିବା ସାମିଲ କରନ୍ତୁ।
- ଲୋଭର ବଶବର୍ତ୍ତୀ ହୋଇ ଏକାଥରେ ପୁଳାଏ ଖାଦ୍ୟ ଖାଆନ୍ତୁ ନାହିଁ। ନିଜକୁ ସୁସ୍ଥ ରଖିବାକୁ ସବୁବେଳେ ସୁଷମ ଖାଦ୍ୟ ଖାଆନ୍ତୁ।
- ମଧ୍ୟାହ୍ନଭୋଜନ ହେଉ ଅବା ରାତ୍ର ଭୋଜନ ପୂର୍ବରୁ ସାଲାଡ୍ ଖାଆନ୍ତୁ। ଏହା ଖାଦ୍ୟ ହଜମ କରିବାରେ ସହାୟକ ହୋଇଥାଏ।
- ରାତିରେ ଯେତେ ସମ୍ଭବ କମ୍ ତଥା ହାଲକା ଖାଦ୍ୟ ଖାଆନ୍ତୁ। ରାତ୍ରିଭୋଜନ ଏବଂ ଶୋଇବା ସମୟ ମଧ୍ୟରେ ଅତିକମ୍‌ରେ ଦୁଇ ଘଣ୍ଟା ବ୍ୟବଧାନ ରହିବା ଭଲ।
- ରାତିରେ ଖାଇ ସାରିବା ପରେ କିଛି ସମୟ ଚଲାବୁଲା କରନ୍ତୁ। ଏହାଦ୍ୱାରା ଖାଦ୍ୟ ସହଜରେ ହଜମ ହୋଇଥାଏ ଏବଂ ଭଲ ନିଦ ହୋଇଥାଏ।
- ଫାଷ୍ଟ ଫୁଡ୍ ଏବଂ ପ୍ୟାକ୍ ହୋଇଥିବା ଖାଦ୍ୟ ଯେତେ କମ୍ ଖାଇବେ ତାହା ସ୍ୱାସ୍ଥ୍ୟ ପାଇଁ ସେତେ ଭଲ।
- ସବୁବେଳେ ଟେନସନରେ ରହନ୍ତୁ ନାହିଁ। ଏ ନେଇ ଅଧିକ ଚିନ୍ତା କରିବା ଅପେକ୍ଷା, ତାକୁ କିପରି ଦୂର କରିବେ ତାହାର ବାଟ ବାହାର କରନ୍ତୁ।
- ଦୈନନ୍ଦିନ ଜୀବନ ତାଲିକାରେ ବ୍ରେକ୍‌ଫାଷ୍ଟ ସାମିଲ କରନ୍ତୁ।



## ମଳିପଡ଼ା କଣ୍ଟେନମେଣ୍ଟ ଜୋନ୍

ଖୋର୍ଦ୍ଧା ଅଫିସ: ଖୋର୍ଦ୍ଧା ବ୍ଲକ ଅନ୍ତର୍ଗତ ମଳିପଡ଼ା ଅଞ୍ଚଳକୁ ରବିବାର ଜିଲାପାଳ ଶୀତାଂଶୁ କୁମାର ରାଉତ କଣ୍ଟେନମେଣ୍ଟ ଜୋନ ଭାବେ ଘୋଷଣା କରିଛନ୍ତି। ରବିବାର ଠାରୁ ଜୁଲାଇ ୧ ତାରିଖ ପର୍ଯ୍ୟନ୍ତ କଟକଣା ବଳବତ୍ତର ରହିବ। ବାହାର ବ୍ୟକ୍ତି ଏହି ଅଞ୍ଚଳରେ ପ୍ରବେଶ ନେଇ କଟକଣା କରାଯାଇଛି। ଅଗ୍ନିଶମ ବିଭାଗ ପକ୍ଷରୁ ଏହି ଅଞ୍ଚଳକୁ ସାନିଟାଇଜ୍ କରାଯାଇଛି। ସ୍ୱାସ୍ଥ୍ୟ ଟିମ୍ ଘରକୁ ଘରକୁ ବୁଲି ସ୍ୱାସ୍ଥ୍ୟ ସମ୍ପର୍କରେ ତଥ୍ୟ ସଂଗ୍ରହ କରିବେ ବୋଲି ଜିଲାପାଳ କହିଛନ୍ତି। ସୂଚନା ଅନୁଯାୟୀ, ମଳିପଡ଼ାସ୍ଥିତ ଏକ ଘରୋଇ ଶିଳ୍ପସଂସ୍ଥାରେ କାର୍ଯ୍ୟରତ ଜଣେ କର୍ମଚାରୀଙ୍କ ରିପୋର୍ଟ ପଜିଟିଭ ଆସିବା ପରେ ଲୋକଙ୍କ ସୁରକ୍ଷା ଦୃଷ୍ଟିରୁ ଉକ୍ତ ଅଞ୍ଚଳକୁ କଣ୍ଟେନମେଣ୍ଟ ଘୋଷଣା କରାଯାଇଛି ବୋଲି ଜିଲାପାଳ କହିଛନ୍ତି ।

**ସଂକ୍ଷେପରେ**

## ସାହାଯ୍ୟ ବାହାନାରେ ଚେନ୍ ଲୁଟ୍, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୨୮।୬ (ବ୍ୟୁରୋ): ସାହାଯ୍ୟ କରିବା ବାହାନାରେ ସୁନା ଚେନ୍ ଝାମ୍ପି ନେବା ଘଟଣାରେ ମଞ୍ଚେଶ୍ୱର ପୋଲିସ ଜଣେ ଲୁଟ୍ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ହାଡ଼ବାଇ ବସ୍ତିର ଅଶୋକ ଦାଶ(୨୩)। ତାଙ୍କଠାରୁ ପୋଲିସ ଲୁଟ ସୁନା ଚେନ୍‌କୁ ଜବତ କରି କୋର୍ଟ ଚାଲାଣ କରିଛି। ପଟିଆ ଷ୍ଟେଶନ ରୋଡ଼ରେ ଅଭିଯୋଗକାରୀ ପ୍ରିୟବ୍ରତ ବେହେରା ରୁହନ୍ତି। ଗତ ୨୬ ତାରିଖରେ ପ୍ରିୟବ୍ରତ ବାଇକରେ ବମିଖାଲରୁ ମଞ୍ଚେଶ୍ୱର କେନାଲରୋଡ଼ ଦେଇ ଘରକୁ ଫେରୁଥିଲେ। ହାଡ଼ବାଇ ବସ୍ତି ନିକଟରେ ତାଙ୍କ ବାଇକରୁ ତେଲ ସରିଯିବାରୁ ଗାଡ଼ିକୁ ଗଡେଇ ଯାଉଥିଲେ। ଅଶୋକ ସହଯୋଗ କରିବା ବାହାନାରେ ଆସି ତାଙ୍କ ବେକରୁ ସୁନା ଚେନ୍ ଛାମ୍ପି ନେଇଥିଲେ। ପ୍ରିୟବ୍ରତ ଥାନାରେ ଅଭିଯୋଗ କରିବା ପରେ ପୋଲିସ କେସ୍ ନଂ.୨୦୧/୨୦ ରୁଜୁ କରି ତଦନ୍ତ ଚଳାଇଥିଲା।

## ଟ୍ରିମ୍ସ ପକ୍ଷରୁ ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି

କଟକ ଅଫିସ,୨୮।୬: ଶହୀଦ ଯବାନଙ୍କୁ 'ଟ୍ରିମ୍ସ ଶିକ୍ଷାନୁଷ୍ଠାନ ସମୂହ' ପକ୍ଷରୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ଶିକ୍ଷାନୁଷ୍ଠାନର ମୁଖ୍ୟ ପ୍ରଶାସନିକ ଭବନଠାରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। 'ଟ୍ରିମ୍ସ'ର ଅଧକ୍ଷ ପ୍ରମୋଦ ଚନ୍ଦ୍ର ରଥ କାର୍ଯ୍ୟକ୍ରମରେ ପୌରୋହିତ୍ୟ କରିଥିଲେ। ସେ ଦେଶର ଏକତା ଓ ଅଖଣ୍ଡତା ଅକ୍ଷୁଣ୍ଣ ରଖିବାକୁ ଆହ୍ୱାନ ଦେଇଥିଲେ। ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ନିର୍ଦ୍ଦେଶକ ଲୋକନାଥ ବେହେରା, ପ୍ରଶାସନିକ ଅଧିକାରୀ ଆଶୁତୋଷ ଦ୍ୱିବେଦୀ, ଅଧିକାରୀ ମୋହିନୀ ମୋହନ ରଥ, ବିତ୍ତ ବିଭାଗର ଅଧିକାରୀ ପ୍ରସନ୍ନ କୁମାର ସାହୁ, ନାରାୟଣ ମିଶ୍ର, ପ୍ରାଧାପକ ସୁଶାନ୍ତ କୁମାର ସେଠୀ, ସୁରକ୍ଷା ଅଧିକାରୀ ରାଜ କିଶୋର ବିଶ୍ୱାଳ, ଉଦ୍ୟାନ ବିଭାଗ ଅଧିକାରୀ ପ୍ରମୋଦ ପ୍ରଧାନ ଯୋଗ ଦେଇଥିଲେ। ଲୋକ ସମ୍ପର୍କ ଅଧିକାରୀ ନିରାକାର ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ୨ ବାଲିଘାଟରେ ଚଢ଼ାଉ: ୪ ଟ୍ରାକ୍ଟର, ଜେସିବି ଜବତ

କଣ୍ଟାପଡ଼ା,୨୮।୬(ଡି.ଏନ୍.ଏ.): କଣ୍ଟାପଡା ତହସିଲ ଅନ୍ତର୍ଗତ ଦେବୀନଦୀର ଦୁଇ ସ୍ଥାନରେ ଚାଲିଥିବା ବେଆଇନ ବାଲିଘାଟରେ କଟକ ଜିଲା ସ୍ୱତନ୍ତ୍ର ଏନଫୋର୍ସମେଣ୍ଟ ସ୍କ୍ୱାଡ୍ ଓ କଣ୍ଟାପଡା ତହସିଲଦାର ଶନିବାର ବିଳମ୍ବିତ ରାତିରେ ଚଢ଼ାଉ କରି ୪ଟି ଟ୍ରାକ୍ଟର ଓ ଗୋଟିଏ ଜେସିବି ଜବତ କରିଛନ୍ତି। ଜବତ୍ ଗାଡିକୁ ଗୋବିନ୍ଦପୁର ଥାନାକୁ ହସ୍ତାନ୍ତର କରାଯାଇଥିବା ଜଣାପଡିଛି। ସୂଚନା ଅନୁଯାୟୀ, ଦେବୀ ନଦୀର ତୀଥପଡା ଓ ଶିରସୁନ୍ଦରପୁର ଠାରେ ଦୀର୍ଘ ବର୍ଷହେଲା ବେଆଇନଭାବେ ବାଲି ଉଠାଇ ବିକ୍ରି କରାଯାଉଥିବା ଅଭିଯୋଗ ହୋଇଆସୁଥିଲା। ଶନିବାର କଟକ ଜିଲାର ଏକ ସ୍ୱତନ୍ତ୍ର ସ୍କ୍ୱାଡ୍ ଓ କଣ୍ଟାପଡା ତହସିଲଦାର ଆର୍ତ୍ତତ୍ରାଣ ମଲ୍ଲିକ ହଠାତ୍ ଚଢ଼ାଉ କରିଥିଲେ। ଏହି ବାଲିଘାଟକୁ ଖୁବଶୀଘ୍ର ନିଲାମ ପରିସରଭୁକ୍ତ କରାଯିବ ବୋଲି ତହସିଲଦାର ଆର୍ତ୍ତତ୍ରାଣ କହିଛନ୍ତି।

## ୨ ବ୍ଲକର ନୂତନ ବିଜେଡି ସଭାପତି ନିର୍ବାଚିତ

ନିମାପଡ଼ା,୨୮।୬(ଡି.ଏନ୍.ଏ.): ପୁରୀ ଜିଲା ନିମାପଡ଼ା ଓ ଗୋପ ବ୍ଲକର ବିଜେଡି ବ୍ଲକ ସଭାପତି ନିର୍ବାଚନ ରବିବାର ଅନୁଷ୍ଠିତ ହୋଇଛି। ଜିଲା ବିଜେଡି ସଭାପତି ମହେଶ୍ୱର ମହାନ୍ତିଙ୍କ ଅନୁମୋଦନକ୍ରମେ ନିମାପଡ଼ା ନୂତନ ବିଜେଡି ବ୍ଲକ ସଭାପତି ଭାବେ ଅଶୋକ ସାହୁ ଓ ଗୋପ ବ୍ଲକର ନୂତନ ବିଜେଡି ବ୍ଲକ ସଭାପତି ଭାବେ ମଧୁସୂଦନ ପାଇକରାୟ ନିର୍ବାଚିତ ହୋଇଛନ୍ତି। ଏହି ଦୁଇ ଜଣ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ମନ୍ତ୍ରୀ ସମୀର ରଞ୍ଜନ ଦାଶ, ମନ୍ତ୍ରୀ ତୁଷାରକାନ୍ତି ବେହେରା, ଜିଲା ସଭାପତି ମହେଶ୍ୱର ମହାନ୍ତିଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ସେସୁରେ ଚାକିରି ନାଁରେ ଜାଲ୍ ବିଜ୍ଞାପନ

ଭୁବନେଶ୍ୱର,୨୮।୬ (ବ୍ୟୁରୋ):

- ସତର୍କ କଲା ସେସୁ ମୁଖ୍ୟାଳୟ
- କ୍ୟାପିଟାଲ ଥାନାରେ ଅଭିଯୋଗ

କରୋନା ସଂକଟ ଜାରି ରହିଥିବାବେଳେ ଏବେ ସାଇବର ଅପରାଧୀମାନେ ସକ୍ରିୟ ହୋଇଉଠିଛନ୍ତି। କେତେବେଳେ ବ୍ୟାଙ୍କ୍ ଆକାଉଣ୍ଟରୁ ଟଙ୍କା ହଡ଼ପ କରୁଛନ୍ତି ତ ପୁଣି ସୋସିଆଲ ମିଡିଆରେ ଜାଲ୍ ବିଜ୍ଞାପନ ଦେଇ ଲକ୍ଷ ଲକ୍ଷ ଟଙ୍କା ଠକି ନେଉଛନ୍ତି। ଇତିମଧ୍ୟରେ ବିଭିନ୍ନ ଘରୋଇ ଓ ସରକାରୀ ସଂସ୍ଥା ନାଁରେ ଜାଲ୍ ବିଜ୍ଞାପନ ଦେଖି ଅନେକ ଯୁବତୀଯୁବକ ଫସିଥିବାବେଳେ ଏବେ ସେଣ୍ଟ୍ରାଲ ଇଲେକ୍ଟ୍ରିସିଟି ସପ୍ଲାଏ ୟୁଟିଲିଟି ଅଫ୍ ଓଡ଼ିଶା (ସେସୁ)ରେ ଚାକିରି ନାଁରେ ଜାଲ୍ ବିଜ୍ଞାପନ ସୋସିଆଲ ମିଡିଆରେ ଘୁରି ବୁଲୁଛି। ଏହା ସେସୁ ଅଧିକାରୀଙ୍କ ନଜରକୁ ଆସିବା ପରେ ମୁଖ୍ୟାଳୟ ପକ୍ଷରୁ ସମସ୍ତ ଡିଭିଜନ୍‌କୁ ସତର୍କ କରିବା ସହ ଥାନାରେ ଅଭିଯୋଗ କରିବାକୁ କୁହାଯାଇଛି। ଏହି ଆଧାରରେ ବିସିଡିଡି-୧ର ଇଲେକ୍ଟ୍ରିକାଲ ମ୍ୟାନେଜର ଉପେନ୍ଦ୍ର ଭଞ୍ଜ ଖାଡ଼େଙ୍ଗା ଏନେଇ କ୍ୟାପିଟାଲ ଥାନାରେ ଅଭିଯୋଗ କରିଛନ୍ତି। ଏନେଇ ପୋଲିସ କେସ୍ ନଂ.୨୩୮/୨୦ ଦଫା ୪୧୯, ୪୨୦, ୪୭୧ ଏବଂ ଆଇଟି ଆକ୍ଟ ୬୬(ସି) ଓ ୬୬(ଡି) ଲଗାଇ ତଦନ୍ତ ଆରମ୍ଭ ଚଳାଇଛି।

ମାମଲା ନେଇଥିବା କ୍ୟାପିଟାଲ ଥାନାର ଅତିରିକ୍ତ ଥାନା ଅଧିକାରୀ ଶୁଭଶ୍ରୀ ପଣ୍ଡା କହିଛନ୍ତି, କିଏ ସୋସିଆଲ ମିଡ଼ିଆରେ ଏଭଳି ବିଜ୍ଞାପନ ଦେଇଛି ସେନେଇ ଖୋଳତାଡ଼ କରାଯାଉଛି। ଉକ୍ତ ବିଜ୍ଞାପନ ଦେଖି କେତେଜଣ ଠକେଇର ଶିକାର ହୋଇଥିବା ଅନୁମାନ କରାଯାଉଛି। ଲୋକେ ସୋସିଆଲ ମିଡିଆ ବିଜ୍ଞାପନକୁ ବିଶ୍ୱାସ କରନ୍ତୁ ନାହିଁ। ସେସୁରେ ପଦବୀ ଫାଙ୍କା ଥିଲେ ସଂସ୍ଥାର ଅଫିସିଆଲ ସାଇଟ୍‌ରେ ଦିଆଯିବ ନ ହେଲେ ଅଫିସକୁ ଯାଇ ଏନେଇ ଅବଗତ ହେବା ପାଇଁ ସେ ନିବେଦନ କରିଛନ୍ତି।

ସେସୁ ମ୍ୟାନେଜର ଖାଡେଙ୍ଗାଙ୍କ କହିବାନୁଯାୟୀ, ସୋସିଆଲ ମିଡ଼ିଆରେ ଫେକ୍ ବିଜ୍ଞାପନ ଦିଆଯାଇ ଠକେଇ ହେଉଥିବା ନେଇ ସେସୁ ମୁଖ୍ୟାଳୟ ସତର୍କ କରିବା ପରେ ଏନେଇ ମୁଁ ଏକ ଅଭିଯୋଗ କରିଛି। ପୋଲିସ ଉପଯୁକ୍ତ ତଦନ୍ତ କରି ଏଭଳି ଠକେଇ କରୁଥିବା ବ୍ୟକ୍ତିଙ୍କୁ ଗିରଫ କରି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ ବୋଲି ସେ କହିଛନ୍ତି।

# ସିଡିଏରେ ବୁଲାବୁଲି କରିଛନ୍ତି ଆକ୍ରାନ୍ତ ପୋଲିସ ଅଧିକାରୀ

କଟକ ଅଫିସ,୨୮।୬

**ଅଞ୍ଚଳବାସୀ ଛାନିଆ**

କଟକ ସିଡିଏରେ ରହୁଥିବା ବଡ଼ମ୍ବା ଥାନାର ଜଣେ ବରିଷ୍ଠ ପୋଲିସ ଅଧିକାରୀ ପଜିଟିଭ୍ ଚିହ୍ନଟ ହେବା ପରେ ଅଞ୍ଚଳବାସୀଙ୍କ ଭିତରେ ଛନକା ପଶିଛି। ସମ୍ପୃକ୍ତ ଅଧିକାରୀ ଜଣକ ସଙ୍ଗରୋଧ କେନ୍ଦ୍ର ତଦାରଖ କରୁଥିବା ବେଳେ ଆକ୍ରାନ୍ତ ହୋଇଥିବା ଅନୁମାନ କରାଯାଉଛି। ଅସୁସ୍ଥତା ଯୋଗୁ ସେ ଗତ ୧୯ ତାରିଖରୁ ସିଡିଏସ୍ଥିତ ଘରେ ରହୁଥିଲେ। ୨୧ ତାରିଖରେ ସେ ତାଙ୍କର ସ୍ୱାବ୍ ପରୀକ୍ଷା କରିଥିଲେ। କିନ୍ତୁ ରିପୋର୍ଟ ନେଗେଟିଭ୍ ଆସିଥିଲା। ଏଣୁ ସେ ସିଡିଏ ଅଞ୍ଚଳରେ ବୁଲାବୁଲି କରିଥିଲେ। ବଜାରରୁ ସଉଦା କିଣିବା ସହ ବିଭିନ୍ନ ଲୋକଙ୍କ ସଂସ୍ପର୍ଶରେ ଆସିଥିଲେ। ଏପରିକି ତାଙ୍କ ଘରକୁ ମଧ ବିଭିନ୍ନ ସମୟରେ ଅତିଥିମାନେ ଆସିଛନ୍ତି। ତେବେ ସ୍ୱାସ୍ଥ୍ୟାବସ୍ଥାରେ ବିଶେଷ ଉନ୍ନତି ନ ହେବାରୁ ସେ ଭୁବନେଶ୍ୱରରେ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ବିଭିନ୍ନ ସମୟରେ ଭିନ୍ନଭିନ୍ନ ଡାକ୍ତରଙ୍କ ପାଖକୁ ଯାଇଥିଲେ। ଶେଷରେ ଏସ୍‌ସିବିରେ କରୋନା ପରୀକ୍ଷା କରାଇବା ପରେ ରିପୋର୍ଟ ପଜିଟିଭ୍ ଆସିଥିଲା। ଏହାକୁ ନେଇ ସିଡିଏ ଅଞ୍ଚଳରେ ଲୋକେ ଭୟଭୀତ ଅବସ୍ଥାରେ ଅଛନ୍ତି। ସିଏମ୍‌ସି ପକ୍ଷରୁ କଣ୍ଟେନ୍‌ମେଣ୍ଟ ଜୋନ୍ ଘୋଷଣା ପରେ ତାଙ୍କର କଣ୍ଟାକ୍ଟ ଟ୍ରେସିଂ କରାଯିବ। ସମସ୍ତଙ୍କ କରୋନା ପରୀକ୍ଷା କରିବା ପାଇଁ କେତେକ ଅଞ୍ଚଳବାସୀ ଦାବି କରିଛନ୍ତି।

# ନୀରବି ଯାଇଛି ବରୁଣେଇ ପୀଠ

ଖୋର୍ଦ୍ଧା ଅଫିସ, ୨୮।୬


ବରୁଣେଇ ପୀଠସ୍ଥଳ ।

ଖୋର୍ଦ୍ଧା ଜିଲାର ଅନ୍ୟତମ ପ୍ରମୁଖ ପର୍ଯ୍ୟଟନସ୍ଥଳ ହେଉଛି ବରୁଣେଇ ପୀଠ। ୧୬ନମ୍ବର ଜାତୀୟ ରାଜପଥରୁ ଅନତି ଦୂରରେ ପ୍ରାକୃତିକ ସବୁଜ ବନାନୀଭରା ପରିବେଶରେ ଏହା ଅବସ୍ଥିତ। ଏହି ସ୍ଥାନ ଔଷଧୀୟ ଗୁଳ୍ମଲତାରେ ପରିପୂର୍ଣ୍ଣ ହୋଇଥିବାବେଳେ ଏଠାକାର ମନୋରମ ଦୃଶ୍ୟ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରେ। ବର୍ଷସାରା ଏଠି ପର୍ଯ୍ୟଟକଙ୍କ ଗହଳି ଲାଗି ରହେ। ବରୁଣେଇ ପାହାଡ଼ଟି ଦେଖିବାକୁ ଏକ ହସ୍ତୀ ସଦୃଶ। ଲୋକଶ୍ରୁତି ଅନୁଯାୟୀ ରାମାୟଣ ଓ ମହାଭାରତରେ ମଧ୍ୟ ଏହି ଅଞ୍ଚଳ ସମ୍ପର୍କରେ ବର୍ଣ୍ଣନା ରହିଛି।

ପାହାଡ଼ ଉପରେ ଖୋର୍ଦ୍ଧା ରାଜାଙ୍କ ଆରାଧ୍ୟା ଠାକୁରାଣୀ ମା' ବରୁଣେଇ ଓ ମା' କରୁଣେଇଙ୍କ ମନ୍ଦିର ରହିଛି। ମା'ଙ୍କ କରୁଣାରୁ ମନସ୍କାମନା ପୂର୍ଣ୍ଣ ହୋଇଥାଏ ବୋଲି ବିଶ୍ୱାସ ରହିଛି। ଠାକୁରାଣୀଙ୍କ ନାଭିସ୍ଥଳ ଦେଇ ପାଦ ତଳକୁ ବୋହିଯାଇଛି ଝରଣା। ଏହାକୁ ସ୍ୱର୍ଣ୍ଣ ଗଙ୍ଗା କୁହାଯାଏ । ପଣସପତ୍ର ଠୋଲାରେ ଅରୁଆ ଚାଉଳ ଖିରି, ଏଣ୍ଡୁରି ପିଠା ଦେବୀଙ୍କୁ ନୈବେଦ୍ୟ ଭାବେ ଅର୍ପଣ କରାଯାଏ। ଏଠାକୁ ଆସୁଥିବା ଭକ୍ତ ଏହି ଖିରି ଓ ଏଣ୍ଡୁରି ପିଠା ଖାଇବାକୁ ଭୁଲି ନ ଥାନ୍ତି। ଏହି ପୀଠରେ ରଜ ପର୍ବ ନିଆରା ଢଙ୍ଗରେ ପାଳନ ହୁଏ। ୩ଦିନ ଧରି ରଜ ମେଳା ହୁଏ। ପହିଲି ରଜରେ ରୀତିନୀତି ଅନୁଯାୟୀ ଠାକୁରାଣୀଙ୍କ ଚନ୍ଦନଲାଗି ବେଶ କରାଯାଇଥାଏ। ଏହି ବେଶ ଦେଖିବାକୁ ଶ୍ରଦ୍ଧାଳୁଙ୍କ ଭିଡ଼ ଜମେ। ମାତ୍ର ଏଥର କରୋନା କଟକଣା ଯୋଗୁ ସବୁ ବନ୍ଦ ରହିଥିଲା। ଗତ ମାର୍ଚ୍ଚ ୨୨ ତାରିଖ ପରଠୁ କଟକଣା ଯୋଗୁ ପର୍ଯ୍ୟଟକଙ୍କ ଗହଳି ଦେଖିବାକୁ ମିଳୁନାହିଁ। ପୀଠ ସମ୍ପୂର୍ଣ୍ଣ ନୀରବି ଯାଇଛି।

## ଯୁବକଙ୍କ ଆତ୍ମହତ୍ୟା

ଭୁବନେଶ୍ୱର,୨୮।୬(ବ୍ୟୁରୋ): ନୟାପଲୀ ଥାନା ଅନ୍ତର୍ଗତ ନୀଳଚକ୍ର ନଗରରେ ଜଣେ ଯୁବକ ଘରେ ଆତ୍ମହତ୍ୟା କରିଛନ୍ତି। ସେ ହେଲେ କାହ୍ନା ରେଡ୍ଡି (୧୮)। ପୋଲିସ ପହଞ୍ଚି ଝୁଲନ୍ତା ଅବସ୍ଥାରେ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲ ପଠାଇଦେଇଛି। ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ସୂଚନା ମୁତାବକ, ମା'ଙ୍କ ସହ ରହୁଥିଲେ କାହ୍ନା। ସେ ସିକ୍ୟୁରିଟି ଗାର୍ଡ ଭାବେ କାର୍ଯ୍ୟ କରୁଥିଲେ। କାହ୍ନା ଜଣେ ଯୁବତୀଙ୍କୁ ଭଲ ପାଉଥିଲେ। କିଛିଦିନ ତଳେ ତାଙ୍କ ସହ ଫୋନ୍‌ରେ କଥା ହେବାବେଳେ କୌଣସି କାରଣରୁ ଉଭୟଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଏହାପରେ ଯୁବତୀଜଣକ ତାଙ୍କ ସହ କଥା ହେବା ବନ୍ଦ କରି ଦେଇଥିଲେ। ଏହାକୁ ନେଇ କାହ୍ନା ମାନସିକ ଚିନ୍ତାରେ ଥିଲେ ବୋଲି ତାଙ୍କ ସାଙ୍ଗ କହିଛନ୍ତି। ହେଲେ ରବିବାର ମଧ୍ୟାହ୍ନରେ ତାଙ୍କ ମା' କାମକୁ ଯାଇଥିବାବେଳେ ଘରେ କାହ୍ନା ଏକା ଥିଲା। ଏହି ସମୟରେ ମା'ଙ୍କ ପିନ୍ଧା ଲୁଗାକୁ ବେକରେ ବାନ୍ଧି କାହ୍ନା ଆତ୍ମହତ୍ୟା କରିଥିବା ଅନୁମାନ କରାଯାଉଛି। ମା' ଘରକୁ ଫେରିବା ପରେ କବାଟ ବନ୍ଦ ଥିଲା। ଘର ଭିତରେ କାହ୍ନା ଝୁଲି ରହିଥିବା ଦେଖି ପାଟି କରିବା ସହ ପୋଲିସକୁ ଖବର ଦେଇଥିଲେ।

## ଘର, ପାଳଗଦା ଜଳିଗଲା

ପିପିଲି, ୨୮।୬(ଡି.ଏନ୍.ଏ): ପିପିଲି ଥାନା ଅଧୀନ ଶିଉଳା ତଳସାହିରେ ରବିବାର ଭୋରରେ ନିଆଁ ଲାଗି ଦୁଇ ବଖରା ଘର ଓ ପାଳଗଦା ପୋଡ଼ିଯାଇଛି। ଏଥିରେ କେହି ଦୁର୍ବୃତ୍ତ ନିଆଁ ଲଗାଇ ଦେଇଥିବା ସନ୍ଦେହ କରାଯାଉଛି। ସୁରେନ୍ଦ୍ର ରାଉତଙ୍କ ଦୁଇ ବଖରା ଘର ଓ ନାରାୟଣ ମହାରଣାଙ୍କ ପାଳଗଦାରେ ଅଗ୍ନିକାଣ୍ଡ ଘଟିଥିବା ଖବର ପାଇ ରାତି ୪ଟାରେ ପିପିଲି ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ସୁରେନ୍ଦ୍ରଙ୍କ ଘରର ସମସ୍ତ ଆସବାବପତ୍ର ଜଳିଯାଇଛି।

# ରାସ୍ତାକଡ଼ରେ ଜୀବନ, ପେଟ ପାଇଁ ସଂଘର୍ଷ


ରାସ୍ତାକଡରେ ଶେଖ୍ ବାବୁ ।

କଟକ ଅଫିସ,୨୮।୬

କରୋନା ମଣିଷ ଜୀବନ ଜୀବିକା ଉପରେ ଅନେକ ପ୍ରଭାବ ପକାଇଛି। ବିଶେଷ କରି ଦିନ ମଜୁରିଆଙ୍କ ପେଟରେ କରୋନା ପାହାର ପକାଇଛି। ରୋଜଗାର ଆଶାରେ ସହରକୁ ଚାଲି ଆସିଥିବା ମଣିଷ ଏବେ ବେରୋଜଗାର। ଦିନକୁ ଦି ଓଳି ଖାଦ୍ୟ ପାଇଁ ସଂଘର୍ଷ କରିବାକୁ ପଡୁଛି। ଏହା ମଧ୍ୟରେ ଲକ୍‌ଡାଉନ୍ କଟକଣା କୋହଳ ହୋଇଥିଲେ ବି ସେମାନଙ୍କ ଜୀବନରେ ପରିବର୍ତ୍ତନ ଆସୁନାହିଁ।

ଖୋର୍ଦ୍ଧାର ଶେଖ ବାବୁ। ୧୮ ବର୍ଷ ତଳେ ରୋଜଗାର ଅନ୍ୱେଷଣରେ କଟକ ସହରକୁ ଚାଲିଆସିଥିଲେ। ସହରର ବିଭିନ୍ନ ହୋଟେଲ ଓ ଜଳଖିଆ ଦୋକାନରେ ସେ କାମ କରି ପେଟ ପୋଷନ୍ତି। ବକ୍ସିବଜାର ଅଞ୍ଚଳରେ ଏକ ହୋଟେଲରେ ରହି କାମ କରୁଥିଲେ। ମାତ୍ର ହଠାତ ରାଜ୍ୟ ସରକାର ଲକ୍‌ଡାଉନ୍ ଓ ଶଟ୍‌ଡାଉନ୍ ଘୋଷଣା କରିଦେଲେ। ଫଳରେ ଦୋକାନ ବଜାର ସବୁ ବନ୍ଦ ହୋଇଗଲା। କିଛି ଦିନ ହୋଟେଲ ମାଲିକ ତାଙ୍କୁ ଖାଇବା ଓ ରହିବାକୁ ଦେଇଥିଲେ। ମାତ୍ର ଦିନ କେଇଟା ପରେ ତାଙ୍କୁ ହୋଟେଲ ଛାଡ଼ିଦେବାକୁ କୁହାଯାଇଥିଲା। ସେତେବେଳେ କୌଣସି ଯାତାୟତ ସୁବିଧା ନ ଥିବାବେଳେ ପାଖରେ ଟଙ୍କାଟିଏ ବି ନ ଥିଲା। କେଉଁଆଡେ ଯିବେ ଭାବି ଭାବି ଶେଷରେ ବାରବାଟୀ ଷ୍ଟାଡିୟମ ରାସ୍ତାକଡ଼ରେ ଦିନ କାଟିବାକୁ ଲାଗିଲେ। କଟକ ମହାନଗର ନଗମ (ସିଏମ୍‌ସି), ପୋଲିସ ପକ୍ଷରୁ ଦିଆଯାଉଥିବା ଖାଦ୍ୟକୁ ଖାଇ ବଞ୍ଚିବାକୁ ଲାଗିଲେ। ଅନେକ ସ୍ୱେଚ୍ଛାସେବୀ ସଙ୍ଗଠନ ପକ୍ଷରୁ ରନ୍ଧାଖାଦ୍ୟ ବଣ୍ଟନ କରାଯାଉଥିଲା। ଦିନକୁ ଦୁଇ ଓଳି ଖାଇବାକୁ ମିଳିଯାଉଥିଲା। ମାତ୍ର ଗତ କିଛି ଦିନ ଧରି ସେ ସବୁ ବନ୍ଦ ହୋଇଗଲାଣି। ହୋଟେଲରେ ଲୋକଙ୍କୁ ବସି ଖାଇବାକୁ ସରକାରଙ୍କ ପକ୍ଷରୁ ବାରଣ କରାଯାଇଛି। ଫଳରେ ସେ ଏବେ ହୋଟେଲ ମାଲିକଙ୍କ ପାଇଁ ଅଲୋଡ଼ା ହୋଇଯାଇଛନ୍ତି। ଶେଖ ବାବୁଙ୍କ ପରି ଅନେକ ଲୋକ ଏବେ ରାସ୍ତକଡ଼ରେ, ଯାହା ଜିଲା ପ୍ରଶାସନ ଆଖିରେ ପଡୁନାହିଁ।

# ଅଣ୍ଡା ବେପାର ୩୦ ପ୍ରତିଶତ ବଢ଼ିଛି

କଟକ ଅଫିସ,୨୮।୬

- ରୋଜଗାରର ନୂଆ ମାଧମ
- ବେପାର ଓ ବେପାରୀ ବଢ଼ିଛନ୍ତି
- କଳାବଜାର ମଧ ବଢ଼ିଛି

ଲକ୍‌ଡାଉନ୍‌ରେ ସବୁ ବ୍ୟବସାୟ ମାନ୍ଦା। ଅଧାରୁ ଅଧିକ ବ୍ୟବସାୟୀ ହାତ ବାନ୍ଧି ବସିଥିବା ବେଳେ ଅନ୍ୟ କେତେଜଣ ରୋଜଗାରର ମାଧମ ବଦଳାଇ ସାରିଲେଣି। କୌଳିକ ବୃତ୍ତିକୁ ଛାଡ଼ି ସେମାନେ ଅନ୍ୟ ଧନ୍ଦା ଆପଣାଇଛନ୍ତି। କଟକରେ ଅଣ୍ଡା ବେପାର ଓ ବେପାରୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। କଟକ ସହରରେ ଅଣ୍ଡା ବେପାର ବଢ଼ିଥିବା ଜିଲା ପ୍ରାଣୀଧନ ମୁଖ୍ୟ ଅଧିକାରୀ (ସିଡିଭିଓ) କହିଛନ୍ତି। କେବଳ କଟକ ନୁହେଁ, ଅନ୍ୟ ସବୁଠି ମଧ ଏହି ବ୍ୟବସାୟ ବୃଦ୍ଧି ପାଇଛି। ଲକ୍‌ଡାଉନ୍ ବେଳେ ୩୦ ପ୍ରତିଶତ ଅଣ୍ଡା ବ୍ୟବସାୟ ବଢ଼ିଛି ବୋଲି ସିଡିଭିଓ କାର୍ଯ୍ୟାଳୟର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି।

ଗତ ମାର୍ଚ୍ଚ ୨୨ରୁ ଅଣ୍ଡା, ଚିକେନ୍ ଦର ନିୟମିତ ଭାବେ ପରିବର୍ତ୍ତିତ ହେବାରେ ଲାଗିଛି। ଲକ୍‌ଡାଉନ୍ ପ୍ରାରମ୍ଭରୁ ଅଣ୍ଡା ଓ ଚିକେନ୍ ଦର ଅହେତୁକ ହ୍ରାସ ପାଇଥିଲା। ସହରରେ ଚିକେନ୍ କିଲୋ ପିଛା ୬୦ରୁ ୮୦ ଟଙ୍କା ବିକ୍ରି ହେଉଥିଲା। ଦାନା ନ ମିଳିବା ଯୋଗୁ ଏହି ଦର କମିଥିଲା। କିନ୍ତୁ ଏବେ ସହରର ଗଳିକନ୍ଦିରେ ଅଣ୍ଡା ବ୍ୟବସାୟ ଜୋରଦାର ଚାଲିଛି। ଆଠଗଡ଼ ଅଞ୍ଚଳରୁ ସବୁଠାରୁ ଅଧିକ ମାତ୍ରାରେ ଅଣ୍ଡା କଟକ ଆସୁଛି। ବାଦାମବାଡ଼ି ଛକରେ ଦୋକାନ ଦେଇଥିବା ପ୍ରଶାନ୍ତ ସାହୁ କହିଛନ୍ତି, ଅଣ୍ଡା ପେଟି ଗତ ସପ୍ତାହରେ ୧୧୦୦ ଟଙ୍କାରେ କିଣୁଥିଲୁ। ଏବେ ଏହା ୯୫୦ ଟଙ୍କାରେ ବିକ୍ରି ହେଉଛି। ପେଟିରେ ୨୧୦ଟି ଅଣ୍ଡା ଥାଏ। ବ୍ୟବସାୟକୁ ଏହି ଦର ସୁହାଉଛି। ଖୁଚୁରା ବ୍ୟବସାୟୀଙ୍କ ସଂଖ୍ୟା ବହୁମାତ୍ରାରେ ବଢ଼ିଛି ବୋଲି କହିଛନ୍ତି ଖାନନଗର ଅଞ୍ଚଳର ବ୍ୟବସାୟୀ ସନ୍ତୋଷ ପରମାଣିକ। ଏବେ ସବୁଆଡ଼େ ଛୋଟ ଛୋଟ ଅଣ୍ଡା ଦୋକାନ ଖୋଲିଛି। ଖୁଚୁରା ଦରରେ ଗୋଟିଏ ଅଣ୍ଡା ପେଟିରୁ ୨୦୦ରୁ ଅଧିକ ଟଙ୍କା ଲାଭ ହେଉଛି। ତେବେ ଅଣ୍ଡା ବେପାରରେ କଳାବଜାର ହେଉଛି। ଶଟ୍‌ଡାଉନ ରହୁଥିବା ଶନିବାର ଓ ରବିବାର ଦିନ ହିଁ ଅଣ୍ଡା ଦର ଅଧିକ ରହୁଛି।

# ୩ ଦୁର୍ଘଟଣାରେ ୭ ଗୁରୁତର

ଖୋର୍ଦ୍ଧା ଅଫିସ/ନିରାକାରପୁର/ଗୋପ, ୨୮।୬(ଡି.ଏନ୍.ଏ.): ଟାଙ୍ଗୀ ଥାନା କୋଟିଲା ଛକ ୧୬ନଂ. ଜାତୀୟ ରାଜପଥରେ ରବିବାର ଏକ ଦୁର୍ଘଟଣା ଘଟିଛି। ବିହାରରୁ ୩୦ଜଣ ପ୍ରବାସୀଙ୍କୁ ନେଇ ତାମିଲନାଡୁ ଯାଉଥିବା ଏକ ଘରୋଇ ବସ୍ ରାସ୍ତା ପାର୍ଶ୍ୱରେ ଛିଡା ହୋଇଥିବା ଟ୍ରକକୁ ଧକ୍କା ଦେଇଥିଲା। ବସ୍‌ରେ ଥିବା ପ୍ରବାସୀ ଅଳ୍ପକେ ବର୍ତ୍ତି ଯାଇଥିବା ବେଳେ ୨ଜଣ ଗୁରୁତର ହୋଇଥିଲେ। କୁହୁଡି ଫାଣ୍ଡି ପୋଲିସ ଗୁରୁତରଙ୍କୁ ଉଦ୍ଧାର କରି ଟାଙ୍ଗୀ ମେଡିକାଲରେ ଭର୍ତ୍ତି କରିଛି।

ଖୋର୍ଦ୍ଧା ଜିଲା ଜଙ୍କିଆ ଥାନା ନିକଟରେ ୧୬ନଂ. ଜାତୀୟ ରାଜପଥ ଓଭରବ୍ରିଜରେ ରବିବାର ଏକ କାର (ଓଆର ୦୨ଏଇ ୬୭୫୦) ଓଲଟି ପଡ଼ିବାରୁ ୨ଜଣ ଗୁରୁତର ହୋଇଛନ୍ତି। ସେମାନଙ୍କୁ ଚିକିତ୍ସା ପାଇଁ ପ୍ରଥମେ ଖୋର୍ଦ୍ଧା ଓ ପରେ କ୍ୟାପିଟାଲ ହସ୍ପିଟାଲ ସ୍ଥାନାନ୍ତର କରାଯାଇଛି। ଜଙ୍କିଆ ପୋଲିସ ଘଟଣାସ୍ଥଳରୁ ଦୁର୍ଘଟଣାଗ୍ରସ୍ତ କାର ଜବତ କରିଛି।

ପୁରୀ ଜିଲା ଅଧୀନ ଗୋପ-ନିମାପଡ଼ା ରାସ୍ତାର ବାହାଣିଆବାଙ୍କ ନିକଟରେ ରବିବାର ଦୁଇ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ୩ଜଣ ଗୁରୁତର ହୋଇଛନ୍ତି। ସେମାନେ ହେଲେ ଗୋପ ବସ୍ତିର ଶେକ ଆଫ୍ରୋଜ, ଦିଘାଳୋର ପ୍ରଶାନ୍ତ ବେହେରା ଓ ବୁଲବୁଲ ଖାଁ। ଏମାନଙ୍କୁ ପ୍ରଥମେ ଗୋପ ଡାକ୍ତରଖାନା ପରେ କ୍ୟାପିଟାଲ ହସ୍ପିଟାଲ ସ୍ଥାନାନ୍ତର କରାଯାଇଛି।

# କରୋନା ଆଳରେ ଚୁପ୍ ବସିଛି ସିଏମ୍‌ସି

କଟକ ଅଫିସ,୨୮।୬

**ବୁଲା ଗୋରୁ ଧରା ଅଭିଯାନ ବନ୍ଦ**

- ରାସ୍ତାରେ ବୁଲୁଛନ୍ତି ଗୋରୁ, ଷଣ
- ବିଗୁଡୁଛି ଟ୍ରାଫିକ ସମସ୍ୟା

କଟକ ସହରରେ ବୁଲା ଗୋରୁଙ୍କ ସଂଖ୍ୟା ଦିନକୁ ଦିନ ବଢୁଛି। ଅନେକ ସମୟରେ ବୁଲା ଗୋରୁ, ଷଣ୍ଢଙ୍କ ଯୋଗୁ ଦୁର୍ଘଟଣା ଘଟୁଛି। ବୁଲା ଗୋରୁଙ୍କୁ ଧରି କାଞ୍ଜିଆହୁଦାରେ ରଖିବା କିମ୍ବା ଅନ୍ୟତ୍ର ଛାଡ଼ିବା ପାଇଁ କଟକ ମହାନଗର ନିଗମ (ସିଏମ୍‌ସି) ପଦକ୍ଷେପ ନେଉନାହିଁ। କରୋନା ଆଳରେ କର୍ତ୍ତୃପକ୍ଷ ଚୁପ୍ ବସିଛନ୍ତି। ଏଥିଯୋଗୁ ଟ୍ରାଫିକ ସମସ୍ୟା ବିଗୁଡୁଛି।

ସହରରେ ଟ୍ରାଫିକ ବ୍ୟବସ୍ଥା ସଜାଡ଼ିବା ଓ ଦୁର୍ଘଟଣା ରୋକିବା ପାଇଁ ସିଏମ୍‌ସି ପକ୍ଷରୁ ପଦକ୍ଷେପ ସ୍ୱରୂପ ବୁଲା ଗୋରୁଙ୍କୁ ଧରିବା ଅଭିଯାନ ଆରମ୍ଭ ହୋଇଥିଲା। ବୁଲା ଗୋରୁ, ଷଣ୍ଢଙ୍କୁ ଧରି ସହରଠାରୁ ପ୍ରାୟ ୨୦ କିଲୋମିଟର ଜଙ୍ଗଲିଆ ଅଞ୍ଚଳରେ ଛାଡ଼ିବା ପାଇଁ ମଧ ହାଇକୋର୍ଟ ସିଏମ୍‌ସିକୁ ନିର୍ଦ୍ଦେଶ ଦେଇଥିଲେ। ସିଏମ୍‌ସି ପକ୍ଷରୁ ବୁଲା ଗୋରୁ, ଷଣ୍ଢଙ୍କୁ ଧରାଯାଇ କାଞ୍ଜିଆହୁଦାରେ ରଖାଯାଏ। ସହରରେ ବର୍ତ୍ତମାନ ଦୁଇଟି କାଞ୍ଜିଆହୁଦା ରହିଛି। ଗୋଟିଏ ବକ୍ସିବଜାର ଏବଂ ଅନ୍ୟଟି ସତୀଚଉରା ନିକଟରେ ରହିଛି। ମାତ୍ର କରୋନା ପାଇଁ ଚଳିତବର୍ଷ ସିଏମ୍‌ସି ଗାଈ ଧରିବା ଅଭିଯାନ ବନ୍ଦ ରଖିଛି। ଇତିମଧ୍ୟରେ ସହରରେ ବୁଲା ଗୋରୁଙ୍କ ସଂଖ୍ୟା ବୃଦ୍ଧି ପାଇଛି। ଅନ୍ୟପକ୍ଷେ ସିଏମ୍‌ସି ପାଖରେ ୨୦୧୯-୨୦ ବର୍ଷରେ କେତେ ଗାଈ ଧରାଯାଇଛି ଓ କେତେ ଟଙ୍କା ଜରିମାନା ଆଦାୟ ହୋଇଛି, ତାହାର ସବିଶେଷ ତଥ୍ୟ ନାହିଁ। ୨୦୧୮-୨୦୧୯ ବର୍ଷରେ ୭୩୦ଟି ଗାଈ, ୩୩୮ଟି ବାଛୁରୀ ଏବଂ ୭୫ଟି ଷଣ୍ଢଙ୍କୁ ଧରାଯାଇ ମୋଟ ୫ ଲକ୍ଷ ୪ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିଲା। ୨୦୧୬ରୁ ୨୦୧୯ ମାର୍ଚ୍ଚ ଶେଷ ସୁଦ୍ଧା ସିଏମ୍‌ସି ପାଖରେ ଗୋରୁଧରା ଅଭିଯାନର ତଥ୍ୟ ଥିବାବେଳେ ୨୦୧୯-୨୦ ବର୍ଷର କୌଣସି ତଥ୍ୟ ନାହିଁ। ଏ ନେଇ ବିଭାଗୀୟ ଅଧିକାରୀ ବିଶ୍ୱନାଥ ଲେଙ୍କା କହିଛନ୍ତି, କରୋନା ପାଇଁ ବୁଲା ଗୋରୁ, ଷଣ୍ଢଙ୍କୁ ସିଏମ୍‌ସି ପକ୍ଷରୁ ଖାଇବାକୁ ଦିଆଯାଉଛି। ସେଥିପାଇଁ ଗୋରୁଧରା ଅଭିଯାନ ବନ୍ଦ ରହିଛି। ବାରମ୍ବାର ଚେତାବନୀ ସତ୍ତ୍ୱେ ମାଲିକମାନେ ଗୋରୁଙ୍କୁ ରାସ୍ତା ଉପରକୁ ଛାଡ଼ି ଦେଉଛନ୍ତି। ଏ ନେଇ ସଚେତନତା ସୃଷ୍ଟି ପାଇଁ ପ୍ରୟାସ କରାଯାଉଛି।

## ଫଟୋରେ ଖବର


ଭୁବନେଶ୍ୱର ସୌଭାଗ୍ୟନଗର ରାସ୍ତାପାର୍ଶ୍ୱରେ ଏକ ପାଇପ୍‌ଲାଇନ୍‌ରୁ ଝରୁଥିବା ପାଣିକୁ ପିଇବା ପାଇଁ ସଂଗ୍ରହ କରୁଛନ୍ତି ଏକ ଦମ୍ପତି।


ଶଟ୍‌ଡାଉନ୍ ସମୟରେ ରବିବାର ଭୁବନେଶ୍ୱର ବାଣୀବିହାର ଛକ ଦେଇ ଜଣେ ମହିଳା କାଠ ମୁଣ୍ଡାଇ ଘରକୁ ଫେରୁଥିବାବେଳେ ତାଙ୍କ ସହ ପୁରୁଷ ଜଣକ ଶିଶୁଟିକୁ କାନ୍ଧରେ ବସାଇ ଚାଲିଚାଲି ଯାଉଛନ୍ତି।


ଶଟ୍‌ଡାଉନ୍ ପାଇଁ ଭଡ଼ା ନ ଥିବାରୁ କଟକ ଚୌଧୁରୀ ବଜାର ନନ୍ଦିସାହି ରାସ୍ତାପାର୍ଶ୍ୱରେ ତାଲାପଡ଼ି ରହିଥିବା ଟ୍ରଲି।

## ସାପ କାମୁଡ଼ାରେ ବୃଦ୍ଧଙ୍କ ମୃତ୍ୟୁ

ଡେରାବିଶ(ସ୍ୱ.ପ୍ର.): ଡେରାବିଶ ବ୍ଲକ କୁରୁଜଙ୍ଗା ପଞ୍ଚାୟତ ଅନ୍ତର୍ଗତ ନୂଆଗାଁ ଗ୍ରାମରେ ଏକ ବିଷଧର ସାପ କାମୁଡାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଦିବାକର ନାଥ(୭୦)। ସେ ସକାଳେ ବାଡ଼ିରେ କାଠ ସଂଗ୍ରହ କରୁଥିବା ବେଳେ ଏକ ବିଷଧର ଗୋଖର ସାପ ଗୋଡ଼କୁ କାମୁଡ଼ି ଦେଇଥିଲା। ଫଳରେ ସେ ଚେତାଶୂନ୍ୟ ହୋଇ ତଳେ ପଡ଼ି ଯାଇଥଲେ। ପରିବାର ସଦସ୍ୟ ତାଙ୍କୁ ଉଦ୍ଧାର କରି କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ଦିବାକରଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଡେରାବିଶ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

## ସଂକ୍ଷେପରେ

### ପଥର ମାଫିଆ ଗିରଫ

ଚଣ୍ଡିଖୋଲ/ଛତିଆ, ୨୮।୬ (ଡି.ଏନ୍.ଏ.): ବୈରୀ ଥାନା କାଇମାଟିଆ ପଞ୍ଚାୟତ ଅଭୟପୁର ନିକଟରେ ଗତ ଶୁକ୍ରବାର ଏକ ବେଆଇନ ମାଙ୍କଡା ପଥର ବୋଝେଇ ଟ୍ରକ ଓଲଟି ଜଣେ ଶ୍ରମିକଙ୍କ ମୃତ୍ୟୁ ହେବା ଘଟଣାରେ ପୋଲିସ ରବିବାର ଜଣେ ପଥର ମାଫିଆଙ୍କୁ ଗିରଫ କରିଛି। ସେ ହେଲେ ପାରିଆ ପଞ୍ଚାୟତର ବିଜୟାନନ୍ଦ ପଣ୍ଡା। ଶ୍ରମିକଙ୍କ ମୃତ୍ୟୁ ଘଟଣାରେ ସ୍ଥାନୀୟ ଜଣେ ସରପଞ୍ଚଙ୍କ ସମ୍ପୃକ୍ତି ଥିବା ନେଇ ଭାଜପା ନେତା ଅମର ନାୟକ ପୋଲିସ ଓ ତହସିଲଦାରଙ୍କ ନିକଟରେ ଅଭିଯୋଗ କରିଥିଲେ। ଏ ନେଇ ଦର୍ପଣ ତହସିଲଦାର ବରେଣ୍ୟେନ୍ଦୁ ମହାନ୍ତି ବୈରୀ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ବରୁଣିଆସ୍ଥିତ ଏକ ଫାର୍ମ ହାଉସରେ ଚଢ଼ାଉ କରି ତିନିଗୋଟି ପାୱାରଟିଲର ଜବତ କରିବା ସହ ବିଜୟାନନ୍ଦଙ୍କୁ ଗିରଫ କରିଛି। ଏ ନେଇ ଥାନାରେ ୧୭୩/୨୦ ନଂ.ରେ ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବୈରୀ ଥାନା ଭାରପ୍ରାପ୍ତ ଅଧିକାରୀ ବିଶ୍ୱଜିତ କର ସୂଚନା ଦେଇଛନ୍ତି।

### ଗୋଡ଼ିପଡ଼ାରୁ ୨ ଆକ୍ରାନ୍ତ ଚିହ୍ନଟ

ନୟାଗଡ଼ ଅଫିସ,୨୮।୬: ନୟାଗଡ଼ ଜିଲାର ଗୋଡ଼ିପଡ଼ା କ୍ୱାରାଣ୍ଟାଇନ ସେଣ୍ଟରରୁ ରବିବାର ୨ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେମାନେ ହେଲେ କୁରୁଡ଼ଙ୍ଗ ଅଞ୍ଚଳର ୨୦ ବର୍ଷୀୟା ମହିଳା ଓ ଭାଲିଆଡିହି ଅଞ୍ଚଳର ୩୨ ବର୍ଷର ପୁରୁଷ। ସେମାନଙ୍କ ସ୍ୱାବ୍ ରିପୋର୍ଟ ପଜିଟିଭ ଆସିବା ପରେ ଶନିବାର ରାତିରେ ଭୁବନେଶ୍ୱର କୋଭିଡ୍ ହସ୍ପିଟାଲକୁ ପଠାଯାଇଥିଲା। ଉଭୟ ପ୍ରବାସୀ ଦିଲ୍ଲୀ ଓ ମହାରାଷ୍ଟ୍ରରୁ ଆସିଥିଲେ। ଜିଲାରେ ଆକ୍ରାନ୍ତଙ୍କ ସଂଖ୍ୟା ୧୪୪ରେ ପହଞ୍ଚିଥିବା ବେଳେ ୧୨୦ ସୁସ୍ଥ ହୋଇଥିବା ସୂଚନା ମିଳିଛି।

### ହରିଣ ମାଂସ ସନ୍ଦେହରେ ଚଢ଼ାଉ

ରାଜନଗର, ୨୮।୬(ଡି.ଏନ୍.ଏ.): ରାଜନଗର ବନବିଭାଗ କାର୍ଯ୍ୟାଳୟଠାରୁ ୧୦୦ମିଟର ଦୂରରେ ହରିଣ ମାଂସ ଭୋଜି ହେଉଥିବା ଖବରପାଇ ବନବିଭାଗ ଟିମ୍ ରବିବାର ଚଢ଼ାଉ କରିଥିଲା। ପୋଲିସ ପାଖରୁ ସର୍ଚ୍ଚ ୱାରେଣ୍ଟ ନେଇ ଏହି ଟିମ୍ ସାନବଡଗୋପାଳପୁର ଗାଁର ଜଣେ ବ୍ୟକ୍ତିଙ୍କ ଘରେ ଚଢ଼ାଉ କରିଥିଲା। ମାତ୍ର ସେଠାରେ କିଛି ମିଳ ନ ଥିଲା ବୋଲି ରେଞ୍ଜ ଅଫିସର ସୁରଜିତ ସାହୁ କହିଛନ୍ତି।

### ଘର ଉପରେ ବିପଦସଙ୍କୁଳ ବିଦ୍ୟୁତ୍ ତାର

ସିଂହପୁର, ୨୮।୬ (ଡି.ଏନ୍.ଏ.): ବିଦ୍ୟୁତ୍ ବିଭାଗର ବେପରୁଆ ମନୋଭାବ ଯୋଗୁ ଅନେକ ସମୟରେ ଜନସାଧାରଣ ଦୁର୍ଘଟଣାର ଶିକାର ହେଉଛନ୍ତି। ଏ ସମ୍ପର୍କରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଇଲେ ବି କିଛି ସୁଫଳ ମିଳୁନି। ବିଞ୍ଝାରପୁର ବ୍ଲକ ଓଳେଇଚନ୍ଦନପୁର ପଞ୍ଚାୟତ ଅଞ୍ଚଳରୁ ଏଭଳି ଅଭିଯୋଗ ଆସିଛି। ପଞ୍ଚାୟତ ଅଧୀନ ଚନ୍ଦନପୁର ସାମଲ ସାହିରେ କେତେଜଣ ଲୋକଙ୍କ ଘର ଉପର ଦେଇ ବିଦ୍ୟୁତ୍ ତାର ଟଣା ହୋଇଛି। ସାମାନ୍ୟ ବର୍ଷା ପବନ ହେଲେ ଏହି ତାର ଛିଣ୍ଡି ଛାତ ଉପରେ ପଡୁଥିବା ବେଳେ ଅନେକ ସମୟରେ ଏହା ରାସ୍ତା ଉପରେ ପଡି ରହୁଛି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଏ ଦିଗରେ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

### ସରକାରୀ ବିହନ ଗଜା ହେଉନି

ବାଲିଆ,୨୮।୬: ରାଜ୍ୟ ବିହନ ନିଗମ ପକ୍ଷରୁ ଚାଷୀଙ୍କୁ ଯୋଗାଇ ଦିଆଯାଇଥିବା ଧାନ ବିହନ ଗଜା ହେଉ ନ ଥିବା ଅଭିଯୋଗ ହେଉଛି। ଏହାର ଉଦାହରଣ ଦେଖିବାକୁ ମିଳିଛି ବିରିଡି ବ୍ଲକ ଅଧୀନ ସଢ଼େଇ ପଞ୍ଚାୟତ ଦଣ୍ଡିଲୋ ଗ୍ରାମରେ। ଏହି ଗ୍ରାମର ଚାଷୀ ରୁଦ୍ର ପ୍ରସାଦ ଜେନା ଗୋପୀନାଥପୁର କୃଷି ସେବା ସମବାୟ ସମିତିରୁ ୨୦ କି.ଗ୍ରା.ର ୩ ପ୍ୟାକେଟ ପୂଜା ଓ ଶାରଳା ଧାନ ବିହନ ଆଣି ବୁଣିଥିଲେ। ମାତ୍ର ସେଥିରୁ ୭୦ ଭାଗ ଗଜା ହୋଇ ନାହିଁ ବୋଲି ଅଭିଯୋଗ କରିଛନ୍ତି। ଏହି ବିହନରେ ୬୦ଗୁଣ୍ଠରୁ ଉର୍ଦ୍ଧ୍ୱ ଜମି ରୁଆ ହୋଇଥାନ୍ତା। ଏବେ ଜେନାଙ୍କ ପାଖରେ ବିହନ ନ ଥିବାରୁ ସେ ମୁଣ୍ଡରେ ହାତ ଦେଇ ବସିଛନ୍ତି। ତାଙ୍କୁ ମାଗଣାରେ ବିହନ ଯୋଗାଣ ସହ କ୍ଷତି ପୂରଣ ପ୍ରଦାନ କରିବାକୁ ସେ ଦାବି କରିଛନ୍ତି। ସେହିପରି ପଞ୍ଚାୟତର ଅନ୍ୟ କେତେଜଣ ଚାଷୀଙ୍କ ମଧ୍ୟ ବିହନ ଗଜା ହେଉ ନ ଥିବା ଅଭିଯୋଗ ହୋଇଛି।

# ମୌସୁମୀ ବାଟବଣା: ଚାଷ ପ୍ରଭାବିତ

ଯାଜପୁର ଅଫିସ, ୨୮।୬



ବ୍ରାହ୍ମଣୀ ନଦୀ ଶୁଖିଲା ପଡ଼ିଛି।

**ଯାଜପୁର ଜିଲା**
- ଜୁନ୍‌ରେ ସ୍ୱାଭାବିକଠାରୁ ୩୨% କମ୍ ବର୍ଷା
- ଗ୍ରାମାଞ୍ଚଳରେ ଜଳସଙ୍କଟ
- ପାଇପ୍ ଜଳଯୋଗାଣ ପ୍ରକଳ୍ପ ନୈରାଶ୍ୟଜନକ

ମୌସୁମୀ ବାଟବଣା ହୋଇଛି। ଆଷାଢରେ ହେଉଛି ଗ୍ରୀଷ୍ମ ପ୍ରବାହ। ଗତ ୨୪ ଓ ୨୫ ତାରିଖରେ ସର୍ବୋଚ୍ଚ ତାପମାତ୍ରା ପ୍ରାୟ ୪୦ ଡିଗ୍ରୀ ସେଲସିୟସ୍ ରହିବା ଯୋଗୁ ଯାଜପୁର ଜିଲାବାସୀ ନୟାନ୍ତ ହୋଇ ପଡିଛନ୍ତି। ଜୁନରେ ଜିଲାର ସ୍ୱାଭାବିକ ହାରାହାରି ବୃଷ୍ଟିପାତ ହେଉଛି ୨୩୮.୫ ମିଲିମିଟର। କିନ୍ତୁ ଚଳିତ ମାସ ଶନିବାର ସୁଦ୍ଧା ମାତ୍ର ୧୬୨.୩୪ ମିଲିମିଟର ଅର୍ଥାତ୍ ସ୍ୱାଭାବିକ ହାରାହାରି ବୃଷ୍ଟିପାତର ମାତ୍ର ୬୮% ବର୍ଷା ହୋଇଛି। ଏହାସହ ଗତ ସପ୍ତାହେ ହେଲା ବର୍ଷା ପରିମାଣ ୨ ଅଙ୍କ ବି ଛୁଇଁ ପାରିନାହିଁ। ଏପଟେ ଜିଲା ଦେଇ ପ୍ରବାହିତ ବ୍ରାହ୍ମଣୀ, ଖରସ୍ରୋତା, ବୈତରଣୀ, ବିରୂପା, କେଲୁଅ ଆଦି ନଦୀ ପ୍ରାୟ ଶୁଖିଗଲାଣି। ଏହି ପରିସ୍ଥିତିରେ ସମଗ୍ର ଜିଲାରେ ଚାଷ ସହ ପାନୀୟ ଜଳସଙ୍କଟ ଦେଖାଦେଇଛି। ପିଇବା ପାଣି ଲାଗି ଲୋକେ ଆନ୍ଦୋଳନ କରିବାକୁ ରାସ୍ତାକୁ ଓହ୍ଲାଇବା ଆରମ୍ଭ ହୋଇଛି। ଆଉ କିଛିଦିନ ବର୍ଷା ନ ହେଲେ ପରିସ୍ଥିତି ସଙ୍ଗିନ ହେବ ବୋଲି ଚାଷୀ ମହଲରେ ଭାଲେଣି ପଡିଛି ।

ଜିଲାର ୧୦ ବ୍ଲକ ଅଞ୍ଚଳରେ ୧୭ ହଜାରରୁ ଉର୍ଦ୍ଧ୍ୱ ନଳକୂପ ଓ ୩୨୧ ପାଇପ୍ ଜଳଯୋଗାଣ ପ୍ରକଳ୍ପ କାର୍ଯ୍ୟକାରୀ ହେଉଥିବା ନେଇ ବିଭାଗ ପକ୍ଷରୁ ସୂଚିତ କରାଯାଇଛି। ତେବେ ୧୦୯ ଗ୍ରାମ ପଞ୍ଚାୟତ ହେଡ୍‌କ୍ୱାର୍ଟର୍ସ ଏବଂ ୭୬ ଗ୍ରାମ ପଞ୍ଚାୟତର ଗୋଟିଏ ଗୋଟିଏ ଗ୍ରାମରେ ପାଇପ ଜଳଯୋଗାଣ ପ୍ରକଳ୍ପ କାର୍ଯ୍ୟକାରୀ ହେଉଥିବା ରିପୋର୍ଟରୁ ଜଣାପଡିଛି। ଅନ୍ୟପକ୍ଷେ ଯାଜପୁର ଜିଲାର ଭୂତଳ ଜଳରେ ଆଇରନ ଏବଂ ଟୋଲ କୋଲିଫର୍ମ(ଟିସି) ଓ ଫେକାଲ କୋଲିଫର୍ମ(ଏଫସି) ଅଂଶ ଆବଶ୍ୟକତାଠାରୁ ବହୁ ଗୁଣରେ ଅଧିକ ରହିଥିବାରୁ ଅଧିକାଂଶ ନଳକୂପ ପାନୀୟ ଅନୁପଯୋଗୀ ହୋଇପଡ଼ିଛି। ୨୦୧୯-୨୦ ବର୍ଷରେ ହୋଇଥିବା ପରୀକ୍ଷା ରିପୋର୍ଟରେ ୭୪୪ରୁ ୭୪୨ ବସତି ଅଞ୍ଚଳର ନଳକୂପ ପାଣି ଆଇରନଯୁକ୍ତ। ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ (ଆର୍‌ଡବ୍ଲ୍ୟୁଏସ୍‌ଏସ୍) ପକ୍ଷରୁ ଜଳର ମାତ୍ରା ବା ଉତ୍କର୍ଷର ସ୍ତର ସମ୍ପର୍କରେ ହୋଇଥିବା ବାର୍ଷିକ ଡାଟା ଅପଡେଶନ (ୱାଇଡିୟୁ) ରିପୋର୍ଟରେ ଏହା ସ୍ପଷ୍ଟ ହୋଇସାରିଛି। ଆଇରନଯୁକ୍ତ ପାଣି ପିଇ ଜିଲାବାସୀ ବିଭିନ୍ନ ମାରାତ୍ମକ ରୋଗରେ ଆକ୍ରାନ୍ତ ହେଉଛନ୍ତି। ତଥାପି ନଦୀନାଳ ଭରା ଜିଲାରେ ନଦୀ ପାଣି ବ୍ୟବହାର କରି ପାଇପ୍ ଜଳଯୋଗାଣ ପ୍ରକଳ୍ପ ଏଠାରେ ନୈରାଶ୍ୟଜନକ ହୋଇଛି। ସୁକିନ୍ଦା ବ୍ଲକରେ ବ୍ରାହ୍ମଣୀ ନଦୀଗର୍ଭରେ ଏକ ମେଗା ପାଇପ୍ ଜଳଯୋଗାଣ ପ୍ରକଳ୍ପ କାର୍ଯ୍ୟକାରୀ ହେଉଥିବାବେଳେ ବ୍ୟାସନଗର ସହର ପାଇଁ ଖରସ୍ରୋତା ନଦୀରୁ ପାଇପ୍ ଜଳଯୋଗାଣ ହେଉଛି। ଏହାବାଦ୍ ଜିଲାରେ କୌଣସି ନଦୀ ପ୍ରକଳ୍ପ କାର୍ଯ୍ୟକାରୀ ହୋଇ ପାରିନାହିଁ। ନଦୀ ଜଳ ଉପରେ ଲୋକଙ୍କ ଯୁଗ ଯୁଗର ଅଧିକାର।

କୃଷି, ପଶୁପାଳନ ଓ ମତ୍ସ୍ୟ ଚାଷ ଭାରତର ମୌଳିକ ଅର୍ଥନୀତିର ଏକ ପ୍ରମୁଖ ଦିଗ। କିନ୍ତୁ ଯାଜପୁର ଜିଲାରେ ଶିଳ୍ପ କାରଖାନା ପାଇଁ ନଦୀଜଳ ବ୍ୟବହାରକୁ ଅଧିକ ଗୁରୁତ୍ୱ ଦିଆଯାଉଥିବା ଅଭିଯୋଗ ହେଉଛି। ଏଭଳିସ୍ଥଳେ ଆବଶ୍ୟକ ବର୍ଷା ନହେବା ଜିଲାର ଅଣଜଳସେଚିତ ଅଞ୍ଚଳରେ ଗଜା ମରୁଡି ସ୍ଥିତି ଉପୁଜିବା ଆଶଙ୍କା ରହିଛି। କିନ୍ତୁ ଜଳ ସଂକଟକୁ ଏକ ପ୍ରାକୃତିକ ବିପର୍ଯ୍ୟୟ ଭାବରେ ଗ୍ରହଣ କରିବାକୁ ପ୍ରଶାସନ ମାନସିକ ଭାବରେ ପ୍ରସ୍ତୁତ ନ ଥିବା ମନେ ହେଉଛି । ଖରସ୍ରୋତା ନଦୀଜଳ ସୁରକ୍ଷା ଆନ୍ଦୋଳନର ଆବାହକ ହରେକୃଷ୍ଣ ପଣ୍ଡା କୁହନ୍ତି, ନଦୀଗୁଡିକର ଉପଯୁକ୍ତ ରକ୍ଷଣାବେକ୍ଷଣ ହେଉନାହିଁ। ପ୍ରାୟ ୯୦ ଭାଗ ନଦୀଜଳ ସମୁଦ୍ରରେ ମିଶୁଛି। ପୂର୍ବ ଯାଜପୁର ଅଞ୍ଚଳର ଜଳ ଲବଣାକ୍ତ ହୋଇ ଉପରକୁ ଉଠି ଆସୁଛି। ଖରସ୍ରୋତା, ବ୍ରାହ୍ମଣୀ, ବୈତରଣୀ ଓ ବିରୂପା ନଦୀରେ ୪ଟି ଲେଖାଏ ଡ୍ୟାମ ନିର୍ମାଣ କରାଗଲେ ଜଳସେଚନ ସୁବିଧା ସହ ଲବଣାକ୍ତ ସମସ୍ୟା ଦୂର ହୋଇପାରନ୍ତା ବୋଲି ପଣ୍ଡା କହିଛନ୍ତି।

## ରାତିକରେ ୬ ଦୋକାନରୁ ଚୋରି

ରାଜନଗର,୨୮।୬(ଡି.ଏନ୍.ଏ.)

ରାଜନଗର ଥାନା ଅନ୍ତର୍ଗତ ସାନ ବଡ ଗୋପାଳପୁର ପଞ୍ଚାୟତରେ ଶନିବାର ରାତିରେ ୬ ଦୋକାନରୁ ଚୋରି ହୋଇଛି। ଚୋରମାନେ ଗୋସିଗାଁ, ନୁରୁଗାଁ ଏବଂ ଓଲରା ଛକରେ ଥିବା ଦୋକାନଗୁଡ଼ିକୁ ଭାଙ୍ଗି ବିଭିନ୍ନ ସାମଗ୍ରୀ ଚୋରି କରିଛନ୍ତି। ଗୋସିଗାଁ ଛକରେ ମହେଶ୍ୱର ପ୍ରଧାନଙ୍କ ଓ ସୁଶାନ୍ତ କୁମାର ରାଉତଙ୍କ ଦୋକାନରୁ ଟଙ୍କା ସମେତ ବିଭିନ୍ନ ଖାଦ୍ୟ ସାମଗ୍ରୀ ଚୋରି କରିଛନ୍ତି। ଉକ୍ତ ଛକରେ ରତିକାନ୍ତ ବିଶ୍ୱାଳଙ୍କ ଭେରାଇଟି ଷ୍ଟୋରରୁ ଆଜବେଷ୍ଟସ୍ ଓ ସିଲିଂ ତାଡ଼ିଦେଇଛନ୍ତି। ନୁରୁଗାଁ-ଭାଟପଡା ରାସ୍ତାରେ ଥିବା କୃପାସିନ୍ଧୁ ସେଠୀ ଓ ମାନସ ବଳଙ୍କ କ୍ୟାବିନ୍ ତାଡି ବିଭିନ୍ନ ସାମଗ୍ରୀ ଲୁଟ୍ କରିଛନ୍ତି। ସେହିପରି ଓଲରା ଛକରେ ଥିବା ସନାତନ ସ୍ୱାଇଁଙ୍କ ଦୋକାନର ଝରକା ଗ୍ରୀଲ ତାଡି ୫ ହଜାର ଟଙ୍କା ସମେତ ବିଭିନ୍ନ ରାଶନ ସାମଗ୍ରୀ ଲୁଟ୍ କରିଛନ୍ତି। ଏନେଇ ସନାତନ ଥାନାରେ ଅଭିଯୋଗ କରିଛନ୍ତି। ଏସମ୍ପର୍କରେ ଥାନା ଆଇଆଇସି ତପନ ନାୟକ କହିଛନ୍ତି, ଅଭିଯୋଗ ମିଳିବା ପରେ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଉଛି।

# ଯାଜପୁରରେ କରୋନା ସ୍ଥିତି ଅସମ୍ଭାଳ

ଯାଜପୁର ଅଫିସ୍/ବଡ଼ଚଣା/ ବିଞ୍ଝାରପୁର/ରତ୍ନଗିରି, ୨୮।୬ (ଡି.ଏନ୍.ଏ.)

- ଗୋଟିଏ ଦିନରେ ୪୧ ସଂକ୍ରମିତ
- ତହସିଲଦାରଙ୍କୁ କରୋନା ନେଇ ଚର୍ଚ୍ଚା

ଯାଜପୁର ଜିଲାର ୬ ବ୍ଲକରେ ରବିବାର ୪୧ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଥିଛନ୍ତି। ସେମାନଙ୍କ ମଧ୍ୟରୁ ୧୭ ଜଣ ହୋମ୍ କ୍ୱାରାଣ୍ଟାଇନରୁ ଚିହ୍ନଟ ହୋଇଥିବା ବେଳେ ଅନ୍ୟ ୨୪ ଜଣ ଲୋକାଲ କଣ୍ଟାକ୍ଟ ବୋଲି ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ରିପୋର୍ଟରୁ ଜଣାପଡିଛି। ଅନ୍ୟପକ୍ଷେ ରବିବାର ଜିଲାର ଜଣେ ତହସିଲଦାରଙ୍କ ସ୍ୱାବ୍ ନମୁନା ପଜିଟିଭ ଆସିଥିବା ଜିଲାସାରା ଚର୍ଚ୍ଚା ହେଉଛି। ଏହା ସରକାରୀ ଭାବେ ଘୋଷଣା କରାଯାଇ ନଥିଲେ ହେଁ ଜିଲା ପ୍ରଶାସନିକ ଅଧିକାରୀ ଓ କର୍ମଚାରୀଙ୍କ ମଧ୍ୟରେ ଛନକା ପଶିଛି। ଏ ନେଇ ସରକାରୀ ଭାବେ କୌଣସି ରିପୋର୍ଟ ମିଳି ନ ଥିବା ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ କହିଛନ୍ତି। ତେବେ ରବିବାର ସୁଦ୍ଧା ଜିଲାରେ ସଂକ୍ରମିତଙ୍କ ସଂଖ୍ୟା ୪୪୬ରେ ପହଞ୍ଚିଛି। ଏହାସହ ରବିବାର ୯ ଜଣଙ୍କୁ ମିଶାଇ ଜିଲାରେ ସମୁଦାୟ ୩୫୧ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ନୂତନ ସଂକ୍ରମିତଙ୍କ ମଧ୍ୟରେ ବରୀ ବ୍ଲକର ସର୍ବାଧିକ ୧୭ ଜଣ ଅଛନ୍ତି। ସେମାନଙ୍କ ମଧ୍ୟରୁ ୯ ଜଣ ସ୍ଥାନୀୟ ଲୋକ ହୋଇଥିବା ବେଳେ ଦୁବାଇ, ମସ୍କୋ, ଆଫ୍ରିକା, ମହାରାଷ୍ଟ୍ରରୁ, ସୌଦିଆରବ, ହରିୟାଣାରୁ ଜଣେ ଲେଖାଏଁ ଏବଂ ୨ଜଣ ଦିଲ୍ଲୀ ଫେରନ୍ତା। କୋରେଇ ବ୍ଲକରୁ ଚିହ୍ନଟ ୨ ଜଣଙ୍କ ମଧ୍ୟରୁ ମହାରାଷ୍ଟ୍ର ଓ ତେଲଙ୍ଗନାରୁ ଜଣେ ଲେଖାଏ ଫେରିଥିବା ବେଳେ ବିଞ୍ଝାରପୁର ବ୍ଲକର ୯ଜଣଙ୍କ ମଧ୍ୟରେ ହରିୟାଣାରୁ ୩, ଦିଲ୍ଲୀରୁ ୪, କଙ୍ଗୋ ଓ ପଶ୍ଚିମବଙ୍ଗ ଫେରନ୍ତା ଜଣେ ଲେଖାଏ ଅଛନ୍ତି। ଯାଜପୁର ବ୍ଲକର ଚିହ୍ନଟ ଜଣେ ସ୍ଥାନୀୟ ବ୍ୟକ୍ତି, ଦଶରଥପୁର ବ୍ଲକରୁ ଚିହ୍ନଟ ୮ ଜଣଙ୍କ ମଧ୍ୟରୁ ଦିଲ୍ଲୀରୁ ୬ ଜଣ ଓ ହରିୟାନାରୁ ୨ ଜଣ ଫେରିଥିବା ବେଳେ ବଡଚଣା ବ୍ଲକରୁ ଚିହ୍ନଟ ୨ ଜଣ ତାମିଲନାଡୁ ଓ ମହାରାଷ୍ଟ୍ରରୁ ଫେରିଥିଲେ। ସେହିପରି ଧର୍ମଶାଳା ବ୍ଲକରୁ ଚିହ୍ନଟ ଦୁଇ ଜଣ ନିକଟରେ ହରିୟାନା ଓ ତାମିଲନାଡୁରୁ ଫେରିଥିବା ସୂଚନା ମିଳିଛି। ଅନ୍ୟପକ୍ଷେ ରବିବାର ସୁସ୍ଥ ହୋଇଥିବା ସଂକ୍ରମିତଙ୍କ ମଧ୍ୟରୁ ଯାଜପୁର ବ୍ଲକର ୫ ଜଣ, ବଡ଼ଚଣା ବ୍ଲକର ୨ଜଣ ଏବଂ କୋରେଇ ଓ ଦଶରଥପୁର ବ୍ଲକର ଜଣେ ଲେଖାଏ ବୋଲି ସୂଚନା ଦିଆଯାଇଛି।

## ନାବାଳିକା ଶାଳୀଙ୍କୁ ବଳାତ୍କାର: ଜେଲ ଗଲେ ଭିଣୋଇ

ନୟାଗଡ଼ ଅଫିସ,୨୮।୬

ନାବାଳିକା ଶାଳୀଙ୍କୁ ବଳାତ୍କାର କରିବା ଅଭିଯୋଗରେ ଜେଲ ଯାଇଛନ୍ତି ଭିଣୋଇ। ନୟାଗଡ଼ ଜିଲା ଗଣିଆ ଥାନା ଅଞ୍ଚଳରେ ଘଟିଛି ଏପରି ଘଟଣା। ଅଭିଯୋଗ ଅନୁସାରେ, ଗଣିଆ ଥାନା ଅଞ୍ଚଳର ସମ୍ପୃକ୍ତ ଯୁବକ ପ୍ରାୟ ୫ରୁ ୬ମାସ ତଳେ ଭଲ ପାଇ ନୂଆଗାଁରେ ବିବାହ କରିଥିଲେ। ବିବାହ ପରେ ୨ମାସ ଏହି ନବଦମ୍ପତି କଟକରେ ରହିଥିଲେ। ପରେ ଶ୍ୱଶୁର ଘର ବୁଲିବାକୁ ଆସିଥିଲେ। ହେଲେ ଲକ୍‌ଡାଉନ ଓ ଶଟ୍‌ଡାଉନ କାରଣରୁ ଆଉ କଟକ ଯାଇ ପାରି ନ ଥିଲେ। ଶ୍ୱଶୁର ଘରେ ରହିଥିବାବେଳେ ଯୁବକ ତାଙ୍କ ୧୩ ବର୍ଷୀୟା ଶାଳୀଙ୍କୁ ବଳାତ୍କାର କରିଥିଲେ। ଘରେ କାହାରିକୁ କହିଲେ ନିଜେ ଆତ୍ମହତ୍ୟା କରି ଭଉଣୀଙ୍କୁ ବିଧବା କରାଇ ଦେବେବୋଲି ଶାଳୀଙ୍କୁ ଧମକ ଦେଇଥିଲେ। ଏପରି କି ୨୫ ତାରିଖରେ କଟକ ଚାଲିଯିବେବୋଲି ଯୋଜନା କରିଥିଲେ। ତେବେ ସାନ ଭଉଣୀଠାରୁ ବଳାତ୍କାର ଘଟଣା ଶୁଣିବା ପରେ ଯୁବକଙ୍କ ସ୍ତ୍ରୀ ତାଙ୍କ ସ୍ୱାମୀଙ୍କ ନାଁରେ ଗଣିଆ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ମାମଲା (ନଂ-୨୮/୨୦) ରୁଜୁ କରି ସମ୍ପୃକ୍ତ ଯୁବକଙ୍କୁ ଗିରଫ କରିଥିଲା। ଜାମିନ ନାମଞ୍ଜୁର ପରେ ତାଙ୍କୁ ରବିବାର ନୟାଗଡ଼ ସବ୍‌ଜେଲକୁ ପଠାଇ ଦିଆଯାଇଛି।

## ବିଗୁଡୁଛି କରୋନା ସ୍ଥିତି, କଟକଣାକୁ ପରିବା ବ୍ୟବସାୟୀଙ୍କ ବେଖାତିର



ବାରବାଟିସ୍ଥିତ ଦୈନିକ ପରିବା ହାଟ।

ରସୁଲପୁର, ୨୮।୬ (ଡି.ଏନ୍.ଏ.)

ରାଜ୍ୟରେ କରୋନା ସ୍ଥିତି ସାଂଘାତିକ ହେଉଥିବା ବେଳେ ଯାଜପୁର ଜିଲାରେ ସଂକ୍ରମିତଙ୍କ ସଂଖ୍ୟା ପାଖାପାଖି ସାଢ଼େ ୪ଶହରେ ପହଞ୍ଚିଛି। ଏହାକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ କଟକଣା ଲାଗୁ କରାଯାଇଥିବା ବେଳେ ଘରୁ ବାହାରିଲେ ମାସ୍କ ବ୍ୟବହାର, କିଛି ସମୟ ବ୍ୟବଧାନରେ ହାତ ଧୋଇବା ଓ ସାମାଜିକ ଦୂରତା ବଜାୟ ରଖିବାକୁ ନିର୍ଦ୍ଦେଶ ଜାରି କରାଯାଇଛି। ଏସବୁ ଭିତରେ ରସୁଲପୁର ବ୍ଲକ ବାରବାଟିସ୍ଥିତ ଦୈନିକ ପରିବା ହାଟ ଏବେ ପ୍ରଶାସନର ଚିନ୍ତା ବଢ଼ାଇ ଦେଇଛି। ଦିନକୁ ଦିନ କରୋନା ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ପାଉଥିବା ବେଳେ ହାଟରେ ପରିବା ବ୍ୟବସାୟୀମାନେ ସରକାରୀ ନିୟମକୁ ଫୁଁ କରିଚାଲିଛନ୍ତି। ହାଟରେ ଅନେକ ବ୍ୟବସାୟୀ ମାସ୍କ ପିନ୍ଧି ଆସୁ ନ ଥିବା ବେଳେ ସାମାଜିକ ଦୂରତା ରକ୍ଷା କରାଯାଉନି। ଏହାସହ ହାଟପଡ଼ିଆ ଭିତରେ ଏଣେତେଣେ ପାନ, ଗୁଟ୍‌ଖା ଛେପ ପକାଯିବା ସହ ବଡ଼ ବଡ଼ ଗାଡ଼ିକୁ ହାଟ ଭିତରକୁ ପ୍ରବେଶ କରାଯାଉଛି। ଏହାଛଡ଼ା ରାତି ୭ରୁ ସକାଳ ୭ ପର୍ଯ୍ୟନ୍ତ କର୍ଫ୍ୟୁ ବଳବତ୍ତର ରହୁଥିଲେ ବି ହାଟରେ କାରବାର ଚାଲୁଥିବା ଦେଖାଯାଉଛି। ତେବେ ବ୍ୟବସାୟୀଙ୍କ ଏଭଳି ବେପରୁଆ କାର୍ଯ୍ୟ ଉପରେ ରୋକ ଲଗା ନ ଗଲେ, ଆଗାମୀ ଦିନରେ ଏହା କରୋନା ହଟ୍‌ସ୍ପଟ୍‌ରେ ପରିଣତ ହେବା ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ ବୋଲି ଅଞ୍ଚଳବାସୀ କହିଛନ୍ତି।

## ବାଉଁଶ ଭାରାରେ ବୁହାଗଲେ ରୋଗୀ

ମହାକାଳପଡ଼ା,୨୮।୬(ଡି.ଏନ୍.ଏ.)

ରାସ୍ତା ନ ଥିବାରୁ ଲୋକେ କିପରି ଅସୁବିଧା ଭୋଗୁଛନ୍ତି ତା'ର ଏକ ଉଦାହରଣ ଦେଖିବାକୁ ମିଳିଛି ମହାକାଳପଡ଼ା ବ୍ଲକ ପେଟଛେଲା ପଞ୍ଚାୟତ ଅନ୍ତର୍ଗତ ଜଙ୍ଗଲଘେରି ଶବରପଡ଼ାରେ। ଏହି ଗ୍ରାମର ନର ନାୟକ (୫୦) ରବିବାର ହଠାତ୍ ଅସୁସ୍ଥ ହୋଇ ପଡ଼ିଥିଲେ। ପରିବାର ଲୋକେ ଏନେଇ ଆମ୍ବୁଲାନ୍ସକୁ ଖବର ଦେଇଥିଲେ। ମାତ୍ର ଗାଁକୁ ପକ୍କା ରାସ୍ତା ନ ଥିବାରୁ ୨ କିଲୋମିଟର ଦୂରରେ ଥିବା ରାମଚଣ୍ଡୀ ରାସ୍ତାରେ ଆମ୍ବୁଲାନ୍ସ ଅଟକି ଯାଇଥିଲା। ପୋଡ଼ଶୀ ତାଙ୍କୁ ବାଉଁଶ ଭାରରେ ବୋହି ଆମ୍ବୁଲାନ୍ସରେ ଛାଡ଼ିଥିଲେ। ସେଠାରୁ ସେ ଗାଡ଼ିରେ କେନ୍ଦ୍ରାପଡ଼ା ମୁଖ୍ୟ ଚିକିତ୍ସାଳୟକୁ ଯାଇଥିଲେ। ସ୍ୱାଧୀନତାର ଏତେ ବର୍ଷ ପରେ ବି ରାସ୍ତା ଖଣ୍ଡେ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ସମ୍ପର୍କରେ ବିଡିଓ ଦେବାଶିଷ ରାଉତ କହିଛନ୍ତି, ଶବରପଡ଼ା ଗ୍ରାମରେ ରାସ୍ତା ନିର୍ମାଣ ପାଇଁ ଖୁବ୍‌ଶୀଘ୍ର ପଦକ୍ଷେପ ନିଆଯିବ।

## ବିବାହ ପ୍ରତିଶ୍ରୁତି ଦେଇ ବଳାତ୍କାର

ରାଜନଗର, ୨୮।୬(ଡି.ଏନ୍.ଏ.): ରାଜନଗର ଅଞ୍ଚଳର ଜଣେ ଯୁବତୀଙ୍କୁ ବିବାହ କରିବାକୁ ପ୍ରତିଶ୍ରୁତି ଦେଇ ବଳାତ୍କାର କରାଯାଇଛି। ଏନେଇ ପୀଡ଼ିତାଙ୍କ ଭାଇ ଥାନାରେ ଅଭିଯୋଗ କରିବା ପରେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ସେ ହେଲେ ତନ୍ତିଆପାଳ ସାମୁଦ୍ରିକ ଥାନା ଅନ୍ତର୍ଗତ ଶଙ୍ଖପୁର ଗାଁର ବାବୁ ସେଠୀ (୨୪)। ପୀଡିତାଙ୍କ ସହ ବାବୁଙ୍କର ପୂର୍ବରୁ ପ୍ରେମ ସମ୍ପର୍କ ଥିଲା। ସମ୍ପୃକ୍ତ ଯୁବତଙ୍କୁ ବିବାହ କରିବାକୁ କହି ବାବୁ ତାଙ୍କୁ ବଳାତ୍କାର କରିଥିଲେ। ମାତ୍ର ପରେ ବିବାହ କରିବାକୁ ମନା କରିଦେଇଥିଲେ। ଏନେଇ ପୀଡ଼ିତା ଗତ ଶୁକ୍ରବାର ବାବୁଙ୍କ ଘରେ ପହଞ୍ଚି ବିବାହ କରିବାକୁ ଜିଦ୍ କରିଥିଲେ। ମାତ୍ର ଅଭିଯୁକ୍ତ ମାଡ଼ ମାରି ତାଙ୍କୁ ସେଠାରୁ ବିଦା କରିଦେଇଥିଲେ ବୋଲି ଅଭିଯୋଗ ପତ୍ରରେ ଦର୍ଶାଯାଇଛି। ଏନେଇ ପୋଲିସ ପକ୍ଷରୁ ମାମଲା (ନଂ. ୧୪୦/୨୦) ରୁଜୁ କରାଯାଇ ଉଭୟଙ୍କ ଡାକ୍ତରୀମାଇନା କରାଯାଇଛି।

## ଅଗ୍ନିକାଣ୍ଡରେ ୪ ବଖରା ଜଳିଗଲା

ମହାକାଳପଡ଼ା,୨୮।୬(ଡି.ଏନ୍.ଏ.)

ମହାକାଳପଡ଼ା ବ୍ଲକ ଜମ୍ବୁ ଗ୍ରାମରେ ଶନିବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ୪ ବଖରା ଜଳିଯାଇଛି। ଏଥିରେ ଗୌର ଭୂୟାଁ ଓ ନିତାଇ ଭୂୟାଁଙ୍କ ପରିବାର କ୍ଷତିଗ୍ରସ୍ତ ହୋଇଛନ୍ତି। ରାତିରେ ପରିବାର ଲୋକେ ଶୋଇଥିବା ବେଳେ ନିଆଁ ଲାଗି ଯାଇଥିଲା। ଏହାପରେ ସେମାନେ ଘରୁ ବାହରି ଆସି ଡାକ ପକାଇଥିଲେ। ପଡୋଶୀ ସେଠାରେ ପହଞ୍ଚିବା ବେଳକୁ ସବୁ ଜଳିପୋଡ଼ି ପାଉଁଶ ହୋଇଯାଇଥିଲା। ଗ୍ୟାସ ଟାଙ୍କୀରୁ ବିସ୍ଫୋରଣ ଘଟି ଏହି ନିଆଁ ଲାଗିଥିବା ଆଶଙ୍କା କରାଯାଉଛି। ପେଟଛେଲା ସର୍କଲ ରାଜସ୍ୱ ନିରୀକ୍ଷକ ଅଲେଖ ଚନ୍ଦ୍ର ତରାଇ ଶନିବାର ଘଟଣା ସ୍ଥଳରେ ପହଞ୍ଚି କ୍ଷୟକ୍ଷତି ହିସାବ କରିଛନ୍ତି।

## ଜଗତ୍‌ସିଂହପୁରରେ ପୁଣି ୪ ସଂକ୍ରମିତ

ଜଗତ୍‌ସିଂହପୁର ଅଫିସ,୨୮।୬

ଜଗତ୍‌ସିଂହପୁର ଜିଲାରେ ହୁହୁ ହୋଇ କରୋନା ସଂକ୍ରମଣ ବୃଦ୍ଧି ପାଉଥିବାରୁ ସାଧାରଣରେ ଚିନ୍ତାପ୍ରକଟ କରାଯାଉଛି। ରବିବାର ଜିଲାରେ ପୁଣି ୪ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଜଗତ୍‌ସିଂହପୁର ପୌରାଞ୍ଚଳରୁ ଜଣେ ରହିଛନ୍ତି। ଏହି ବ୍ୟକ୍ତିଜଣକ ଦିଲ୍ଲୀରୁ ଫେରି ସହରାଞ୍ଚଳ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରହୁଛନ୍ତି। ସେହିପରି ଜଗତ୍‌ସିଂହପୁର ବ୍ଲକ ଅଞ୍ଚଳର ୨ କରୋନା ସଂକ୍ରମିତ ହୋଇଥିବା ଘୋଷଣା କରାଯାଇଛି। ସେମାନଙ୍କ ମଧ୍ୟରୁ ଦିଲ୍ଲୀରୁ ୧ ଓ ତେଲଙ୍ଗାନାରୁ ଜଣେ ଫେରିଛନ୍ତି। ରଘୁନାଥପୁର ବ୍ଲକ ଅଞ୍ଚଳର ଜଣେ ପଶ୍ଚିମବଙ୍ଗ ଫେରନ୍ତା ହୋଇଥିବାବେଳେ ସେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ କୋଭିଡ୍ ପରୀକ୍ଷା କରିଥିଲେ। ତାଙ୍କ ସ୍ୱାବ ରିପୋର୍ଟ ଆସିଲା ପରେ କରୋନା ସଂକ୍ରମିତ ଥିବା ଜଣାଯାଇଛି। ଏହାକୁ ମିଶାଇ ଜିଲାରେ ସଂକ୍ରମିତ ସଂଖ୍ୟା ୨୭୨ରେ ପହଞ୍ଚିଛି। ସେମାନଙ୍କ ମଧ୍ୟରୁ ୧୬୮ ସୁସ୍ଥ ହୋଇଥିବାବେଳେ ୧୦୪ ଜଣ ଚିକିତ୍ସାଧୀନ ଥିବା ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ କୁହାଯାଇଛି।

## ଚାଉଳ ଦୁର୍ନୀତି ଘୋଡ଼ାଇବାକୁ ଉଦ୍ୟମ

କୁଜଙ୍ଗ,୨୮।୬(ଡି.ଏନ.ଏ.)

କୁଜଙ୍ଗ ବ୍ଲକ ମହିଳା ଓ ଶିଶୁ ବିକାଶ ପ୍ରକଳ୍ପ ପକ୍ଷରୁ କମ୍ ପରିମାଣର ଚାଉଳ ଯୋଗାଣକୁ ନେଇ କେତେଜଣ ଅଙ୍ଗନୱାଡି କର୍ମୀ ବିକ୍ଷୋଭ କରିଥିଲେ। ଏହାକୁ ନେଇ ମହିଳା ଓ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ(ସିଡିପିଓ) ତନୁପ୍ରଭା ବେଉରା ପ୍ରତିକ୍ରିୟାଶୀଳ ହୋଇ ଉଠିଛନ୍ତି। ବିନା ଅନୁମତିରେ ବିକ୍ଷୋଭରେ ସାମିଲ ହୋଇଥିବା ଅଙ୍ଗନୱାଡି କର୍ମୀଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି। ଅନ୍ୟପକ୍ଷରେ କୁଜଙ୍ଗ ବ୍ଲକ ଅଙ୍ଗନୱାଡି କର୍ମୀଙ୍କୁ ଭାଗ କରିବାକୁ ପ୍ରୟାସ କରୁଥିବା ନେଇ ତାଙ୍କ ବିରୋଧରେ ଅଭିଯୋଗ ହୋଇଛି। ଅଙ୍ଗନୱାଡି କର୍ମୀ ଅରୁଣା ପରିଡ଼ାଙ୍କ ଅକାଳ ବିୟୋଗକୁ ନେଇ ଶୋକସଭା କରିବା ଉଦ୍ଦେଶ୍ୟରେ ସେ କେତେଜଣ କର୍ମୀଙ୍କୁ ଡାକି ଏକତ୍ରିତ ହୋଇଥିଲେ। ସେଠାରେ ଗଣମାଧ୍ୟମକୁ କେବଳ ସରକାରୀ ନିୟମ ଆଧାରରେ ଛତୁଆ ପ୍ରସ୍ତୁତି ହେଉଥିବା କହିଥିଲେ। ଚାଉଳ ପ୍ରସଙ୍ଗରେ କିଛି କହି ନ ଥିଲେ। ଏଥିରୁ ସେ ଚାଉଳ ଦୁର୍ନୀତିକୁ ଘୋଡ଼ାଇ ଦେବାକୁ ଉଦ୍ୟମ କରିଥିବା ଅଭିଯୋଗ ହୋଇଛି।

ଏ ସଂକ୍ରାନ୍ତରେ ସିଡିପିଓ କହିଛନ୍ତି, ଚାଉଳ ପରିମାଣ କମ୍ ହେବାକୁ ନେଇ ଯେଉଁ ବିକ୍ଷୋଭ ହୋଇଥିଲା ତାହା ଉପରେ ଆସନ୍ତା ୩୦ ତାରିଖରେ ଆଲୋଚନା ହେବ। ଆଲୋଚନା ପରେ ଯାହାକିଛି ପଦକ୍ଷେପ ନିଆଯିବ। ସୂଚନଯୋଗ୍ୟ, କୁଜଙ୍ଗ ବ୍ଲକରେ ଅଙ୍ଗନୱାଡିକେନ୍ଦ୍ରଗୁଡିକୁ କମ୍ ପରିମାଣର ଚାଉଳ ଓ ନିମ୍ନମାନର ଖାଦ୍ୟ ଯୋଗାଣ ହେଉଥିବା ଅଭିଯୋଗ କରି ଗତ ସୋମବାର ଅଙ୍ଗନୱାଡ଼ି କର୍ମୀ ବିକ୍ଷୋଭ କରିଥିଲେ। ସେମାନେ ଅଭିଯୋଗ କରିଥିଲେଯେ, ଚାଉଳ ଯୋଗାଉଥିବା ସଂସ୍ଥା ୫୦ କିଲୋ ପ୍ୟାକେଟରେ ୩୫ କିଲୋ ଚାଉଳ ପ୍ରଦାନ କରୁଛି। ଗର୍ଭବତୀ ଓ ଶିଶୁଙ୍କ ପାଇଁ ଦିଆଯାଉଥିବା ଛତୁଆ ଅତି ନିମ୍ନମାନର। ଫଳରେ ଏହା ଖାଦ୍ୟ ଉପଯୋଗୀ ହୋଇପାରୁ ନାହିଁ।

# ଆଲୋଚନାରେ ସୀମିତ ଚାଷ ଓ ଚାଷୀର ଉନ୍ନତି

କେନ୍ଦ୍ରାପଡ଼ା ଅଫିସ, ୨୮।୬

**ନାହିଁ ଶୀତଳଭଣ୍ଡାର**

କରୋନା ସଂକ୍ରମଣ ପାଇଁ ପ୍ରବାସୀ ଘରକୁ ଫେରିଛନ୍ତି। ଦୀର୍ଘ ୪ ମାସ ତାଲାବନ୍ଦ ଯୋଗୁ ସେମାନଙ୍କ ପାଖରେ ସଞ୍ଚିତ ଥିବା ଅର୍ଥ ଶେଷହୋଇସାରିଛି। କର୍ମନିଯୁକ୍ତି ପାଇଁ ଏକମାତ୍ର କୃଷି ହିଁ ବିକଳ୍ପ ଥିବାବେଳେ କେନ୍ଦ୍ରାପଡ଼ା ଜିଲାରେ ବଜାର ମଣ୍ଡି ଓ ଶୀତଳ ଭଣ୍ଡାରର ଅଭାବ ଥିବାରୁ ଫସଲରୁ ଅର୍ଥ ଉପାର୍ଜନ ନେଇ ସନ୍ଦେହ ସୃଷ୍ଟି ହୋଇଛି। ଅପରପକ୍ଷେ ରାଜନେତା ଓ ପ୍ରଶାସକ ବିଭିନ୍ନ ଯୋଜନାରେ ଚାଷ ଓ ଚାଷୀଙ୍କ ଉନ୍ନତି କରାଯାଉଛି ବୋଲି ପ୍ରକାଶ କରୁଛନ୍ତି। ହେଲେ ଏହା କେବଳ ଆଲୋଚନାରେ ସୀମିତ ବୋଲି ବହୁ ବୁଦ୍ଧିଜୀବୀ ମତ ଦେଇଛନ୍ତି। ଏ ସମ୍ପର୍କରେ ବୁଦ୍ଧିଜୀବୀ ଗଣେଶ ଚନ୍ଦ୍ର ସାମଲ କୁହନ୍ତି, ଶିଳ୍ପବିହୀନ କେନ୍ଦ୍ରାପଡ଼ା ଜିଲାରେ ୬୯ ପ୍ରତିଶତ କୃଷିଜୀବୀ। ଏହି କୃଷକମାନେ ହରଡ, ଆଖୁ, ବାଦାମ ପରି ଅର୍ଥକରୀ ଫସଲ ବଦଳରେ ଧାନ, ମୁଗ, ବିରି ଓ ପନିପରିବାରେ ସୀମିତ ଅଛନ୍ତି। ଏହାର କାରଣ ଜଳ ପରିଚାଳନା ସମସ୍ୟା। ଜିଲାର ଆଳି, ରାଜନଗର ଓ ରାଜକନିକା ବ୍ଲକ ଅଞ୍ଚଳରେ ଆଦୌ କେନାଲ ନ ଥିବା ବେଳେ କ୍ଷେତରୁ ଉଦ୍‌ବୃତ୍ତ ଜଳ ନିଷ୍କାସନ ବ୍ୟବସ୍ଥା ନାହିଁ। ସେହିପରି ଜିଲାରେ ପ୍ରବାହିତ ନଦୀ ଓ ଶାଖା ନଦୀ କୂଳରେ ପନିପରିବା ଚାଷ ହେଉଥିଲେ ମଧ୍ୟ ବଜାରମଣ୍ଡି ଅଭାବରୁ ଚାଷୀଙ୍କୁ ଉପଯୁକ୍ତ ମୂଲ୍ୟ ମିଳୁନାହିଁ। ଶୀତଳଭଣ୍ଡାର ନ ଥିବାରୁ ଉତ୍ପାଦିତ ଫସଲ ସଂରକ୍ଷିତ କରାଯାଇପାରୁ ନାହିଁ। ଜିଲାକୁ ପ୍ରତ୍ୟେକ ଦିନ ୨୦୦ରୁ ଉର୍ଦ୍ଧ୍ୱ ଟ୍ରକ୍‌ରେ ଆଳୁ ଆସୁଛି। ଜିଲାରେ ଆଳୁ ଚାଷ ପାଇଁ ଭିତ୍ତିଭୂମି ଥିଲେ ମଧ୍ୟ ସଂରକ୍ଷଣ ଭୟରେ ଚାଷୀ ଚାଷ ପାଇଁ ଆଗଭର ହେଉନାହାନ୍ତି। ସେହିପରି ପନିପରିବା ସମେତ ବାହାର ଜିଲା ଓ ରାଜ୍ୟରୁ ଫୁଲ ଆସୁଛି। ଶୀତଳଭଣ୍ଡାର ପାଇଁ ବିଭିନ୍ନ ସମୟରେ ରାଜନେତା ଓ ପ୍ରଶାସକଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ ଏଥିରେ ସୁଫଳ ମିଳୁନାହିଁ। ବୁଦ୍ଧିଜୀବୀ ଭୁବନମୋହନ ଜେନା କୁହନ୍ତି, କେନ୍ଦ୍ରାପଡ଼ା, ପଟ୍ଟାମୁଣ୍ଡାଇ ଓ ମାର୍ଶାଘାଇଠାରେ ଅନ୍ୟୂନ ୫ଟି ଶୀତଳଭଣ୍ଡାରର ଆବଶ୍ୟକତା ଅଛି। ଏହା ନିର୍ମାଣ ହେଲେ ଜିଲାର କୁଟୀର ଶିଳ୍ପର ବୃଦ୍ଧି ଘଟିବ। ଜିଲାରେ ୫ ହଜାରରୁ ଅଧିକ ହେକ୍ଟର ଅଞ୍ଚଳରେ ଟମାଟୋ ଚାଷ ହେଉଥିଲେ ମଧ୍ୟ ଅମଳ ସମୟରେ ବିକ୍ରି ନ ହୋଇ କ୍ଷେତରେ ପଚୁଥିବା ଦେଖିବାକୁ ମିଳୁଛି। କମ୍ ମୂଲ୍ୟରେ ଟମାଟୋ କିଣି ସଂରକ୍ଷିତ କରାଯାଇ ପାରିଲେ ଜିଲାର ଆବଶ୍ୟକତା ମେଣ୍ଟିବା ପରେ ବାହାର ଜିଲା ଓ ରାଜ୍ୟକୁ ଟମାଟୋ ସସ୍ ରୂପେ ଯାଇପାରିବ। ଆମ୍ବ ଖଟା, ବିଭିନ୍ନ ମସଲା ଗୁଣ୍ଡ କାରଖାନା ପାଇଁ ଶୀତଳଭଣ୍ଡାର ନିର୍ମାଣ ହେଲେ କଞ୍ଚାମାଲ ମିଳିପାରିବ। ଏଥିପାଇଁ ରାଜନେତା ଓ ପ୍ରଶାସକଙ୍କ ସହଯୋଗ ଆବଶ୍ୟକ। ଏ ସମ୍ପର୍କରେ ଉପଜିଲାପାଳ ଜ୍ୟୋତିଶଙ୍କର ମହାପାତ୍ର କୁହନ୍ତି, ବଜାରମଣ୍ଡିକୁ ବ୍ୟାପକ ପାଇଁ ପଞ୍ଚାୟତସ୍ତରୀୟ ମାର୍କେଟ କମ୍ପ୍ଲେକ୍ସ ଆରମ୍ଭ ହୋଇଛି। ରାଜ୍ୟ ସରକାର ଘରୋଇ ଶୀତଳଭଣ୍ଡାର ପାଇଁ ୫୦ ପ୍ରତିଶତ ସବ୍‌ସିଡି ପ୍ରଦାନ କରୁଛନ୍ତି। ପିପିପି ମୋଡ୍‌ରେ ଜିଲାର ୫ଟି ସ୍ଥାନରେ ଶୀତଳଭଣ୍ଡାର ନିର୍ମାଣ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି।

## ସିଦ୍ଧେଶର ପଞ୍ଚାୟତ ଶଟ୍‌ଡାଉନ

ଦିଗପହଣ୍ଡି,(ଡି.ଏନ୍.ଏ.)- ଦିଗପହଣ୍ଡି ବ୍ଲକ ସିଦ୍ଧେଶ୍ୱର ପଞ୍ଚାୟତକୁ ରବିବାର ଠାରୁ ଶଟ୍‌ଡାଉନ କରିଛନ୍ତି ସରପଞ୍ଚ ଅନୀତା କୁମାରୀ ସ୍ୱାଇଁ। ଜିଲା ପ୍ରଶାସନ ଓ ସ୍ଥାନୀୟ ପୋଲିସ ପ୍ରଶାସନ ସହ ଆଲୋଚନା ପରେ ସପ୍ତାହେ ପାଇଁ ଶଟ୍‌ଡାଉନ ହୋଇଛି। ପଞ୍ଚାୟତ ସଙ୍ଗରୋଧ କେନ୍ଦ୍ରରୁ ଫେରି ହୋମ୍ କ୍ୱାରାଣ୍ଟାଇନ୍‌ରେ ଥିବା କେତେଜଣ ପ୍ରବାସୀ ଓଡ଼ିଆଙ୍କ କୋଭିଡ୍ ଟେଷ୍ଟ କରାଯାଇଥିଲା। ସେମାନଙ୍କ ରିପୋର୍ଟ ପଜିଟିଭ ଆସିବା ପରେ ଏପରି ପଦକ୍ଷେପ ନିଆଯାଇଥିବା ତହସିଲଦାର ଅଦ୍ୱୈତ କୁମାର ସ୍ୱାଇଁ ସୂଚନା ଦେଇଛନ୍ତି। ଆବଶ୍ୟକ ପଡିଲେ ସିଦ୍ଧେଶ୍ୱରକୁ କଣ୍ଟେନ୍‌ମେଣ୍ଟ ଜୋନ୍ କରିବାକୁ ବିଚାର ବିମର୍ଶ ଚାଲିଛି।

### ସଂକ୍ଷେପରେ

## ପୋଲ ତଳେ ଭ୍ରୂଣ ପଡିବା ନେଇ ଚର୍ଚ୍ଚା: ଦେଖିବାକୁ ଲୋକଙ୍କ ଗହଳି

ବାହାନଗା, ୨୮।୬(ଡି.ଏନ.ଏ.)-ବାଲେଶ୍ୱର ଜିଲା ଖନ୍ତାପଡା ଥାନା ଅଧୀନ ରେମୁଣା ବ୍ଲକ ଶ୍ରୀଜଙ୍ଗସ୍ଥିତ ବାଲେଶ୍ୱର-ବାସୁଦେବପୁରକୁ ସଂଯୋଗ କରୁଥିବା ସଲ୍ଟ ରୋଡର କାନକଟା ପୋଲ ତଳେ ଏକ ଅସମ୍ପୂର୍ଣ୍ଣ ଭ୍ରୂଣ ପଡିଥିବା ନେଇ ରବିବାର ସକାଳେ ପ୍ରଚାର ହୋଇଥିଲା। ଏହାକୁ ଦେଖିବା ପାଇଁ ଲୋକେ ଶଟ୍‌ଡାଉନକୁ ଭୁଲି ଲମ୍ବା ଧାଡି ଲଗାଇଥିଲେ। ଗ୍ରାମବାସୀ ଏନେଇ ସରପଞ୍ଚ କାର୍ତ୍ତିକେଶ୍ୱର ବାରିକଙ୍କୁ ଜଣାଇଥିଲେ। ପରେ ସରପଞ୍ଚ ବାରିକ ଖନ୍ତାପଡା ଥାନା ପୋଲିସକୁ ଖବର ଦେବା ପରେ ପୋଲିସ୍ ପହଞ୍ଚି ସେହି ଭ୍ରୂଣକୁ ଉଦ୍ଧାର କରିଥିଲେ। ପରେ ପୋଲିସ ସରପଞ୍ଚଙ୍କ ଉପସ୍ଥିତରେ ଉକ୍ତ ଭ୍ରୂଣକୁ ମାଟିରେ ପୋତି ଦେଇଥିଲା। ଏହି ଘଟଣା ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି।

## ଗ୍ୟାସ୍ ଲିକ୍‌ରୁ ପୋଡ଼ି ହୋଇ ଯୁବକ ଗୁରୁତର

ବାସୁଦେବପୁର, ୨୮।୬(ଡି.ଏନ୍.ଏ.)- ଭଦ୍ରକ ଜିଲା ବାସୁଦେବପୁର ଥାନା ଅଧୀନ ମନ୍ଦାରୀ ଗ୍ରାମରେ ରବିବାର ଗ୍ୟାସ ଲିକ୍‌ରୁ ପୋଡ଼ି ହୋଇ ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି। ଆହତ ଜଣକ ହେଲେ ଉମ୍ପରୁଧର ବିଶ୍ୱାଳ। ସେ ଏକ ଗ୍ୟାସ ଏଜେନ୍ସିରେ କାମ କରନ୍ତି। ପୂର୍ବାହ୍ନରେ ମନ୍ଦାରୀ ଗ୍ରାମର ଜଣେ ବ୍ୟକ୍ତିଙ୍କ ଗ୍ୟାସ ସିଲିଣ୍ଡର ସଜାଡୁଥିବା ବେଳେ ଏହି ଅଘଟଣ ଘଟିଥିଲା। ଚିକିତ୍ସା ପାଇଁ ତାଙ୍କୁ ପ୍ରଥମେ ବାସୁଦେବପୁର ଡାକ୍ତରଖାନା ଓ ପରେ କଟକ ପଠାଯାଇଛି। ଆହତ ଉମ୍ପରୁଧରଙ୍କ ଘର ନିକଟସ୍ଥ ଷଣ୍ଡଗଡ଼ା ଗ୍ରାମରେ ବୋଲି ସୂଚନା ମିଳିଛି।

## ସୁପରସ୍ପ୍ରେଡରଙ୍କୁ ନେଇ ଲୋକେ ଭୟଭୀତ

ବାହାନଗା, ୨୮।୬(ଡି.ଏନ.ଏ.)-ବାଲେଶ୍ୱର ଜିଲା ଖନ୍ତାପଡା ଥାନା ଅଧୀନ ରେମୁଣା ବ୍ଲକର ସୁପରସ୍ପ୍ରେଡରଙ୍କୁ ନେଇ ମହାରାଜପୁର ପଞ୍ଚାୟତବାସୀ ଆତଙ୍କିତ ହୋଇପଡିଛନ୍ତି। ମହାରାଜପୁର ପଞ୍ଚାୟତର ସଙ୍ଗରୋଧ କେନ୍ଦ୍ର ଓ ସଙ୍ଗରୋଧ କେନ୍ଦ୍ର ସହିତ ଜଡିତ ମୋଟ ୪୮ଜଣଙ୍କର ସ୍ୱାବ ଗତ ୨୬ତାରିଖରେ ସଂଗ୍ରହ କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୧୦ଜଣଙ୍କର ପଜିଟିଭ ଥିବା ଜଣାପଡିଛି। ସଂକ୍ରମିତଙ୍କ ମଧ୍ୟରେ ସଙ୍ଗରୋଧ କେନ୍ଦ୍ରରୁ ୭ଜଣ ଓ ବାହାରୁ ୩ଜଣ ଅଛନ୍ତି। ବାହାର ୩ଜଣଙ୍କ ମଧ୍ୟରେ ମହାରାଜପୁର ପଞ୍ଚାୟତର ସମିତିସଭ୍ୟ, ତାଙ୍କ ସମ୍ପର୍କୀୟ ଓ ରାମପୁର ଗ୍ରାମର ଜଣେ ଅଟୋ ଡ୍ରାଇଭର ଅଛନ୍ତି। ତେବେ ଉକ୍ତ ଅଟୋ ଡ୍ରାଇଭର ଜଣକ ପ୍ରତ୍ୟେକ ଦିନ ଗ୍ରାମର ୧୦ରୁ ୧୫ଜଣ ମହିଳାଙ୍କୁ ଧରି ଖନ୍ତାପଡାସ୍ଥିତ ଏକ ଚିଙ୍ଗୁଡ଼ି ଫାର୍ମକୁ ଯାଇଥାନ୍ତି। ପରେ ଷ୍ଟେଶନରୁ ଯେଉଁ ପ୍ରବାସୀମାନେ ଆସନ୍ତି ସେମାନଙ୍କୁ ମଧ୍ୟ ଅଟୋରେ ଧରି ଗ୍ରାମକୁ ଆସିଥାନ୍ତି। ସେ କରୋନାରେ ଆକ୍ରାନ୍ତ ଜଣାପଡିବା ପରେ ପଞ୍ଚାୟତବାସୀ ଭୟଭୀତ ଅବସ୍ଥାରେ ରହିଛନ୍ତି। ଉକ୍ତ ଅଟୋ ଡ୍ରାଇଭର ପାଖାପାଖି ୨ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ସହ ମିଶିଥିବା ଅନୁମାନ କରାଯାଉଛି। ତେବେ ମହାରାଜପୁର ପଞ୍ଚାୟତ ଓ ରାମପୁର ଗ୍ରାମକୁ କଣ୍ଟେନମେଣ୍ଟ ଜୋନ ଭାବେ ଘୋଷଣା କରାଯାଇ ଘର ଘର ବୁଲି ସମସ୍ତଙ୍କ ସ୍ୱାବ ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ଦାବି ହେଉଛି। ଅଟୋ ଡ୍ରାଇଭରଙ୍କ ବ୍ୟତୀତ ପଞ୍ଚାୟତର ସମିତିସଭ୍ୟ ଓ ତାଙ୍କ ସମ୍ପର୍କୀୟ କରୋନା ସଂକ୍ରମିତ ହୋଇଛନ୍ତି। ସମିତିସଭ୍ୟ ମଧ୍ୟ ବହୁ ଲୋକଙ୍କ ସଂସ୍ପର୍ଶରେ ଆସିଥିବାରୁ ସଂକ୍ରମଣ ବ୍ୟାପିବା ନେଇ ଚର୍ଚ୍ଚା ହେଉଛି। ୧୦ ସଂକ୍ରମିତଙ୍କୁ ବଡଗାଁ ସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟର କୋଭିଡି-୧୯ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

# ପରେଡ ଅଭ୍ୟାସ କରିପାରୁନାହାନ୍ତି ଯବାନ

ଭଞ୍ଜନଗର,୨୮।୬(ଡି.ଏନ୍.ଏ.)


ପରେଡ ଗ୍ରାଉଣ୍ଡରେ ଗାତ ଖୋଳା ଯାଇଛି।

- ଚାରାରୋପଣ ପାଇଁ ପଡ଼ିଆରେ ଖୋଳାଯାଉଛି ଗାତ
- ସ୍ଥାୟୀ କାର୍ଯ୍ୟାଳୟ ନାହିଁ, ଘୂରି ବୁଲୁଛନ୍ତି ଆଇଆର୍‌ବି ଯବାନ

ଆଇଆର୍‌ବି ୮ମ ବାଟାଲିୟନ (ସ୍ୱତନ୍ତ୍ର)ର ସ୍ଥାୟୀ କାର୍ଯ୍ୟାଳୟ ନାହିଁ। ବର୍ତ୍ତମାନ ଭଞ୍ଜନଗର ନିକଟସ୍ଥ ତନରଡ଼ାରେ ଅସ୍ଥାୟୀ ଭାବେ ଏହା ଚାଲିଛି। ଯବାନମାନେ ପରେଡ଼ ଅଭ୍ୟାସ କରୁଥିବା ଗୋଚର ଜମିରେ ଜଙ୍ଗଲ ବିଭାଗ ଗଛ ଲଗାଇବା ପାଇଁ ଶୁକ୍ରବାରଠାରୁ ଗାତ ଖୋଳିଛି। ଫଳରେ ୨ଦିନ ହେଲା ଯବାନ ମାନେ ପରେଡ଼ ଓ ପିଟି ଅଭ୍ୟାସ କରିପାରୁନାହାନ୍ତି।

ପ୍ରକାଶ ଯେ, ଆଇନ ଶୃଙ୍ଖଳା ସ୍ଥିତି ନିୟନ୍ତ୍ରଣ ପାଇଁ ରାଜ୍ୟ ସରକାର ୨୦୧୩ରେ ସ୍ୱତନ୍ତ୍ର ଭାବେ ଆଇଆର୍‌ବି ୮ମ ବାଟାଲିୟନ ଗଠନ କରିଥିଲେ। ଫୁଲବାଣୀରେ ପ୍ରଥମେ ଏହାର ଅସ୍ଥାୟୀ କାର୍ଯ୍ୟାଳୟ ଖୋଲିଥିଲା। ସ୍ଥାୟୀ କାର୍ଯ୍ୟାଳୟ ପାଇଁ ଚିହ୍ନଟ ଜମିକୁ ନେଇ ସ୍ଥାନୀୟ ଲୋକେ ବିରୋଧ କରିବାରୁ ଏହା ହୋଇପାରିନଥିଲା। ଏହି ସମୟରେ ଭଞ୍ଜନଗରରେ ଥିବା ସିଆରପିଏଫ୍ କ୍ୟାମ୍ପ କନ୍ଧମାଳକୁ ଉଠିଯିବା ପରେ ଆଇଆର୍‌ବି କ୍ୟାମ୍ପ ୨୦୧୭ରେ ଫୁଲବାଣୀରୁ ଭଞ୍ଜନଗର ଉଠି ଆସିଥିଲା। ଭଞ୍ଜନଗର ବେଲଗୁଣ୍ଠା ମୁଖ୍ୟ ରାସ୍ତା ତନରଡ଼ାରେ ଗୃହ ବିଭାଗ ପକ୍ଷରୁ ହୋଇଥିବା କ୍ୟାମ୍ପ ଘରେ ଯବାନ ରହିଥିଲେ। କ୍ୟାମ୍ପକୁ ଲାଗିଥିବା ଗୋଚର ଜମିରେ ପିଟି ଓ ପରେଡ଼ ଅଭ୍ୟାସ ହେଉଥିଲା। ଇତିମଧ୍ୟରେ ରାଜସ୍ୱ ବିଭାଗ ପକ୍ଷରୁ ଜଙ୍ଗଲ ବିଭାଗକୁ ବନୀକରଣ ପାଇଁ କିଛି ଏକର ଜମି ଦିଆଯାଇଥିଲା। ସେଥିରେ ପରେଡ ହେଉଥିବା ଗୋଚର ଜମି ମଧ୍ୟ ଥିଲା। ଜଙ୍ଗଲ ବିଭାଗ ଚାରାରୋପଣ ପାଇଁ ଶୁକ୍ରବାର ସେଠାରେ ଗାତ ଖୋଳିଥିଲା। ଆଇଆର୍‌ବି ପକ୍ଷରୁ ଏହାର ବିରୋଧ କରାଯାଇଥିଲା। ପରେଡ଼ ଅଞ୍ଚଳ ଛାଡ଼ି ଗଛ ଲଗାଇବାକୁ ସେମାନଙ୍କୁ ପରାମର୍ଶ ଦିଆଯାଇଥିଲା। କଥା ରାଜସ୍ୱ ବିଭାଗ ଅଧିକାରୀଙ୍କ ପାଖରେ ପହଞ୍ଚିଥିଲା। ରାଜସ୍ୱ ବିଭାଗର ଜଣେ ଅଧିକାରୀ ପହଞ୍ଚି ବିବାଦର ସମାଧାନ କରିନପାରି ଫେରି ଯାଇଥିଲେ। ଶନିବାର ଓ ରବିବାର ଯବାନମାନେ ପରେଡ଼ ଓ ପିଟି କରିନାହାନ୍ତି। ସମସ୍ୟା ସମାଧାନ ପାଇଁ ଆଇଆରବି ପକ୍ଷରୁ ବିଭାଗୀୟ ଉଚ୍ଚ ପଦାଧିକାରୀଙ୍କୁ ନିବେଦନ କରାଯାଇଛି।

ଏନେଇ ବେଲଗୁଣ୍ଠା ତହସିଲଦାର ସରୋଜ କୁମାର ବେହେରା କହିଛନ୍ତି, ଆଇଆର୍‌ବି ସହ କୌଣସି ବିବାଦ ନାହିଁ। ଯେଉଁଠି ଯବାନମାନେ ପରେଡ଼ କରୁଛନ୍ତି ସେଠି ଗଛ ଲଗାଯାଉନାହିଁ। ଜମିଟି ପଡ଼ିଆ ପଡ଼ିଥିଲା, ତେଣୁ ଚାରାରୋପଣ ପାଇଁ ଯୋଜନା କରାଯାଇଛି। ଡିଏଫ୍‌ଓ ଅଭୟ କୁମାର ଦଳେଇଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି, ଏନେଇ ମୋ ପାଖରେ ଖବର ଅଛି, ସୋମବାର ସମସ୍ୟାର ସମାଧାନ କରାଯିବ।

# ଏସ୍‌ପିଙ୍କୁ ଏନ୍‌ଏଚ୍‌ଆର୍‌ସିଙ୍କ ନୋଟିସ

ହାଟଡିହୀ,୨୮।୬(ଡି.ଏନ.ଏ.)

### ଘରେ ପଶି ପୋଲିସ ଆକ୍ରମଣ କରିବା ଘଟଣା

କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ନନ୍ଦିପଦା ଥାନା ସୋଲପଟା ଗ୍ରାମରେ ଜଣେ ପୋଲିସ ଘରେ ପଶି ଆକ୍ରମଣ କରିଥିବା ନେଇ ଏନ୍‌ଏଚ୍‌ଆର୍‌ସିରେ ଏପ୍ରିଲ ୧୫ ତାରିଖରେ ଏକ ଅଭିଯୋଗ ହୋଇଥିଲା। ଏହି ମାମଲାରେ ବିଚାର କରି କମିଶନ କେସ ନଂ ୧୧୮୧/୧୮/୭/୨୦୨୦ ଅନୁଯାୟୀ କେନ୍ଦୁଝର ଜିଲା ଏସ୍‌ପିଙ୍କୁ ନୋଟିସ ଜାରି କରିଛନ୍ତି। ୪ ସପ୍ତାହ ମଧ୍ୟରେ ଆକ୍ସନ ଟେକେନ ରିପୋର୍ଟ ନ ଦେଲେ ବ୍ୟକ୍ତିଗତ ହାଜର ହେବେ ବୋଲି ନିର୍ଦ୍ଦେଶ ରହିଛି।

ସୂଚନା ଯୋଗ୍ୟ ରାମଚନ୍ଦ୍ରପୁର ଥାନାର ଜଣେ ଅଧିକାରୀ ଅନ୍ୟ ୪ ଜଣ ପୋଲିସ କର୍ମଚାରୀଙ୍କ ସହ ସୋଲପଟା ଗ୍ରାମର ଜଣେ ବ୍ୟକ୍ତିଙ୍କ ଘରେ ପଶି ଭଙ୍ଗାରୁଜା ଓ ଲୁଟ କରି ପରିବାର ଲୋକଙ୍କୁ ମାଡ ମାରିଥିଲେ। ଏ ନେଇ ସମ୍ପୃକ୍ତ ବ୍ୟକ୍ତି ନନ୍ଦିପଦା ଥାନାରେ ମାର୍ଚ୍ଚ ୨୭ ତାରିଖ ଏକ ଅଭିଯୋଗ କରିଥିଲେ। କିନ୍ତୁ ଅଭିଯୋଗକୁ ମାମଲା ଭାବେ ରୁଜୁ କରାଯାଇ ନ ଥିଲା। ତେଣୁ ଏପ୍ରିଲ ୧୫ ତାରିଖ ଏନ୍‌ଏଚ୍‌ଆର୍‌ସିରେ ସମ୍ପୃକ୍ତ ବ୍ୟକ୍ତି ଏକ ଅଭିଯୋଗ କରିଥିଲେ। ଏ ସଂକ୍ରାନ୍ତରେ ମଧ୍ୟ ଏକ ମାମଲା ହାଇକୋର୍ଟରେ ଦାଏର ହୋଇଥିଲା। କେସ ନଂ. ସିଆରଏଲଏମପି ୫୮୨/୨୦୨୦। ହାଇକୋର୍ଟ ଅଭିଯୋଗକୁ ମାମଲା ଭାବେ ରୁଜୁ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

## ମାଙ୍ଗାନିଜ ବୋଝେଇ ଟ୍ରକ୍ ସହ ବୋଲେରୋ ଜବତ, ୫ ଗିରଫ

ବଡବିଲ, ୨୮।୬(ସ୍ୱ.ପ୍ର.):

କେନ୍ଦୁଝର ଜିଲା ବଡବିଲ ପୋଲିସ ରବିବାର ଏକ ଚୋରା ମାଙ୍ଗାନିଜ ବୋଝେଇ ୧୨ ଚକିଆ ଟ୍ରକ ସହ ଏକ ବୋଲେରୋକୁ ଜବତ କରିଛି। ଏହି ଘଟଣାରେ ସଂପୃକ୍ତ ୫ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଚୋରାଚାଲାଣର ମାଷ୍ଟରମାଇଣ୍ଡ ବଡବିଲ ଅଞ୍ଚଳର ଏମଡି ଫିରୋଜ, ରୋଇଡା ଅଞ୍ଚଳର ଏମ୍‌ଡି ରଫିକ୍, ପାଇଲଟିଂ ବୋଲେରୋର ଚାଳକ ସାୟୁମ ଆନସାରୀ, ବଲାଣି ଅଞ୍ଚଳର କ୍ଷୀରୋଦ ବୁରୁଲି ଏବଂ ଯୋଡା ବନେଇକଳାର ବାଦଲ ପାତ୍ର।

ରବିବାର ଭୋର ସମୟରେ ବଡବିଲ ପୋଲିସ ବିର୍ଶାମୁଣ୍ଡା ଛକ ଦେଇ ମାଙ୍ଗାନିଜ ଚୋରାଚାଲାଣ ହେଉଥିବା ଖବରପାଇ ଜଗି ରହିଥିଲା। ସେହି ରାସ୍ତା ଦେଇ ଏକ ମାଙ୍ଗାନିଜ ବୋଝେଇ ଟ୍ରକ ଆସିବା କ୍ଷଣି ପୋଲିସ ଉକ୍ତ ଟ୍ରକକୁ ଅଟକାଇ କାଗଜପତ୍ର ଯାଞ୍ଚ କରି ଜବତ କରିବା ସହ ଟ୍ରକ ଚାଳକ ରଫିକଙ୍କୁ ଗିରଫ କରିଥିଲା। ପରେ ପୋଲିସ ଉକ୍ତ ଟ୍ରକକୁ ବାଟ କଢାଇ ନେଇଯାଉଥିବା ଏକ ବୋଲେରୋକୁ ଜବତ କରିବା ସହ ଅନ୍ୟ ୪ଜଣଙ୍କୁ ଗିରଫ କରିଥିବା ଜଣାପଡିଛି। ଦୁର୍ବୃତ୍ତମାନେ ଲସରଦା ଜଙ୍ଗଲରୁ ମାଙ୍ଗାନିଜ ଚୋରାରେ ଲୋଡ କରି ନକଲି କାଗଜପତ୍ର ଜରିଆରେ ପଶ୍ଚିମବଙ୍ଗ ଦୁର୍ଗାପୁର ଅଞ୍ଚଳକୁ ଚୋରାଚାଲାଣ କରୁଥିଲେ। ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

## ଥାନାରେ ୩ ମାଛ ବେପାରୀ ଅଟକ, ମାଛ ଜବତ

ବ୍ରହ୍ମପୁର ଅଫିସ ,୨୮।୬

### ଶଟ୍‌ଡାଉନ୍ ନିୟମ ଉଲ୍ଲଂଘନ

ଗଞ୍ଜାମ ଜିଲାରେ କରୋନା ସ୍ଥିତି ଦିନକୁ ଦିନ ଅସମ୍ଭାଳ ହେବାରେ ଲାଗିଛି। ଏହାର ମୁକାବିଲା କରିବା ପାଇଁ ଜିଲାପାଳ ମହାନଗରରେ ଶନିବାରରୁ ୪ ଦିନିଆ ଶଟ୍‌ଡାଉନ୍ ଘୋଷଣା କରିଛନ୍ତି। ସହରରେ ସମସ୍ତ ଦୋକାନ ବଜାର ବନ୍ଦ ଥିବା ବେଳେ ଶଟ୍‌ଡାଉନ୍ ନିୟମ ଉଲ୍ଲଂଘନ କରି ରବିବାର ବଜାରରେ ମାଛ ବିକ୍ରି କରୁଥିବା ୨ ଜଣ ମହିଳା ସମେତ ୩ ଜଣଙ୍କୁ ବଡବଜାର ପୋଲିସ ଅଟକ ରଖିଛି। ରବିବାର ସହର ଚାରିଆଡେ ଶୂନଶାନ ଥିବା ବେଳେ ବଡବଜାର ଥାନା ଜଗବନ୍ଧୁ ସାହିରେ ଥିବା ମାଛ ବଜାରରେ ଲୋକଙ୍କର ପ୍ରବଳ ଭିଡ ଜମିଥିବା ପୋଲିସ ଖବର ପାଇଥିଲା। ପ୍ରଥମେ ଟ୍ରାଫିକ ପୋଲିସ ଯାଇ ମାଛ ବେପାରୀଙ୍କୁ ସେଠାରେ ବିକ୍ରି ନ କରିବାକୁ କହି ସେମାନଙ୍କୁ ସେଠାରୁ ତଡି ଦେଇଥିଲା। ହେଲେ ସେଠାରୁ ପିସିଆର ଗାଡି ଚାଲିଯିବାରୁ ବ୍ୟବସାୟୀମାନେ ପୁଣି ସେଠାରେ ବସି ମାଛ ବିକ୍ରି କରୁଥିଲେ। ଏନେଇ ପୁଣିଥରେ ପୂର୍ବାହ୍ନ ୧୧ଟା ବେଳେ କିଛିଲୋକ ଥାନାରେ ଅଭିଯୋଗ କରିଥିଲେ। ପରେ ବଡବଜାର ପୋଲିସ ଘଟଣାସ୍ଥଳରେ ପହଞ୍ଚି ସେଠାରେ ଭିଡ ଜମାଇଥିବା ଲୋକମାନଙ୍କୁ ତାଗିଦ କରି ସେଠାରୁ ଚାଲିଯିବାକୁ କହିଥିଲା। ଅନ୍ୟପଟେ ୧ କୁଇଣ୍ଟାଲ ମାଛ ଜବତ କରିଥିଲା। ଜବତ ମାଛ ଜଣେ ଲୋକଙ୍କୁ ପୋଲିସ ଜିମା ଦେଇଥିବା କହିଛି। ସେହିପରି ମାମଲା ନଂ.୧୩୮/୨୦ ରେ ୩ ମାଛ ବେପାରୀଙ୍କୁ ଥାନାରେ ଅଟକ ରଖାଯାଇଛି।

## ହିଞ୍ଜିଳିକାଟୁ ପୌରାଞ୍ଚଳ କଣ୍ଟେନ୍‌ମେଣ୍ଟ ଜୋନ୍

ହିଞ୍ଜିଳିକାଟୁ,୨୮।୬(ଡି.ଏନ୍.ଏ.)

ହିଞ୍ଜିଳିକାଟୁ ବଜାରରେ ୨ଜଣ ବ୍ୟବସାୟ କରୋନା ପଜିଟିଭ ଚିହ୍ନଟ ପରେ ରବିବାର ଜିଲା ପ୍ରଶାସନ ପକ୍ଷରୁ ହିଞ୍ଜିଳିକାଟୁ ପୌରାଞ୍ଚଳର କିଛି ଅଂଶକୁ କଣ୍ଟେନ୍‌ମେଣ୍ଟ ଓ ବଫର୍ ଜୋନ୍ ଘୋଷଣା କରାଯାଇଛି। ହିଞ୍ଜିଳିକାଟୁ ପୌରାଞ୍ଚଳ ଦେଇ ଯାଇଥିବା ଜାତୀୟ ରାଜପଥ ନଂ.୫୯ ବଇଁଚବଣିଆ ଠାରୁ ବ୍ଲକଛକ ଏବଂ ବିଜୁଛକ ଠାରୁ ତାରାତାରିଣୀ ରୋଡ଼ର ଶଙ୍କଟମୋଚନ ମନ୍ଦିର ପର୍ଯ୍ୟନ୍ତ ରାସ୍ତାକୁ କଣ୍ଟେନ୍‌ମେଣ୍ଟ ଜୋନ୍ ଘୋଷଣା କରାଯାଇଛି। ପୌରାଞ୍ଚଳର ଅନ୍ୟ ସମସ୍ତ ୱାର୍ଡ଼ ଓ ଆଖପାଖ ପ୍ରାୟ ୩ କିମି ଅଞ୍ଚଳକୁ ବଫର ଜୋନ୍ ଘୋଷଣା କରାଯାଇଛି। କଣ୍ଟେନ୍‌ମେଣ୍ଟ ଜୋନ୍‌କୁ ସଂଯୋଗ କରୁଥିବା ରାସ୍ତା ସିଲ୍ କରାଯାଇଛି। କେବଳ ଜାତୀୟ ରାଜପଥରେ ଅତ୍ୟାବଶ୍ୟକ ସାମଗ୍ରୀ ପରିବହନ ପାଇଁ ୩ଟି ସ୍ଥାନକୁ ଖୋଲା ରଖାଯିବ। ସ୍ୱତନ୍ତ୍ର ସ୍ୱାସ୍ଥ୍ୟ ଟିମ୍ ଏସବୁ ଅଞ୍ଚଳରେ ଘରଘର ବୁଲି ସ୍ୱାସ୍ଥ୍ୟ ପରୀକ୍ଷା କରିବେ।

## ପଦ୍ମପୁର ୧୦ଦିନ ଶଟ୍‌ଡାଉନ

ଶେରଗଡ,୨୮।୬(ଡି.ଏନ୍.ଏ.)

ମହୁପଦର ପଞ୍ଚାୟତ ପଦ୍ମପୁର ଗ୍ରାମର ଜଣେ ବ୍ୟବସାୟୀ, ତାଙ୍କ ସ୍ତ୍ରୀ ଓ ତାଙ୍କ ଝିଅ କରୋନା ସଂକ୍ରମିତ ହୋଇଛନ୍ତି। ସେମାନଙ୍କୁ ଶନିବାର ରାତିରେ କୋଭିଡ୍ ହସ୍‌ପିଟାଲ୍ ନିଆଯାଇଛି। ସମ୍ପୃକ୍ତ ବ୍ୟବସାୟୀ ଗ୍ରାମରେ ଦୋକାନ କରିଥିବାବେଳେ ବହୁ ଲୋକ ସଂସ୍ପର୍ଶରେ ଆସିଛନ୍ତି। ଗୋଷ୍ଠୀ ସଂକ୍ରମଣ ଭୟରେ ତହସିଲଦାର ଡ. ଦୟାସିନ୍ଧୁ ପରିଡା, ବିଡିଓ ସୁରଞ୍ଜନ କୁମାର ସାହୁ, ମହୁପଦର ସରପଞ୍ଚଙ୍କ ପ୍ରତିନିଧି ଚୋରିଆ ପ୍ରଧାନ ଗ୍ରାମରେ ପହଞ୍ଚି ଆଲୋଚନା କରିବା ସହ ଶନିବାର ସନ୍ଧ୍ୟାରୁ ପଦ୍ମପୁରକୁ ୧୦ଦିନ ପାଇଁ ଶଟ୍‌ଡାଉନ୍ ଘୋଷଣା କରିବା ସହ ପ୍ରବେଶ ପଥରେ ବାରିକେଡ କରି ସିଲ୍ କରିଛନ୍ତି। ଗ୍ରାମଟି ଜାତୀୟ ରାଜପଥ କଡରେ ହୋଇଥିବାରୁ ଏପରି ବ୍ୟବସ୍ଥା ଗ୍ରହଣ କରାଯାଇଥିବା ତହସିଲଦାର ପରିଡା କହିଛନ୍ତି।

## ହସ୍ପିଟାଲ୍ ସଫେଇ କର୍ମଚାରୀଙ୍କ ଧାରଣା


ସଫେଇ କର୍ମଚାରୀମାନେ କାର୍ଯ୍ୟ ବନ୍ଦ କରି ଧାରଣା ଦେଇଛନ୍ତି।

ଆନନ୍ଦପୁର,୨୮।୬(ସ୍ୱ.ପ୍ର.)

କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ବ୍ୟବହାରକୁ ବିରୋଧ କରି ରବିବାର ଆନନ୍ଦପୁର ଉପଖଣ୍ଡ ମୁଖ୍ୟ ଚିକିତ୍ସାଳୟର କାର୍ଯ୍ୟରତ ସଫେଇ କର୍ମଚାରୀମାନେ କାର୍ଯ୍ୟ ବନ୍ଦ କରି ଧାରଣା ଦେଇଥିଲେ। ସଫେଇ କର୍ମଚାରୀଙ୍କ ଅଭିଯୋଗ ଅନୁଯାୟୀ, ଶନିବାର ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା.ଅଶୋକ କୁମାର ଦାସ ଆନନ୍ଦପୁର ଉପଖଣ୍ଡ ମୁଖ୍ୟ ଚିକିତ୍ସାଳୟ ଗସ୍ତରେ ଆସି ସେଠାକାର ସଫେଇ କାର୍ଯ୍ୟ ତଦାରଖ କରିଥିଲେ। ଏହି ସମୟରେ କେତେକ ସଫେଇ କର୍ମଚାରୀଙ୍କ ଅନୁପସ୍ଥିତିକୁ ନେଇ ମୁଖ୍ୟ ଚିକିତ୍ସାଧିକାରୀ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଉପସ୍ଥିତ ସଫେଇ କର୍ମଚାରୀଙ୍କ ସହିତ ତାଙ୍କର ବଚସା ହୋଇଥିଲା। ଏହାକୁ ବିରୋଧ କରି ରବିବାର ସକାଳୁ ସଫେଇ କର୍ମଚାରୀମାନେ କାର୍ଯ୍ୟବନ୍ଦ କରି ଉପଖଣ୍ଡ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ଖବରପାଇ ଆନନ୍ଦପୁର ବିଧାୟକ ଭାଗିରଥି ସେଠି ଚିକିତ୍ସାଳୟରେ ପହଞ୍ଚି ସଫେଇ କର୍ମଚାରୀଙ୍କୁ ବୁଝାସୁଝା କରିବା ପରେ ସେମାନେ ଧାରଣାରୁ ଓହରି କାର୍ଯ୍ୟରେ ଯୋଗଦେଇଥିଲେ।

## ପରିବା ମାର୍କେଟ ସିଲ୍ କଲା ପ୍ରଶାସନ

ଆସିକା,୨୮।୬(ଡି.ଏନ୍.ଏ.)

ଆସିକା ବ୍ଲକ, ତହସିଲ, ଥାନା ଓ ଡାକ୍ତରଖାନାରେ କାର୍ଯ୍ୟରତ କରୋନା ଯୋଦ୍ଧା ସଂକ୍ରମିତ ହୋଇସାରିଲେଣି। ବର୍ତ୍ତମାନ ସ୍ଥାନୀୟ ଅଞ୍ଚଳବାସୀ ମଧ୍ୟ ସଂକ୍ରମିତ ହୋଇଛନ୍ତି ଶନିବାର ଆସିକା ହାଟପଦାସ୍ଥିତ ପରିବା ମାର୍କେଟର ଜଣେ ଉଠା ଦୋକାନୀ କରୋନା ପଜିଟିଭ୍ ଜଣାପଡିବା ପରେ ତାଙ୍କୁ କୋଭିଡ୍ ହସ୍‌ପିଟାଲରେ ଭର୍ତ୍ତି କରାଯାଇଛି। ରବିବାର ଉକ୍ତ ପରିବା ମାର୍କେଟକୁ ପ୍ରଶାସନ ପକ୍ଷରୁ ସିଲ୍ କରିଦିଆଯାଇଛି। ସିନେମା ହଲ୍ ଛକ ଠାରୁ ହାଟପଦା ପର୍ଯ୍ୟନ୍ତ ପ୍ରାୟ ୩ଶହ ମିଟର ରାସ୍ତାର ଉଭୟ କଡରେ ଏନ୍‌ଏସି ପକ୍ଷରୁ ବାରିକେଡ କରାଯାଇ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ସିଲ୍ କରାଯାଇଥିବା ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଅଶୋକ କୁମାର ପଣ୍ଡା ସୂଚନା ଦେଇଛନ୍ତି।

# ଗଞ୍ଜାମରେ ସଂକ୍ରମିତ ହେଲେଣି ୧୨୭୧

ଛତ୍ରପୁର,୨୮।୬(ଡି.ଏନ୍.ଏ.):

- ପୁଣି ୭୬ ପଜିଟିଭ ଚିହ୍ନଟ, ୩୩ ସୁସ୍ଥ
- ମୃତ୍ୟୁ ସଂଖ୍ୟା ୧୦କୁ ବୃଦ୍ଧି

ଗଞ୍ଜାମ ଜିଲାରେ ରବିବାର ପୁଣି ୭୬ ନୂଆ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ୧୭ ଜଣ କରୋନା ଯୋଦ୍ଧା, ଅନ୍ୟ ରାଜ୍ୟ ଟ୍ରାଭେଲ ହିଷ୍ଟ୍ରି ଥିବା ୩ ଜଣ ଓ ପଜିଟିଭ୍‌ଙ୍କ ସଂସ୍ପର୍ଶରେ ଆସି ସଂକ୍ରମିତ ହୋଇଥିବା ୫୬ ଜଣ ଅଛନ୍ତି। ରବିବାର ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଟୁଇଟ୍ କରି ଏହି ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଜିଲାରେ ରବିବାର ୩୩ ଜଣ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ସେହିପରି ଜଣେ ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଥିବା ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ମିଳିଛି। ଫଳରେ ଜିଲାରେ କରୋନା ମୃତକଙ୍କ ସଂଖ୍ୟା ୧୦ରେ ପହଞ୍ଚିଛି। ଜିଲାରେ ବର୍ତ୍ତମାନ ସୁଦ୍ଧା ୧୨୭୧ ପଜିଟିଭ୍ ଚିହ୍ନଟ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ୮୯୨ ଜଣ ସୁସ୍ଥ ହୋଇଛନ୍ତି। ୩୬୯ ଆକ୍ରାନ୍ତ ଚିକିତ୍ସାଧୀନ ଅଛନ୍ତି।

ଜିଲା ପ୍ରଶାସନ ସୂଚନା ଅନୁଯାୟୀ, ନୂଆ ଚିହ୍ନଟ ହୋଇଥିବା ସଂକ୍ରମିତ ୧୭ କରୋନା ଯୋଦ୍ଧାଙ୍କ ମଧ୍ୟରେ ଆସିକାରୁ ୬, ଭଞ୍ଜନଗରରୁ ୪, କବିସୂର୍ଯ୍ୟନଗରରୁ ୩, ପୋଲସରାରୁ ୨ ଏବଂ ବ୍ରହ୍ମପୁର ମହାନଗର ଓ ଧରାକୋଟରୁ ଜଣେ ଲେଖାଏ ଅଛନ୍ତି। ସେହିପରି ମୁମ୍ବାଇ, ଶ୍ରୀକାକୁଲମ ଓ ମଧ୍ୟପ୍ରଦେଶ ଟ୍ରାଭେଲ ହିଷ୍ଟ୍ରି ଥିବା ୩ ଜଣଙ୍କ ମଧ୍ୟରେ ପୁରୁଷୋତ୍ତମପୁର, ଛତ୍ରପୁର ଓ ବେଲଗୁଣ୍ଠାରୁ ଜଣେ ଲେଖାଏ ଅଛନ୍ତି। ପଜିଟିଭଙ୍କ ସଂସ୍ପର୍ଶରେ ଆସି ସଂକ୍ରମିତ ହୋଇଥିବା ୫୬ ଜଣଙ୍କ ମଧ୍ୟରେ ଆସିକା ଓ ହିଞ୍ଜିଳିରୁ ୩ ଜଣ ଲେଖାଏ, ବେଲଗୁଣ୍ଠା, ଦିଗପହଣ୍ଡି, ସାନଖେମୁଣ୍ଡି, ପୁରୁଷୋତ୍ତମପୁରରୁ ୨ ଲେଖାଏ, ପାତ୍ରପୁର, ବୁଗୁଡ଼ାରୁ ୪ ଲେଖାଏ, ବ୍ରହ୍ମପୁର ମହାନଗରରୁ ୬, ଛତ୍ରପୁରରୁ ୯, କବିସୂର୍ଯ୍ୟନଗରରୁ ୧୦, ପୋଲସରାରୁ ୫ ଏବଂ ଭଞ୍ଜନଗର, ଧରାକୋଟ, ଖଲ୍ଲିକୋଟ ଓ କୁକୁଡାଖଣ୍ଡିରୁ ଜଣେ ଲେଖାଏ ଅଛନ୍ତି।

## କଣ୍ଟେନ୍‌ମେଣ୍ଟ ଜୋନ୍‌ରୁ ବଢୁଛି ଆକ୍ରାନ୍ତଙ୍କ ସଂଖ୍ୟା

ଭଞ୍ଜନଗର,୨୮।୬(ଡି.ଏନ୍.ଏ.)

ଭଞ୍ଜନଗର କଣ୍ଟେନ୍‌ମେଣ୍ଟ ଜୋନ୍‌ରୁ ଶନିବାର ୫ଜଣ ଓ ରବିବାର ଆଉ ୫ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୯ଜଣ ବ୍ୟବସାୟୀ ଏବଂ ସରକାରୀ କର୍ମଚାରୀ ରହିଛନ୍ତି। ଅନ୍ୟଜଣେ ଗାମୁଣ୍ଡି ପଞ୍ଚାୟତର। ଗତ ବୁଧବାର ୨ ସରକାରୀ କର୍ମଚାରୀ ଏବଂ ୩ ବ୍ୟବସାୟୀ କରୋନା ଆକ୍ରାନ୍ତ ଥିବା ଜଣାପଡ଼ିବା ପରେ ସହରର ୱାର୍ଡ଼ ନଂ.୬ ଓ ୧୨କୁ କଣ୍ଟେନ୍‌ମେଣ୍ଟ ଜୋନ୍ ଘୋଷଣା କରାଯାଇଥିଲା। ଏଥିସହ ସହରର ଅନ୍ୟ ଅଞ୍ଚଳକୁ ବଫର୍ ଜୋନ ଘୋଷଣା କରାଯାଇଛି। ଅନ୍ୟପଟେ କଣ୍ଟେନ୍‌ମେଣ୍ଟ ଏବଂ ବଫର ଜୋନ୍‌ରେ ସହର ଆସୁଥିଲେ ମଧ୍ୟ ଏବେବି ଅନେକ ଅମାନିଆ ଘୁରି ବୁଲୁଛନ୍ତି। ଅନ୍ୟପଟେ ଭଞ୍ଜନଗର ବ୍ଲକର ଜଣେ ଅଙ୍ଗନୱାଡ଼ି କର୍ମୀଙ୍କ ଅଡ଼ିଓ କ୍ଲିପ୍ ସୋସିଆଲ ମିଡ଼ିଆରେ ଘୁରିବୁଲୁଛି। ଅଙ୍ଗନୱାଡ଼ି କର୍ମୀ ଜଣଙ୍କ ଅନ୍ୟ କର୍ମୀମାନଙ୍କୁ କହୁଛନ୍ତି ଯେ, କର୍ମକ୍ଷେତ୍ରରେ ଆମେମାନେ ଅନେକ ସମସ୍ୟାର ସମ୍ମୁଖୀନ ହେଉଛୁ। ତେଣୁ କୋଭିଡ୍ ଦାୟିତ୍ୱରୁ ଦୂରେଇ ରହିବା ପାଇଁ ନିବେଦନ କରିଛନ୍ତି। ଏହା ଅସଲି କି ନକଲି ଜଣାପଡ଼ିନାହିଁ।

# ଉତ୍ତର ଓଡ଼ିଶାରେ ୫୩ ଆକ୍ରାନ୍ତ ଚିହ୍ନଟ

ବାଲେଶ୍ୱର ଅଫିସ/ବସ୍ତା/ ବାରିପଦା ଅଫିସ/କୁଆମରା/କପ୍ତିପଦା/ ଭଦ୍ରକ ଅଫିସ/ କେନ୍ଦୁଝର/ ପାଟଣା/ହାଟଡ଼ିହୀ, ୨୮।୬ (ସ୍ୱ.ପ୍ର./ ଡି.ଏନ୍.ଏ.)



ଉତ୍ତର ଓଡ଼ିଶାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ରବିବାର ଗୋଟିଏ ଦିନରେ ୫୩ ପଜିଟିଭ୍ ଚିହ୍ନଟ ପରେ ସାଧାରଣରେ ଭୟ ଓ ଆତଙ୍କ ପ୍ରକାଶ ପାଇଛି।

ବାଲେଶ୍ୱର ଜିଲାରେ ୧୨ ନୂଆ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୭ଜଣ କ୍ୱାରାଣ୍ଟାଇନ୍‌ରେ ଥିବାବେଳେ ୩ଜଣ ହୋମ୍ କ୍ୱାରାଣ୍ଟାଇନ୍ ଏବଂ ଅନ୍ୟ ୨ଜଣ ଲୋକାଲ କେଶ୍ ରହିଛନ୍ତି। ୨ଜଣ କରୋନା ଯୋଦ୍ଧା ଆକ୍ରାନ୍ତ ହୋଇଥିବା ସୂଚନା ମିଳିଛି।

ମୟୂରଭଞ୍ଜ ଜିଲାରେ ରବିବାର ୧୫ ନୂଆ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଫଳରେ ଜିଲାରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୯୬କୁ ବୃଦ୍ଧି ପାଇଛି। ଚିହ୍ନଟ ହୋଇଥିବା ୧୫ ଜଣଙ୍କ ମଧ୍ୟରୁ ୧୧ ଜଣ ସଙ୍ଗରୋଧ ଗୃହର ଓ ୪ ଜଣ ଲୋକାଲ୍ କେଶ୍। କପ୍ତିପଦା, ଖୁଣ୍ଟା, ଶୁକ୍ରୁଳି ଓ ଉଦଳା ବ୍ଲକରୁ ଜଣେ ଲେଖାଏ, ଗୋପବନ୍ଧୁନଗର, ବଡ଼ସାହି, ଯଶିପୁର ବ୍ଲକରୁ ୨ ଜଣ ଲେଖାଏ ଓ ବିଜାତଳା ବ୍ଲକରୁ ୫ ଜଣ ଚିହ୍ନଟ ହୋଇଛନ୍ତି।

ଭଦ୍ରକ ଜିଲାରେ ଜଣେ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୨୨୭ ଛୁଇଁଛି। ଚିହ୍ନଟ ଆକ୍ରାନ୍ତ ଜଣକ ସଙ୍ଗରୋଧ କେନ୍ଦ୍ରରେ ରହିଥିଲେ ବୋଲି ପ୍ରଶାସନ ସୂଚନା ଦେଇଛି।

କେନ୍ଦୁଝର ଜିଲାରେ ୨୫ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ଜିଲାରେ ସଂକ୍ରମିତଙ୍କ ସଂଖ୍ୟା ୧୩୨ରେ ପହଞ୍ଚିଛି। ନୂଆ ଆକ୍ରାନ୍ତଙ୍କ ମଧ୍ୟରୁ ଜଣେ ବଡ଼ବିଲ୍ ଅଞ୍ଚଳର ଲୋକାଲ କେସ ବୋଲି ଜଣାପଡ଼ିଛି। ସେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ବେଳେ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଚିହ୍ନଟ ହୋଇଥିବା ଅନ୍ୟ ଆକ୍ରାନ୍ତମାନେ କ୍ୱାରାଣ୍ଟାଇନ୍ ସେଣ୍ଟରରେ ଥିଲେ ବୋଲି ଜିଲାପାଳ ଆଶିଷ ଥାକ୍‌ରେ ସୂଚନା ଦେଇଛନ୍ତି। ଶନିବାର ପାଟଣା ବ୍ଲକରେ ୨ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ପଜିଟିଭ୍ ଚିହ୍ନଟ ପରେ ଏହି ବ୍ଲକର ଡୁମୁରିଆ ପଞ୍ଚାୟତ ଅଧୀନ ୧୦ଟି ଗାଁକୁ ସ୍ଥାନୀୟ ସରପଞ୍ଚ ଦମୟନ୍ତୀ ନାଏକ ଜିଲାପାଳ କ୍ଷମତା ପ୍ରୟୋଗ କରି ୪୮ ଘଣ୍ଟା ପାଇଁ ଶଟଡାଉନ ଘୋଷଣା କରିଛନ୍ତି। ସେହିପରି ହାଟଡିହୀ ବ୍ଲକରେ ୫ ଆକ୍ରାନ୍ତ ଚିହ୍ନଟ ହୋଇଥିବାରୁ ସେମାନଙ୍କ ସହ ସଙ୍ଗରୋଧରେ ରହି ଘରକୁ ଫେରିଥିବା ୮ ପ୍ରବାସୀଙ୍କ ପୁନଃ ସ୍ୱାବ୍ ପରୀକ୍ଷା କରାଯାଉ ବୋଲି ପୂର୍ବତନ ସମିତିସଭ୍ୟ ବୀରେନ୍ଦ୍ର ବିଶ୍ୱାଳ ଦାବି କରିଛନ୍ତି।

# ମନ୍ଦିରରେ କଟକଣା, ଦିନ ଗଣୁଛନ୍ତି କନିଆ ବର

ଖଇରା, ୨୮।୬(ଡି.ଏନ.ଏ.)


ଖାଁ ଖାଁ ଅମ୍ବିକା ମନ୍ଦିର।

ମହାମାରୀ କରୋନା ଭୂତାଣୁ ସାରାବିଶ୍ୱକୁ କବଳିତ କରି ରଖିଥିବା ବେଳେ ଚିରାଚରିତ ଜୀବନଶୈଳୀରେ ମଧ୍ୟ ପରିବର୍ତ୍ତନ ଆସିଛି। ଏପରି କି ପ୍ରାପ୍ତ ବୟସ୍କ ଯୁବତୀ ଯୁବକଙ୍କ ବିବାହ ମଧ୍ୟ ଅଟକି ରହିଛି। ବାଲେଶ୍ୱର ଜିଲା ଅଧୀନ ଖଇରା ବ୍ଲକରେ ପୂର୍ବବର୍ଷଗୁଡିକରେ ହୋଇଯାଇଥିବା ବିବାହ ପଞ୍ଜୀକରଣକୁ ଅନୁଧ୍ୟାନ କଲେ ଏଥିରୁ ସ୍ପଷ୍ଟ ବାରି ହୋଇପଡୁଛି।

ଖଇରା ବ୍ଲକରେ ସାଧାରଣତଃ ବିବାହ କାର୍ଯ୍ୟଗୁଡିକ କୁପାରୀ ପର୍ଯ୍ୟଟନ କ୍ଷେତ୍ରରେ ଥିବା ଅମ୍ବିକା ମନ୍ଦିରରେ କରାଯାଇଥାଏ। ଆଖପାଖ ଅଞ୍ଚଳରେ ଏହି ଗୋଟିଏ ମନ୍ଦିର ପ୍ରାୟତଃ ଯେଉଁଠାରେ ଏକସଙ୍ଗରେ ୧୦ରୁ ଅଧିକ ବିବାହ କରାଯାଇପାରିବ। ସେଠାରେ ପ୍ରସାଦସେବନ ସୁବିଧା ଥିବାରୁ କେବଳ ଖଇରା ବ୍ଲକ କାହିଁକି ପଡ଼ୋଶୀ ବନ୍ତ, ଔପଦା, ସୋରରୁ ଅଧିକାଂଶ ଲୋକ ଏହି ଅମ୍ବିକା ମନ୍ଦିରରେ କରାଇବାକୁ ନିରାପଦ ମଣିଥାନ୍ତି। ସ୍ୱଳ୍ପ ଖର୍ଚ୍ଚରେ ବିବାହ ସମ୍ପାଦନ ହେଉଥିବାରୁ ୬୦ଭାଗ ମାତାପିତା ଏବେ ମନ୍ଦିରରେ ବିବାହକୁ ପ୍ରାଥମିକତା ଦେଇ ଆସୁଛନ୍ତି। ହେଲେ ଗତ ମାର୍ଚ୍ଚରୁ ଲକ୍‌ଡାଉନ ଯୋଗୁ ମନ୍ଦିରରେ ବିବାହ କାର୍ଯ୍ୟ ବନ୍ଦ ହୋଇରହିଛି। ଏଭଳିକି ବହୁ କନ୍ୟା ଓ ବରଙ୍କ ବିବାହ ସ୍ଥିର ହୋଇସାରିଥିଲେ ହେଁ ଲକ୍‌ଡାଉନ ଅବଧି ଯୋଗୁ ସରକାରଙ୍କ କଟକଣା ବଢି ବଢି ଚାଲିଛି। ଫଳରେ ବିବାହ ଲଗ୍ନ ଅପେକ୍ଷାରେ କନ୍ୟା ବର ଓ ସେମାନଙ୍କ ଅଭିଭାବକମାନେ କେବେ ମନ୍ଦିର ଖୋଲିବ ସେଥିପାଇଁ ଦିନ ଗଣୁଛନ୍ତି। ପୂର୍ବ ୫ବର୍ଷର ରେକର୍ଡକୁ ଦେଖିଲେ ୨୦୧୫ରେ ୩୧୨, ୨୦୧୬ରେ ୩୨୦, ୨୦୧୭ରେ ୩୫୦, ୨୦୧୮ରେ ୩୮୦, ୨୦୧୯ରେ ପାଖାପାଖି୩୭୫ ବିବାହ କାର୍ଯ୍ୟ ଉକ୍ତ ମନ୍ଦିର ତତ୍ତ୍ୱାବଧାନରେ କରାଯାଇଛି। ସାଧାରଣତଃ ଫେବୃୟାରୀ ୧୫ରୁ ଜୁଲାଇ ୧୫କୁ ବିବାହ ଋତୁ କୁହାଯାଇଥାଏ। ସର୍ବାଧିକ ବିବାହ କାର୍ଯ୍ୟ ଏହି ସମୟରେ ହୋଇଥାଏ। ଚଳିତବର୍ଷ ମହାମାରୀ କରୋନା ଲାଗି ମାର୍ଚ୍ଚ ୨୨ତାରିଖରୁ ବିବାହ ବନ୍ଦ ହୋଇରହିଛି। ମନ୍ଦିର ଉପରେ ନିର୍ଭର କରି ଚଳୁଥିବା ବ୍ରାହ୍ମଣ, ହୋଟେଲ କର୍ମଚାରୀ ଜୀବିକା ହରାଇ ଘରେ ବସିଛନ୍ତି। ସରକାରଙ୍କ ନିଷ୍ପତ୍ତିକୁ ମାନିବା ପ୍ରଥମ କର୍ତ୍ତବ୍ୟ। ହେଲେ କନ୍ୟା ଓ ବର ମାତାପିତାଙ୍କ ଅସୁବିଧାକୁ ହୃଦୟଙ୍ଗମ କରି ସରକାର ସର୍ତ୍ତମୂଳକ ବିବାହ ପାଇଁ ଅନୁମତି ଦେଇ ବିକଳ୍ପ ବ୍ୟବସ୍ଥା କରାଯାଇପାରେ ବୋଲି ମନ୍ଦିର ସଞ୍ଚାଳକ ଶୁଭେନ୍ଦ୍ର ମୁନୀ କହିଛନ୍ତି। କରୋନା ମହାମାରୀ ଓ ମାତାପିତାଙ୍କ ଭାବନାକୁ ଦୃଷ୍ଟିରେ ରଖି ସରକାର ବିକଳ୍ପ ବ୍ୟବସ୍ଥା ପ୍ରତି ବିଚାର କରିବାକୁ କୁପାରୀରେ ବିଭିନ୍ନ ସଙ୍ଗଠନ ସହ ଜଡିତ ଥିବା ଶରତ କୁମାର ବିଶ୍ୱାଳ କହିଛନ୍ତି।

## ସଂକ୍ଷେପରେ

### ପାଣି କାଢୁଥିବାବେଳେ କୂଅରେ ଗଳିପଡ଼ିଲେ କନଷ୍ଟେବଳ

ବାମରା, ୨୮।୬,(ଡ଼ି.ଏନ.ଏ.) ସମ୍ବଲପୁର ଜିଲା ବାମରା ବ୍ଲକ୍ ଗୋବିନ୍ଦପୁର ପଞ୍ଚାୟତ ହରିପଡାରେ ରବିବାର କୂଅରେ ପଡ଼ି ଜଣେ କନଷ୍ଟେବଲଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ନୂଆଁସ ଭୂୟାଁ (୪୩)। ବରଗଡ଼ ଜିଲା ପାଇକମାଳ ଥାନାରେ ସେ କାର୍ଯ୍ୟ କରୁଥିଲେ। ମାଜିଷ୍ଟ୍ରେଟ ତଥା ବାମରା ତହସିଲଦାର ଅନିଲ କୁଲୁଙ୍କ ଉପସ୍ଥିତିରେ ଗୋବିନ୍ଦପୁର ଥାନା ପୋଲିସ ଓ ଅଗ୍ନିଶମ ବିଭାଗ କର୍ମଚାରୀ କୂଅରୁ ମୃତଦେହ ଉଦ୍ଧାର କରିଥିଲେ। ଏ ନେଇ ଗୋବିନ୍ଦପୁର ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ମୃତଦେହ ବ୍ୟବଚ୍ଛେଦ ଲାଗି ପଠାଯାଇଛି। ତେବେ ପୋଲିସ ସୂଚନା ଅନୁସାରେ, ଦେହ ଅସୁସ୍ଥ କାରଣରୁ ସେ ଛୁଟି ନେଇ ଶୁକ୍ରବାର ଘରକୁ ଫେରିଥିଲେ। ରବିବାର ସକାଳେ ସେ ତାଙ୍କ ଘର ବାରି ପଟେ ଥିବା କୂଅରୁ ପାଣି କାଢ଼ିବାକୁ ଯାଇଥିବା ବେଳେ ଖସିପଡିଥିଲେ।

### ଭାଜପାର ଗୃହ ସମ୍ପର୍କ ଅଭିଯାନ ଶୁଭାରମ୍ଭ

ସମ୍ବଲପୁର, ୨୮।୬ (ବ୍ୟୁରୋ)- ଭାରତୀୟ ଜନତା ପାର୍ଟି (ଭାଜପା) ସମ୍ବଲପୁର ବିଧାନସଭା ନିର୍ବାଚନ ମଣ୍ଡଳୀର ଗୃହ ସମ୍ପର୍କ ଅଭିଯାନ ଶୁଭାରମ୍ଭ ହୋଇଛି। ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ଦଳୀୟ କାର୍ଯ୍ୟାଳୟରେ ଏହାର ଶୁଭାରମ୍ଭ କରିଥିଲେ । ଜିଲା ସଭାପତି ଗିରିଶ ପଟେଲଙ୍କ ଅଧକ୍ଷତାରେ ହୋଇଥିବା କାର୍ଯ୍ୟକ୍ରମରେ ରେଙ୍ଗାଲି ବିଧାୟକ ନାଉରୀ ନାୟକ, ଜିଲା ପରିଷଦ ଅଧକ୍ଷ ରାଧେଶ୍ୟାମ ବାରିକଙ୍କ ସମେତ ସମ୍ବଲପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ସମସ୍ତ ମଣ୍ଡଳ ସଭାପତି ଓ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

### ପ୍ରଫେସରଙ୍କ ବିୟୋଗରେ ଶୋକ

ସମ୍ବଲପୁର, ୨୮।୬ (ବ୍ୟୁରୋ) ସମ୍ବଲପୁର ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ଚୈତନ୍ୟ କୁମାର ତ୍ରିପାଠୀ (୬୪)ଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକପ୍ରକାଶ ପାଇଛି। ସମ୍ବଲପୁର ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ କର୍ମଚାରୀ ସଂଘ ସଭାପତି ପ୍ରଫେସର ଶଙ୍କର ପ୍ରସାଦ ପତି ପ୍ରମୁଖ ଶୋକବ୍ୟକ୍ତ କରିଥିଲେ।

### ପୋଖରୀରେ ବୁଡ଼ି ଶିଶୁକନ୍ୟା ମୃତ

ସଇଁତଳା, ୨୮।୬(ଡି.ଏନ୍.ଏ.) ବଲାଙ୍ଗୀର ଜିଲା ସଇଁତଳା ଥାନା କରମତଲା ପଞ୍ଚାୟତ ଅନ୍ତର୍ଗତ ତୁଷ୍ଟାପାଲି ଗ୍ରାମରେ ଜଣେ ଶିଶୁକନ୍ୟାଙ୍କ ପାଣିରେ ବୁଡ଼ି ମୃତ୍ୟୁ ଘଟିଛି। ମୃତା ହେଲେ ଗ୍ରାମର ମଦନ ସିଂ ଦେଓଙ୍କ ଝିଅ ବବଲି(୫)। ପଡ଼ୋଶୀ କେଶରୀ ଦେଓଙ୍କ ପୁଅ ଦୀନେଶ(୫ )ଙ୍କ ସହ ବବଲି ନିଜ ବାରିପଟରେ ଖେଳୁଥିଲେ। ଖେଳୁଥିବା ବେଳେ ହଠାତ୍ ବବଲି ଓ ଦୀନେଶ ନିକଟରେ ଥିବା ପୋଖରୀ ହୁଡ଼ା ଉପରୁ ଖସି ପାଣିରେ ପଡ଼ିଯାଇଥିଲେ। ଦୀନେଶଙ୍କ ଚିତ୍କାର ଶୁଣି ପାଖରେ ଥିବା ଲୋକେ ଉଭୟଙ୍କୁ ଉଦ୍ଧାର କରି ସଇଁତଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ହେଲେ ସେଠାରେ ଡାକ୍ତର ବବଲିଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ସଇଁତଳା ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୧୦/୨୦)ରୁଜୁ ହୋଇଛି।

### ତରଭା ବ୍ଲକରେ ଖୋଲିଲା ପ୍ରବାସୀ ଶ୍ରମିକଙ୍କ ପାଇଁ ହେଲ୍ପ ଡେସ୍କ

ତରଭା,୨୮।୬(ଡି.ଏନ.ଏ.)-ପ୍ରବାସୀ ଶ୍ରମିକଙ୍କ ପାଇଁ ସୁବର୍ଣ୍ଣପୁର ଜିଲାର ତରଭା ବ୍ଲକରେ ହେଲ୍ପ ଡେସ୍କ ଖୋଲାଯାଇଛି । ବିଡିଓ ନିହାର ରଞ୍ଜନ କଅଁରଙ୍କ ଠାରୁ ଏହି ସୂଚନା ମିଳିଛି । କରୋନା ସଂକ୍ରମିତଙ୍କ ସଂଖ୍ୟା ବଢି ଚାଲିଥିବାରୁ ପ୍ରବାସୀ ଶ୍ରମିକମାନେ ଜିଲାକୁ ଫେରି ଆସିଛନ୍ତି। ସେମାନଙ୍କୁ କର୍ମ ସଂସ୍ଥାନ ଯୋଗାଇ ଦେବା ତଥା ବିଭିନ୍ନ ସରକାରୀ ଯୋଜନା ବିଷୟରେ ଅବଗତ କରିବା ପାଇଁ ଏହି ହେଲ୍ପ ଡେସ୍କ ଖୋଲାଯାଇଛି । ବିଶେଷକରି ଗ୍ରାମ୍ୟ ସରକାରୀ ଯୋଜନା ଅନ୍ତର୍ଭୁକ୍ତ ଗୃହ ନିର୍ମାଣ, ମହାତ୍ମାଗାନ୍ଧୀ ଗ୍ରାମୀଣ ନିଶ୍ଚିନ୍ତ କର୍ମନିଯୁକ୍ତି ଯୋଜନା ,ଓଡିଶା ଜୀବିକା ମିଶନ ପ୍ରଭୃତି ବିଷୟରେ ପ୍ରବାସୀ ଶ୍ରମିକମାନଙ୍କୁ ଜଣାଇ ଦେବାର ବ୍ୟବସ୍ଥା ହୋଇଛି । ବ୍ଲକର ପିଏ ସନ୍ତୋଷ କୁମାର ପାଣିଗ୍ରାହୀ କାର୍ଯ୍ୟ ଦିବସ ଦିନ ସକାଳ ୧୦ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ବିଭିନ୍ନ ଆପତ୍ତି ଅଭିଯୋଗ ଗ୍ରହଣ କରିବା ସହିତ କର୍ମନିଯୁକ୍ତି ପାଇଁ ହିତାଧିକାରୀମାନଙ୍କୁ ସୂଚନା ମିଳିପାରିବ । ଯେଉଁମାନେ ବ୍ଲକ କାର୍ଯ୍ୟାଳୟକୁ ଆସିପାରିବେ ନାହିଁ , ସେମାନେ ଦାୟିତ୍ୱରେ ଥିବା ପାଣିଗ୍ରାହୀଙ୍କୁ ଯୋଗାଯୋଗ କରିବା ପାଇଁ ବ୍ଲକ ପ୍ରଶାସନ ତରଫରୁ ଜଣାଇ ଦିଆଯାଇଛି ।

# ଗଜା ହେଉନି ଅଦା ବିହନ

ନୂଆପଡା ଅଫିସ,୨୮।୬

ନୂଆପଡା ଜିଲାର ଜଳବାୟୁକୁ ଦୃଷ୍ଟିରେ ରଖି ଅଦା ଭଳି ଅର୍ଥକରୀ ଫସଲକୁ ପ୍ରୋତ୍ସାହିତ କରିବାକୁ ଜିଲା କୃଷି ବିଭାଗ ଅଣ୍ଟା ଭିଡିଛି। ତେବେ ଚାଷୀଙ୍କୁ ଯୋଗାଣ ହୋଇଥିବା ଅଦା ବିହନରୁ ୨୦ପ୍ରତିଶତ ଗଜା ହୋଇ ନ ଥିବା ଚାଷୀମାନେ ଅଭିଯୋଗ କରିଛନ୍ତି । ଅନ୍ୟପକ୍ଷେ ଏହାକୁ ଗୁରୁତ୍ୱର ସହ ବିଚାର କରି କୃଷି ବିଭାଗର ବରିଷ୍ଠ ଅଧିକାରୀମାନେ ଘର ଘର ବୁଲି ଅଦାଚାଷର ବର୍ତ୍ତମାନ ସ୍ଥିତି ନିରୀକ୍ଷଣ କରିଛନ୍ତି ।



କୃଷି ବିଭାଗ ଅଧିକାରୀମାନେ ଚାଷୀଙ୍କ ଅଦା କିଆରି ବୁଲି ଦେଖୁଛନ୍ତି ।

ପ୍ରକାଶ ଯେ, ନୂଆପଡା ଜିଲାପାଳ ମଧୁସ୍ମିତା ସାହୁଙ୍କ ନିର୍ଦ୍ଦେଶକ୍ରମେ ଜିଲାରେ ପ୍ରଥମଥର ଅଦା ଚାଷ ପାଇଁ ପଦକ୍ଷେପ ନିଆଯାଇଛି। ଜିଲା କୃଷି ବିଭାଗ ଏବଂ କୃଷି ବିଜ୍ଞାନ କେନ୍ଦ୍ର ମିଳିତ ଭାବେ ଏହାର କାର୍ଯ୍ୟାନ୍ୱୟନ କରୁଛନ୍ତି । ଏହି କ୍ରମରେ ଆତ୍ମା ତରଫରୁ ଭେରା, ସାଲିହା, କୋଦୋମେରୀ, ଜେଙ୍ଗେରା, କୋଟେନଚୁଆଁର ୪୫ଜଣ ଚାଷୀଙ୍କୁ ୫୦ କିଗ୍ରା ଲେଖାଏଁ ଅଦା ବିହନ ଦିଆଯାଇଥିଲା। ସେହିପରି ଏମ୍ଏଏଫ୍ସିସି ତରଫରୁ ପଲସାଭଦର ଗାଁର ୨୨ଜଣ ଚାଷୀଙ୍କୁ ବିହନ ଦିଆଯାଇଥିଲା। ଏହି ସୁଭଦ୍ରା ନାମକ ଅଦା ବିହନ କୋରାପୁଟରୁ ଅଣାଯାଇଥିଲା। ପ୍ରଥମେ ତାଲିମ ପ୍ରଦାନ କରାଯିବା ପରେ ଚାଷୀମାନେ ବାଲି କିଆରି ପ୍ରସ୍ତୁତ କରି ଗଜା ପାଇଁ ଅଦା ପୋତିଥିଲେ। ହେଲେ ଆଜିକୁ ୨୦/୨୨ଦିନ ବିତିଯାଇଥିଲେ ମଧ୍ୟ ୨୦ରୁ ୩୦ପ୍ରତିଶତ ବିହନ ଗଜା ହୋଇ ନ ଥିବା ଦେଖାଯାଇଛି। ଏହାକୁ ନେଇ ଚାଷୀମାନେ ଅଭିଯୋଗ କରିଥିବାବେଳେ ରବିବାର ଜିଲା କୃଷକ ସଂଘ ସଭାପତି ଘାସିରାମ ମାଝୀ ଭେରା ଗାଁକୁ ଯାଇ ପରିଦର୍ଶନ କରିଥିଲେ।

- ନୂଆପଡା ଜିଲାରେ ଅଦାକୁ ଦିଆଯାଉଛି ପ୍ରୋତ୍ସାହନ
- ଘର ଘର ବୁଲି ଚାଷ ନିରୀକ୍ଷଣ କଲେ ଅଧିକାରୀ

ପରବର୍ତ୍ତୀ ସମୟରେ ଏହାକୁ ଗୁରୁତ୍ୱ ଦେଇ ଜିଲା ମୁଖ୍ୟ କୃଷି ଅଧିକାରୀ ଜାଭେଦ ମହମ୍ମଦ, ସହକାରୀ କୃଷି ଅଧିକାରୀ ହିମାଂଶୁ କୁମାର ମହାପାତ୍ର, ନରେନ୍ଦ୍ର ମିଶ୍ର, କୃଷି ବିଜ୍ଞାନୀ ଲଖନଲାଲ ମୀନା ପ୍ରମୁଖ ଗାଁକୁ ଯାଇ ଚାଷୀଙ୍କ ଘର ଘର ବୁଲି ଅଦା କିଆରି ଦେଖିଥିଲେ । ବର୍ତ୍ତମାନ ପ୍ରକ୍ରିୟା ଚାଲିଛି । ଆଗକୁ ଆଉ ୮/୧୦ଦିନ ପରେ ସବୁ ଜଣାପଡିବ । କେତେକ ଚାଷୀ ଠିକ୍ ପ୍ରକ୍ରିୟାରେ କରି ନ ଥିବାରୁ ଗଜା ହୋଇ ନ ଥିବା ଦେଖାଯାଇଥିଲା । ଗଜା ନ ହେଲେ ଆହୁରି ବିହନ ଦେବା ବ୍ୟବସ୍ଥା କରାଯିବ ବୋଲି କୃଷି ବିଭାଗ ପକ୍ଷରୁ କୁହାଯାଇଛି। ତେବେ ଚାଷୀଙ୍କୁ ଠିକ ଭାବେ ତାଲିମ ପ୍ରଦାନ ପୂର୍ବକ ଉନ୍ନତମାନର ବିହନ ଯୋଗାଇବାକୁ ଜିଲା କୃଷକ ସଂଘ ସଭାପତି ମାଝୀ ଦାବି କରିଛନ୍ତି ।

## ଭଡ଼ାଘରୁ ଯୁବକଙ୍କ ମୃତଦେହ ଉଦ୍ଧାର

ସଇଁତଳା, ୨୮।୬(ଡି.ଏନ.ଏ.)

ବଲାଙ୍ଗୀର ଜିଲା ସଇଁତଳା ଥାନା ଗୋପବନ୍ଧୁ ପଡ଼ାର ଏକ ଭଡ଼ାଘରେ ରହୁଥିବା ଜଣେ ଯୁବକଙ୍କ ମୃତଦେହ ଶନିବାର ସକାଳେ ପୋଲିସ ଉଦ୍ଧାର କରିଛି। ମୃତକ ହେଲେ ନୟାଗଡ଼ ଜିଲା ସିକାରୋଡ଼ା ଗ୍ରାମର ଅବକାଶ ପରିଡ଼ା(୨୫)। ସେ ସଇଁତଳା ଜିଓ ଟେଲିକମରେ କାମ କରୁଥିବା ବେଳେ ସ୍ଥାନୀୟ ଗୋପବନ୍ଧୁ ପଡ଼ାରେ ଏକ ଘର ଭଡ଼ାନେଇ ରହୁଥିଲେ। କିଛିଦିନ ତଳେ ନିଜ ଗ୍ରାମକୁ ଯାଇ ସେ ଫେରିଥିଲେ। ପରିବାର ଲୋକେ ତାଙ୍କୁ ବାରମ୍ବାର ଫୋନ କରିଥିଲେ ମଧ୍ୟ ସେ ଫୋନ ଉଠାଇ ନ ଥିଲେ। ତାଙ୍କ ସହ କାର୍ଯ୍ୟ କରୁଥିବା ଜଣେ କର୍ମଚାରୀ ଏବଂ ଘର ମାଲିକ ଭଡାଘର କବାଟ ଖୋଲିବାରେ ତାଙ୍କ ମୃତଦେହ ଚଟାଣରେ ପଡ଼ି ରହିଥିଲା। ଘର ମାଲିକ ଏ ନେଇ ସ୍ଥାନୀୟ ପୋଲିସ ଓ ଅବକାଶଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ। ରବିବାର ସକାଳେ ସଇଁତଳା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ତହସିଲଦାର ସୁମନ କିଶୋର ଡୁଙ୍ଗଡୁଙ୍ଗଙ୍କ ଉପସ୍ଥିତିରେ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଘଟଣାସ୍ଥଳରୁ ଏକ ସୁଇସାଇଡାଲନୋଟ ଜବତ ହୋଇଛି। ରବିବାର ସଇଁତଳା ଆସି ଅବକାଶଙ୍କ ପରିବାର ଲୋକେ ପୁଅକୁ ହତ୍ୟା କରାଯାଇଥିବା ନେଇ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

**ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକେ**

## ବରଗଡ଼: ଦିନକରେ ୧୮ ନୂଆ ଆକ୍ରାନ୍ତ ଚିହ୍ନଟ

ବରଗଡ଼ ଅଫିସ୍,୨୮।୬

ବରଗଡ଼ ଜିଲାରେ କରୋନା (କୋଭିଡ୍-୧୯) ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ି ଚାଲିଛି। ରବିବାର ଜିଲାରେ ୧୮ ନୂଆ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସେଥିରେ ବରଗଡ଼ ବ୍ଲକ ଅନ୍ତର୍ଗତ କଟାପାଲି ଗ୍ରାମର ସର୍ବାଧିକ ୧୫ଜଣ ରହିଛନ୍ତି । ସେହିପରି ପଦ୍ମପୁର ପୌରାଞ୍ଚଳର ୨ଜଣ ଏବଂ ଅମ୍ବାଭୋନା ବ୍ଲକର ଜଣେ ଅଛନ୍ତି । କଟାପାଲିର ନୂଆ ଆକ୍ରାନ୍ତମାନେ ପୂର୍ବ ସଂକ୍ରମିତଙ୍କ ସଂସ୍ପର୍ଶରେ ଆସିଥିବାବେଳେ ଅମ୍ବାଭୋନା ବ୍ଲକର ଆକ୍ରାନ୍ତ ଜଣକ ବଙ୍ଗାପାଲି ଗ୍ରାମର ଏବଂ ସେ ରାଜସ୍ଥାନରୁ ଫେରିଛନ୍ତି । ପଦ୍ମପୁର ପୌରାଞ୍ଚଳର ୨ ଆକ୍ରାନ୍ତ ସଙ୍ଗରୋଧ କେନ୍ଦ୍ରର ବୋଲି ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କଲ୍ୟାଣୀ ଦାଶ ସୂଚନା ଦେଇଛନ୍ତି। ନୂଆ ଆକ୍ରାନ୍ତଙ୍କୁ ମିଶାଇ ଜିଲାରେ ବର୍ତ୍ତମାନ ସୁଦ୍ଧା ୮୭ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇ ସାରିଲେଣି ।

## କଲେଜ କର୍ମଚାରୀଙ୍କୁ ଘାରିଛି ସଂକ୍ରମଣ ଭୟ

ଲୋଇସିଂହା, ୨୮।୬(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଲୋଇସିଂହା କଲେଜ ପରିସରରେ ବ୍ଲକର ନୋଡାଲ ସଙ୍ଗରୋଧ କେନ୍ଦ୍ର କରାଯାଇଛି। ଉକ୍ତ କେନ୍ଦ୍ରରେ ଚଳିତ ସପ୍ତାହରେ ବୁର୍ଡା ପଞ୍ଚାୟତର ୨ଜଣ ପ୍ରବାସୀ କରୋନା ପଜିଟିଭ ଚିହ୍ନଟ ହୋଇଥିଲେ। ଏଭଳି ସ୍ଥିତିରେ କର୍ମଚାରୀ କଲେଜ ଆସୁଥିବାରୁ ସଂକ୍ରମଣ ଆଶଙ୍କାରେ ଭୟଭୀତ ହୋଇପଡିଛନ୍ତି। ଗୁରୁବାର କଲେଜର ଏକ ପ୍ରତିନିଧି ଦଳ ଜିଲାପାଳ ଅରିନ୍ଦମ ଡାକୁଆଙ୍କୁ ସାକ୍ଷାତ୍ କରି ଆବଶ୍ୟକ ପଦକ୍ଷେପ ନେବାକୁ ଦାବି ଜଣାଇଥିଲେ । ଅଦ୍ୟାବଧି ପ୍ରଶାସନ ପକ୍ଷରୁ କୌଣସି ନିଷ୍ପତ୍ତି ନିଆଯାଇ ନ ଥିବାରୁ କଲେଜ କର୍ମଚାରୀଙ୍କ ମଧ୍ୟରେ ଅସନ୍ତୋଷ ବଢିବାରେ ଲାଗିଛି । ବ୍ଲକକୁ ଫେରୁଥିବା ପ୍ରବାସୀଙ୍କୁ ଲୋଇସିଂହା କଲେଜ ସଙ୍ଗରୋଧ କେନ୍ଦ୍ରରୁ ବିଭିନ୍ନ ପଞ୍ଚାୟତ ସଙ୍ଗରୋଧକୁ ପଠାଯାଉଛି । କଲେଜ ପରିସର ନୋଡାଲ ସଙ୍ଗରୋଧ କେନ୍ଦ୍ରରେ ଏବେ ୧୪ଜଣ ପ୍ରବାସୀ ସଙ୍ଗରୋଧରେ ଅଛନ୍ତି। ଉକ୍ତ କେନ୍ଦ୍ରରେ ଗତ ୨୩ ଓ ୨୪ ତାରିଖରେ ଲଗାତର ଭାବେ ଦୁଇଦିନରେ ୨ଜଣ ପ୍ରବାସୀ କରୋନା ପଜିଟିଭ ଚିହ୍ନଟ ହୋଇଥିଲେ । ଏହା ସତ୍ତ୍ୱେ ପରିସ୍ଥିତିକୁ ହାଲୁକା ଭାବେ ନେଇ ପ୍ରଶାସନ କଣ୍ଟେନମେଣ୍ଟ ଜୋନ ଘୋଷଣା କରିନାହିଁ । ଫଳସ୍ୱରୂପ ଉଚ୍ଚ ଶିକ୍ଷା ବିଭାଗର ନିର୍ଦ୍ଦେଶ କ୍ରମେ ଗତ ୧୭ ତାରିଖଠାରୁ ଶିକ୍ଷକ ଓ କର୍ମଚାରୀ ଭୟର ସହ କଲେଜ ଆସୁଛନ୍ତି। କଲେଜର ଶିକ୍ଷକ ଓ ଅଣଶିକ୍ଷକ ମୋଟ ୬୨କର୍ମଚାରୀ ରହିଛନ୍ତି। ସେଥିରୁ ୧୦ଜଣ ଅଧ୍ୟାପକ ଯୁକ୍ତଦୁଇ ପରୀକ୍ଷା ଖାତା ଦେଖିବାକୁ ଯାଉଛନ୍ତି । ଅନ୍ୟ ଷ୍ଟାଫମାନେ ନିୟମିତ ଆସୁଥିବାରୁ ସେମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏ ସମ୍ପର୍କରେ ଅଧ୍ୟକ୍ଷ ଗୋବିନ୍ଦ ସାହୁ କହନ୍ତି, କର୍ମଚାରୀ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ। ଜିଲା ପ୍ରଶାସନ କିମ୍ବା ଡାଇରେକ୍ଟରଙ୍କ କାର୍ଯ୍ୟାଳୟରୁ କଲେଜ ବନ୍ଦ ନିର୍ଦ୍ଦେଶ ହେଲେ ବନ୍ଦ କରିବାରେ କୌଣସି ଅସୁବିଧା ନାହିଁ।

## ଯୁବକଙ୍କୁ ମରଣାନ୍ତକ ଆକ୍ରମଣ, ଅଭିଯୁକ୍ତ ଫେରାର

ବଲାଙ୍ଗୀର ଅଫିସ, ୨୮।୬

ବଲାଙ୍ଗୀର ରାଜୀବ ନଗରର ଦୀପକ କୁମାର ଦାଶ ନାମକ ଜଣେ ଯୁବକଙ୍କୁ ଶନିବାର ସେହିପଡାର କେତେଜଣ ଯୁବକ ସଂଘବଦ୍ଧ ଆକ୍ରମଣ କରିଥିଲେ। ରାଜୀବନଗରର ନାଲଖଣ୍ଡି ପାଖରେ ଦୀପକ ଗୁରୁତର ଭାବେ ପଡିଥିବା ଖବର ପାଇ ତାଙ୍କ ବଡଭାଇ ଆଲୋକ ରଞ୍ଜନ ଦାଶ ତାଙ୍କୁ ସେଠାରୁ ଉଦ୍ଧାର କରି ଆଣି ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ ହସପିଟାଲରେ ଭର୍ତ୍ତି କରିଛନ୍ତି। ଏନେଇ ଆଲୋକ ବଲାଙ୍ଗୀର ଟାଉନ୍ ଆଦର୍ଶ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ରାଜୀବନଗରର ଶ୍ରଦ୍ଧାକର ନାଗ, ଶୁକ୍ର ନାଗ, ଜିତୁ ନାଗ, ରଞ୍ଜିତ ନାଗ, ଆକାଶ ନାଗ ଓ ଅନ୍ୟମାନେ ଦୀପକଙ୍କୁ ଘେରି ଯାଇ ରଡ, ଟାଙ୍ଗିଆରେ ଆକ୍ରମଣ କରିଥିବା ଥାନାରେ ଅଭିଯୋଗ କରିଛନ୍ତି । ଏନେଇ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଅଭିଯୁକ୍ତମାନେ ଫେରାର ଅଛନ୍ତି।

## ଶ୍ରମିକ ସ୍ପେଶାଲ ଟ୍ରେନ୍‌ରେ ପହଞ୍ଚିଲେ ୧୨୬୩ ପ୍ରବାସୀ

ବଲାଙ୍ଗୀର ଅଫିସ୍, ୨୮।୬

କିଛିଦିନର ବ୍ୟବଧାନ ପରେ ବଲାଙ୍ଗୀରକୁ ରବିବାର ପୁଣି ଏକ ଶ୍ରମିକ ସ୍ପେଶାଲ ଟ୍ରେନ୍ ଆସି ପହଞ୍ଚିଥିଲା । ତିରୁପତିରୁ ବଲାଙ୍ଗୀର ଆସିଥିବା ଏହି ଟ୍ରେନ୍‌ରେ ୧୨୬୩ ଜଣ ପ୍ରବାସୀ ଆସିଥିଲେ । ଏଥିରେ ବଲାଙ୍ଗୀର ଜିଲାର ୫୭୧, ବରଗଡ ଜିଲାର ୨୨, କଳାହାଣ୍ଡି ଜିଲାର ୧୫୦, ନବରଙ୍ଗପୁର ଜିଲାର ୧, ନୂଆପଡା ଜିଲାର ୫୧୭ ଓ ସମ୍ବଲପୁର ଜିଲାର ୨ ଜଣ ପ୍ରବାସୀ ଶ୍ରମିକ ଥିଲେ । ସମସ୍ତଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ପରେ ସେମାନଙ୍କୁ ଖାଦ୍ୟ ପ୍ରଦାନ କରାଯାଇ ବିଭିନ୍ନ କ୍ୱାରାଣ୍ଟାଇନ୍ ସେଣ୍ଟରକୁ ପଠାଯାଇଥିଲା। ଜିଲାପାଳ ଅରିନ୍ଦମ ଡାକୁଆ ଓ ଏସ୍‌ପି ସନ୍ଦୀପ ମାଡକରଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା ।

## ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟିତ

ସମ୍ବଲପୁର,୨୮।୬(ବ୍ୟୁରୋ)

ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକରେ ବିଭିନ୍ନ ପ୍ରକଳ୍ପର ଉଦଘାଟନ କରାଯାଇଛି। ସରକାରୀ ଉପମୁଖ୍ୟ ସଚେତକ ରେଢାଖୋଲ ବିଧାୟକ ରୋହିତ ପୁଜାରୀ ଏହି ପ୍ରକଳ୍ପକୁ ଉଦଘାଟନ କରିଥିଲେ । ଆମ ଗାଁ ଆମ ବିକାଶ ଯୋଜନାରେ ନିର୍ମାଣ ହୋଇଥିବା ଗୋଷ୍ଠୀ ବିନୋଦନ କେନ୍ଦ୍ର ଲୋକାର୍ପିତ ହୋଇଥିଲା । କଂସର ଗ୍ରାମ ପଞ୍ଚାୟତର ଲାଇଟପଡା ବୀରସିଂଗଡ ଗ୍ରାମ ପଞ୍ଚାୟତର ଚିଲାଟିକୁଦ, ଜୟନ୍ତପୁର ଗ୍ରାମପଞ୍ଚାୟତର ଡାକଡେରାପଡା, କବ୍ରାପାଲି ଗ୍ରାମପଞ୍ଚାୟତର ନୀଳଡୁଙ୍ଗୁରୀ, ବାହାମ ଗ୍ରାମପଞ୍ଚାୟତର ଖଲିଆପାଲି ଟିକ୍ରାପଡାର ଗୋଷ୍ଠୀ ବିନୋଦନ କେନ୍ଦ୍ର ସହ ବାହାମଠାରୁ ଖଲିଆପାଲି ପର୍ଯ୍ୟନ୍ତ ରାସ୍ତାର ଆଲୋକୀକରଣକୁ ବିଧାୟକ ପୂଜାରୀ ଉଦଘାଟନ କରିଥିଲେ ।

## ଘଣ୍ଟାଏ ଭିତରେ ମିଳିଲା ଜମି ପଟ୍ଟା

ସମ୍ବଲପୁର,୨୮।୬(ବ୍ୟୁରୋ)

ସମ୍ବଲପୁର ଜିଲା ଯୁଯୁମୁରା ତହସିଲରେ ଡାଡୁମୁଣ୍ଡା ଗ୍ରାମର ଟୁକୁ ମୁଣ୍ଡା ନାମକ ଜଣେ ବ୍ୟକ୍ତି ମାତ୍ର ୧ ଘଣ୍ଟାରେ ଜମି ପଟ୍ଟା ପାଇଛନ୍ତି। ଉକ୍ତ ଗ୍ରାମର ଟୁକୁଙ୍କୁ ସେହି ଗ୍ରାମର ଶୁକ୍ରୁ ମୁଣ୍ଡାଙ୍କ ଜମି କିଣି ପଟ୍ଟା ପାଇଁ ଆବେଦନ କରିଥିଲେ। ତହସିଲ ପକ୍ଷରୁ ତାଙ୍କୁ ୧ଘଣ୍ଟା ଭିତରେ ପଟ୍ଟା ପ୍ରଦାନ କରାଯାଇଥିଲା। ଏହି ସମୟରେ କୋର୍ଟ ଅମୀନ ଅମୀୟ ମହାକୁଡ ଓ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ, ସରକାର ଜମି ରେଜିଷ୍ଟ୍ରେଶନ ନିୟମରେ ପରିବର୍ତ୍ତନ କରିଛନ୍ତି । ପୂର୍ବରୁ ଜମି ପଞ୍ଜିକରଣ ହେବାର ୪୫ ଦିନରୁ ୯୦ ଦିନ ଭିତରେ ପଟ୍ଟା ପ୍ରଦାନ କରାଯାଉଥିଲା। ଅନେକ ସ୍ଥାନରେ ଆବେଦନକାରୀଙ୍କୁ ପଟ୍ଟା ପାଇବାରେ ବର୍ଷବର୍ଷ ଲାଗି ଯାଉଥିଲା। ବହୁକ୍ଷେତ୍ରରେ ଲୋକେ ହତାଶ ହୋଇ ଅର୍ଥ ଦେଣନେଣ କରିବାକୁ ପଛାଉ ନ ଥିଲେ । ଏହି ପ୍ରକ୍ରିୟାରେ ସ୍ୱଚ୍ଛତା ଆଣିବା ପାଇଁ ସରକାର ନିୟମରେ ପରିବର୍ତ୍ତନ କରଛନ୍ତି।

# ପୂର୍ବ ଶତ୍ରୁତାରୁ ଲୁହାରଡ଼ରେ ପିଟି ହତ୍ୟା

ପାଟଣାଗଡ଼, ୨୮।୬ (ଡି.ଏନ.ଏ.)

- ରେଳ ଧାରଣାରୁ ମୃତଦେହ ଉଦ୍ଧାର ଘଟଣାର ପର୍ଦ୍ଦାଫାଶ
- ମୋବାଇଲ ଟ୍ରାକ୍ କରି ୩ ଅଭିଯୁକ୍ତଙ୍କୁ ଧରିଲା ପୋଲିସ

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଅନ୍ତର୍ଗତ ଲାଠୋର ଗ୍ରାମର ରାଜାରାମ ସୁନା ହତ୍ୟା ଘଟଣାର ପର୍ଦ୍ଦାଫାଶ ହୋଇଛି। ଏହି ଘଟଣାରେ ପୋଲିସ ମୁଖ୍ୟ ଅଭିଯୁକ୍ତଙ୍କ ସମେତ ୩ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ମୁଖ୍ୟ ଅଭିଯୁକ୍ତ ନୂଆପଡା ଜିଲା ଖରିଆର ରୋଡର ସ୍ଥାୟୀ ବାସିନ୍ଦା ତଥା ଲାଠୋର ବସ୍‌ଷ୍ଟାଣ୍ଡରେ ଢାବା କରିଥିବା ଜିତେନ ସିଂ ବଗ୍‌ଗା (୩୦), ସେହି ଢାବାର କର୍ମଚାରୀ ଖରିଆର ରୋଡର ଅଜୟ ମିଶ୍ର(୨୮) ଏବଂ ଲାଠୋର ଥାନା ଅନ୍ତର୍ଗତ ଠୁଟିବର ଗ୍ରାମର ନୀଳାମ୍ବର ସୁନା। ହତ୍ୟାକାଣ୍ଡରେ ବ୍ୟବହୃତ ଲୁହାରଡ, ଏକ କାର (ନଂ.ଓଡି.୦୩.ଏମ.୨୩୧୮), ଗୋଟିଏ ହୋଣ୍ଡା ଲିଭୋ ବାଇକ ଜବତ ହୋଇଛି। ପୂର୍ବଶତ୍ରୁତାରୁ ଅଭିଯୁକ୍ତମାନେ ରାଜାରାମଙ୍କୁ ହତ୍ୟା କରିଥିଲେ। ପରେ ପ୍ରମାଣ ନଷ୍ଟ ପାଇଁ ରେଳ ଧାରଣାରେ ପକାଇ ଦେଇଥିଲେ। ପାଟଣାଗଡ ଥାନା ପରିସରରେ ରବିବାର ଅପରାହ୍ନରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଏସ୍‌ପି ମାଡକର ସନ୍ଦୀପ ସମ୍ପତ ହତ୍ୟାକାଣ୍ଡ ସମ୍ପର୍କରେ ସୂଚନା ଦେଇଛନ୍ତି।

ଏସ୍‌ପିଙ୍କ ସୂଚନା ଅନୁସାରେ ଗତ ୧୪ ତାରିଖ ରାଜାରାମଙ୍କ ମୃତଦେହ ହରିଶଙ୍କର ରୋଡ ରେଳ ଷ୍ଟେଶନ ନିକଟ ପିପଲବାହାଲ ବ୍ରିଜ ପାଖ ରେଳ ଧାରଣାରେ ପଡିଥିବା ଦେଖାଯାଇଥିଲା। କଣ୍ଟାବାଞ୍ଜି ରେଲୱେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିଲା। ପାରିପାର୍ଶ୍ୱିକ ସ୍ଥିତିରୁ ଏହା ଏକ ହତ୍ୟାକାଣ୍ଡ ବୋଲି ଜାଣିବା ପରେ ଗତ ୨୦ତାରିଖରେ ଲାଠୋର ଥାନାରେ ଏକ ମାମଲା(ନଂ. ୫୪/୨୦) ରୁଜୁ କରି ପୋଲିସ ତଦନ୍ତ ଆଗକୁ ବଢ଼ାଇଥିଲା। ମୃତକଙ୍କ ପରିବାରର ବୟାନକୁ ଆଧାର କରି ପୋଲିସ ଗିରଫ ୩ଜଣଙ୍କୁ ସନ୍ଦେହ ପରିସରକୁ ଆଣିଥିଲା। ସେମାନଙ୍କ ମୋବାଇଲ କଲକୁ ଟ୍ରାକ୍ କରିବା ପରେ ହତ୍ୟାକାଣ୍ଡରେ ସେମାନଙ୍କ ସମ୍ପୃକ୍ତି ସ୍ପଷ୍ଟ ହୋଇଥିଲା। ଜିତେନ ଏବଂ ଅଜୟଙ୍କୁ ରାୟପୁରରୁ ଏବଂ ନୀଳାମ୍ବରଙ୍କୁ ଲାଠୋରରୁ ଗିରଫ କରାଯାଇଥିଲା। ପଚରାଉଚରା ବେଳେ ଅଭିଯୁକ୍ତମାନେ ନିଜ ଦୋଷ ସ୍ୱୀକାର କରିଥିଲେ। ୬ବର୍ଷ ତଳେ ଅଭିଯୁକ୍ତ ଜିତେନ ସିଂ ବଗ୍‌ଗାଙ୍କ ବଡ଼ଭାଇ ସୁବାସ ବଗ୍‌ଗାଙ୍କ ମୃତଦେହ ନୂଆପଡା ରେଳ ଷ୍ଟେଶନ ନିକଟରୁ ମିଳିଥିଲା। ସୁବାସଙ୍କ ପରିବାର ଲୋକେ ଏହା ଏକ ହତ୍ୟାକାଣ୍ଡ ବୋଲି ଅଭିଯୋଗ କରିଥିଲେ। ଏହି ଘଟଣାରେ ରାଜାରାମ ସୁନାଙ୍କ ସମ୍ପୃକ୍ତି ଥିବା ଜିତେନ ସନ୍ଦେହ କରିଥିଲେ। ଭ୍ରାତୃହତ୍ୟାର ପ୍ରତିଶୋଧ ନେବା ପାଇଁ ରାଜାରାମଙ୍କୁ ହତ୍ୟା କରିବାକୁ ସେ ଯୋଜନା କରିଥିଲେ। ସେହିପରି ଅଜୟ ଏବଂ ନୀଳାମ୍ବର ମଧ୍ୟ କୌଣସି କାରଣରୁ ରାଜାରାମଙ୍କ ସହିତ ଶତ୍ରୁତା ଥିବାରୁ ହତ୍ୟା ଯୋଜନାରେ ଜିତେନଙ୍କ ସହ ହାତ ମିଳାଇଥିଲେ। ଗତ ୧୪ତାରିଖ ରାତି ପ୍ରାୟ ୧୦ଟାରେ ରାଜାରାମଙ୍କ ଘରକୁ ଯାଇ ନୀଳାମ୍ବର ଡାକିଥିଲେ। ସେ ଘରୁ ବାହାରକୁ ଆସିବା ପରେ ନୀଳାମ୍ବର ତାଙ୍କୁ କାମ ଅଛି ଆସ ଯିବା କହି ବାଇକରେ ସେଠାରୁ ନେଇ ଆସିଥିଲେ। ପରେ ସେମାନେ ଏକ କାରରେ ଯାଇ ପିପଲବାହାଲ ବ୍ରିଜ ନିକଟରେ ପହଞ୍ଚିଥିଲେ। ସେଠାରେ ରାଜାରାମଙ୍କୁ ସଂଘବଦ୍ଧଭାବେ ରଡରେ ପିଟି ସେମାନେ ହତ୍ୟା କରିଥିଲେ। ପ୍ରମାଣ ନଷ୍ଟ କରିଦେବା ଲାଗି ରେଳ ଧାରଣା ଉପରେ ଫିଙ୍ଗି ଦେଇ ପଳାଇ ଯାଇଥିଲେ। ରବିବାର ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯାଇଥିବା ଏସ୍‌ପି ସମ୍ପତ ସୂଚନା ଦେଇଛନ୍ତି। ଖବରଦାତା ସମ୍ମିଳନୀରେ ପାଟଣାଗଡ ଏସ୍‌ଡିପିଓ ସୁରେଶ ନାଏକ, ଲାଠୋର ଥାନାଧିକାରୀ ଧର୍ମେନ୍ଦ୍ର କୁମାର ଶାନ୍ତି, ଖପ୍ରାଖୋଲ ଥାନାଧିକାରୀ ଜ୍ୟୋତିରଞ୍ଜନ ପତି ପ୍ରମୁଖ ଉପସ୍ଥିତ ଥିଲେ।



ଗିରଫ ଅଭିଯୁକ୍ତମାନଙ୍କୁ ଖବରଦାତା ସମ୍ମିଳନୀରେ ହାଜର କରାଯାଇଛି।

# ଅନ୍ୟର ଚାପରେ ଅସହାୟ ମମତା



ଦିବ୍ୟାଙ୍ଗ ଅଙ୍ଗନୱାଡି କର୍ମୀ ମମତା ପଣ୍ଡା ।

ବଲାଙ୍ଗୀର ଅଫିସ, ୨୮।୬

- ନ୍ୟାୟ ପାଇଁ ଜିଲାପାଳ, ଆରଡିସିଙ୍କୁ ଜଣାଇଥିଲେ
- ତଦନ୍ତ ହେଲା, ନ୍ୟାୟ ମିଳିଲା ନାହିଁ

ବଲାଙ୍ଗୀର ସଦର ବ୍ଲକ ଚୁଡାପାଲି ଗ୍ରାମର ମମତା ପଣ୍ଡା । ସେ ଜଣେ ଅଙ୍ଗନୱାଡି କର୍ମୀ । ହେଲେ ଜନ୍ମରୁ ଦିବ୍ୟାଙ୍ଗ ଥିବା ମମତାଙ୍କ ପାଇଁ ଏହି ଶାରୀରିକ ଅସୁସ୍ଥତା ଅସୁମାରୀ ଦୁଃଖ ଆଣିଛି । କେତେଜଣ ବିଭାଗୀୟ କର୍ମଚାରୀଙ୍କ ଚାପ ତାଙ୍କୁ ଆଗକୁ ବଢ଼ିବାରେ ପ୍ରତିବନ୍ଧକ ସୃଷ୍ଟି କରିଛି ବୋଲି ସେ କହିଛନ୍ତି । ଏ ସଂକ୍ରାନ୍ତରେ ମମତା ଜିଲାପାଳ, ଆରଡିସି ଓ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରି ତାଙ୍କ ନ୍ୟାୟ ମିଳୁ ବୋଲି ସେ ଦାବି କରିଥିଲେ । ସମ୍ବଲପୁର ଆରଡିସିଙ୍କ ଅଫିସରୁ ଜଣେ ଅଧିକାରୀ ଆସି ତାଙ୍କ ଅଭିଯୋଗର ତଦନ୍ତ କରିଛନ୍ତି । ତଥାପି ମମତାଙ୍କୁ ନ୍ୟାୟ ମିଳି ନ ଥିବା ସେ ଅଭିଯୋଗ କରିଛନ୍ତି।

ପୋଲିଓ ଆକ୍ରାନ୍ତ ଯୋଗୁ ପିଲାଟିଦିନରୁ ମମତା ଚାଲିବା ଶକ୍ତି ହରାଇଥିଲେ । ତଥାପି ପ୍ରବଳ ଇଚ୍ଛାଶକ୍ତି ତାଙ୍କ ପାଠ ପଢ଼ାରେ କୌଣସି ପ୍ରତିବନ୍ଧକ ସୃଷ୍ଟି କରି ପାରି ନ ଥିଲା । ୨୦୦୯ରେ ସେ ପାଟଣାଗଡ଼ ଜବାହରଲାଲ ମହାବିଦ୍ୟାଳୟରୁ ଡିଗ୍ରୀ ହାସଲ କରିଥିଲେ । ଶାରୀରିକ ଅସୁସ୍ଥତା ସତ୍ତ୍ୱେ ସେ ନିଜ ଗୋଡରେ ଠିଆ ହେବାକୁ ଉଦ୍ୟମ ଜାରି ରଖିଥିଲେ । ଇତିମଧ୍ୟରେ ତାଙ୍କୁ ଚୁଡାପାଲି ଅଙ୍ଗନୱାଡି ଗ' ସେଣ୍ଟରର ଜଣେ କର୍ମୀଭାବେ ନିଯୁକ୍ତି ମିଳିଥିଲା । ଚାଲିବା ଶକ୍ତି ନ ଥିବାରୁ ମମତା ସାନ ଭାଇ ଅଜିତ୍‌ଙ୍କ ସହିତ ପ୍ରତିଦିନ ନିଜ ଘରଠାରୁ ପ୍ରାୟ ଅଢ଼େଇ କିଲୋମିଟର ଦୂର ଅଙ୍ଗନୱାଡି କେନ୍ଦ୍ରକୁ ଯିବା ଆସିବା କରୁଥିଲେ । ହେଲେ ଦଇବ ସହିଲା ନାହିଁ । ୨୦୧୫ରେ ଅଜିତଙ୍କ ଅକାଳ ବିୟୋଗ ଘଟିଲା । ପୂର୍ବରୁ ବାପା ପରିବାର ସହ ସମ୍ପର୍କ ଛିନ୍ନ କରି ଅନ୍ୟତ୍ର ଚାଲିଯିବା ପରେ ଏବେ ମା'ଙ୍କ ସହିତ ମମତା ଘରେ ରହିଛନ୍ତି । ସାନଭାଇଙ୍କ ମୃତ୍ୟୁ ପରେ ମମତା ଅଙ୍ଗନୱାଡି କେନ୍ଦ୍ରକୁ ଯିବାଆସିବାରେ ହଇରାଣ ହେଉଥିଲେ । ତା'ପୂର୍ବରୁ ଚୁଡାପାଲି ଅଙ୍ଗନୱାଡି 'ଖ' ସେଣ୍ଟରର ଅଙ୍ଗନୱାଡି କର୍ମୀଙ୍କ ପରଲୋକ ଘଟିଥିଲା । ମମତା ଖ ସେଣ୍ଟରର ଅତିରିକ୍ତ ଦାୟିତ୍ୱରେ ରହିଥିଲେ । ମମତାଙ୍କ ଯାତାୟତ ସମସ୍ୟା ଓ କର୍ତ୍ତବ୍ୟ ସମ୍ପାଦନା ଦେଖି ଗାଁ ମୁଖିଆ ବୈଠକରେ ମମତାଙ୍କୁ ତାଙ୍କ ଘର ପାଖ ଖ ସେଣ୍ଟରରେ ରଖିବାକୁ ସ୍ଥିର କରିଥିଲେ । ସରକାରଙ୍କ ତରଫରୁ ଉକ୍ତ ପଦବୀ ପୂରଣ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ଏଥିରେ ମମତା ଆବେଦନ କରିଥିଲେ ଓ ଯୋଗ୍ୟତା ତାଲିକାରେ ଶୀର୍ଷରେ ରହିଥିଲେ । ହେଲେ ତାଙ୍କୁ ସେ ସୁଯୋଗ ମିଳି ନ ଥିଲା । ଯୋଗ୍ୟତା ତାଲିକାରେ ଦ୍ୱିତୀୟ ସ୍ଥାନରେ ଥିବା ସେହି ଗାଁର ଅନ୍ୟଜଣେ ଯୁବତୀ ରୋଜି ନାଗଙ୍କୁ ଖ କେନ୍ଦ୍ରରେ ନିଯୁକ୍ତି ଦିଆଯାଇଥିଲା । ଏହା ପରେ ବି ଉଭୟଙ୍କ ମଧ୍ୟରେ ପାରସ୍ପରିକ ବୁଝାମଣା ହୋଇଥିଲା । ରୋଜି ଗ ସେଣ୍ଟରରେ କାମ କରିବେ ଓ ମମତା ଖ ସେଣ୍ଟରରେ କାମ କରିବେ ବୋଲି ସ୍ଥିର ହୋଇଥିଲା । ହେଲେ ବିଭାଗୀୟ କର୍ମଚାରୀଙ୍କ ଚାପରେ ସବୁ ଓଲଟ ପାଲଟ ହୋଇଯାଇଥିଲା । ପୂର୍ବଭଳି ମମତା ଗ ସେଣ୍ଟରକୁ କାମ କରିବାକୁ ଯିବାକୁ ବାଧ୍ୟ ହେଉଛନ୍ତି । କେତେକ ବିଭାଗୀୟ କର୍ମଚାରୀ ଓ ଅନ୍ୟ କେତେଜଣ ବ୍ୟକ୍ତି ମମତାଙ୍କୁ ହଇରାଣ କରିବାକୁ ଏଭଳି କରିଥିବା ସେ ଅଭିଯୋଗ କରିଛନ୍ତି । ମମତାଙ୍କ ଭଳି ଜଣେ ଦିବ୍ୟାଙ୍ଗ କର୍ମୀଙ୍କୁ ସରକାର ନ୍ୟାୟ ପ୍ରଦାନ କରନ୍ତୁ ବୋଲି ସେ ଜିଲାପାଳ, ଆରଡିସି ଓ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି ।

## କଳା, ସଂସ୍କୃତିକୁ ନେଇ ଅନ୍‌ଲାଇନ କାର୍ଯ୍ୟକ୍ରମ

ଅତାବିରା, ୨୮।୬ (ଡି.ଏନ.ଏ.)

ଗାଁ ଗଣ୍ଡାଗୁଡ଼ିକରେ ଦିନକୁ ଦିନ ଲୋପ ପାଇଯାଉଥିବା କଳା, ସଂସ୍କୃତି ଉପରେ ବରଗଡ଼ ଜିଲା ଭେଡେନ ବ୍ଲକ ପପଙ୍ଗା କଲୋନୀ ଠାରେ ଏକ ଅଭିନବ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ପପଙ୍ଗାର ପ୍ରମୋଦ କର୍ଣ୍ଣ, ପଧାନପାଲିର ସତ୍ୟନାରାୟଣ ପ୍ରଧାନ ଏଭଳି ଉଦ୍ୟମ କରିଛନ୍ତି। ପ୍ରଥମ ପର୍ଯ୍ୟାୟରେ ଏହି କାର୍ଯ୍ୟକ୍ରମରେ ୮୦ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ସେମାନଙ୍କ ମଧ୍ୟରୁ ବାଘପାଲିର ବ୍ରଜକିଶୋର ପଣ୍ଡା, କେନପାଲିର ମନୋରଞ୍ଜନ ପ୍ରଧାନ, ବିଜୟୀ ଭୋଇଙ୍କୁ ଅନୁଷ୍ଠାନ ତରଫରୁ ସମ୍ମାନିତ କରାଯାଇଛି। ଆମ ଗାଁ ହ୍ୱାଟ୍ସଆପ୍ ଗ୍ରୁପରେ ସିଧାସଳଖ ନାମ ସଂଯୋଗ କରି ଅନ୍‌ଲାଇନରେ ପ୍ରଶ୍ନଗୁଡିକର ଉତ୍ତର ଦେଇପାରିବେ। କ୍ରମାଗତ ଭାବରେ ଯେଉଁ ବ୍ୟକ୍ତି ୫ଟି ପ୍ରଶ୍ନର ଉତ୍ତର ଦେବେ ସେମାନଙ୍କୁ ସମ୍ମାନିତ କରିବା ସହ ପୁରସ୍କୃତ କରାଯିବ ବୋଲି ସତ୍ୟନାରାୟଣ ପ୍ରଧାନ କହିଛନ୍ତି।

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ସୋମବାର, ଜୁନ୍ ୨୯/୨୦୨୦ Monday, June 29/2020

## ସଂକ୍ଷେପରେ

### ଇଂଲଣ୍ଡ ଗସ୍ତରେ ଗଲା ପାକିସ୍ତାନ କ୍ରିକେଟ ଦଳ

**ଚେନ୍ନାଇ,୨୮।୬:** ପାକିସ୍ତାନ କ୍ରିକେଟ ଦଳ ରବିବାର ଇଂଲଣ୍ଡ ଟୁର୍‌ରେ ଯାଇଛି। ଦଳର କେତେଜଣ ସଦସ୍ୟ କୋଭିଡ୍-୧୯ରେ ସଂକ୍ରମିତ ଥିବା ଜଣାପଡ଼ିବା ପରେ ଦଳ ସହିତ ଯାଇ ପାରି ନାହାନ୍ତି। ମହମ୍ମଦ ହାସନୈନ, ଶଦାବ ଖାନ, ଫକର ଜମାନ, ମହମ୍ମଦ ରିଜୱାନ, ମହମ୍ମଦ ହାଫିଜ୍ ଓ ୱାହାବ ରିୟାଜଙ୍କ କରୋନା ଟେଷ୍ଟ ପଜିଟିଭ ବାହାରିଛି। ପୁଣି କାଶିଫ୍ ଭଟ୍ଟି, ହାରିସ ରୌଫ୍, ହାଇଦର ଅଲି ଓ ଇମ୍ରାନ ଖାନ୍ ମଧ ପଜିଟିଭ ବୋଲି ଜଣାପଡିଛି। ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ଟେଷ୍ଟିଂ ପ୍ରକ୍ରିୟାରେ ଆଗକୁ ଦୁଇଥର ଏମାନଙ୍କ ଟେଷ୍ଟ ହେବ। ଏଥିରେ ଯେଉଁମାନଙ୍କର ନେଗେଟିଭ୍ ଆସିବ ସେମାନଙ୍କୁ ଇଂଲଣ୍ଡ ପଠାଯିବା ବ୍ୟବସ୍ଥା କରାଯିବ ବୋଲି ପିସିବି ମୁଖ୍ୟ କାର୍ଯ୍ୟନିର୍ବାହୀ ୱାସିମ୍ ଖାନ୍ କହିଛନ୍ତି। ରବିବାର ସକାଳେ ଅଧିନାୟକ ବାବର ଆଜମ ଟୁଇଟ୍ କରି ଦଳର ଯାତ୍ରା ସମ୍ପର୍କରେ ସୂଚନା ଦେଇଥିଲେ। ଇଂଲଣ୍ଡ ଗସ୍ତରେ ପାକିସ୍ତାନ ୩ ଟେଷ୍ଟ ଓ ୩ ଟି୨୦ ମ୍ୟାଚ୍ ଖେଳିବ। ବିନା ଦର୍ଶକରେ ଖାଲି ଷ୍ଟାଡିୟମରେ ଏହି ମ୍ୟାଚ୍‌ଗୁଡିକ ଖେଳାଯିବ। ପାକିସ୍ତାନର ଏହି ଇଂଲଣ୍ଡ ଗସ୍ତ ଐତିହାସିକ ସାବ୍ୟସ୍ତ ହେବ। ଏହି ହାଇପ୍ରୋଫାଇଲ ଗସ୍ତରେ ଆମେ ଭଲ ପ୍ରଦର୍ଶନ କରିବୁ ବୋଲି ଆଜମ ଟୁଇଟ୍ କରି ଉଲ୍ଲେଖ କରିଛନ୍ତି।

### ବୋଲରଙ୍କୁ ପ୍ରଥମେ ନିୟନ୍ତ୍ରଣ କରୁଥିଲେ ଧୋନୀ

**ନୂଆଦିଲ୍ଲୀ, ୨୮।୬ (ପି.ଟି.):** ଭାରତର ପୂର୍ବତନ ପେସ୍ ବୋଲର ଇର୍ଫାନ ପଠାନ ବିଶ୍ୱକପ୍ ବିଜୟୀ ପୂର୍ବତନ ଅଧିନାୟକ ମହେନ୍ଦ୍ର ସିଂ ଧୋନୀଙ୍କ ସମ୍ପର୍କରେ ନୂଆ କଥା କହିଛନ୍ତି। ୨୦୦୭ରେ ଧୋନୀ ଅଧିନାୟକ ଦାୟିତ୍ୱ ଗ୍ରହଣ କରିବା ପରେ ସେ ତାଙ୍କ ବୋଲରଙ୍କୁ ନିଜ ନିୟନ୍ତ୍ରଣରେ ରଖିଥିଲେ। କିନ୍ତୁ ୨୦୧୩ ବେଳକୁ ସେମାନଙ୍କ ଉପରେ ଭରସା ରଖିବା ଆରମ୍ଭ କରିଥିଲେ। ୩୫ ବର୍ଷୀୟ ପଠାନ ଧୋନୀଙ୍କ ଅଧୀନରେ ୨୦୦୭ ବିଶ୍ୱକପ୍ ବିଜୟୀ ଏବଂ ୨୦୧୩ ଚାମ୍ପିୟନ୍ସ ଟ୍ରଫି ଜିତିଥିବା ଦଳର ଅନ୍ୟତମ ସଦସ୍ୟ ଥିଲେ। ଏହି ଦୁଇଟି ଟୁର୍ନାମେଣ୍ଟରେ ଟିମ୍‌ର ବୈଠକ ମାତ୍ର ୫ ମିନିଟ ସମୟରେ ସୀମିତ ରହିଥିଲା ବୋଲି ଚଳିତ ବର୍ଷ କ୍ରିକେଟର ସମସ୍ତ ଫର୍ମାଟରୁ ଅବସର ନେଇଥିବା ଏହି ବୋଲର ଏକ ସାକ୍ଷାତ୍‌କାରରେ ପ୍ରକାଶ କରିଛନ୍ତି। ଧୋନୀଙ୍କ ମଧ୍ୟରେ କ'ଣ ଏକ ପରିବର୍ତ୍ତନ ସେ ଦେଖିବାକୁ ପାଇଛନ୍ତି ବୋଲି ପଚରାଯିବାରେ ପଠାନ କହିଥିଲେ, ଯୁବ ମହେନ୍ଦ୍ର ସିଂ ଧୋନୀ ୨୦୦୭ରେ ଅଧିନାୟକ ଦାୟିତ୍ୱ ଗ୍ରହଣ କରିଥିଲେ। ସେତେବେଳେ ଉଇକେଟ-କିପିଂ ଏଣ୍ଡରୁ ଉତ୍ସାହ ଓ ଉଦ୍ଦୀପନାର ସହ ଦୌଡ଼ି ଆସି ବୋଲରମାନଙ୍କୁ ନିୟନ୍ତ୍ରଣ କରିବାକୁ ଚେଷ୍ଟା କରୁଥିଲେ।

# ଡଷ୍ଟିନଙ୍କୁ ଟାଇଟଲ

## ଅଲ୍‌ଟିମେଟ ଫାଇଟିଂ ଚାମ୍ପିୟନଶିପ୍

**ଲାସ ଭେଗାସ, ୨୮।୬:** ଇଏସପିଏନ ୧୨ ଇଭେଣ୍ଟ ମଧ୍ୟରୁ ଏଠାରେ ଅନୁଷ୍ଠିତ ଅଲ୍‌ଟିମେଟ ଫାଇଟିଂ ଚାମ୍ପିୟନଶିପ୍ (ୟୁଏଫସି) ଲଢ଼େଇରେ ଅନେକ ନାମୀ ଫାଇଟରଙ୍କୁ ଦେଖିବାକୁ ମିଳିଛି। ଏହାର ମୁଖ୍ୟ ଇଭେଣ୍ଟରେ ଆମେରିକାର ପେସାଦାର ମିକ୍ସଡ ମାର୍ଶାଲ ଆର୍ଟ୍ସ ଫାଇଟର ଡଷ୍ଟିନ ପୋରିଅର ବିଜେତା ହୋଇଛନ୍ତି। ପୂର୍ବତନ ଅନ୍ତରୀଣ ଲାଇଟୱେଟ ଚାମ୍ପିୟନ ପୋରିଅର ୩ ରାଉଣ୍ଡ ବିଶିଷ୍ଟ ନିର୍ବିବାଦୀୟ ଲଢ଼େଇରେ ନ୍ୟୁଜିଲାଣ୍ଡର ଡାନ ହୁକରଙ୍କୁ ୪୮-୪୭, ୪୮-୪୭, ୪୮-୪୬ ପଏଣ୍ଟରେ ହରାଇ ଟାଇଟଲ ହାସଲ କରିଛନ୍ତି। ୱେଲ୍ଟରୱେଟ କାଟେଗୋରିରେ ମାଇକ ପେରୀ ୨୯-୨୮, ୨୯-୨୮, ୨୯-୨୮ ପଏଣ୍ଟରେ ମିକି ଗାଲ୍‌ଙ୍କୁ ପରାସ୍ତ କରିଛନ୍ତି। ଫିଦରୱେଟରେ ୟୁସିଫ ଜଲାଲ ୨୯-୨୮, ୨୯-୨୮, ୨୯-୨୮ରେ ଜୋର୍ଡାନ ଗ୍ରିଫିନଙ୍କୁ ଏବଂ ହେଭିୱେଟରେ ଟାନେର ବୋସେର ୨ ରାଉଣ୍ଡ ମଧ୍ୟରେ ଫିଲିପେ ଲିନ୍ସଙ୍କୁ ନକ୍‌ଆଉଟ କରିଛନ୍ତି।



ଡାନ ହୁକରଙ୍କୁ ପଞ୍ଚ ମାରୁଛନ୍ତି ଡଷ୍ଟିନ ପୋରିଅର (ଡାହାଣ)।

## ଆଇସୋଲେଶନରେ ୱେଷ୍ଟଇଣ୍ଡିଜ କୋଚ୍ ସିମନ୍ସ

**ମାଞ୍ଚେଷ୍ଟର, ୨୮।୬:** ୱେଷ୍ଟଇଣ୍ଡିଜ-ଇଂଲଣ୍ଡ ସିରିଜ ପୂର୍ବରୁ ଏକ ଅନ୍ତିମ ସଂସ୍କାର କାର୍ଯ୍ୟରେ ଯୋଗ ଦେବାପରେ ୱେଷ୍ଟଇଣ୍ଡିଜ କ୍ରିକେଟ ଦଳର ମୁଖ୍ୟ କୋଚ୍ ଫିଲ୍ ସିମନ୍ସଙ୍କୁ ସେଲ୍ଫ ଆଇସୋଲେଶନରେ ରହିବାକୁ କୁହାଯାଇଛି। ତେବେ ଏହା ଦଳର ପ୍ରସ୍ତୁତିକୁ ପ୍ରଭାବିତ କରିବ ନାହିଁ ବୋଲି ଦ୍ରୁତ ବୋଲର ଅଲଜାରୀ ଜୋସେଫ୍ କହିଛନ୍ତି। ଇଂଲଣ୍ଡ ଗସ୍ତରେ ୱେଷ୍ଟଇଣ୍ଡିଜ ୩ ମ୍ୟାଚ୍‌ବିଶିଷ୍ଟ ଟେଷ୍ଟ ସିରିଜ ଖେଳିବାର କାର୍ଯ୍ୟକ୍ରମ ରହିଛି। ଶୁକ୍ରବାର ସିମନ୍ସ ଏକ ଅନ୍ତିମ ସଂସ୍କାରରେ ଯୋଗ ଦେଇଥିଲେ। ଫଳରେ ଓଲ୍ଡ ଟ୍ରାଫୋର୍ଡ ସ୍ଥିତ ଏକ ହୋଟେଲରେ ସେ ଆଇସୋଲେଶନରେ ରହିଛନ୍ତି। ଗୁରୁବାର ଦଳରେ ଯୋଗ ଦେବା ପୂର୍ବରୁ ତାଙ୍କୁ ୨ଥର କୋଭିଡ୍-୧୯ ଟେଷ୍ଟର ସମ୍ମୁଖୀନ ହେବାକୁ ପଡିବ। ଏହା ସତ୍ତ୍ୱେ ଦଳର ପ୍ରସ୍ତୁତି ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଜାରି ରହିବ ବୋଲି ଜୋସେଫ୍ କହିଛନ୍ତି। ଆମର ଏକ ବଡ଼ କୋଚିଂ ଷ୍ଟାଫ୍ ରହିଛି। ଷ୍ଟାଫ୍‌ମାନେ ପରସ୍ପରକୁ ସହଯୋଗ ମଧ୍ୟ କରୁଛନ୍ତି। ତେଣୁ ପ୍ରସ୍ତୁତିରେ ସେଭଳି କୌଣସ ବଡ଼ ଧରଣର ସମସ୍ୟା ହେବ ନାହିଁ ବୋଲି ସେ କହିଛନ୍ତି। ସହକାରୀ କୋଚ୍ ରୋଡି ଇଷ୍ଟୱିକ୍ ଓ ରେୟନ ଗ୍ରିଫିଥ୍ ସୋମବାରଠାରୁ ଆରମ୍ଭ ହେବାକୁ ଥିବା ଦଳର ଦ୍ୱିତୀୟ ୱାର୍ମଅପ୍ ମ୍ୟାଚ୍ ଦାୟିତ୍ୱରେ ରହିବେ। ଜୁଲାଇ ୮ ତାରିଖରେ ସାଉଥାମ୍ପଟନରେ ପ୍ରଥମ ଟେଷ୍ଟ ମ୍ୟାଚ୍ ଆରମ୍ଭ ହେବ।

# ସଚିନଙ୍କ ଉଇକେଟ ନେଇ ଉପହାର ପାଇଥିଲେ ପ୍ରଜ୍ଞାନ



ସଚିନଙ୍କ ଉଇକେଟ ହାସଲ ପରେ ଖୁସି ମୁହୂର୍ତ୍ତରେ ପ୍ରଜ୍ଞାନ ଓଝା।

**ନୂଆଦିଲ୍ଲୀ, ୨୮।୬**

ଓଡ଼ିଆ ଅନ୍ତର୍ଜାତୀୟ କ୍ରିକେଟର ପ୍ରଜ୍ଞାନ ଓଝା କ୍ରମାଗତ ଭାବେ ଉଚ୍ଚସ୍ତରର କ୍ରିକେଟ ଖେଳିବା ସୁଯୋଗ ପାଇ ନ ଥିଲେ ହେଁ ମାଷ୍ଟର ବ୍ୟାଟ୍ସମ୍ୟାନ ସଚିନ ତେନ୍ଦୁଲକରଙ୍କ ସହ ଦୀର୍ଘଦିନ ଖେଳିଥିଲେ। ସେ ଭାରତୀୟ କ୍ରିକେଟ ଦଳ ଏବଂ ମୁମ୍ବାଇ ଇଣ୍ଡିଆନ୍ସ ଦଳର ସଦସ୍ୟଭାବେ ସଚିନଙ୍କ ସହ ଅନେକ ସମୟ ଡ୍ରେସିଂରୁମ୍‌ରେ ସମୟ କାଟିଥିଲେ। ସଂଯୋଗ ବଶତଃ ସଚିନଙ୍କ ବିଦାୟୀ କ୍ରିକେଟ ସିରିଜ ମଧ୍ୟ ପ୍ରଜ୍ଞାନଙ୍କ ପାଇଁ ଅନ୍ତିମ ସିରିଜ ହୋଇଥିଲା। ୱାଙ୍ଖେଡେ ଟେଷ୍ଟରେ ସେ ୧୦ ଉଇକେଟ ସଫଳତା ପାଇଥିଲେ ହେଁ ଆଉ ଖେଳିବା ସୁଯୋଗ ପାଇ ନ ଥିଲେ। ସେ କ୍ରମାଗତଭାବେ ଦୁଲୀପ ଟ୍ରଫି ଏବଂ ଭାରତ 'ଏ' ପକ୍ଷରୁ ଖେଳିଥିଲେ। ମାତ୍ର ୨୦୧୪ରେ ଡ୍ରପ୍ ହେବାପରେ ଆଉ ପ୍ରତ୍ୟାବର୍ତ୍ତନ କରିପାରି ନ ଥିଲେ। ରବିଚନ୍ଦ୍ରନ ଅଶ୍ୱିନ ଓ ରବୀନ୍ଦ୍ର ଜାଡେଜାଙ୍କ ଉପସ୍ଥିତି ତାଙ୍କ ପାଇଁ ବାଟ ବନ୍ଦ କରି ଦେଇଥିଲା। ଫଳରେ ସେହି ବର୍ଷ ଫେବୃୟାରୀରେ ଏହି ବାମହାତୀ ସ୍ପିନର କ୍ରିକେଟରୁ ଅବସର ନେଇ ଯାଇଥିଲେ। ସଚିନଙ୍କ ସହ ତାଙ୍କର ଅନେକ ସ୍ମୃତି ରହିଛି। ଥରେ ତାଙ୍କ ଉଇକେଟ ନେଇ କିପରି ସେ ମନପସନ୍ଦର ଉପହାର ପାଇଥିଲେ ତାହା ମନେ ପକାଇଛନ୍ତି ପ୍ରଜ୍ଞାନ।

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ)ରେ ପ୍ରଜ୍ଞାନ ୨୦୦୮ରୁ ୨୦୧୧ ପର୍ଯ୍ୟନ୍ତ ଡେକାନ ଚାର୍ଜର୍ସ ପକ୍ଷରୁ ଖେଳିଥିଲେ। ୨୦୧୨ରେ ସେ ମୁମ୍ବାଇ ଇଣ୍ଡିଆନ୍ସ ଦଳରେ ଯୋଗ ଦେଇ ୨୦୧୫ ପର୍ଯ୍ୟନ୍ତ ରହିଥିଲେ। ୨୦୦୯ ମସିହାର କଥା। ସେତେବେଳେ ପ୍ରଜ୍ଞାନ ହାଇଦ୍ରାବାଦ ପକ୍ଷରୁ ରଣଜୀ ଟ୍ରଫିରେ ପ୍ରତିନିଧିତ୍ୱ କରୁଥିବାବେଳେ ଡେକାନ ଚାର୍ଜର୍ସ ଫ୍ରାଞ୍ଚାଇଜ୍ ମାଲିକ ମଧ୍ୟ ହାଇଦ୍ରାବାଦରେ ଥିଲେ। ହାଇଦ୍ରାବାଦ କ୍ରିକେଟ ଆସୋସିଏଶନ ସହିତ ସଂଶ୍ଳିଷ୍ଟ ଥିବାରୁ ସେ ପ୍ରଜ୍ଞାନଙ୍କୁ ଭଲଭାବେ ଜାଣିଥିଲେ। ସେ ବର୍ଷ ଇଣ୍ଡିଆନ ପ୍ରିମିୟର ଲିଗ୍ ଦକ୍ଷିଣ ଆଫ୍ରିକାରେ ହେଉଥାଏ। ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷ ଏକ ମ୍ୟାଚ ପୂର୍ବରୁ ଡେକାନ ଚାର୍ଜର୍ସ ମାଲିକ ପ୍ରଜ୍ଞାନଙ୍କ ନିକଟକୁ ଆସିଥିଲେ। '' ତୁମେ ଯଦି ସଚିନଙ୍କ ଉଇକେଟ ନେଇ ପାରିବ ତେବେ ମୁଁ ତୁମକୁ ତୁମ ମନପସନ୍ଦର ଉପହାର ଦେବି'' ବୋଲି ସେ ପ୍ରଜ୍ଞାନଙ୍କୁ କହିଥିଲେ। ପ୍ରଜ୍ଞାନ ଘଣ୍ଟା ପିନ୍ଧିବାକୁ ଖୁବ୍ ପସନ୍ଦ କରନ୍ତି। ତେଣୁ ସେ ଜବାବରେ କହିଥିଲେ ଯେ, '' ମୁଁ ସଚିନଙ୍କ ଉଇକେଟ ନେଲେ ଆପଣ ମୋତେ ଏକ ଘଣ୍ଟା ଉପହାର ଭାବେ ଦେବେ''। ତାହା ହିଁ ହେଲା। ଡର୍ବାନରେ ଅନୁଷ୍ଠିତ ମ୍ୟାଚରେ ପ୍ରଜ୍ଞାନ କେବଳ ସଚିନଙ୍କ ଉଇକେଟ ନେଇ ନ ଥିଲେ ନିଜ ୪ ଓଭର ସ୍ପେଲରେ ୨୧ ରନ ଦେଇ ୩ଟି ଉଇକେଟ ନେବା ସହ ଡେକାନ ଚାର୍ଜର୍ସକୁ ୧୨ ରନରେ ବିଜୟୀ କରାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ୩୬ ରନ କରିଥିବା ସଚିନଙ୍କ ସହ ସେ ଟପ୍ ସ୍କୋରର ଜେ.ପି. ଡୁମିନି ଏବଂ ଶିଖର ଧାୱନଙ୍କ ଉଇକେଟ ନେଇଥିଲେ। ଫଳରେ ତାଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା। ଟିମ୍ ମାଲିକ ପ୍ରତିଶ୍ରୁତି ରକ୍ଷା କରି ତାଙ୍କୁ ଏକ ଆକର୍ଷକ ଘଣ୍ଟା ପ୍ରଦାନ କରିଥିଲେ ବୋଲି ନିକଟରେ ଏକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ପ୍ରଜ୍ଞାନ ପ୍ରକାଶ କରିଛନ୍ତି। ୧୪ ମ୍ୟାଚରୁ ୧୦ ବିଜୟ ସହ ଡେକାନ ଚାର୍ଜର୍ସ ଲିଗ୍ ପର୍ଯ୍ୟାୟରେ ଶୀର୍ଷସ୍ଥାନ ଅଧିକାର କରିଥିଲା। ଫାଇନାଲରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋରକୁ ହରାଇ ଏହି ଦଳ ଟାଇଟଲ ହାସଲ କରିଥିଲା। ଏହି ସଂସ୍କରଣରେ ପ୍ରଜ୍ଞାନ ୪ର୍ଥ ସର୍ବାଧିକ ୧୮ଟି ଉଇକେଟ ଅକ୍ତିଆର କରିଥିଲେ। ପ୍ରଜ୍ଞାନ ଆଇପିଏଲ କ୍ୟାରିୟରରେ ୯୨ ମ୍ୟାଚରୁ ୮୯ଟି ଉଇକେଟ ନେଇଥିଲେ। ଭାରତ ପକ୍ଷରୁ ସେ ୨୪ ଟେଷ୍ଟରୁ ୧୧୩, ୧୮ ଦିନିକିଆରୁ ୨୧ ଓ ୬ ଟି୨୦ରୁ ୧୦ ଉଇକେଟ ହାସଲ କରିଥିଲେ।

## ମ୍ୟାଚ ଫି' ଅପେକ୍ଷାରେ ଘରୋଇ କ୍ରିକେଟର

**ମୁମ୍ବାଇ, ୨୮।୬:** ଗତ କ୍ରିକେଟ ସିଜନରେ ରଣଜୀ ଟ୍ରଫି ଏବଂ ସୟଦ ମୁସ୍ତାକ ଅଲୀ ଟି୨୦ ଟୁର୍ନାମେଣ୍ଟ ଖେଳିଥିବା ଅନେକ ଘରୋଇ କ୍ରିକେଟର ଏପର୍ଯ୍ୟନ୍ତ ମ୍ୟାଚ ଫି' ପାଇ ନ ଥିବା ଜଣାଯାଇଛି। ଗତ ମାର୍ଚ୍ଚ ମାସରେ ଏ ସବୁ ପ୍ରତିଯୋଗିତା ଶେଷ ହୋଇଥିଲା। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ସଭାପତି ଦାୟିତ୍ୱ ଗ୍ରହଣ ପରେ ସୌରଭ ଗାଙ୍ଗୁଲି କହିଥିଲେ ଯେ, ଘରୋଇ କ୍ରିକେଟରମାନେ ପାଉଥିବା ବେତନ ଢାଞ୍ଚାରେ ପରିବର୍ତ୍ତନ କରାଯିବ। ମାତ୍ର କରୋନା ଭାଇରସ ସଂକ୍ରମଣଜନିତ ଲକଡାଉନ୍ ଯୋଗୁ ଘରୋଇ ପ୍ରଥମଶ୍ରେଣୀ ଏବଂ ଲିଷ୍ଟ-ଏ କ୍ରିକେଟ ଖେଳିଥିବା ଖେଳାଳିମାନେ ଚିନ୍ତାରେ ଅଛନ୍ତି। ଜଣେ ଖେଳାଳି ରଣଜୀ ଟ୍ରଫି ଖେଳିଲେ ଦିନକୁ ପ୍ରାୟ ୩୫,୦୦୦ ଏବଂ ମୁସ୍ତାକ ଅଲୀ ଟି୨୦ ଖେଳିଲେ ୧୭,୫୦୦ ଟଙ୍କା ପାଇଥାନ୍ତି। ଯଦି ଜଣେ ଖେଳାଳି ପୂରା ସିଜନ (୯ ଗେମ୍) ଖେଳେ ତେବେ ପାଖାପାଖି ୧୩ ଲକ୍ଷ ଟଙ୍କା ପାଇଥାଏ। ମାତ୍ର ଏହି ଫି' ଅନେକ ଖେଳାଳି ପାଇ ନାହାନ୍ତି। ମ୍ୟାଚ ଫି' ବ୍ୟତୀତ ଘରୋଇ କ୍ରିକେଟରମାନେ ବିସିସିଆଇ ବର୍ଷକୁ ଆୟ କରୁଥିବା ମୋଟ ରାଜସ୍ୱର କିଛି ଅଂଶ (ଜିଆରଏସ) ମଧ୍ୟ ପାଇଥାନ୍ତି। ୨୦୧୬-୧୭ ସିଜନରୁ ତାହା ମଧ୍ୟ ମିଳିନାହିଁ।

## ଟେଷ୍ଟ ଚାମ୍ପିୟନଶିପ୍ ସମୟଚକ୍ର ଅବଧି ବୃଦ୍ଧି ଆବଶ୍ୟକ


**ନୂଆଦିଲ୍ଲୀ, ୨୮।୬ (ପି.ଟି.):** ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ୱାର୍ଲ୍ଡ ଟେଷ୍ଟ ଚାମ୍ପିୟନଶିପ୍ ସମୟଚକ୍ରର ଅବଧି ବୃଦ୍ଧି କରିବା ଉଚିତ୍ ବୋଲି ବାଂଲାଦେଶ କ୍ରିକେଟ ବୋର୍ଡ (ବିସିବି) କହିଛି। ତା' ନହେଲେ କୋଭିଡ୍-୧୯ ମହାମାରୀ ଯୋଗୁ ନିକଟରେ ଏହାର ବାତିଲ ୮ଟି ମ୍ୟାଚ ଖେଳାଯିବା ସମ୍ଭବପର ହେବନାହିଁ। ମହାମାରୀ ଅନ୍ତର୍ଜାତୀୟ କ୍ୟାଲେଣ୍ଡରକୁ ପ୍ରଭାବିତ କରିଛି। ଆଇସିସି ଟେଷ୍ଟ ଚାମ୍ପିୟନଶିପ୍ ଗତବର୍ଷ ଅଗଷ୍ଟ ୧ରେ ଉନ୍ମୋଚନ ହୋଇଛି। ବାଂଲାଦେଶ ୮ଟି ଟେଷ୍ଟ ମ୍ୟାଚ ଖେଳିପାରିନାହିଁ। ଦଳ ଏପ୍ରିଲରେ ପାକିସ୍ତାନ ବିପକ୍ଷରେ ଦେଶ ବାହାରେ ଏକ ମ୍ୟାଚ, ଜୁନ୍‌ରେ ଅଷ୍ଟ୍ରେଲିଆ ବିପକ୍ଷରେ ଦୁଇ ମ୍ୟାଚ ବିଶିଷ୍ଟ ସିରିଜ, ନ୍ୟୁଜିଲାଣ୍ଡ ବିପକ୍ଷରେ ଦୁଇଟି ଟେଷ୍ଟ ଏବଂ ଶ୍ରୀଲଙ୍କା ବିପକ୍ଷରେ ତିନୋଟି ମ୍ୟାଚ ଖେଳିପାରି ନାହିଁ। ବର୍ତ୍ତମାନ ଚାଲିଥିବା ଆଇସିସି ଟେଷ୍ଟ ଚାମ୍ପିୟନଶିପ୍ ସମୟଚକ୍ରର ଅବଧିକୁ ଯଦି ବୃଦ୍ଧି କରା ନ ଯାଏ ତେବେ ପ୍ରଥମ ସମୟଚକ୍ରର ଧାର୍ଯ୍ୟ ସମୟସୀମା ମଧ୍ୟରେ ୮ଟି ଟେଷ୍ଟ ମ୍ୟାଚ ଖେଳିବା ସମ୍ଭବପର ନୁହେଁ ବୋଲି ବିସିବି ଚେୟାରମ୍ୟାନ ଆକ୍ରାମ ଖାଁ କହିଛନ୍ତି। ୱାର୍ଲ୍ଡ ଟେଷ୍ଟ ଚାମ୍ପିୟନଶିପ୍ (ଡବ୍ଲ୍ୟୁଟିସି) ଟେଷ୍ଟ ଖେଳୁଥିବା ୧୨ଟି ଦେଶ ମଧ୍ୟରୁ ୯ଟି ଦେଶକୁ ନେଇ ଅନୁଷ୍ଠିତ ହେଉଛି। ଦୁଇ ବର୍ଷିଆ ସମୟଚକ୍ରରେ ପ୍ରତ୍ୟେକ ଦଳ ୬ଟି ଲେଖାଏଁ ଟେଷ୍ଟ ସିରିଜ ଖେଳିବେ। ତନ୍ମଧ୍ୟରୁ ତିନୋଟି ନିଜ ଦେଶ ଏବଂ ଅନ୍ୟ ତିନୋଟି ବିଦେଶରେ। ହେଲେ ସିରିଜରେ ଟେଷ୍ଟ ମ୍ୟାଚ ସଂଖ୍ୟା ସମାନ ରହିବ ନାହିଁ। ପ୍ରତ୍ୟେକ ସିରିଜରୁ ଗୋଟିଏ ଦଳ ସର୍ବାଧିକ ୧୨୦ ପଏଣ୍ଟ ସ୍କୋର କରିପାରିବ। ଲିଗ୍ ପର୍ଯ୍ୟାୟ ଶେଷ ହେବା ପରେ ଆସନ୍ତା ବର୍ଷ ଜୁନ୍‌ରେ ଫାଇନାଲ ଖେଳାଯିବା କାର୍ଯ୍ୟକ୍ରମ ରହିଛି। ୨୦୧୯ ଜୁଲାଇରୁ ୨୦୨୧ ମାର୍ଚ୍ଚ ୩୧ ମଧ୍ୟରେ ମୋଟ ୭୨ ଟେଷ୍ଟ ମ୍ୟାଚ ଖେଳାଯିବା କଥା।

## ଲିଭରପୁଲ୍‌କୁ ମାଞ୍ଚେଷ୍ଟର ସିଟି ଦେବ ଗାର୍ଡ ଅଫ୍ ଅନର

**ଲଣ୍ଡନ,୨୮।୬(ଏପି):** ୩୦ ବର୍ଷ ପରେ ଇଂଲିଶ୍ ପ୍ରିମିୟର ଲିଗ୍ ଟାଇଟଲ ହାସଲ କରିଥିବା ଲିଭରପୁଲ କ୍ଲବକୁ ମାଞ୍ଚେଷ୍ଟର ସିଟି ଗାର୍ଡ ଅଫ୍ ଅନର ଦେବ। ଏ ନେଇ ସିଟି ମ୍ୟାନେଜର ପେପ୍ ଗୁଆର୍ଡିଓଲା ସୂଚନା ଦେଇଛନ୍ତି। ଗୁରୁବାର ଏହି ଦୁଇଦଳ ପରସ୍ପରକୁ ଭେଟିବେ। ଏହି ଅବସରରେ ସିଟି ଗାର୍ଡ ଅଫ୍ ଅନର ପ୍ରଦାନ କରିବ। ଦୁଇବର୍ଷ ହେବ ସିଟି ପ୍ରିମିୟର ଲିଗ୍ ଟାଇଟଲ ହାସଲ କରିଥିଲା। କୋଭିଡ୍-୧୯ ମହାମାରୀ ସତ୍ତ୍ୱେ ଦୀର୍ଘ ୩ମାସ ପରେ ପ୍ରମିୟର ଲିଗ୍ ଆରମ୍ଭ ହୋଇଥିଲା। ଲିଗ୍‌ରେ ଦମ୍‌ଦାର ପ୍ରଦର୍ଶନ କରି ପଏଣ୍ଟ ତାଲିକାରେ ଶୀର୍ଷରେ ରହିଥିଲା। ଆହୁରି ୭ଟି ଗେମ୍ ବାକିଥିଲେ ମଧ୍ୟ ଚେଲସିଠାରୁ ସିଟି ପରାସ୍ତ ହେବା ପରେ ଲିଭରପୁଲ ଚାମ୍ପିୟନ ହେବା ନିଶ୍ଚିତ ହୋଇଥିଲା। ନୂଆ ଚାମ୍ପିୟନ ସମ୍ମାନର ହକ୍‌ଦାର। ଲିଭରପୁଲ୍‌କୁ ସମ୍ମାନ ଦେବା ହେଉଛି ପ୍ରକୃତ ଖେଳୱାଡ ମନୋବୃତ୍ତି ବୋଲି ଗୁଆର୍ଡିଓଲା କହିଛନ୍ତି।

ଯାଦୁ, କାଛୁ, କୁଣ୍ଡିଆ
ପାଇଁ ଆୟୁର୍ବେଦିକ ମଲମ
ଇଚ୍‌କୁ
ଆୟୁର୍ବେଦିକ ମଲମ
24x7 Helpline: 0171-3055288
Website: www.itchku.in
Available at all leading medical & general stores
ପ୍ରଭାବ ପ୍ରଥମ ଦିନରୁ

100% Ayurvedic
Divisa
ଇମ୍ୟୁନିଟି ପାୱାର ବଢ଼ାନ୍ତୁ
ଏବଂ ଶରୀରକୁ ରୋଗରୁ ରକ୍ଷା କରନ୍ତୁ
'ତୁଳସୀ ମନ୍ତ୍ରା' ତୁଳସୀ ଡ୍ରପ୍‌ସ ଆପଣାନ୍ତୁ
5 ବିଭିନ୍ନ ପ୍ରକାର ଦୁର୍ଲଭ ତୁଳସୀର ଅର୍କ
Dr. Juneja's
ତୁଳସୀ ମନ୍ତ୍ରା
'ତୁଳସୀ ଡ୍ରପ୍‌ସ'
ତୁଳସୀକୁ 'ଜଡ଼ି-ବୁଟିର ରାଣୀ' ଓ 'ଜୀବନ ପାଇଁ ଅମୃତ' ବିବେଚନା କରାଯାଏ । ଏହାକୁ ଧ୍ୟାନରେ ରଖି ଦିବିସା ହର୍ବାଲ କେୟାର୍ ବଜାରକୁ ଆଣିଛନ୍ତି 'ତୁଳସୀ ମନ୍ତ୍ରା' ତୁଳସୀ ଡ୍ରପ୍‌ସ, ଯେଉଁଥିରେ 5 ପ୍ରକାର ତୁଳସୀର ଅର୍କର ମିଶ୍ରଣ ରହିଛି । 'ତୁଳସୀ ମନ୍ତ୍ରା' ତୁଳସୀ ଡ୍ରପ୍‌ସ ଶରୀରର ରୋଗ ପ୍ରତିରୋଧକ କ୍ଷମତାକୁ ବୃଦ୍ଧି କରିଥାଏ, ସର୍ଦ୍ଦି, ବ୍ଲଡ୍ ପ୍ରେସର୍, କୋଲେଷ୍ଟରଲ୍, ଥଣ୍ଡା, କାଶ, ଲିଭର ଓ ସଂକ୍ରମଣ ଭଳି ରୋଗ ଉପରେ ନିୟନ୍ତ୍ରଣ କରିବାରେ ସହାୟତା କରିଥାଏ।
'ତୁଳସୀ ମନ୍ତ୍ରା' ତୁଳସୀ ଡ୍ରପ୍‌ସକୁ ସମ୍ପୂର୍ଣ୍ଣ ପରିବାର ଦୈନିକ ନିଶ୍ଚୟ ବ୍ୟବହାର କରିବା ଉଚିତ ।
ବିଷ୍ଣୁ ତୁଳସୀ : ଆଳସ୍ୟ ଦୂରକରି ଶରୀରର ସ୍ଫୂର୍ତ୍ତି ବଢ଼ାଇଥାଏ। ରୋଗ ପ୍ରତିରୋଧକ କ୍ଷମତା ବୃଦ୍ଧି କରେ।
ବଣ ତୁଳସୀ: ଶାରୀରିକ ଦୁର୍ବଳତା, ଶ୍ୱାସ ଦୁର୍ଗନ୍ଧ ଦୂରକରେ, ଚେହେରାରେ ଚମକ, ପ୍ରତିରୋଧକ କ୍ଷମତା ବୃଦ୍ଧି କରେ।
ରାମ ତୁଳସୀ: ଆଣ୍ଟି-ବ୍ୟାକ୍ଟେରିଆଲ୍ ଅଟେ, ଫୁସ୍‌ଫୁସ୍ ରୋଗ, ଆଜ୍‌ମା, ବ୍ଲଡ୍ ସୁଗାର ଓ କଫ ସମସ୍ୟାରେ ଅତ୍ୟନ୍ତ ଲାଭଦାୟକ।
କୃଷ୍ଣ ତୁଳସୀ: ହୃଦୟ ଓ ଉଚ୍ଚ ରକ୍ତଚାପ ସମସ୍ୟାରେ ସହାୟକ ଅଟେ। ରକ୍ତ ସଫା, ରକ୍ତ-ସଞ୍ଚାଳନକୁ ଭଲ କରିବା, ଇମ୍ୟୁନିଟି ବଢ଼ାଇବାରେ ସହାୟକ।
ଶୁକ୍ଳ ତୁଳସୀ: ପ୍ରତିରୋଧକ କ୍ଷମତାକୁ ସୁଧାରିବା ଓ ସର୍ଦ୍ଦି-ଥଣ୍ଡାରୁ ଉପଶମ ପ୍ରଦାନ କରିଥାଏ ଏବଂ ବ୍ରଣ ହ୍ରାସ କରିବାରେ ମଧ୍ୟ ସହାୟକ ହୋଇଥାଏ।
25% EXTRA
Tulsi Mantra
'ତୁଳସୀ ମନ୍ତ୍ରା' ତୁଳସୀ ଡ୍ରପ୍‌ସ, କେବଳ ଦୁଇ ବୁନ୍ଦା ଦିନରେ 2 ଥର
'ତୁଳସୀ ମନ୍ତ୍ରା'ର ସବୁ ଉତ୍ପାଦ କେବଳ 'ତୁଳସୀ ମନ୍ତ୍ରା' ନାମରେ ତିଆରି ଓ ବିକ୍ରି କରାଯାଇଥାଏ। ଏଥିପାଇଁ ସବୁ ଉପଭୋକ୍ତା ନାମ ଓ ଉତ୍ପାଦକୁ ନିଶ୍ଚୟ ଯାଞ୍ଚ କରିନିଅନ୍ତୁ।




Forget Stiffness
Gain Fitness
ଏମାନେ ବି ଆପଣାଇଲେ, ଗଣ୍ଠି ବ୍ୟଥାରୁ ଉପଶମ ପାଇଲେ...
୫ ଗୁଣକାରୀ ନିର୍ଯାସର ଯୋଗରେ ପ୍ରସ୍ତୁତ ଡା. ଅର୍ଥୋ ଆୟୁର୍ବେଦିକ କ୍ୟାପ୍‌ସୁଲ ଏକ ଅଭୂତପୂର୍ବ ଔଷଧ ଅଟେ, ଯାହା ପୁରୁଣା ଉତ୍କଟ ବ୍ୟଥାର ଉପଚାରରେ ବିଶେଷ ସହାୟକ। ଆୟୁର୍ବେଦିକ ହୋଇଥିବା କାରଣରୁ ଏହାର କୌଣସି ପାର୍ଶ୍ୱ ପ୍ରତିକ୍ରିୟା ନାହିଁ ଏବଂ ଏହା ଶରୀରକୁ ଆକ୍ଟିଭ୍ ଓ ଫିଟ୍ ରଖିବାରେ ମଧ ସହାୟତା କରିଥାଏ।
WORLD'S GREATEST BRANDS 2015-16 IUA
NO. 1 BRAND INDIA 2014
WORLD BRAND SUMMIT Most Trusted Brand of Asia 2016
ASIA'S MOST PROMISING BRAND
24x7 Helpline: 0171-3055100
Website: www.drorthooil.com
Available at all medical & general stores
ଦିନେଶ ଚନ୍ଦ୍ର ଅଗ୍ରୱାଲ, ବୟସ 61 ବର୍ଷ, ବାସନକୁସନର ପ୍ରସିଦ୍ଧ ଶୋ'ରୁମ୍ ମାଲିକ । ମୋ ଆଣ୍ଠୁ ଓ ଅଣ୍ଟାରେ ଅସହନୀୟ ପୀଡ଼ା ରହୁଥିଲା । ଦିନେ ଟି.ଭି.ରେ ଡା. ଅର୍ଥୋ କ୍ୟାପ୍‌ସୁଲର ବିଜ୍ଞାପନ ଦେଖିଲି, ତା' ପରଠାରୁ ନିୟମିତ ସେବନ କରିବା ଆରମ୍ଭ କଲି । ମୋତେ ଆଣ୍ଠୁ ଓ ଅଣ୍ଟା ବ୍ୟଥାରୁ ବହୁତ ଆରାମ ମିଳିଛି।
ଶ୍ୟାମା ଦେବୀ, ବୟସ 41 ବର୍ଷ, ଅନେକ ବର୍ଷ ଧରି ମୋ ଆଣ୍ଠୁ ଗଣ୍ଠି ଓ ଗୋଡ଼ ପେଣ୍ଡାରେ ଅସହନୀୟ ପୀଡ଼ା ରହୁଥିଲା। ମୋ ପୁଅ ବଜାରରୁ ମୋତେ ଆୟୁର୍ବେଦିକ ଡା. ଅର୍ଥୋ କ୍ୟାପ୍‌ସୁଲ ଆଣିଦେଲା । ମୁଁ ସକାଳେ-ସନ୍ଧ୍ୟା ବେଳେ କ୍ୟାପ୍‌ସୁଲ ଖାଇବା ଆରମ୍ଭ କଲି। କିଛି ଦିନ ପରେ ଏବେ ମୁଁ ସମ୍ପୂର୍ଣ୍ଣ ସୁସ୍ଥ ହୋଇଯାଇଛି।
ତେଜ ସିଂହ, ବୟସ 50 ବର୍ଷ, ବନ ବିଭାଗରେ କାର୍ଯ୍ୟରତ। ଅନେକ ବର୍ଷ ଧରି ଆଣ୍ଠୁରେ ବ୍ୟଥା ରହିଆସୁଥିଲା। କେବଳ ପେନ୍ କିଲର୍ ଖାଇ ନେଉଥିଲି। ଜଣେ ବନ୍ଧୁଙ୍କ କଥା ମାନି ଆୟୁର୍ବେଦିକ ଡା. ଅର୍ଥୋ କ୍ୟାପ୍‌ସୁଲ ସକାଳେ-ସନ୍ଧ୍ୟାବେଳେ କ୍ଷୀର ସହ ସେବନ କଲି। ଏବେ ମୋତେ କୌଣସି ପ୍ରକାରର ବ୍ୟଥା ନାହିଁ ।
ଅନିତା ଭିକ୍ଟର, ବୟସ 45 ବର୍ଷ, ଗୃହିଣୀ। କିଛି ବର୍ଷ ଧରି ମୋ କାନ୍ଧ ଓ ବେକରେ ବହୁତ ବ୍ୟଥା ରହୁଥିଲା। ଏହି ସମସ୍ୟା ବଢ଼ିଚାଲିଥିଲା। ଜଣେ ବାନ୍ଧବୀଙ୍କ କଥା ମାନି ମୁଁ ବିନା ଅବହେଳାରେ ଆୟୁର୍ବେଦିକ ଡା. ଅର୍ଥୋ କ୍ୟାପ୍‌ସୁଲ ସେବନ ଆରମ୍ଭ କଲି। ଆଜି ମୋତେ କୌଣସି ପ୍ରକାର ଯନ୍ତ୍ରଣା ଅନୁଭୂତ ହେଉନାହିଁ ।



3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ